

ମାତୃସେବା ଗ୍ରନ୍ଥମାଳାର ଅଷ୍ଟମ ଅବଦାନ

# ଆତ୍ମଘାତୀ

/372

ଲେଖକ :
ଶ୍ରୀ ନରସିଂହ ଦେଓ

ପ୍ରଥମ ମୁଦ୍ରଣ—୧୯୫୮

ପ୍ରକାଶକ :
[illegible]

ବ୍ରହ୍ମପୁର (ଗଞ୍ଜାମ)

ମୂଲ୍ୟ : ଦୁଇଟଙ୍କା

## ମାତୃସେବା ଗ୍ରନ୍ଥମାଳାର ଅନ୍ୟାନ୍ୟ ବହି

୧ । ବିଭୂତି (କବିତା)

୨ । ବେଦନା (କବିତା)

୩ । କବିତା ପ୍ରସୂନ (କବିତା)

୪ । ସାତଦରିଆ (ଗଳ୍ପ)

୫ । ଶେଷରାତ୍ରି (ଉପନ୍ୟାସ)

୬ । କୋଟିନୟନର ତଳେ (ଉପନ୍ୟାସ)

୭ । ଇଂରେଜର ଷଡ଼୍‌ଯନ୍ତ୍ର (ଡିଟେକ୍‌ଟିଭ୍)

ଉତ୍ସର୍ଗ

ମୋ ବୁଢ଼ା ହାତରେ

ମାତୃସେବା ଗ୍ରନ୍ଥମାଳା— ଅଷ୍ଟମ ଅବଦାନ

# ରୂପକଥା

ସରଳ ଓ ନିରାଡ଼ମ୍ବରମୟ ଦାମ୍ପତ୍ୟଜୀବନର ଅପୂର୍ବ ସମାବେଶ ହିଁ ସତ୍ୟ ଓ ଇନ୍ଦ୍ରା । ସୂର୍ଯ୍ୟ, ସତ୍ୟର ସ୍ନେହାସ୍ପଦ ଭାଇ, ଇନ୍ଦ୍ରାର ପରମ ଆଦରର ଧନ 'କାନ୍ତପୁଅ' ।

ଏପରି ସୁଖମୟ ସଂସାରରେ ହଳାହଳ ରଚନା କଲା କିଏ ? ସୂର୍ଯ୍ୟର ନବପରିଣୀତା ପତ୍ନୀ ସୁନନ୍ଦା … ? ତେବେ ସୂର୍ଯ୍ୟର ନିଜତ୍ୱ … ? ସେ ପରା ବିଶ୍ୱବିଦ୍ୟାଳୟ ଉପାଧିଧାରୀ ଶିକ୍ଷିତ ଯୁବକ … ? ତେବେ ତା'ର ମୂଲ୍ୟ କେଉଁଠି … ?

କାମିନୀ କାଞ୍ଚନର **ପ୍ରଲୋଭନ** ପୁଣି ଆଧିପତ୍ୟର ମୋହ ପ୍ରହେଳିକା ମଣିଷକୁ ପଶୁ କରିଦିଏ … ! ସୂର୍ଯ୍ୟ ସତେ କଲା କ'ଣ ! ଭାଇ ଓ ଭାଉଜର ଅକପଟ ଓ ଅମୃତ ସ୍ନେହର ବିନିମୟରେ ସେ ଦେଲା କ'ଣ ! ପିସ୍ତଲ…ଗୁଳି ? ,ଏହାହିଁ କ'ଣ ତା'ର ଉପଯୁକ୍ତ ପ୍ରତିଦାନ … ? ତେବେ ଜଗତରେ ଅସମ୍ଭବ କ'ଣ ?

ତେବେ, ପରିଣାମ ? ବିଷମୟ…ଉତ୍କଟ ! ଅନୁତାପର ଦାବାନଳରେ ଜଳିପୋଡ଼ି ଶେଷରେ ସୂର୍ଯ୍ୟ ନିଜର ପ୍ରିୟତମା ସୁନ୍ଦରୀ ଉଚ୍ଚଶିକ୍ଷିତା ଓ ଆଧୁନିକା ସୁନନ୍ଦାର ଗ୍ରୀବା ଗୋଟାଏ ତୀକ୍ଷ୍ଣ ଛୁରିକାରେ ବିଦ୍ଧ କଲା କିପରି ?

ଏପରି ଗୋଟାଏ ଭୀଷଣ ଭୀକର ପରିସ୍ଥିତି ଭିତରେ ନ୍ୟାୟନିଷ୍ଠ, କର୍ତ୍ତବ୍ୟପରାୟଣ ଓ ଅମାୟିକ ସତ୍ୟର ଜୀବନରେ ମଧ୍ୟ ଅନୁତାପ ରେଖା ଦେଖାଦେଲା କାହିଁକି ? ଏହାହିଁ କ'ଣ ତାର ଅମାୟିକତାର କୁଫଳ ? ଅଥବା ସୁଫଳ ?……………

# ଆତ୍ମଘାତୀ

## ଏକ

**ଆଠଟି** ବର୍ଷ ତଳର କଥା । ହେଇଟି କାଳପର ଲାଗୁଛି । ଦାନପୁର ଭାଗ୍ୟରେ କେତେ ଝଡ଼ ତୋଫାନ ବୋହି ଚାଲିଯାଇଛି । ତା'ର ସେ ପୂର୍ବ ରୂପ ଓ ପୂର୍ବ ଗୌରବ ଆଉ ନାହିଁ । ଲୋକଙ୍କ ଭିତରେ ଏକତାର ସମ୍ପୂର୍ଣ୍ଣ ଅଭାବ । ଗୃହକଳହ, ହିଂସାଦ୍ୱେଷ, ପରଛିଦ୍ର ଅନ୍ୱେଷଣରେ ସରଳ ପଲ୍ଲୀପ୍ରାଣ ଏକାବେଳେ ବିଷାକ୍ତ ହୋଇଯାଇଛି । ସେହି ଗାଁଟିରେ ସବୁଦିନପରି ଆଜି ବି ସୂର୍ଯ୍ୟ ଉଇଁ ଆସେ ପୁଣି ଅସ୍ତ ଯାଏ । ବସନ୍ତ ଆସେ, ବର୍ଷା ଆସେ, ଗ୍ରୀଷ୍ମ ଆସେ, ଶିଶିର ହେମନ୍ତ ମଧ୍ୟ ଆସେ । କିନ୍ତୁ ଆସେ ନାହିଁ ପୂର୍ବ ଗୌରବ, ପୂର୍ବ ଏକତା, ପୁଣି ଜନ୍ମଭୂମି ପାଇଁ ଗାଁ ଲୋକଙ୍କ ମନରେ ସରଳ ଆବେଗ ଓ ଉନ୍ମାଦନା । ସେ ସବୁ ଆଠଟି ବର୍ଷ

ହେଲା ଏକାବେଳେ ଲିଭିଯାଇଛି । ନା, ନା, ଲିଭିନାହିଁ, ଗାଁଶେଷ ମଶାଣିଭୂଇଁରେ ଧୂ ଧୂ ଜଳିଯାଇଛି । ତାହା ଦାବାନଳ ନୁହେଁ କି ବଡ଼ବାନଳ ନୁହେଁ । ତାହା ହେଉଛି ଶ୍ରୀବତ୍ସର ଚିତାନଳ । ଗାଁର ଲୌହସ୍ତମ୍ଭ... ...ଅଭେଦ୍ୟ ଦୁର୍ଗ.....ଶ୍ରୀବତ୍ସର ମୃତ୍ୟୁ ଦାନପୁରକୁ ଗୋଟାଏ ଭୀଷଣ ଅଭିଶାପ । ସେ ଥିଲି ଗାଁର ମେରୁଦଣ୍ଡ । ଯେତେ ଯାହା ଗୋଳମାଳ, କଳି ତକରାଳ ସବୁ ଶ୍ରୀବତ୍ସର ମୁହେଁ ମୁହେଁ ସମାଧାନ ହୋଇ ଯାଉଥିଲା । ଲୋକେ ଆଜିର ପରି କୋର୍ଟ କଚେରିକି ଦୌଡ଼ି ସର୍ବସ୍ୱାନ୍ତ ହେଉ ନଥିଲେ ।

ଶ୍ରୀବତ୍ସର ଭାଇ ଶ୍ରୀକାନ୍ତ ମଧ୍ୟ ଖୁବ୍ ମୁହଁଜୋର ଲୋକ । କିନ୍ତୁ ଲୋକଟାର ପ୍ରକୃତି ଟିକେ କୁଟିଳ...ଛନ୍ଦ...ମନ୍ଦ... । ଏଣୁ ଲୋକଙ୍କର ଖାତିର କମିଯାଏ । ଖାଲି ଶ୍ରୀବତ୍ସର ଭାଇ ଓ ଖାନଦାନ୍ଘର ପୁଅ ହିସାବରେ ଯାହା କିଛି ଲୋକଙ୍କର ଭୟ ଭକ୍ତି ଟିକେ ଥାଏ । ଶ୍ରୀବତ୍ସର ଦୁଇ ପୁଅ... ସତ୍ୟବ୍ରତ ପୁଣି ସୂର୍ଯ୍ୟକାନ୍ତ । ସୂର୍ଯ୍ୟକାନ୍ତ ଗତବର୍ଷ ଏମ୍. ଏ. ପାସ୍ କଲା ପୁଣି ସତ୍ୟବ୍ରତ ଆଜକୁ ପାଞ୍ଚବର୍ଷ ହେଲା ଏମ୍. ଏ. ପାସ୍ କରି ସାରିଲାଣି । କିନ୍ତୁ ଚାକିରି ପ୍ରତି ତା'ର ଆଦୌ ମୋହ ନାହିଁ । ଘରେ ରହି ଚାଷବାସ କରେ । ନିଜ ପୈତୃକ ଜମି ତ କୌଣସି ଗୁଣେ ଊଣା ନୁହଁ । ଗାଁ ଗହଳରେ ବୁଲି ଗାନ୍ଧିବାଦ ପ୍ରଚାର କରେ... ବିବେକାନନ୍ଦଙ୍କର ଦର୍ଶନତତ୍ତ୍ୱ ବୁଝାଏ... ବଢ଼ି ମରୁଡ଼ିରେ ସରକାରୀ ସାହାଯ୍ୟ ପାଇଁ ଆନ୍ଦୋଳନ କରେ... ରୋଗୀ ରଙ୍କିଙ୍କ ପାଇଁ ଗାଁ ଗାଁରେ ସେବାଶ୍ରମ ଖୋଲେ... ଏପରି ନାନା ଦେଶହିତକର କାମ । ଦିନ ତା'ର ଏମିତି ସରିଯାଏ । ଥୋକେ କହନ୍ତି, ବାପର ନାଁ ରଖିବ । ଥୋକେ ମଧ୍ୟ କହନ୍ତି, ଗାଁର ବଦନାମ କରିବ । ଶ୍ରୀକାନ୍ତଙ୍କର ଆଖିକୁ ଏସବୁ ସୁହାଏ ନାହିଁ । ଏଣୁ ସେ ସତ୍ୟବ୍ରତ

ଠାରୁ ସୂର୍ଯ୍ୟକାନ୍ତକୁ ହିଁ ଭଲପାନ୍ତି । ଖାଲି ଭଲପାନ୍ତି, ସେତିକି ନୁହେଁ, ନିଜର ପୁଅ ପୌତ୍ରହୀନ ଜୀବନରେ କେତେ ସ୍ୱପ୍ନ ବି ଦେଖନ୍ତି । ତାହା ହେଉଛି ସୂର୍ଯ୍ୟକାନ୍ତକୁ ପୋଷ୍ୟପୁତ୍ର କରିବା କଳ୍ପନା ।

ସତ୍ୟବ୍ରତ ଓ ସୂର୍ଯ୍ୟକାନ୍ତର ଜନ୍ମଦାତ୍ରୀ ପଦ୍ମାବତୀ । ଭାରି ଭଲ ମଣିଷ । କିନ୍ତୁ ପତିବିୟୋଗରେ ସଦା ଚିନ୍ତିତା । ଘରେ ସେ ଏକା । ଚାକର, ପୋଇଲିର ଅବଶ୍ୟ ଅଭାବ ନାହିଁ । ହେଲେ ବି ପଦ୍ମାବତୀ କେମିତି ନିଃସଙ୍ଗ ଓ ଏକା ଏକା ବୋଧ କରନ୍ତି । ମନ ମିଶେ ନାହିଁ । ବେଳେବେଳେ ସାମାନ୍ୟ କଥାରେ ଚିଡ଼ି ଉଠନ୍ତି । ବେଳେବେଳେ ପତିଦେବତାଙ୍କ ଉଦ୍ଦେଶ୍ୟରେ ଅବିରାମ ଲୋତକ ଗଡ଼ାନ୍ତି । ମାତୃହୃଦୟର ଏହି ବ୍ୟଥା ବୁଝିବା ପାଇଁ ସତ୍ୟବ୍ରତ ଓ ସୂର୍ଯ୍ୟକାନ୍ତଙ୍କୁ ଅଳ୍ପ ସମୟ ମିଳେ । ଯୁବକ ପ୍ରାଣରେ ଏସବୁ କଥା ତେତେ ପ୍ରତିକ୍ରିୟା ସୃଷ୍ଟି କରିପାରେ ନା । ସୂର୍ଯ୍ୟକାନ୍ତର ଅଧିକାଂଶ ସମୟ କଟେ ବ୍ରହ୍ମପୁର ସହରରେ । ମୋଟେ ଚାରି ମାଇଲ ରାସ୍ତା । ଏଣୁ ଯାହା କି ଖାଇବା ପାଇଁ ସେ ଘରକୁ ଆସେ । ବାକି ସମୟ ସହରର ବନ୍ଧୁମେଳ··· ଓକିଲ, ପ୍ରଫେସରଙ୍କ ଠାରେ ହିଁ କଟିଯାଏ । ପତ୍ରପତ୍ରିକା ଓ ବହି ପଢ଼ିବା ହେଲା ତା'ର ନିତ୍ୟ ନିୟମିତ ବ୍ୟବସାୟ । ଘରକଥା ସେ ଆଦୌ ବୁଝେ ନା' । ପଦ୍ମାବତୀଙ୍କର ହୃଦବ୍ୟଥା ବୁଝିବା ପାଇଁ ସତ୍ୟବ୍ରତଙ୍କୁ ମଧ୍ୟ ଖୁବ୍ ଅଳ୍ପ ସମୟ ମିଳେ । ସେ ଭାବୁକ ଓ ଧୀରସ୍ଥିର ପ୍ରକୃତିର ଲୋକ । ଏଣୁ ସେ ଟିକେ ଜନନୀର ମନକଥା ବୁଝିବା ପାଇଁ ଚେଷ୍ଟା କରେ । ସେ ପଦେ ପଦେ ଅନୁଭବ କରେ, ମାତୃ-ହୃଦୟର ବ୍ୟାକୁଳତା···ଆଶା···ଆକାଂକ୍ଷା । ସେ ବୁଝେ, ସଂସାରର ଟିକେ ସୁଖ ଅନୁଭବ କରିବା ପାଇଁ··· ଟିକେ ଆନନ୍ଦ ପାଇବା

ପାଇଁ··· ଟିକେ ଘର ସଂସାରର ଆମୋଦ ପାଇବା ପାଇଁ ମାନବ-ହୃଦୟ କେତେ ବ୍ୟାକୁଳ ! ଏହି ବ୍ୟାକୁଳତା ପାଇଁ ଧନୀ ଦରିଦ୍ରର ଭେଦାଭେଦ ନାହିଁ, ସ୍ତ୍ରୀ ପୁରୁଷର ବିଚାର ନାହିଁ, ଯୁବକ ବୃଦ୍ଧର ପ୍ରଭେଦ ନାହିଁ ପୁଣି ଉଚ୍ଚନୀଚର ଭିନ୍ନାଭିନ୍ନ ସୁଦ୍ଧା ନାହିଁ । ପ୍ରତ୍ୟେକ ମନୁଷ୍ୟ ହୃଦୟରେ ଗୋଟିଏ ଐଶୀ ପ୍ରେରଣା ଅଛି—ଯାହାଦ୍ୱାରା ପ୍ରତ୍ୟେକ ମଣିଷ ସଂସାରର ଜଞ୍ଜାଳରେ ଟିକେ ଶାନ୍ତି ହେବା ପାଇଁ ସୁଖ ବୋଧକରେ । ଅବିବାହିତ ବିବାହ କରିବା ପାଇଁ ଯେତିକି ଲାଳାୟିତ, ବିବାହିତ ସନ୍ତାନଲାଭ ପାଇଁ ତତୋଧିକ ଲାଳାୟିତ ହୁଏ ପୁଣି ପିତା ପୁତ୍ରବଧୂ ପାଇଁ ଯେତେ ବ୍ୟାକୁଳିତ ହୁଏ, ମାତା ପୌତ୍ର ପୌତ୍ରୀ ଦେଖିବା ପାଇଁ ଦ୍ୱିଗୁଣ ଇଚ୍ଛାକରେ । ଏ ହେଲା ସଂସାରର ଦୈନନ୍ଦିନ ନିୟମପ୍ରବାହ । ଏଣୁ ସତ୍ୟବ୍ରତର ଜନନୀ ହୃଦୟ ବୈଧବ୍ୟର ଦାରୁଣ ଯନ୍ତ୍ରଣା ଭୋଗ କରି ମଧ୍ୟ ସଂସାରରେ କେଉଁ ସୁଖ ପାଇଁ ସଦା ଉଦ୍‌ବିଗ୍ନ ତାହା ସହଜେ ଅନୁମେୟ । ସତ୍ୟବ୍ରତ ମଧ୍ୟ ତାହା ଭଲଭାବେ ଜାଣେ । କିନ୍ତୁ ତା' ମନରେ ଆପେ ଆପେ ଘୋଟି ଆସେ ଶତ ଶତ କିନ୍ତୁ···କିନ୍ତୁ···ର ମେଘମାଳା ।

ସତ୍ୟବ୍ରତ ବର୍ତ୍ତମାନ ସତେଇଶି ବର୍ଷର ଯୁବକ । କୁଳର ଜ୍ୟେଷ୍ଠ ସନ୍ତାନ । ପିତାର ପ୍ରଥମ ଉତ୍ତରାଧିକାରୀ । ପିଣ୍ଡ ପ୍ରଦାନର ପ୍ରଥମ ଅଧିକାରୀ । ତେବେ ସୁଦ୍ଧା ସେ ଏସବୁ ଦାୟିତ୍ୱପୂର୍ଣ୍ଣ ଚିନ୍ତାଧାରାର ବହୁ ଦୂରରେ । ଦେଶସେବା ହିଁ···ଭୂମାତାର ସେବା ହିଁ ତା' ଜୀବନର ଲକ୍ଷ୍ୟ । କିନ୍ତୁ ନିଜର ଜନ୍ମଦାତ୍ରୀ ମାତା ଯେ ତେଣେ ଚିନ୍ତିତା···ଉଦ୍‌ବିଗ୍ନା···କ୍ରନ୍ଦନରତା । ସେ ଗାଁ ଗହଳରୁ ହଠାତ୍ ଅଖିଆ ଅପିଆ ସେବାକାର୍ଯ୍ୟ ସମାପ୍ତ କରି ଘରକୁ ଫେରି ଦେଖେ ତ ମାତା କ୍ରନ୍ଦନରତା···ଆଖିରୁ ଧାର ଧାର

ଲୁହ ଗଡ଼ି ପଡ଼ୁଛି । ଦିନ ଆସି ମଧ୍ୟାହ୍ନ ହେଲାଣି । ଦାସୀ···ଚାକର···ହଳିଆ···ଯେ ଯେଉଁଠି ଟିକେ ଦମ୍ ନେଲେଣି । ସତ୍ୟବ୍ରତକୁ କଥା କଣ ବୁଝିବାକୁ ବାକି ରହିଲା ନାହିଁ । ଜନନୀର ଏପରି କ୍ରନ୍ଦନ ଯେ ସେ ବହୁବାର ଦେଖି ଆସିଛି । ସେ ନିଜ ବୋଉକୁ ଟିକେ ସାନ୍ତ୍ୱନା ଦେବା ପାଇଁ ମଧ୍ୟ ସାହସ ପାଇ ପାରିଲା ନାହିଁ । ପିଢ଼ାଘର ଚୌକାଠ ଉପରେ ଦଣ୍ଡେ ବସିପଡ଼ିଲା । ତେଣେ ବୋଉର କ୍ରନ୍ଦନ ଚାଲ । ମନରେ ତା'ର ଆକାଶ···ପାତାଳ···ଅନନ୍ତ ଭାବନା । କର୍ତ୍ତବ୍ୟ··· ।

ନୂଆ ବୋଉ···ନୂଆ ବୋଉ···କଣ କରୁଛ କି ? କହି କହି ଶ୍ରୀକାନ୍ତ ଘର ଭିତରକୁ ପଶି ଆସିଲେ । ପଦ୍ମାବତୀ ରୁଦ୍ଧ-କଣ୍ଠରେ ଉତ୍ତର ଦେଲେ—କା···ଣ ?

ମଲା, କାନ୍ଦୁଛ କାହିଁକି ? କଥା କ'ଣ ? ଖିଆ ପିଆ କରିନା ? ସତ୍ୟବ୍ରତ କାହିଁ ? ସତ୍ୟ···ସତ୍ୟ ! ଶ୍ରୀକାନ୍ତ ଟିକେ ବିଚଳିତ ହେଲେ । ସତ୍ୟବ୍ରତ 'କଣ କକା'···କହି ଉପସ୍ଥିତ ହେଲେ । ମୁଖରେ ଘୋର ଚିନ୍ତାର ଛାପ । ଶ୍ରୀକାନ୍ତ ସତ୍ୟବ୍ରତକୁ ଦେଖିବା ସଙ୍ଗେ ସଙ୍ଗେ କହି ପକାଇଲେ, 'କ'ଣ କରୁଛୁ ଭଲ ? ବୋଉ ଏଣେ କାନ୍ଦି କାନ୍ଦି ବସିଛି, ତୋ'ର କଣ ଆଖି ନାହିଁ ? କେତେ ଦିନ ଏପରି ତାଙ୍କୁ କନ୍ଦାଇ ମାରିବୁ ? ପଦ୍ମାବତୀ ସହସା ଭେ···ଭେ···କାନ୍ଦି ପକାଇଲେ । ଆଗରେ ଦେବର···ପୁଅ । ସତ୍ୟବ୍ରତର ମଥାଟା ଯେମିତି ସଜୋରରେ ଘୂରିଗଲା । ସେ ଅଥପୂଭବେ ବୋଉକୁ କୁଣ୍ଢେଇ ପକାଇ ବାଷ୍ପାକୁଳ କଣ୍ଠରେ କହି ପକାଇଲା—ବୋଉ···ବୋଉ, ତୁ ଆଉ କାନ୍ଦନା । ଆଜି ମୁଁ ସତ୍ୟ କହୁଛି, ତୋ'ର କଥା ମାନିବି । ମୁଁ ବିବାହ କରିବି··· । ନିଜର ଦୁଇ

ହାତରେ ବୋଉର ଦୁଇ ଚକ୍ଷୁ ପୋଛି ଦେଇ କହିଲା—ବୋଉ, ତୁମେ ହସ ! ପଦ୍ମାବତୀଙ୍କର ବିଷାଦ ମଳିନ ମୁଖମଣ୍ଡଳ ପ୍ରଫୁଲ୍ଲ ଦେଖାଗଲା । ସେ ସତ୍ୟବ୍ରତକୁ କୁଣ୍ଢାଇ ପକାଇ କହିଲେ—ବାପା, ଆଜି ମୋର ଶୁଭଦିନ । ଭଗବାନ ତୋର ମଙ୍ଗଳ କରନ୍ତୁ । ବାପ, ଏତେଦିନେ ତୁ ତୋର ଜନନୀର କଷ୍ଟ ବୁଝି ପାରିଛୁ । ଆ ବାପ, ତୋତେ ପ୍ରାଣଭରି ଗୋଟିଏ ଚୁମ୍ବନ ଦେବି । ସତ୍ୟବ୍ରତ ପଦ୍ମାବତୀଙ୍କର ନିବିଡ଼ ଆଲିଙ୍ଗନ ପାଶରେ ଆଜି ବୁଝିପାରିଛି ଜନନୀହୃଦୟର ବ୍ୟାକୁଳତା । ଶ୍ରୀକାନ୍ତ ନିକଟରେ ଠିଆ ହୋଇ ବାତ୍ସଲ୍ୟ ସ୍ନେହର ଅପୂର୍ବ ମାଧୁରୀ ଅନୁଭବ କଲେ । ଆହା ! ଆଜି ନିଜର ଗୋଟିଏ ସନ୍ତାନ ଥା'ନ୍ତା ! କିନ୍ତୁ ହାୟ... ! ସେ ସଙ୍ଗେ ସଙ୍ଗେ କହିପକାଇଲେ—ନୂଆ ବୋଉ, ଆଜି ତୁମର ଆଶା... ଆକାଂକ୍ଷା ସଫଳ ହୋଇଛି...କଣ କହୁଛ । ସତ୍ୟ ତ ବିବାହ ପାଇଁ ରାଜି ହୋଇଛି, ମୋତେ କାଲିହିଁ ରାଜପୁର ଯିବାକୁ ପଡ଼ିବ । ସତ୍ୟବ୍ରତ ଭୋଜନ କରିବା ପାଇଁ ଅନ୍ୟଦିଗେ ଚାଲିଗଲା । ପଦ୍ମାବତୀ କହିଲେ—ଦେଖ ଶ୍ରୀକାନ୍ତ, ରାଜପୁର ଜମିଦାର ଘର ଯେଉଁ କନ୍ୟାପ୍ରସଙ୍ଗ ଆସିଛି, ମୁଁ ଶୁଣୁଛି କନ୍ୟାଟି କୁଆଡ଼େ ଟିକେ କାଳୀ ଓ କଲହୁଡ଼ୀ ।

ନା, ନା, ସେମିତି କିଛି ନୁହେଁ, ନୂଆବୋଉ ! ମୁଁ ନିଜ ଆଖିରେ ଦେଖିବା କଥା । କନ୍ୟାଟି ବି. ଏ. ପାସ କରିଛି । ନବ୍ୟ ସଭ୍ୟଧରଣର । ଆମ ସତ୍ୟକୁ ବେଶ୍ ଉପଯୁକ୍ତ ହେବ, ନୂଆବୋଉ !

ହଉ, ଯାହା ଭଗବାନଙ୍କ ଇଚ୍ଛା । କଣ, କାଲି ତମେ ରାଜପୁର ଯାଉଛ ?

ନିଶ୍ଚୟ । ଏ କି କଥା । ଯେତେବେଳେ ସତ୍ୟ ରାଜିଅଛି କାର୍ଯ୍ୟଟା ସଙ୍ଗେ ସଙ୍ଗେ କରିନେବା ଉଚିତ । କଣ କହୁଛ ! ଆଜିକାଲି ଏ ଯେଉଁ ପିଲା ଗୁଡ଼ାକ, ଘଡ଼କେ ବିଗିଡ଼ିବେ । ହଁ ନୂଆବୋଉ, ଗୋଟାଏ କଥା କହିବା ପାଇଁ ଆସିଥିଲି—ସୂର୍ଯ୍ୟକାନ୍ତର ବିଷୟ କଣ ନିଷ୍ପତ୍ତି କରିବ ନାହିଁ ? ମୁଁ ଏମିତି କଣ ଆଶା ରଖିରଖି ମରିବି ? ଏହାହିଁ କଣ ତୁମେ ଚାହୁଁଛ ?

ଛି, ଶ୍ରୀକାନ୍ତ, ଏମିତି କଥା କହନା । ସେ କଣ ତୁମର ପୁଅ ନୁହେଁ । ସତ୍ୟର ବିବାହଟା ସରୁ, ସେ କେମିତି ସୁଖରେ ଘର କରୁ, ତା'ପରେ ସୂର୍ଯ୍ୟକାନ୍ତ କଣ ତୁମର ହେବନି !

ନା, ନା, ନୂଆବୋଉ, ସତ୍ୟର ବିବାହ ତ ନିଶ୍ଚୟ ହେବ । କିନ୍ତୁ ଠିକ୍ ଜବାବ ଦିଅ, ସୂର୍ଯ୍ୟକାନ୍ତ ପ୍ରତି ତୁମର କଣ ଇଚ୍ଛା ?

ସେ, ତୁମର ପୁଅ…… । ଶୁଣିଲ ।

ବଡ଼ ଆଶା କରିଛି, ନୂଆବୋଉ ! ଆଚ୍ଛା, ରାତି ପାହିବା ସଙ୍ଗେ ସଙ୍ଗେ ମୁଁ ରାଜପୁର ଚାଲିଲି । ହଉ, ତମେ ରହିଥା, ମୁଁ ଯାଏ ।

## ଦୁଇ

ରାଜପୁର ଆଉ ଦାନପୁର—ଗୋଟିଏ ଜନନୀର ଦୁଇଟି ସନ୍ତାନ···ଗୋଟିଏ ବୃନ୍ତର ଦୁଇଟି ଫୁଲ । କିନ୍ତୁ ସେକାଳ ଯାଇଛି···ସେ ବେଳ ଯାଇଛି । ଦାନପୁରର ଶ୍ରୀବତ୍ସ ଯେଉଁଦିନୁ ମରିଛି ପୁଣି ରାଜପୁରର ନାଥ ସ୍ୱାଇଁ ଯେଉଁଦିନୁ ଲୁଳିତଚର୍ମ, ପଳିତକେଶ ରୂପେ ଗାଁ ଯୁବକଙ୍କର ଉପହାସର ପାତ୍ର ହୋଇଛି, ସେହିଦିନୁ ସବୁ ଓଲଟ ପାଲଟ, ଲେଉଟ ବଦଳି ହୋଇଯାଇଛି । ଏପରି ସବୁଠି ହୋଇଥାଏ । ଏ ହେଲା ସଂସାରର ନିୟମ । ଲୋହିତ କିଶଳୟ ସବୁଜ ପତ୍ରରେ ପରିଣତ ହୁଏ ପୁଣି ସବୁଜ ପତ୍ର ହରିତ୍ ପଳିତ ହୋଇ ଝଡ଼ିପଡ଼େ । ପତ୍ରର ଏହି ହରିତ୍ ପଳିତ ଅବସ୍ଥାରେ ମଧ୍ୟ ବସନ୍ତ ଆସେ, ବର୍ଷା ଆସେ । କିନ୍ତୁ ସେ ସବୁ ଉପଭୋଗ କରିବା ପାଇଁ ପତ୍ରର ଶକ୍ତି ସାମର୍ଥ୍ୟ ନଥାଏ । ଫଳରେ ସେ ହୁଏ ଉପହସିତ । ନାଥ ସ୍ୱାଇଁର ଭାଗ୍ୟରେ ମଧ୍ୟ ସେହି

ଘଟଣା । ଧନ ଥିଲା, ତା' ନାଁ ଶୁଣିବା ମାତ୍ରେ ଗର୍ଭିଣୀ ଗାଈ ବାଟ ଦେଉଥିଲା । ଲୋକେ ନ୍ୟାୟ ନିଶାପ ପାଇଁ ମୁହଁକୁ ଚାହିଁ ରହୁଥିଲେ । ଉପଦେଶ ପାଇଁ କାନ ଡେରି ରହୁଥିଲେ । କିନ୍ତୁ··· ଆଜି···କେତେଜଣ ପଢ଼ୁଆ ଯୁବକ ଗାଁର ନେତା ସାଜି ରାଜପୁରକୁ ବାଦବିସମ୍ବାଦର ଗୋଟାଏ ରୌରବରେ ପରିଣତ କରିଛନ୍ତି । ନାଥ ସ୍ୱାଇଁକୁ ଉପହାସ କରୁଛନ୍ତି—ବୁଢ଼ାଟା··· । ତା'ର କଥା ଗାଁର ଶ୍ରେଷ୍ଠ ଶିଶୁଟିଏ ମଧ୍ୟ ମାନିବା ପାଇଁ ନାରାଜ । ନାଥ ନିଜ ଭାଗ୍ୟକୁ ହିଁ ନିନ୍ଦା କରେ । ସବୁ ସିନା ଗଲା, ଭାଗ୍ୟ ତ ଯାଇନାହିଁ, ଭାଗ୍ୟରେ ଯାହା ଲେଖାଅଛି ତାହା ଭୋଗିବାକୁ ହିଁ ହେବ । ନିଜର ଅଚଳାଚଳ ସମ୍ପତ୍ତି···ଦୁଇ ତିନିଟା ମକଦ୍ଦମା···ଘୁର୍ ଘୁରଟା ହାଣ୍ଡିପରି ଭେଣ୍ଡ୍ରା ପୁଅ, କିନ୍ତୁ ଗୋଟିଏ ବୋଲି ଝିଅ । ଭଗବାନ କେଉଁ ଗୁଣରେ ତାକୁ ଊଣା କରିଛନ୍ତି ଭଲା ? ସେ କାଆଁ ଗାଁ ଲୋକଙ୍କ କଥାରେ କାନ ଦେବ ? ଯାହା ଥିଲା, ଥିଲା···ଯାହା ଯାଇଛି, ଯାଇଛି । କଥା ସିନା ମାନୁ ନାହାନ୍ତି, ଜମିଦାର ବୋଲି ଗୋଟାଏ ଖାତିର ତ ଅଛି । ଏ କେତେଟା କଂଗ୍ରେସିଆ ଟୋକା ଯାହା ଗାଁଟାକୁ ବତାଇ ଚତାଇ ମତାଇ ସର୍ବନାଶର ପଥ ଦେଖାଇଛନ୍ତି, ତା'ର ପରିଣାମ କ'ଣ ଭୋଗିବେ ନାହିଁ ? ସେତେବେଳେ ତ ନିଶ୍ଚେ ନାଥ ସ୍ୱାଇଁକୁ ମନେ ପକାଇବେ । କିନ୍ତୁ ଗୋଟିଏ କଥା··· । ଘୁରଘୁରଟା ପୁଅ ପାଠ ପଢ଼ି ହାକିମ ହେଲେ—ବିଦେଶରେ ରହିଲେ । ଝିଅଟା ବି ପାଠ ପଢ଼ିବା ପାଇଁ ସହରରେ ରହିଲା । ବଢ଼ିଲା ଝିଅ··· । ଯେତେ କହିଲେ କଥା ମାନିଲା ନାହିଁ । ଭାଇମାନେ ମଧ୍ୟ ତା'ର କଥାକୁ ହିଁ ସମର୍ଥନ କଲେ । ଏ ହେଲା ନବ୍ୟ ସଭ୍ୟ ଯୁଗ । ଏତେବଡ଼ ଘରେ ବୁଢ଼ାଟିଏ, ବୁଢ଼ୀଟିଏ । ବୁଢ଼ାକୁ ଏସବୁ କଥା ମନରେ ଟିକେ ଖେଦ ଜାତ କରାଏ । କିନ୍ତୁ

ଭାଗ୍ୟକୁ ଆଦରି ଭୁଲି ରହେ... । ଯାହାହେଉ ନାଥ ସ୍ୱାଇଁର ଏକମାତ୍ର ଭାବନା ଝିଅଟିକୁ କିମିତି ବିବାହ କରିଦେବ । ଝାଲିଁ ଥାଉ ଥାଉ ଏତକ କରି ଦେଲେ ତା'ର ଆତ୍ମା ଯେପରି ମୁକ୍ତି ପାଇଯିବ । ଏହି ଚିନ୍ତାର ତାଡ଼ନାରେ ହିଁ ସେ ପୂର୍ବ ଗୌରବ ଓ ପୂର୍ବର ଚରମ ବନ୍ଧୁ ଶ୍ରୀବତ୍ସଙ୍କୁ ବହୁବାର ମନେ ପକାଇଥିଲା ପୁଣି ପୂର୍ବର ସ୍ନେହ ଅତୁଟ ରଖିବା ଆଶାରେ ସତ୍ୟବ୍ରତ ସହି ନିଜ ଝିଅର ବିବାହ ପାଇଁ ମନେ ମନେ ଠିକ୍ କରିଥିଲା ଓ ପତ୍ର ମଧ୍ୟ ଦେଇଥିଲା ।

ବୁଢ଼ା ମନରେ ସତତ ଚିନ୍ତାର ବିରାମ ନାହିଁ ସତ । କିନ୍ତୁ ଭଗବାନଙ୍କ ରାଜ୍ୟରେ ମନୁଷ୍ୟର ପ୍ରକୃତି ହିଁ ଅତି ବୈଚିତ୍ର୍ୟମୟ । ମଣିଷ ମନ କ୍ଷଣକେ ଚିନ୍ତାରତ ହୋଇ ଜଗତରୁ ପୃଷ୍ଠଭଙ୍ଗ ଦେବାକୁ ବସେ; ପୁଣି କ୍ଷଣକେ କି ଗୋଟାଏ ଆଶା, କି ଗୋଟାଏ ପ୍ରଲୋଭନର ମାୟାଜାଲରେ ପଡ଼ି ଚିରଦିନ ବଞ୍ଚିରହିବା ପାଇଁ କଳ୍ପନା କରେ ।

ଦାଣ୍ଡଦ୍ୱାରରେ ପାଟି ଶୁଭିଲା, ସ୍ୱାଇଁ ଆପଣେ ! ସ୍ୱାଇଁ ଆପଣେ କିଏ... !

ହଁ ! କିଏ ତମେ... ?

ଧୂଳିଆ ପାଦ, ଝାଳ ଜୁଡ଼ୁବୁଡ଼ୁ ଦେହରେ ଶ୍ରୀକାନ୍ତ ଭିତର ଅଗଣାକୁ ପଶିଆସି କହିଲେ—ନମସ୍କାର, ନମସ୍କାର ସ୍ୱାଇଁ ଆପଣେ ! ସକାଳ ପ୍ରହରରୁ ଧାଇଁ ଧାଇଁ ମୋ ହଂସା ଉଡ଼ିଗଲାଣି । ଉଃ ! କହି ଶ୍ରୀକାନ୍ତ ପିଣ୍ଡା ଉପରେ ବସି ପଡ଼ିଲେ । ସ୍ୱାଇଁ ଆପଣେ ସତେ ଅବା ଅମୂଲ୍ୟନିଧି ପାଇଲାପରି ଆନନ୍ଦ ଅଧୀର ହୋଇ ପଚାରିଲେ, 'କଣ ଗାଧୁଆ ପାଧୁଆ ସରିଛି ?'

ନା, ସ୍ୱାଇଁ ଆପଣେ ! ଆଉ ଗାଧୋଇଲି କେତେବେଳେ ?

ଆରେ ଶ୍ୟାମା··· ! ବରଜ··· ! ରାଧୁଆ ଘରେ ପାଣି ଯୋଗାଡ଼ କର ପୁଣି ପୂଜାରୀ ଟୋକାକୁ କହ, ଅଧିକା ଅନ୍ନ ରାନ୍ଧିବ, ଭଲ ତିଅଣ ରାନ୍ଧିବ··· ।

ହଁ ଶ୍ରୀକାନ୍ତ ବାବୁ ! ଆଜି କେତେ ଦୟା ତୁମର··· ! କଥା କଣ··· ?

ଶ୍ରୀକାନ୍ତ ଟିକେ ଦମ୍ ନେଇ ଧୀର ସ୍ଥିର ଭାବେ କହିଲେ, "ଆଉ କଣ କି ସ୍ୱାଇଁ ଆପଣେ ! ପୂର୍ବରୁ ତ କଥା ଛିଡ଼ି ରହିଛି । ଖାଲି ଯାହା ବାକି ଥିଲା ସେ ଅବୁଝା ସତ୍ୟବ୍ରତଟାର ସମ୍ମତି··· । ଏବେ ସେ ସବୁ ସୁରୁଖୁରୁରେ ଠିକ୍ ହୋଇଯାଇଛି । ଆଉ ବାହାଘରଟା କେବେ କରିବା ?"

ଉଃ ! ମୁଁ ଯେ ସେହି ଚିନ୍ତାରେ ସଦା ଚିନ୍ତିତ । ତେବେ ବିଳମ୍ବ କରିବା ଉଚିତ ନୁହେଁ । ଏହି ମାଘ ଶ୍ରୀପଞ୍ଚମୀ ଦିନହିଁ ବିବାହ ଶେଷ କରିବା ।

ବେଶ୍ କଥା ! ମୁଁ ମଧ ସେଥିପାଇଁ ସମ୍ପୂର୍ଣ୍ଣ ରାଜି । କିନ୍ତୁ ସ୍ୱାଇଁ ଆପଣେ, ଆଜିକାଲିକା ପିଲେ ତ ଭିନ୍ନ ଧରଣର । ଆପଣଙ୍କର ଝିଅ ଯିଏ, ମୋର ଝିଅ ସେ । ସେକଥା କିଛି ଭାବିବେ ନାହିଁ । ତେବେ ଆଜିକାଲିକା ନିୟମ ଅନୁସାରେ ବରକନ୍ୟା ଉଭୟେ ଉଭୟର ଫୋଟ ଦେଖିବା ଗୋଟାଏ ପ୍ରଥା ହୋଇଯାଇଛି । ସେଥିପାଇଁ ସତ୍ୟବ୍ରତର ଫୋଟଟି ଆଣିଛି, ନଅନ୍ତୁ । କହି, ଶ୍ରୀକାନ୍ତ ସତ୍ୟବ୍ରତର ଫୋଟଟି ସ୍ୱାଇଁଙ୍କୁ ବଢ଼ାଇ ଦେଲେ ପୁଣି କହିଲେ, 'କିଛି ଭାବିବେ ନାହିଁ । ଆମ ନୂଆବୋଉ କନ୍ୟାର ଫୋଟଟି ଦେଖିବା ପାଇଁ ନିତାନ୍ତ ଇଚ୍ଛୁକ । ଆସିଲା ବେଳେ ତାହି ତାହି କହିଛନ୍ତି···ଦେଇ ପାରିବେ ? ହଁ···ହଁ···ଆପତ୍ତି କଣ··· ?

ଆଜକାଲିକା ଝିଅ···। କଲେଜରେ ପଢ଼େ। ତା'ପରେ ତାଙ୍କର ବୋଉର ଫୋଟ ଦେବାପାଇଁ ମୁଁ ବା କାହିଁକି ଅରାଜି ହୁଅନ୍ତି···। କହି କହି ସ୍ୱାମୀ ଆପଣେ ଘର ଭିତରକୁ ଯାଇ ସଙ୍ଗେ ସଙ୍ଗେ ଫୋଟଟି ଧରି ଫେରିଲେ। ଶ୍ରୀକାନ୍ତ ହାତକୁ ଫୋଟଟି ବଢ଼ାଇ ଦେଇ କହିଲେ—ନିଅନ୍ତୁ, ନୂଆବୋଉଙ୍କୁ ଦେଖାଇବେ।

ହଁ···ହଁ···। ଏଇଥିପାଇଁ ସକାଳପ୍ରହରୁ ଦୌଡ଼ି ଆସିଲି। ସତ୍ୟବ୍ରତଟା ବାପଛେଉଣ୍ଡ ପିଲାଟା। ଆଜି ପର୍ଯ୍ୟନ୍ତ ଘର କ'ଣ ଜାଣିଲା ନାହିଁ। ଏତେ ପାଠ ପଢ଼ିଲା—ଚାକିରି ନାହିଁ, ବାକିରି ନାହିଁ। ଖାଲି କ'ଣ ନା, ଦେଶକାମ। ପିଲାଟାକୁ ବାଟକୁ ଆଣିବା ପାଇଁ ଯେତେ ଚେଷ୍ଟା କରୁଛି, ସ୍ୱାମୀ ଆପଣେ ! ଭଗବାନ ଜାଣନ୍ତି।

ହଁ···ହଁ। ସତ କଥା। ଆଜକାଲିକା ଟୋକାଗୁଡ଼ାକ ପାଗଳ ହେଲେଣି। ଆମେ କ'ଣ ଟୋକା ବୟସରେ ଏମିତି ହେଉଥିଲୁଁ ? ହଉ ହଉ, କାନ୍ଧରେ ଜୁଆଳି ପଡ଼ିଲେ ଆପେ ଆପେ ଠିକ୍ ବାଟକୁ ଆସିଯିବେ···।

ଓଃ ! ଯେତେ ବୁଝାଇ ଶୁଝାଇ ମନାଇଛି··· ? ଆପଣଙ୍କର ଠିକ୍ ଜବାବ ତ ଶ୍ରୀପଞ୍ଚମୀ ଯୋଗ ହିଁ······

ହଁ···ହଁ···। ମରଦ ଲୋକର ଗୋଟାଏ କଥା। ସେଥିପ୍ରତି ଭାବନା କରନ୍ତୁ ନାହିଁ। ଆସନ୍ତୁ···ସ୍ନାନାହାର କରି ଟିକେ ବିଶ୍ରାମ ନେବେ···। ତା'ପରେ ସବୁ କଥା···।

## ତିନି

ଇନ୍ଦ୍ରାବତୀ ନିକଟକୁ ସ୍ୱାଇଁ ଚିଠି ଲେଖିଲେ—

ଝିଅ ଲୋ !

ଆଶୀବାଦ ଗ୍ରହଣ କରିବୁ । ମା, ମୁଁ ତୋ ପାଇଁ ଯେ ବିଶେଷ ଚିନ୍ତାକରେ, ଆଗରୁ ଜାଣିଛୁ । ତୋର ଭବିଷ୍ୟତ କିପରି ଉଜ୍ଜ୍ୱଳମୟ ଦେଖିବି, ଏ ବୁଢ଼ା ବୟସରେ ଏତିକି ହିଁ କାମନା । ମା' ମୋର, ସେ ସ୍ୱପ୍ନ ଏବେ ସତ୍ୟ ହେବାକୁ ଯାଉଛି ବୋଧହୁଏ । ଏଣୁ ତୁ ଦୁଇଦିନ ଛୁଟି ନେଇ ଆସିବୁ । ପରୀକ୍ଷା ତ ଅନେକ ଦିନ ବାକି ଅଛି । ଆସିବୁ···ମା' ମୋର, ନିଶ୍ଚୟ ଆସିବୁ ।

ତୋର ଆଦରର

ନନା ।

ଇନ୍ଦ୍ରାବତୀ ଘ'ର ଭଲ ପିଲା । ରୂପବତୀ, ଗୁଣବତୀ, ବିଦ୍ୟାବତୀ । ସେ ବ୍ରହ୍ମପୁର ବାଳିକା ଛାତ୍ରୀବାସରେ ରହି ପାଠ ପଢ଼େ ସତ । ତା'ପରି ଶହ ଶହ ଝିଅ ମଧ୍ୟ ପାଠ ପଢ଼ନ୍ତି । କିନ୍ତୁ ଇନ୍ଦ୍ରା ସମସ୍ତଙ୍କ ଠାରୁ ଭିନ୍ନ··· । ସମସ୍ତେ ତା'ର ଅନ୍ତରଙ୍ଗ ବନ୍ଧୁ । ତାକୁ ଛାଡ଼ି ଦଣ୍ଡେ କେଏ ରହିପାରନ୍ତି ନାହିଁ । ସଭା ସମିତି ଠାରୁ ଆରମ୍ଭ କରି ସିଲେଇ, ବାଜା, ଗାନ, ସମସ୍ତ ଅନୁଷ୍ଠାନ ପାଇଁ ଆଗ ଡାକ ପଡ଼େ—ଇନ୍ଦ୍ରା···ଇନ୍ଦ୍ରା··· । ଶିକ୍ଷକ ପ୍ରଫେସରଙ୍କ ଠାରୁ ଆରମ୍ଭ କରି କଲେଜର ସମସ୍ତ ଛାତ୍ରଛାତ୍ରୀ ଇନ୍ଦ୍ରାବତୀକୁ ଭାରି ଭଲ ପା'ନ୍ତି । ଅବଶ୍ୟ ସେ ଭଲ ପାଇବା ଭିତରେ କା ମନର ଭାବ କିପରି ବିକାର ସୃଷ୍ଟି କରିପାରେ । ହୁଏତ ଯୁବକ ପ୍ରଫେସର ଓ ଯୁବକ ଛାତ୍ର ନିଜନିଜର ଭଲପାଇବା ଭିତରେ କେତେ କ'ଣ ଦୃଶ୍ୟ କଳ୍ପନା କରି ଥାଇ ପାରନ୍ତି । କିନ୍ତୁ ଇନ୍ଦ୍ରା ଚକ୍ଷୁରେ ସମସ୍ତେ ସ୍ନେହର ପାତ୍ର । ସେ କାହାକୁ ଦିନେ ହେଲେ ଘୃଣା କରେ ନାହିଁ, ମନକୁ ବାଧିଲା ପରି କଥା ପଦେ କହେ ନାହିଁ । ସବୁବେଳେ ତା' ମୁହଁରେ ସରଳ ସୁନ୍ଦର ହସର ଲହରୀ··· । ମଣିଷ ସଂସାରରେ ଜନ୍ମ ହୋଇ ସେ ଯେତେ ଜ୍ଞାନୀ, ମାନୀ ଓ ପ୍ରତିଭାଶାଳୀ ହେଉନା କାହିଁକି—କେହି ଜଣେ କହି ପାରିବେ ନାହିଁ ଯେ ଏହି ପ୍ରଲୋଭନ, ଆଶା ଓ ଆକାଂକ୍ଷାମୟ ଜଗତରେ ସେ ସବୁ ବିଷୟରେ ଠିକ୍ ଅଛନ୍ତି । ମଣିଷ ମାତ୍ରକେ ପ୍ରତ୍ୟେକର ଗୋଡ଼ ଏହି ମାୟାମୋହ କର୍ଦ୍ଦମାକ୍ତ ସଂସାର ପଥରେ ନିଶ୍ଚେ ଦିନେନା ଦିନେ ଖସିଥିବ ହିଁ ଥିବ । ନିଜର ଜଣା ବା ଅଜଣାରେ ହେଉ ପ୍ରତ୍ୟେକ ବ୍ୟକ୍ତି ଭୁଲ କରିଥିବେ ହିଁ ଥିବେ । ଏକଥା ସତ୍ୟ···ସତ୍ୟ । କିନ୍ତୁ ଇନ୍ଦ୍ରାବତୀ···! ସେ ବି ତ ମଣିଷ । ମଣିଷର ରୂପରେଖ ଧରି ସେ ଏ ସଂସାରରେ ଜନ୍ମ ଲଭିଛି । ସମସ୍ତଙ୍କ ପକ୍ଷେ ଯେମିତି ଏ ସଂସାର ପଥ ଚରି

କର୍ଦ୍ଦମିତ ଓ ଗ୍ଲାନିଯୁକ୍ତ ତା' ପାଇଁ ମଧ୍ୟ ସେହିପରି । କେତେ ବା ଗୋଡ଼ ଚିପିଚିପି ଚାଲିବ ? ଆଖି ଆଗରେ ନାନା ପ୍ରଲୋଭନ··· ଆକର୍ଷଣ । ସହର ଜାଗା··· । କେତେ କଣ ଉନ୍ମାଦନା ଏଇଠି ·· ସିନେମା···ନଭେଲ୍···ନାଟକ । କିନ୍ତୁ ଇନ୍ଦ୍ରାବତୀର ହୃଦୟରେ ଅପୂର୍ବ ସାହସ, ଦେହରେ ଅକଳନା ସାମର୍ଥ୍ୟ ପୁଣି ମନ ଭିତରେ ଅଦ୍ୱିତୀୟ ଧୈର୍ଯ୍ୟ ଅଛି । ସେ ସ୍ନେହ ଓ ପ୍ରେମର ଗୋଟାଏ ପବିତ୍ର ଝରଣା । ତା' ନିକଟକୁ ଯେ କୌଣସି ଲୋକ ଯେ କୌଣସି ଅଭିଳାଷରେ ଆସନ୍ତୁ ନା କାହିଁକି—ସେ ସମସ୍ତଙ୍କ ନିକଟରେ ସେହି ଏକ ପ୍ରେମ, ସେହି ଏକ ସ୍ନେହ ପ୍ରକାଶକରି ବଶ କରିଦିଏ । ଫଳରେ ପାପାଚାରୀଗଣ ନିଜ ପାପଲାଳସା ପ୍ରକାଶ କରିବା ପାଇଁ ସାହସୀ ହୋଇ ପାରନ୍ତି ନାହିଁ । ସଦାଚାରୀ ବିଶେଷ ତୃପ୍ତ ହୁଅନ୍ତି । ଫଳରେ ଇନ୍ଦ୍ରାବତୀ ସମସ୍ତ ବିପଦ-ଦଳକୁ ଆଡ଼େଇ ଆଡ଼େଇ ସଂସାର ସାଗରରେ ପହଁରି ଚାଲିଯାଏ ।

ସେ ନିଜର ସମସ୍ତ ବିବାହ ବୃତ୍ତାନ୍ତ ନନା ମୁହଁରୁ ଶୁଣିଲା । ବାପ ଝିଅ ଏକାଠି ଖାଇ ବସିଛନ୍ତି । ବାପ ଆରମ୍ଭ କଲେ, 'ଶୁଣିଲୁ ମା ! ମୋର ଚିର ସହଚର ଶ୍ରୀବତ୍ସର ଯୋଗ୍ୟ ପୁତ୍ର ସତ୍ୟ ସଙ୍ଗେ ତୋର ବିବାହ କରିବା ପାଇଁ ସ୍ଥିର କରିଛି । ଜାଣୁ ତ ଏ ବୁଢ଼ା ଜୀବନରେ କିଛି ଆଶା ଭରସା ନାହିଁ । ମା ମୋର ! ତୋର ବିବାହ ସଙ୍ଗେ ସଙ୍ଗେ ଏ ଦୁନିଆର କର୍ତ୍ତବ୍ୟକର୍ମ ମୋର ଶେଷ ହେବ । ତୁ ଶିକ୍ଷିତା, ବୁଦ୍ଧିମତୀ । ଅନ୍ୟ ଅଶିକ୍ଷିତା ଝିଅ ହୋଇଥିଲେ ମୋତେ ତୋର ମତ ପଚାରିବାକୁ ହିଁ ପଡ଼ନ୍ତା ନାହିଁ । ତୋର ବିଚାରଶକ୍ତି ଅଛି । ଏଣୁ କଣ କହୁଛୁ ? ସତେ ଏ ବୁଢ଼ାର ଆଶା ସଫଳ ହେବ ମା !'

'ନନା··· ! ମୁଁ ଯେ ତୁମର ଆନନ୍ଦ ପାଇଁ ବଞ୍ଚିଛି··· ।' ମୁହଁରେ ତା'ର ଈଷତ୍ ଲଜ୍ଜାର ଛାପ୍ପା ।

ସ୍ୱାଇଁ ଆପଣଙ୍କୁ ଝିଅର ମନୋଭାବ ବୁଝିବା ପାଇଁ ବାକି ରହିଲା ନାହିଁ ।

ଖାଇ ସାରି ସ୍ୱାଇଁ ନଦ୍ୱାଗଲେ । ଉଦୁଉଦିଆ ଖରାବେଳ । ଇନ୍ଦ୍ରାବତୀ ନନାଙ୍କ ଅଫିସ ଘରେ ବସି ଏଣୁତେଣୁ କାଗଜଗୁଡ଼ାଏ ଓଲଟ ପାଲଟ କରିବାରେ ଲଗିଲା । ଆଖିରେ ପଡ଼ିଲା ସତ୍ୟବ୍ରତର ଫୋଟ । ସତ୍ୟବ୍ରତର ନାମ ନଜାଣିଛି ବା କିଏ ? ଦେଶସେବକ ହିସାବରେ ସେ ଗ୍ରାମେ ଗ୍ରାମେ ପରିଚିତ । ଇନ୍ଦ୍ରା ମଧ୍ୟ କେତେବାର ସତ୍ୟବ୍ରତର ନାମ ଶୁଣିଛି କିନ୍ତୁ ଆଖି ଆଗରେ ଦେଖି ନାହିଁ । ଫୋଟଟିକୁ ଦଣ୍ଡେ ଚାହିଁ ରହିଲା । ସେ ଛାତି ଭିତରେ କେମିତି ଗୋଟାଏ କମ୍ପନ ଅନୁଭବ କଲା । ତା' ଏକାଟିଆ ଜୀବନରେ ଏହି କମ୍ପନ···ଏହି ସ୍ପନ୍ଦନ···ଅତି ନୂତନ କେମିତି ଗୋଟାଏ ଅଭିନବ ସ୍ପର୍ଶ, ନୂଆ ଅନୁଭୂତି ପରି ବୋଧ ହେଲା । ତା'ର ସରଳ ଉନ୍ମୁକ୍ତ ଜୀବନରେ ବୋଧହେଲା ଏହାହିଁ ଯେପରି ଗୋଟାଏ କିଛି ଗୁପ୍ତ ରହସ୍ୟ । ସତ୍ୟବ୍ରତର ଫୋଟଟାକୁ ଧରି ସେ ଚାହିଁ ରହିଲା···ଚାହିଁ ରହିଲା··· । ସରଳ ନିରାଡମ୍ବର ଯୁବକଟିଏ । ଦେହରେ ପଞ୍ଜାବୀ ଖଣ୍ଡେ ଓ ଚଦର । ମୁହଁରେ ଟିକି ଦରହାସ । ସେ ଜୀବନରେ କେତେ ନବ୍ୟ ସଭ୍ୟ ଲୋକଙ୍କୁ ଦେଖି ଆସିଛି । ପ୍ରତ୍ୟହ ତା' ଆଖି ଆଗରେ କେତେ ଟୋକା ଟୋକା ପ୍ରଫେସର, ଛାତ୍ର ସୁଟ୍ ବୁଟ୍ ହେଟ୍ ପୋଷାକ ପିନ୍ଧି ନାନା ଅଙ୍ଗଭଙ୍ଗୀ କରି ଚାଲି ଯାଉଛନ୍ତି । ସେ ବହୁବାର ଦେଖିଛି, କେତେ ନାମଧେୟ ସିନେମା ଅଭିନେତାଙ୍କର ଭାବଭଙ୍ଗୀ, ଅଭିନୟ । ସେ ସବୁ

ତୁଳନାରେ ସତ୍ୟବ୍ରତର ଏହି ସାଦା ଫୋଟଟି ତ କେଉଁ ଗୁଣରେ ଶ୍ରେଷ୍ଠ ବିବେଚିତ ହୋଇ ପାରେନା । ତେବେ…ତେବେ… ? ଇନ୍ଦ୍ରା…ଏମିତି ଚୁହିଁ ରହିଛୁ କାହିଁକି… ? ମନେ ହୁଏ ମଣିଷ ବୈବାହିକ ସଂସାର ଭିତରକୁ ପ୍ରବେଶ କରିବା ପୂର୍ବରୁ ମନଭିତରେ ଯେଉଁ ବିକାର ଜାତ ହୁଏ, ଏହାହିଁ ତା'ର ପ୍ରତିକ୍ରିୟା । ପ୍ରତ୍ୟେକ ତରୁଣ ତରୁଣୀ ଜୀବନରେ ଏହାହିଁ ଘଟିଥାଏ ।

# ଚାର

ରାତି ଦଶ ପାଖେଇ ଗଲାଣି । ସତ୍ୟବ୍ରତର ମନରେ କେତେ କଣ ନୂଆ ସ୍ୱପ୍ନ···ନୂତନ ଭାବନା । ବାହାରେ ଶରତ୍-ଚନ୍ଦ୍ରର ଅପରୂପ ଜ୍ୟୋତ୍ସ୍ନା ଜଳ ସ୍ଥଳ ପ୍ଳାବନ କରି କି ଏକ ଅପୂର୍ବ ଶୋଭା ସମ୍ଭାର ବାଢ଼ି ଦେଇଛି । କେତେବେଳେ କାହିଁ ସାଥିହରା ପକ୍ଷିଣୀଟିଏ କରୁଣ ସ୍ୱରଲହରୀ ଛୁଟାଇ ଉଡ଼ି ଚାଲି ଯାଉଛି । ସୁଦୂର ବନ କନ୍ଦରରୁ ଭାସିଆସୁଛି ଉଲ୍ଲୁକର ବିକଟ କ୍ରନ୍ଦନ । ରାତି ଆସି ଏଗାରଟା ହେବଣି । ସତ୍ୟବ୍ରତର ଆଖିରେ ନିଦ ନାହିଁ । ଶୋଇ ଶୋଇ ସେ ଭାବୁଛି—ଅତୀତ, ବର୍ତ୍ତମାନ, ଭବିଷ୍ୟତ । ନିଜର ଭବିଷ୍ୟତକୁ ସେ କେଉଁ ଛାଞ୍ଚରେ ଗଢ଼ିବ । ଦେଶସେବା··· ଗ୍ରାମ ସଙ୍ଗଠନ···ଚାଷୀ ମୂଲିଆର ଶିକ୍ଷା··· । ଏସବୁ ତ ତା' ଜୀବନର ସହଚର ରୂପେ ପରିଣତ ହେଲାଣି । ତାହାହିଁ ତା'ର ଏକମାତ୍ର କର୍ମ ଓ ଧର୍ମ, ଯାହା ଆଜିପର୍ଯ୍ୟନ୍ତ ତା'କୁ କି ଏକ

ଅପୂର୍ବ ତାଡ଼ନା ବା ପ୍ରେରଣା ବଳରେ ଏତେଦୂର ଉନ୍ମତ୍ତ କରି ପକାଇଛି । କିନ୍ତୁ କାହିଁ··· ? ଆଜି ସେ ସବୁଠାରୁ ଦୂରରେ ରହିବା ପାଇଁ ତା' ମନ ଭିତରେ ଯେମିତି କିଏ ଉପଦେଶ ଦେଉଛି । କିଏ ଯେମିତି ତା' କାନ ପାଖରେ କହୁଛି—'ସତ୍ୟ ! ସତ୍ୟ ! ମଣିଷଜୀବନ ଅମୃତମୟ । ତାର କର୍ମକ୍ଷେତ୍ର ବିଶାଳ··· ଅନନ୍ତ । ଚାଲ···ଚାଲ···ଆଗେଇ ଚାଲ···ଆଖି ଆଗରେ ସୁବିଶାଳ ଧରଣୀ···ମୁଣ୍ଡ ଉପରେ ଅନନ୍ତ ନୀଳ ଆକାଶ ।' କିନ୍ତୁ କେଉଁଥି ପାଇଁ ସେ ନିର୍ଦ୍ଦେଶ···କେଉଁ ପଥର ପଥିକ ହେବା ପାଇଁ ସେ ସ୍ୱର୍ଗୀୟ ପ୍ରେରଣା ସେ ବୁଝିପାରେ ନାହିଁ । ପୁନର୍ବାର ତା' କାନ ପାଖେ ଯେମିତି କିଏ କହୁଛି, 'ସତ୍ୟ ! ସନ୍ଧାନକର । ତୋ'ର କର୍ମମୟ ଜଗତ ଆହୁରି ପ୍ରସାରିତ କର । ତୋ ମନରେ ବ୍ୟକ୍ତିଗତ, ଜାତିଗତ ବା ଦେଶଗତ କୌଣସି ସଂକୀର୍ଣ୍ଣ ଭାବ ସ୍ଥାନ ଦିଅ ନାହିଁ ।' ତେବେ···ତେବେ··· ? କଣ କରିବ··· ? ସତ୍ୟ ଭାବିପାରେ ନାହିଁ । ଗାଁ ଗହଳରେ ପଶି ନିରକ୍ଷର ଗ୍ରାମବାସୀଙ୍କ ସେବାଠାରୁ ବଳି ଅଧିକ କଣ ଏ ଜଗତରେ ସତେ ଅଛି ! ତା' ମନ ଭିତରେ ନାନା ଭାବନାଗୁଡ଼ା ବୁଡ଼ିଆଣୀ ଜାଲପରି ବୁଣି ହୋଇଯାଏ । ସେ ତା'ର ଭିତରେ ଛଟପଟ ହୁଏ । ସମସ୍ତ ଭାବନାକୁ ଦଳଚକଟି ଟିକେ ନିଃଶ୍ୱାସ ମାରିବା ପାଇଁ ଚେଷ୍ଟା କରେ । ନିକଟସ୍ଥ ଟେବଲ୍ ଉପରୁ ହାତ ବଢ଼ାଇ ଗୋଟାଏ ଖୋଲା ଲଫାଫା ଟାଣି ଆଣେ । ଆସ୍ତେ ବାହାର କରେ ଇନ୍ଦ୍ରାବତୀର ଫୋଟ ଖଣ୍ଡିକ । ଚାହିଁ ରହେ··· । ଚାହିଁ ରହେ··· । ଯୌବନ ବଳସିତ ଓଷ୍ଠପୁଟରେ ସେହି ସ୍ନିଗ୍ଧ ହାସ···ତାରୁଣ୍ୟ ମିଶ୍ରିତ ମୁଖମଣ୍ଡଳରେ ସେହି ଅପରୂପ ସୁଷମା···ନୀଳଭୃଙ୍ଗଜିଣା ଢ଼ଳଢ଼ଳ ଆନତ ନୟନ-ଯୁଗଳରେ ସେହି ତରୁଣୀସୁଲଭ ଈଷତ୍ ଲଜ୍ଜା ଆଭା । ସତ୍ୟବ୍ରତର

ମନଟା ଉତ୍ଫୁଲ୍ଲ ହୁଏ । ସହସା ମନରେ ଜାଗିଉଠେ ଅଭିନବ ପ୍ରେରଣା··· । ଏହାହିଁ କ'ଣ ତା' ଜୀବନଯାତ୍ରାର ପଥ··· ? ମଣିଷ କ'ଣ ସତେ ଏମିତି ବଦଳିଯାଏ··· ? ଜୀବନସଙ୍ଗିନୀର କରସ୍ପର୍ଶ ମଣିଷ ମନରେ ସତେ କ'ଣ ଏମିତି ବିକାର ସୃଷ୍ଟି କରେ ? ଦେଖାଯାଉ···ଭଗବାନଙ୍କ ଇଚ୍ଛା କ'ଣ··· ?

ନା···ନା ! ସେ ନିଜ ଜୀବନକୁ ଏତେ ପରିବର୍ତ୍ତନ ଭିତରେ ଘାଣ୍ଟି ହେବାକୁ ଦେଲା କାହିଁକି··· ? ଜୀବନସାରା ଅବିବାହିତ ରହି ଦେଶସେବା କରିବା ପାଇଁ ସେ ପଣ କରିଥିଲା । ଆଜି ସେ ପଣ ଭାଙ୍ଗି ନିଜେ ନିଜକୁ ପ୍ରତାରିତ କଲା କାହିଁକି ? ସତେ ସେ ଏତେ ଦୁର୍ବଳ··· ! ବୋଉର ଟିକେ ଲୋତକଧାରା ଦେଖି ସେ ଜୀବନସଂଗ୍ରାମରୁ ପୃଷ୍ଠଭଙ୍ଗ ଦେଲା ! ନିଜେ ନିଜକୁ ପ୍ରବଞ୍ଚନା··· ଆତ୍ମପ୍ରବଞ୍ଚନାର ଧୂ ଧୂ ଅନଳଶିଖା ଭିତରକୁ ଠେଲିଦେଲା ! ଦେଶମାତାର ଝରଝର ଲୋତକଧାର ପ୍ରତି ଦୃଷ୍ଟି ଦେଲା ନାହିଁ ! ଦେଶ ଆଜି ଦାରିଦ୍ର୍ୟ, ଅନଶନ, ଅନାଟନ ଓ ଦୁର୍ଭିକ୍ଷ ଭିତରେ ନିଷ୍ପେଷିତ ହେଉଥିବାବେଳେ ସେ କ'ଣ କଲା ସତେ··· ! ନା···ନା, ସେ ନିଶ୍ଚୟ ଦେଶସେବା ପାଇଁ ଝାମ୍ପ ଦେବ । ପ୍ରଥମର ପ୍ରତିଜ୍ଞା ଅତୁଟ ରଖିବ । ବିବାହ କରିବ ନାହିଁ । କିନ୍ତୁ···କିନ୍ତୁ··· ବୋଉ ନିକଟରେ ଯେ ସେ ଜବାବ ଦେଇଛି··· । କଣ କରିବ ? ମନଟା ତା'ର ଘାଣ୍ଟି ଚକଟି ହୋଇଗଲା । କିଛି ସ୍ଥିର କରିପାରିଲା ନାହିଁ । ମନେ ହେଲା, ତା କୋଠରୀ ଭିତରେ କାନ୍ଥ···ଆଲମାରୀ··· ଚୌକି···ଟେବଲ୍ ଯେମିତି ତାକୁ ଉପହାସ କରୁଛନ୍ତି—ହା···ହା··· ହା···ହା··· । ସେ ଉଦ୍‌ବିଗ୍ନ ହେଲା । କଣ କରିବ··· ? ଠିଆ ହେଲା··· । ବିଚଳିତ ଭାବେ ଏଣେ ତେଣେ ବୁଲିଲା । ଖଟ ଉପରେ · ଇନ୍ଦ୍ରାର ଫୋଟଟି ପଡ଼ିଥିଲା । ସେତେବେଳେ ସନ୍ଧ୍ୟାର

ଇଚ୍ଛା ହେଲା ଫୋଟଟିକୁ ଦଳି ଚକଟି ଫିଙ୍ଗିଦେବ । ହଠାତ୍ ଫୋଟଟିକୁ ତୋଳି ନେଲା । କିନ୍ତୁ···କିନ୍ତୁ···ଏ କି ଦୁର୍ବଳତା ! ଇନ୍ଦ୍ରାର ସେହି ଢଳଢଳ ନୀଳଭୃଙ୍ଗଜଣା ଆନତ ନୟନଯୁଗଳରେ ଆଖି ପଡ଼ିବାକ୍ଷଣି ସତ୍ୟ ସ୍ତବ୍ଧ···ଅଚଳ ··ଅଟଳ ହୋଇଗଲା । ତା' ମନ ଭିତରେ ଯେମିତି କିଏ କହି ଉଠିଲା, 'ସତ୍ୟ, ବିଚଳିତ ହେବା ଭଲ ନୁହଁ । ତୁମେ ଠିକ୍ ପଥ ଧରିଛ । ଅଗ୍ରସର ହୁଅ ।' ସେ ପୁନର୍ବାର ଖଟ ଉପରେ ବସିପଡ଼ିଲା । ଭାବିଲା—ଆଜିଠାରୁ ତା' ଜୀବନର ଦ୍ୱିତୀୟ ଅଙ୍କ ଆରମ୍ଭ ହେଲା । ଗତକାଲିର ସତ୍ୟ ପୁଣି ଆଜିର ସତ୍ୟ ଭିତରେ ଢ଼େର ଫରକ । ହୁଏତ ଆଗାମୀ କାଲିର ସତ୍ୟ ଆହୁରି ଫରକ ହୋଇଯିବ । ଏହାହିଁ ସଂସାରର ନିୟମ । ତା' ମନରେ ଘୋର ପରିବର୍ତ୍ତନ ଅନୁଭୂତ ହେଲା । ସେ ଗତକାଲି ଓ ଆଜି ଭିତରେ ତୁଳନା କଲା । ପରିବର୍ତ୍ତନଶୀଳ ଜଗତର ଘୋର ପରିବର୍ତ୍ତନ ଏ । ଆଚ୍ଛା, ବିଶ୍ୱରଙ୍ଗମଞ୍ଚରେ ସମସ୍ତେ ଜଣେ ଜଣେ ଅଭିନେତା ଓ ଅଭିନେତ୍ରୀ । କିଏ କିପରି ବା ଅଭିନୟ କରି ଚାଲିଛନ୍ତି । ଯା'ର ଯେତେବେଳେ ଅଭିନୟ ଶେଷ ହେଉଛି ସେ ଜଗତରୁ ବିଦାୟ ନେଉଛି । ବିଶ୍ୱରଙ୍ଗମଞ୍ଚର ଏହି ମୃତ୍ୟୁଟା ଯେମିତି ପ୍ରତ୍ୟେକ ଅଭିନେତା ଓ ଅଭିନେତ୍ରୀଙ୍କ ଜୀବନରେ ସତ୍ୟ ଓ ଅନିବାର୍ଯ୍ୟ । ନିଜ ନିଜ ଜୀବନକୁ କେନ୍ଦ୍ର କରି ଗୋଟାଏ ଗୋଟାଏ ନାଟକ ଲେଖା ଯାଇପାରେ । ସତ୍ୟ ଭାବିଲା··· ଭାବିଲା—ବେଶ୍, ତା' ଜୀବନକୁ ନେଇ ବେଶ୍ ନାଟକଟିଏ ହେବ । ବର୍ତ୍ତମାନ ତା' ଜୀବନର ପ୍ରଥମ ଅଙ୍କ ଶେଷ ହୋଇଛି । ଦ୍ୱିତୀୟ ଅଙ୍କ ଆରମ୍ଭ ହେବା ଉପରେ । ଆଚ୍ଛା, ଦେଖାଯାଉ । ସତ୍ୟ କାଗଜ କଲମ ଧରି ବସିପଡ଼ିଲା । କଲମ ମୁନରୁ ଛୁଟିଲା ଅବିରାମ ଭାଷା ଓ ଭାବର ଅସରନ୍ତି ଝରଣା ।

ସେ ଏଥିପୂର୍ବରୁ କେବେହେଲେ ଲେଖାଲେଖି କରେନା । କିନ୍ତୁ ଆଜ ଏ କି ଅଭିନବ ପ୍ରେରଣା ! ଏହାହିଁ କଣ ତା'.ଜୀବନର ମାପକାଠି ହେବ ? ଦେଶସେବା ଠାରୁ ଏହାହିଁ କଣ ଶ୍ରେଷ୍ଠ ପନ୍ଥା ? ଦେଖାଯାଉ··· ।

ରାତି ପାହି ଆସିଲା । ତେବେ ସୁଦ୍ଧା ଲେଖାର ବିରାମ ନାହିଁ । ଏକମାତ୍ର ପ୍ରତିଜ୍ଞା, ନାଟକଟିର ପ୍ରଥମ ଅଙ୍କ ସମାପ୍ତ ନହେବା ପର୍ଯ୍ୟନ୍ତ ସେ ଉଠିବ ନାହିଁ । ପ୍ରଥମ ଅଙ୍କ ଶେଷ ହେଲା । ରାତି ପାହିଗଲା । ସତ୍ୟର ମନେ ହେଲା, ଆଜିର ସୂର୍ଯ୍ୟୋଦୟ ଯେମିତି ଗତକାଲଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆଜିର ପ୍ରାତଃ ସମୀରଣର ସ୍ପର୍ଶ ଯେମିତି ଅଧିକ ମୃଦୁ···ସ୍ନିଗ୍ଧ । ଆଜିର ପକ୍ଷୀ-ରାଗିଣୀ ଯେମିତି ସ୍ୱର୍ଗୀୟ ସଙ୍ଗୀତରେ ଭରା । ଆଜିର ଜଳ ସ୍ଥଳ ଆକାଶ ଯେମିତି ନୂତନ ରୂପ ଓ ବର୍ଣ୍ଣ ସୁଷମାରେ ରଙ୍ଗାଣିତ । ବିଶ୍ୱସାରା ଆଜ ଯେମିତି ତା' ଚକ୍ଷୁରେ କବିତ୍ୱଭରା ।

ଦ୍ୱିତୀୟ ଅଙ୍କ ଆରମ୍ଭ ହେବ ।

## ପାଞ୍ଚ

ବିବାହର ଦୀର୍ଘ ଦୁଇମାସ ବିତିଗଲାଣି । ସତ୍ୟବ୍ରତ ଓ ଇନ୍ଦ୍ରାବତୀଙ୍କ ଦାମ୍ପତ୍ୟ ଜୀବନ ବେଶ୍ ସୁଖମୟ ହୋଇଛି । ଦୁହେଁ ଏକମନ, ଏକପ୍ରାଣ । କାୟା ଓ ଛାୟା···ଜୀବନ ଓ କର୍ମ···ଆତ୍ମା ଓ ପ୍ରେରଣା···କବିତା ଓ କଳ୍ପନା । ଏହି ଐକ୍ୟର ରଜ୍ଜୁରେ ବନ୍ଧା ହୋଇ ଉଭୟଙ୍କ ଜୀବନ ମଧୁମୟ ହୋଇଛି । ଇନ୍ଦ୍ରାବତୀ ଆଜି କୁଳବଧୂ । ଗୃହିଣୀ ପାଲଟିଛି । ପଦ୍ମାବତୀଙ୍କର ସେବା ହେଲା ତା' ଜୀବନର ପ୍ରଥମ କର୍ତ୍ତବ୍ୟ । ତା'ର ମନେ ଅଛି ମଧୁଚନ୍ଦ୍ରିକା ରଜନୀରେ ସତ୍ୟବ୍ରତର ନିର୍ଦ୍ଦେଶ—'ପ୍ରିୟେ ! ମନେରଖ, ଆଜିର ରଜନୀପରି ଆମର ଦାମ୍ପତ୍ୟ ଜୀବନ ମଧୁମୟ ହେଉ । କିନ୍ତୁ ଦୁନିଆ କେବଳ ମିଳନର ପୀଠ ନୁହେଁ । ଏହା ବିରହ, ଯାତନା, ପ୍ରବଞ୍ଚନା ଓ ପ୍ରତାରଣାରେ ମଧ୍ୟ ପୂର୍ଣ୍ଣ । କିନ୍ତୁ ସେ ସବୁ ଦୂରକରି ଜୀବନଟାକୁ ଉପଭୋଗ କରିବାକୁ ହେବ । ଜାଣିରଖ ପ୍ରିୟେ—ପ୍ରେମ ହିଁ

ଜଗତରେ ଶ୍ରେଷ୍ଠ । ପ୍ରେମ ବଳରେ ମଣିଷ ସାରା ଜଗତକୁ ଜିଣିପାରେ । ତୁମେ ଶିକ୍ଷିତା । ହେଲେ ବି ବିଶ୍ୱବିଦ୍ୟାଳୟ ଶିକ୍ଷାର କୃତିତ୍ୱ ଗୃହସଂସାରରେ ବିଶେଷ ପ୍ରଭାବ ପକାଇ ପାରେନା । ନିଜକୁ ଗୃହିଣୀରୂପେ ସଜାଇବାକୁ ପଡ଼ିବ । ଓଡ଼ିଆ ଘର କୁଳବଧୂ ତୁମେ । ଗୁରୁଜନ ସେବା ତୁମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ । ବୋଉ, ନନା, ଏମାନଙ୍କଠାରେ ଭକ୍ତି ରଖିବ । ବୁଝିଲ !' ଏହି ନିର୍ଦ୍ଦେଶ ହିଁ ଇନ୍ଦ୍ରାବତୀର ଗୁରୁମନ୍ତ୍ର ।

ବଧୂର ଆଚରଣରେ ପଦ୍ମାବତୀ, ଶ୍ରୀକାନ୍ତ ଓ ସୂର୍ଯ୍ୟକାନ୍ତ ବେଶ୍ ସନ୍ତୁଷ୍ଟ ହୋଇଛନ୍ତି । ଇନ୍ଦ୍ରା ପଦ୍ମାବତୀ ଓ ଶ୍ରୀକାନ୍ତଙ୍କୁ ଯେତିକି ଭକ୍ତିକରେ, ସୂର୍ଯ୍ୟକାନ୍ତକୁ ତା'ଠାରୁ ବଳି ସ୍ନେହ ଆଦର କରେ । ତା'କୁ ଡ଼ାକେ 'କାନ୍ତପୁଅ' । ସୂର୍ଯ୍ୟକାନ୍ତ ଭାଉଜ ନିକଟରୁ ଛାଡ଼ି ଯାଏନା । ଭାଉଜର ଏତେଟିକେ ଆଦର···ଏତେ ଟିକେ ସ୍ନେହ ତାକୁ ସ୍ୱର୍ଗସୁଖ ବୋଧହୁଏ । ଆଜିକାଲି ବ୍ରହ୍ମପୁର ସହରକୁ ଦୌଡ଼ି ଓକିଲ, ପ୍ରଫେସରଙ୍କ ସଙ୍ଗସୁଖ ପାଇବା ଲାଗି ସେ ପୂର୍ବପରି ବ୍ୟାକୁଳ ହୁଏନା । ବିଧିବିଧାନ, ଓଷାବ୍ରତରେ ଇନ୍ଦ୍ରା ହାତରୁ ଦୁବ କେରାଏ ପାଇଲେ, ଭବିଷ୍ୟତ ଜୀବନର ଆଶୀର୍ବାଦ ରୂପେ ସେ ଗ୍ରହଣ କରେ । ଭୋଗରାଗ ପିଠା ଖଣ୍ଡେ ପାଇଲେ ତାକୁ ପରମ ସନ୍ତୋଷ ଲାଗେ । ଭାଉଜ ହାତରୁ ଭାତମୁଠେ ପାଇଲେ ସେ ପରମ ଆନନ୍ଦ ଅନୁଭବ କରେ । ନିତି କହେ—ନୂଆବୋଉ, ଭାତଗଣ୍ଡେ ଦିଅ···ଜଳଖିଆ ଦିଅ···କମିଜ କରିବି, ପଇସା ଦିଅ । ଏମିତି ନିତ୍ୟ ପ୍ରତ୍ୟହ ଭାଉଜ ନିକଟରେ ତା'ର ଅଳି ଲାଗି ରହିଥାଏ । ଇନ୍ଦ୍ରା ମଧ୍ୟ କାନ୍ତପୁଅର ଅଳି ଅର୍ଦ୍ଦଳି···ଓଜର ଆପତ୍ତି ପାଇବା ପାଇଁ ସତତ ବ୍ୟାକୁଳ ।

ପଦ୍ମାବତୀ ପୁତ୍ରବଧୂକୁ ନିଜର କନ୍ୟାକଲି ଝିଅଠାରୁ ବଳି ସ୍ନେହ କରନ୍ତି । ଇନ୍ଦ୍ରା ବୋଉର ହାତରେ କୌଣସି କାମ କରାଇ ଦିଏ ନାହିଁ । ହାତରୁ ଛଡ଼ାଇ ଘରର ସମସ୍ତ କାମ କରିଯାଏ । ନାହିଁ କରୁ କରୁ ବୋଉର ଗୋଡ଼ ଚିପିଦିଏ । ଏହା ଯେମିତି ଇନ୍ଦ୍ରାର ବ୍ରତ । ପଦ୍ମାବତୀ ଖାଇପିଇ ଶୋଇବାକୁ ଯା'ନ୍ତି । ଇନ୍ଦ୍ରା ତାଙ୍କର ପଛେ ପଛେ ଯାଇ ବୋଉର ଗୋଡ଼ତଳେ ବସିଯାଏ । ପୁତ୍ରବଧୂର ଘରକାମ···ରନ୍ଧାବଢ଼ା···ସ୍ନେହ ଆଦର ଦେଖି ପଦ୍ମାବତୀଙ୍କ ମନ ଆନନ୍ଦରେ ଉଚ୍ଛୁଳି ପଡ଼େ । ସେଥି ସଙ୍ଗେ ସଙ୍ଗେ କଷ୍ଟ ବି ହୁଏ । ଆହା ! ଏଡ଼େ ଘର ଝିଅ । ତା'ଙ୍କ ପୁଅର ହାତଧରି କେତେ କଷ୍ଟ ନପାଇଲା ଭଲି ? ଦିନେ ଯେ' କି ରନ୍ଧାଶାଳର ମୁହଁ ଦେଖି ନଥିଲା, ସେ ଆଜି ଘରର ସମସ୍ତ କାମପନ ନିଜ ହାତରେ କରୁଛି । ସହରର ବିଳାସମୟ ବାତାବରଣରେ ହସିଖେଳି ପାଠ ପଢ଼ି ଯେ ବଢ଼ି ଆସିଛି ଆଜି ତା'କୁ ସବୁ କଷ୍ଟ ସହିବାକୁ ପଡ଼ିଲା ! ଏଇଥିପାଇଁ କ'ଣ ତା'କୁ ବଧୂରୂପେ ସେ ଘରକୁ ଆଣିଛନ୍ତି ? ପଦ୍ମାବତୀଙ୍କ ମନରାଜ୍ୟ ଘାଣ୍ଟି ଚକଟି ହୁଏ । ସେ ପୁଅକୁ କହନ୍ତି—ପୁଅରେ, ଚାକର ଚାକରାଣୀ ଦୁଇଜଣ ରଖେ । ପିଲାଟା ଏତେ କାମପନକୁ ପାରିବ ନାହିଁ । ସତ୍ୟବ୍ରତ କହେ—ଆଚ୍ଛା ବୋଉ, ତୋ କଥା ରଖିବି··· । କିନ୍ତୁ ପରମୁହୂର୍ତ୍ତରେ ଇନ୍ଦ୍ରା କହେ—ବୋଉ, ମୁଁ ଥାଉଥାଉ ଚାକର ଚାକରାଣୀ କ'ଣ ମୋଠାରୁ ଭଲ କାମ କରିବେ ? ମୋ କାମପନ କ'ଣ ତୁମ ମନକୁ ପାଉ ନାହିଁ, ବୋଉ ? ନା···ନା, ମୁଁ ଆଜିଠାରୁ ଭଲକାମ କରିବା ଶିଖିନେବି । ଚାକର ଚାକରାଣୀର ଦରକାର ନାହିଁ । ମୁଁ ମଲେ ଚାକର ଚାକରାଣୀ ରଖିବ । ପଦ୍ମାବତୀଙ୍କର ମୁହଁ ବନ୍ଦ ହୋଇଯାଏ । ସେ ପୁତ୍ରବଧୂକୁ ନିଜ କୋଳକୁ ଟାଣିଆଣି ପିଠି ଆଉଁସି କହନ୍ତି—

ମା' ମୋର, କେମିତି କଳା ହୋଇଗଲୁଣି । ପିଲ୍ଲେଙ୍କ ଏତେ କାମକୁ ପାରିବୁ, ମା ? ଇନ୍ଦ୍ରା କହେ—ହଁ ବୋଉ, ମୁଁ ପାରିବି । ମୋର ସେଥିରେ ପରମ ଆନନ୍ଦ । ଚନ୍ଦ୍ରାକର ନାହିଁ । ପଦ୍ମାବତୀ ଘରକାମରେ ଇନ୍ଦ୍ରାକୁ ସାହାଯ୍ୟ କରିବା ପାଇଁ ଆଗଭର ହୁଅନ୍ତି । କିନ୍ତୁ ଇନ୍ଦ୍ରା ବୋଉ ହାତରେ କୌଣସି କାମ କରାଇ ଦିଏ ନାହିଁ ।

ଶ୍ରୀକାନ୍ତ··· । ନିତ୍ୟ ସନ୍ଧ୍ୟାବେଳେ ସତ୍ୟ ଘରକୁ ବୁଲି ଆସନ୍ତି । ତାଙ୍କର ଘର ବୋଲି କ'ଣ···ଦ୍ୱାର ବୋଲି କ'ଣ ? ଏକାଟିଆ ଜୀବନ । ନିଜର ସ୍ତ୍ରୀ ବହୁଦିନୁ ଚାଲି ଯାଇଛନ୍ତି । ପୂଜାରୀ ଟୋକା ଭାତଗଣ୍ଡେ ରାନ୍ଧିଦିଏ । ଶ୍ରୀକାନ୍ତ ଯେନକେନ ଗଣ୍ଡେ ଖାଇଦେଇ ଆ ପିଣ୍ଡା ତା ଦ୍ୱାର ବୁଲି ନାନା ଗପ···ନ୍ୟାୟ ନିସାପ··· ରେ ଦିନ କାଟନ୍ତି । ଇନ୍ଦ୍ରା ଆସିବା ଦିନୁ ତା'ଙ୍କର ଗୋଟାଏ ଅଭ୍ୟାସ ହୋଇଯାଇଛି, ସେ ସନ୍ଧ୍ୟାବେଳେ ସତ୍ୟବ୍ରତ ଘର ପଟେ ବୁଲି ଆସି ନୂଆବୋଉ···ନୂଆବୋଉ ଡାକି ପଦ୍ମାବତୀଙ୍କ ନିକଟରେ ବସିଯା'ନ୍ତି । କେତେ କଣ ଦୁଃଖ ସୁଖ ହୁଅନ୍ତି । କହନ୍ତି, ନୂଆବୋଉ, ତମେ ବାସ୍ତବିକ୍ ଭାଗ୍ୟବତୀ ! ପଦ୍ମାବତୀ ଆଖିରୁ ଦୁଇଧାର ଲୋତକ ଗଡ଼ାଇ କହନ୍ତି, 'ଆହା ! ସେ ଯଦି ଥା'ନ୍ତେ ଆଜି କେତେ ଆନନ୍ଦ ହେଉ ନଥାନ୍ତେ ଭଲା ! ମୋର ଗୋଟାଏ ଆନନ୍ଦ କ'ଣ ହେବ ପୁଅ ! ଯେଉଁଦିନୁ ହାତରୁ କାଢ଼ ଯାଇଛି ସେହି ଦିନୁ ମୋର ସବୁ ସରିଛି ।' ଶ୍ରୀକାନ୍ତ ଆଶ୍ୱାସନା ଦେଇ କହନ୍ତି, 'ଆହା···ହା ! ସେପରି କହନ୍ତି, ନୂଆବୋଉ ! ଏହା ତ ସଂସାରର ନିୟମ । ଝିଅ ହୋଇ ବାପର ସ୍ନେହ ଆଦର, ପତ୍ନୀ ହୋଇ ପତିର ପ୍ରେମ ପ୍ରୀତି ପୁଣି ମାତା ହୋଇ ପୁତ୍ର ଓ ପୁତ୍ରବଧୂର ସୋହାଗ ଲାଭ କରିବା ସବୁ ନାରୀ ଜୀବନରେ ଘଟେ ନାହିଁ, ନୂଆବୋଉ ! ସ୍ତ୍ରୀ ପକ୍ଷେ ଏହାହିଁ ଯେ ଗୌରବର କଥା ।' ପଦ୍ମାବତୀ ବାଷ୍ପରୁଦ୍ଧ କଣ୍ଠରେ ଉତ୍ତର

ହଅନ୍ତି, 'ହଁ···ପୁଅ, ତମର ଯୋଗୁଁ ସିନା ମୋର ସବୁ କଥା ।' ଶ୍ରୀକାନ୍ତଙ୍କର ଗୁମ୍ଫ କୁଣ୍ଡେ ଫୁଲଯାଏ । ଏଭଳି ସମୟରେ ଇନ୍ଦ୍ରା କକାଙ୍କୁ ଓଳଗି ହୋଇ ଦୁଇଟି ପାନଖିଲ ବଢ଼ାଇଦିଏ । ଶ୍ରୀକାନ୍ତ ମହାନନ୍ଦରେ ଗ୍ରହଣ କରନ୍ତି ପୁଣି ଆଶୀର୍ବାଦ କରନ୍ତି, 'ମା ମୋର ! ସୌଭାଗ୍ୟବତୀ ହୁଅ ।' ଇନ୍ଦ୍ରାଠାରୁ ଏଇତକ ଆଦର ଅଭ୍ୟର୍ଥନା ପାଇଁ କେବଳ ଶ୍ରୀକାନ୍ତ ନିତ୍ୟନିୟମିତ ଦୌଡ଼ି ଆସନ୍ତି । ପୁତ୍ରବଧୂକୁ ଦେଖି ପଦ୍ମାବତୀ ଆଖିରୁ ଲୁହ ପୋଛି ହୁଅନ୍ତି । କହନ୍ତି—'ମା ମୋର କଳା ହୋଇଗଲଣି ।' ବେଳେବେଳେ ଶ୍ରୀକାନ୍ତ ପଦ୍ମାବତୀଙ୍କୁ କହନ୍ତି, 'ନୂଆବୋଉ ! ସୂର୍ଯ୍ୟକାନ୍ତକୁ ଦେବନାହିଁ ? ମୁଁ ଆଉ ଏପରି କେତେକାଳ ଚାହିଁ ରହିଥିବ ?' ପଦ୍ମାବତୀ କହନ୍ତି, 'ହଁ, ସେ ତମର ପୁଅ ।'

ବେଳେବେଳେ ଠିକ୍ ଏପରି ସମୟରେ ଅଖିଆ ଅପିଆ ଭୋକରେ ସୂର୍ଯ୍ୟକାନ୍ତ ବ୍ରହ୍ମପୁରରୁ ଫେରିଆସେ । ନୂଆବୋଉ ନିକଟକୁ ଚାଲିଯାଇ କହେ—ନୂଆବୋଉ···ଜଳଖିଆ ! ଶ୍ରୀକାନ୍ତ ଡାକନ୍ତି, 'ବାପ ! ଏଣେ ଆଇଲୁ···।' ସୂର୍ଯ୍ୟକାନ୍ତ କକା ନିକଟରେ ବସିଯାଏ । ଶ୍ରୀକାନ୍ତ କହନ୍ତି, 'ବାପ ! କେତେ ଶୁଖିଲା ହେଲୁଣି । ଏମିତି ଖରାତରାରେ ବୁଲୁଛୁ କାହିଁକି ? ଘରେ ବସି ପଢ଼ାପଢ଼ି କର । ଆ, ଆମ ଘରକୁ ଯିବା । ତୁ ପରା ମୋର ପୁଅ ! ମୋର ଘର କ'ଣ, ସେ ଯେ ତୋର ଘର ।' ସୂର୍ଯ୍ୟକାନ୍ତ 'ହଁ, ଆସୁଛି କକା' କହି ନୂଆବୋଉ ନିକଟକୁ ଚାଲିଯାଏ । କହେ, 'ନୂଆବୋଉ, ଭାରି ଭୋକ ହେଉଛି···ଜଳଖିଆ !' ଇନ୍ଦ୍ରା କହେ, 'ତମେ ଆଜିକାଲି ଭାରି ଦୁଷ୍ଟ ହେଲଣି, କାନ୍ତପୁଅ ! ଏତେ ବେଳ ପର୍ଯ୍ୟନ୍ତ ଅଖିଆ ଅପିଆ କେଉଁଠି ଥିଲ ଶୁଣେ ? କେଉଁ ପ୍ରେମିକା ତୁମକୁ ବାନ୍ଧି କରି ଦେଇଛି··· ?' ସୂର୍ଯ୍ୟକାନ୍ତ ହସି ହସି କହେ, 'ତମେ···ତମେ' ।

ବାହାରୁ ଶ୍ରୀକାନ୍ତ ଡାକନ୍ତି, 'ସୂର୍ଯ୍ୟ···ସୂର୍ଯ୍ୟ' । ସୂର୍ଯ୍ୟକାନ୍ତ ଭଉଜଙ୍କ ହାତରୁ ତରତର ଜଳଖିଆ ଦି'ଟା ଖାଇଦେଇ ଚାଲିଯାଏ ।

ବେଳେବେଳେ ଶ୍ରୀକାନ୍ତ ରାତି ପାହୁପାହୁ ନୂଆବୋଉ···ନୂଆବୋଉ ଡାକି ହାଜର ହୋଇଯାନ୍ତି । ପଚାରନ୍ତି, 'କହ ନୂଆବୋଉ, ସୂର୍ଯ୍ୟକାନ୍ତ କେବେ ମୋର ହେବ ?' ପଦ୍ମାବତୀ କହନ୍ତି, 'ସେ ଯେ ତୁମରି ପୁଅ । ବିଶ୍ୱାସ କରୁନା ?' ଶ୍ରୀକାନ୍ତ ଜବାବ ଦିଅନ୍ତି, 'ନାହିଁ ନୂଆବୋଉ, ମୁଁ ଆଉ କେତେ କାଳ ବଞ୍ଚିବି ? ଦେଖୁଛ, ମୋ ଆଗରେ କେତେ ଲୋକ ଚାଲି ଯାଉଛନ୍ତି । ଦେଖୁ ଦେଖୁ ମୋ ବୟସର ସାଥୀ ସ୍ନେହୀ ଚାଲିଗଲେ । ନୂଆବୋଉ ! ସତ୍ୟ ସଙ୍ଗେ କଥା ହୋଇ କ'ଣ ଗୋଟାଏ ନିଷ୍ପତ୍ତି କରିଦିଅ ।' ସେ ଦେଖନ୍ତି ସକାଳ ପ୍ରହରୁ ଇନ୍ଦ୍ରା ଘରକାମରେ ବ୍ୟସ୍ତ । ଘର ଅଗଣା ଝାଡ଼ୁ କରିବାଠାରୁ ବାସନମଜା ପର୍ଯ୍ୟନ୍ତ, ଗୋବରପାଣି ପକାଇବା ଠାରୁ ଶାଶୁ ଦିଅରର ବାସି ଶେଯ ଉଠାଇବା ପର୍ଯ୍ୟନ୍ତ ବଡ଼ ଖୁସି ମନରେ ସେ କରିଚାଲିଛି । ଏସବୁ ଦେଖି ଶ୍ରୀକାନ୍ତ କହନ୍ତି, 'ନୂଆବୋଉ ! ତମେ ଯାହା କହ, ମୋତେ ଭାରି କଷ୍ଟ ବୋଧ ହେଉଛି । ପିଲାଟା ଏସବୁ କାମକୁ ପାରିବ ତ ? ଚାକର ଚାକରାଣୀ ଦୁଇଟି ରଖୁନାହଁ କାହିଁକି ?' ପଦ୍ମାବତୀ କହନ୍ତି, 'ହଁ ହେ ପୁଅ, ମୁଁ ପରା କେତେଥର କହିଲିଣି । କ'ଣ କରିବ ?' ଶ୍ରୀକାନ୍ତ ଟିକେ ବିକଳ କଣ୍ଠରେ କହନ୍ତି, 'ଆହା···ହା ! କେଡ଼େ ଘର ଝିଅ । ସ୍ୱାଇଁ ଘର ନାମ ଧରିଲେ ଗର୍ଭିଣୀ ଗାଈ ବାଟ ଦେବ । ଆଚ୍ଛା ନୂଆବୋଉ, ସତ୍ୟଟା ଏମିତି ବୁଦ୍ଧି କେବେ ଛାଡ଼ିବ କହ ତ ? ସେ ଭାରି ଭଲ ପିଲା । ମୁଁ ନାହିଁ କରିପାରିବି ନାହିଁ । ତେବେ ଏ ସଂସାରର କଥା ସେ କିଛି ଜାଣେନା । ଗୋଟାଏ ଆଦର୍ଶର ମୋହରେ ସେ ଯେପରି ଖାଣ୍ଟି ସୁବର୍ଣ୍ଣ ପାଲଟିବା ପାଇଁ ବସିଛି ।

ସାଂସାରିକ ଅବସ୍ଥାକୁ ସେ ସବୁ ସୁହାଇବ ନାହିଁ, ନୂଆବୋଉ ! ଦେଖୁଛ—ଲୋକେ ଯେ କୌଣସି ଉପାୟରେ ପଇସାଟିଏ ଆଦାୟ କରିବା ପାଇଁ କେତେ ଛଟପଟ । ଘରସଂସାର କରି ମଣିଷ ସବୁବେଳେ ଗୋଟାଏ ଆଦର୍ଶ ପଛରେ ଧାଇଁଲେ କ'ଣ ଜୀବନ ସୁଖମୟ ହେବ, ନୂଆବୋଉ ? ଶୁଣୁଛ ପରା ! ସ୍ୱାଇଁ ଘର ଝିଅ । କ'ଣ ଅଭାବ ଥିଲା । ଧନ-ରତ୍ନ, ଖଟ-ପଲଙ୍କ, ଗାଈ-ମଇଁଷିରେ ଘର ପୂର୍ଣ୍ଣ ହୋଇଥାନ୍ତା । ସ୍ୱାଇଁ ଆପଣେ ସେ ସବୁ ଲାଗି ଆଗରୁ ବନ୍ଦୋବସ୍ତ କରିଥିଲେ । ସତ୍ୟବ୍ରତ କହିଲା କ'ଣ ନା—ଯଦି ସେସବୁ ଦେବାପାଇଁ ସ୍ୱାଇଁ ଆପଣେ ଜିଗର ଧରିବେ, ସେ ବରଂ ବାହା ହେବା ପାଇଁ ପ୍ରସ୍ତୁତ ନୁହେଁ । ସେ ଧନ-ରତ୍ନକୁ ବିବାହ କରିବ ନାହିଁ । ଧନଗର୍ବରେ ଗୃହିଣୀ ଜୀବନ ଛାରଖାର ହୋଇଯାଏ… ବିଷମୟ ହୁଏ । ଏଣୁ କାଳସର୍ପର ବିଷଦାନ୍ତ ଭାଙ୍ଗି ଯେପରି ତା'କୁ କୁସୁମମାଳା ପରି ବ୍ୟବହାର କରାଯାଏ, ସେପରି କନ୍ୟାପକ୍ଷରୁ ପାହୁଲଟିଏ ସୁଦ୍ଧା ଗ୍ରହଣ ନକରି ସେ କନ୍ୟାକୁ ହିଁ ନିଜର କରିବା ଚାହେଁ । ଶୁଣିଲ ନୂଆବୋଉ, ଲକ୍ଷ୍ମୀଙ୍କୁ ଏମିତି ଗୋଡ଼ରେ ଆଡ଼େଇ ଦେବା ଉଚିତ ନଥିଲା ।' ପଦ୍ମାବତୀ ଚିନ୍ତାକରି କହନ୍ତି, 'ହଁ ପୁଅ ! ଆଜିକାଲିକା ଟୋକାଙ୍କୁ କିଏ ବୁଦ୍ଧି ବତାଇବ ? ଯାହା କରନ୍ତି, ତାଙ୍କରି ଇଚ୍ଛା ।' ଶ୍ରୀକାନ୍ତ କହନ୍ତି, 'ତେବେ ଯେତେ କହ ନୂଆବୋଉ ! ମୋ ସୂର୍ଯ୍ୟକାନ୍ତଟି ସେମିତି ନୁହେଁ । ସେ ଭଲରେ ଘର କରିବ । ନୁହେଁ ? କହ ନୂଆବୋଉ, ସୂର୍ଯ୍ୟ ମୋର କେବେ ମୋର ହେବ ?' ପଦ୍ମାବତୀ କହନ୍ତି, 'ଆଉ ଅଳ୍ପଦିନ ବାକି, ପୁଅ ! ଆଜି ହିଁ ସତ୍ୟକୁ ପଚାରି ସବୁ ଠିକ୍ କରିଦେବି ।'

## ଛ’

**ଆ**ଜିକାଲି ଇନ୍ଦ୍ରାର ଏକ କଥା···ଜିଦ୍—ସୂର୍ଯ୍ୟକାନ୍ତର ଉପଯୁକ୍ତ ବୟସ ହେଲଣି, ବିବାହ କରିବାକୁ ହେବ । ସେ ସୂର୍ଯ୍ୟକାନ୍ତକୁ ବହୁବାର କହେ, ‘କାନ୍ତପୁଅ, କହ···କହ ତୁମର ମତ କ’ଣ । ତୁମେ ବିବାହ ପାଇଁ ପ୍ରସ୍ତୁତ କି ନା ?’

ନୂଆବୋଉ ! ଏତେ ତରବର କାହିଁକି ? ଟିକେ ଅପେକ୍ଷା କର । ମୁଁ ତ ବୁଢ଼ା ହେଇ ଯାଉ ନାହିଁ··· ।

ନା, ନା, ତୁମେ ଚଞ୍ଚଳ ବାହା ହେବାକୁ ହେବ । ତୁମ ପାଇଁ ମୋ ଅନ୍ତର ବିଶେଷ ବ୍ୟାକୁଳ ହେଉଛି । କହ, କାହାକୁ ତୁମେ ପସନ୍ଦ କରିଛ ?

ହଁ···ହଁ, ମନୋମାତ କରିଛି··· ।

‘କାହାକୁ··· ?’ କହି ଇନ୍ଦ୍ରା ହସହସ ମୁହଁରେ ସୂର୍ଯ୍ୟକାନ୍ତ ନିକଟକୁ ଆସେ ।

ତ...ମ...କୁ... ।

ସତେ ? ମୋତେ ପସନ୍ଦ କରୁଛ... ? ତେବେ ଡେ଼ରି କାହିଁକି... ? ଯାଉଛି ନନାଙ୍କୁ କହି ସବୁ ବନ୍ଦୋବସ୍ତ କରିନେବି ।

ନା...ନା...ନୂଆବୋଉ, ଜୁହାର କରୁଛି... । କହନି... କହନି... ।

କେତେ ଗ୍ଲେପରି ବାହାର କରୁଛ ତମେ, କାନ୍ତପୁଅ ! ତମେ ଆଜକାଲ ଖୁ'ବ ରସିକ ପାଲଟି ଗଲଣିନା !

ହିଁ...ହିଁ...ତୁମରି ଯୋଗୁଁ, ନୂଆବୋଉ ! ଖାଲି ତୁମରି ଯୋଗୁଁ ମୋର ଯେତେ ରସିକତା... ।

ସତେ... ? କାହାପାଇଁ ମୁଁ କ'ଣ ଜାଣିନି... ? ହଉ, ରହ ରହ... । ନନା ମଧ ଜାଣିଲେଣି ଯେ... ।

ଏଁ...ଏଁ...ନୂଆବୋଉ ତୁମେ ଜାଣିଛ... ? ନନା ଜାଣିଛନ୍ତି... ? ମିଛକଥା... ।

ଶୁଣେ ସେଦିନ କମିଜ ପକେଟ୍‌ରେ କା'ର ଫୋଟ ଖଣ୍ଡିଏ ଥିଲା ପୁଣି ଗତକାଲି କା'ର ଚିଠି ଖଣ୍ଡେ ଥିଲା... ?

ତୁମେ କପରି ଦେଖିଲ ନୂଆବୋଉ... ? ସତ କହ, ନନା ଦେଖିଛନ୍ତି... ?

ନାହିଁ କାନ୍ତପୁଅ... ! ମୁଁ କ'ଣ ସତେ ନନାଙ୍କୁ ଦେଖାନ୍ତି । ସେଥିପାଇଁ ପରା ପଚାରୁଛି, କହ, ସେ ଝିଅଟି ସଙ୍ଗେ ଯଦି ତୁମରି ଗୁପ୍ତଭାବ ଥାଏ ତେବେ ବିବାହ ପାଇଁ ମୁଁ ସମସ୍ତ ଆୟୋଜନ କରିଦେବି । ପ୍ରଥମେ କହ ସେ କିଏ... ?

କ୍ଷମା କରିବ, ନୂଆବୋଉ ! ଆଉ ତୁମ ନିକଟରେ ଲୁଚାଇବା ଲାଭ ନାହିଁ । ସେ ହେଉଛି, ପ୍ରଫେସର ମାଇତିଙ୍କର ଝିଅ । ଫୋର୍ଥ ଇୟାର୍ ପଢ଼େ ।

ରହ ରହ, ତୁମର ନବରଙ୍ଗ ବାହାର କରୁଛୁ··· ! ଏଇନେ ଡାକିବ ନନାଙ୍କୁ··· ? ଇନ୍ଦ୍ରା ହସିଉଠେ ।

ଜୁହାର କରୁଛୁ, ନୂଆବୋଉ ! ତୁମେ ଯାହା କହିବ କରିବ ।

କରିବ···କରିବ ? ତେବେ ଚାଲ, ମୁଁ ପ୍ରଥମେ ତୁମ ପ୍ରେମମୟୀଙ୍କୁ ଦେଖି ଆସିବି । ତେବେ ଯାଇ ସବୁକଥା··· ।

ତେବେ ଉପାୟ···ଉପାୟ··· ।

ଠିକ୍ ଏପରି ସମୟରେ ସତ୍ୟବ୍ରତ ଘର ଭିତରକୁ ଚାଲି ଆସେ । ସୂର୍ଯ୍ୟକାନ୍ତ ଭୟେ ଭୟେ ଧୀରେ ଧୀରେ ଅପଘର ବାହାରକୁ ଚାଲିଯାଏ !

ସତ୍ୟବ୍ରତ ପଚାରେ—ଦିଅର ଭାଉଜଙ୍କର ବ'ଣ ମଜଲିସ୍ ହେଉଛିନା··· ?

ଇନ୍ଦ୍ରା ଉଚ୍ଚ କଣ୍ଠରେ କହେ—ହଁ···ହଁ, ମଜଲିସ୍ ତ ଚାଲିଛି । ତେବେ ତୁମର ରସିକ ଭାଇଙ୍କର ସବୁକଥା ଶୁଣିଲଣି ଏଣେ··· ?

କ'ଣ କହୁନା !

ସୂର୍ଯ୍ୟକାନ୍ତ ବାହାର ପିଣ୍ଡା ଖମ୍ବ ଆଡୁଆଳରେ ରହି ନୂଆବୋଉ ପ୍ରତି ହାତଠାରି କହେ—ନାହିଁ···ନାହିଁ, ନୂଆବୋଉ···।

ଇନ୍ଦ୍ରା କଥାଟାକୁ ବାଙ୍କେଇ କହିଦିଏ, "ଶୁଣିଲ ! ମୁଁ ପଚାରିଲି—'କହ, ତୁମେ କାହାକୁ ବାହା ହେବା ପସନ୍ଦ କରିଛ ?' କହୁଛନ୍ତି ସେ କୁଆଡ଼େ ମୋତେ ପସନ୍ଦ କରିଛନ୍ତି । କ'ଣ କହୁଛ··· ?"

ସତେ··· ? ତେବେ ଘରେ ଘରେ ତ ବିବାହଟା ହୋଇଯିବ । ଖରଚ ମଧ୍ୟ କମ ହେବ । ମନ୍ଦ କ'ଣ ?

ଆଉ ତମେ··· ?

କ, ହେଲା କଣ··· ? ତୁମେ ତ କେଉଁଆଡ଼େ ବୁଲିଯିବ ନାହିଁ··· ?

ତେବେ ମୁଁ କଣ ଦ୍ରୌପଦୀ ହେବି··· ? ଇନ୍ଦ୍ରା କୁରୁକୁରୁ ହସି ଉଠେ ।

ନା···ନା···ତା'ଙ୍କର ଯେ ପାଞ୍ଚଜଣ··· । ଆଉ ତୁମର··· ? କହି ସତ୍ୟବ୍ରତ ମଧ୍ୟ ହସିଦିଏ ।

ଯା ! ତୁମର ଯେଉଁ କଥା ! ସେ ମୋର କାନ୍ତପୁଅ··· ! ତୁମେ ପୁରୁଷଗୁଡ଼ା ଯେଉଁ ଅଲାଜୁକ··· ?

ସତ୍ୟବ୍ରତ ହସି ହସି କହେ, ଆଚ୍ଛା, ଇନ୍ଦ୍ରା ! ସୂର୍ଯ୍ୟର ବାହାଘର କରିବା ପରା ? କ'ଣ, ବନ୍ଦୋବସ୍ତ କଲଣି ?

ହଁ ସେଇକଥା ପରା କହୁଛି··· ।

ମୁଁ କଣ ତମ କଥାରେ ଅରାଜି ହେଉଛି ଇନ୍ଦ୍ରା ! ସୂର୍ଯ୍ୟକୁ ପଚାରି ସବୁ ଠିକ୍ କର ।

ତେବେ କାନ୍ତପୁଅ ସଙ୍ଗେ ମୁଁ ଆଜି ବ୍ରହ୍ମପୁର ଯିବି । ସିନେମା ଦେଖି ଆସିବି··· ।

କାହିଁକି ? ଏ ତ ନୂଆ କଥା !

ବିଶେଷ କାମ ଅଛି । ଫେରିଲେ କହିବି ସେ··· ।

ତେବେ ମୁଁ କଣ ନାହିଁ କରୁଛି ?

ଠିକ୍ ସାଢ଼େ ପାଞ୍ଚଟା ସମୟରେ ସୂର୍ଯ୍ୟକାନ୍ତ ଓ ଇନ୍ଦ୍ରା ପ୍ରଫେସର ମାଇତିଙ୍କ ଗୃହରେ ପ୍ରବେଶ ହେଲେ । ପ୍ରଫେସର୍ ମାଇତି··· । ଆଧୁନିକତାକୁହିଁ ବିଶେଷ ପସନ୍ଦ କରନ୍ତି । ସୂର୍ଯ୍ୟକାନ୍ତଙ୍କୁ ଢ଼େ'ର ଭଲ ପା'ନ୍ତି । ସେହି ଭଲ ପାଇବାର ସୁବିଧା ନେଇ କେବଳ ସୂର୍ଯ୍ୟକାନ୍ତ ପ୍ରଫେସର ମାଇତିଙ୍କ ଘରେ ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ

କରିବା ପାଇଁ ସୁଯୋଗ ପାଇଛି । ମାଇତିଙ୍କର ଏକମାତ୍ର ଝିଅ ସୁନନ୍ଦା ଅତି ଆଧୁନିକା । ତରୁଣୀ···ରୂପବତୀ···ଶିକ୍ଷିତା । ମାଇତି ଦମ୍ପତିଙ୍କର ଅଲଅଲ କୁମାରୀ ସେ । ଘରକର ଘରକରଣୀର ଅଭାବ ନାହିଁ । ସହରର ଜାଗା । ସେ ଟେନିସ୍, ବେଡ଼୍‌ମିଣ୍ଟନ୍ ଠାରୁ ଆରମ୍ଭ କରି କାରେମ୍, ବ୍ରିଜ୍, ଟେବଲ୍ ଟେନିସ୍ ଖେଳେ । କ୍ଲବ୍‌କୁ ଯାଏ । କୌଣସିଥିରେ ତା'ର ପ୍ରତିବନ୍ଧକ ନାହିଁ । ପ୍ରଫେସର୍ ମଧ୍ୟ ଝିଅର ଚାଲିଚଳନ ମିଶାମେଲାପକୁ ପସନ୍ଦ କରନ୍ତି । ସୁନନ୍ଦାର ଅନେକ ଯୁବକ ଯୁବତୀ ବନ୍ଧୁ ମାଇତିଙ୍କ ଘରକୁ ଆସନ୍ତି । ବେଳେବେଳେ ଜଳଯୋଗ, ହସତାମସାର ସୁର୍ ମଧ୍ୟ ଲାଗିଯାଏ ।

ସେ ଦିନ ସନ୍ଧ୍ୟାବେଳେ ସୂର୍ଯ୍ୟକାନ୍ତ, ଇନ୍ଦ୍ରା ଓ ସୁନନ୍ଦା ସିନେମା ଦେଖିଯିବା ପାଇଁ ବାହାରି ପଡ଼ିଲେ । ଆଜି ସୂର୍ଯ୍ୟକାନ୍ତର ମନ ଖୁବ୍ ଉତ୍ଫୁଲ୍ଲ । 'ସତେ ସୁନନ୍ଦା ତା'ର ହେବ ? ଇନ୍ଦ୍ରା ମନରେ ନାନା ଜିଜ୍ଞାସା···ପ୍ରଶ୍ନ । ସୁନନ୍ଦା କ'ଣ ସତେ ତା'ର ଜା' ହେବାର ଯୋଗ୍ୟା ? ସେ କ'ଣ ସତେ ବୋଉ, ଜେଜେ ଓ ଦେଢ଼ଶୁରଙ୍କୁ ସନ୍ତୋଷ କରିପାରିବ ? ଇନ୍ଦ୍ରାର କଥା ଅଲଗା । ଯେ କୌଣସି ପରିସ୍ଥିତିରେ ସେ ନିଜକୁ ସଜାଡ଼ି ନେଇ ପାରିବ ମିଶି ଖାପଖୁଆଇ ଚଳିପାରିବ । କିନ୍ତୁ ଅନ୍ୟମାନେ ? ବୋଉ···ଜେଜେ··· ଦେଢ଼ଶୁର । ପରମୁହୂର୍ତ୍ତରେ ସେ ମନେ ମନେ ଭାବେ— ଯେତେବେଳେ ସୂର୍ଯ୍ୟକାନ୍ତର ମନୋମୀତ ହୋଇଛି ତେବେ ଅନ୍ୟାନ୍ୟ ସମସ୍ତ ବିଷୟକୁ ଦୃଷ୍ଟିଦେବା ଉଚିତ ନୁହେଁ । ସୁନନ୍ଦା ସୂର୍ଯ୍ୟକାନ୍ତର ଦେହକୁ ଲାଗି ହାତ ଧରି ସିନେମା ଘରେ ପ୍ରବେଶ କଲା । ଇନ୍ଦ୍ରା ପଛେ ପଛେ ଚାଲିଲା । ସୂର୍ଯ୍ୟକାନ୍ତ ପଛକୁ ମୁହଁ ଫେରାଇ କହିଲା, 'ନୂଆବୋଉ ! ଚଞ୍ଚଳ ଚାଲିଆସ । ତେଣେ ଖେଳ ଯେ ଆରମ୍ଭ ହେବା ଉପରେ ।'

ସିନେମା ଶେଷ ହେବା ପରେ ପରେ ତିନହେଁ ମାଇତିଙ୍କ ଘରକୁ ଲେଉଟି ଆସିଲେ । ପ୍ରଫେସର ମାଇତି ପୁଣି ମାଇତି ଗୃହିଣୀ ସୂର୍ଯ୍ୟକାନ୍ତ ପୁଣି ଇନ୍ଦ୍ରାଙ୍କୁ ଅଖିଆ ଅପିଆ ଛାଡ଼ ଦେବା ପାଇଁ ରାଜି ହେଲେ ନାହିଁ । ସମସ୍ତ ବନ୍ଦୋବସ୍ତ ଚାଲିଲା ! ସୁନନ୍ଦା ହସି ହସି ଇନ୍ଦ୍ରା ନିକଟରେ ପହଞ୍ଚି, କହିଲା—ଅପା ! ତମେ ସତେ ପର କରିଦେଉଛ ! ନଖାଇ ନପିଇ ଚାଲିଯିବ ! ନା, ନା, ସେପରି ହେବନାହିଁ । ନିଶ୍ଚୟ ଗଣ୍ଡେ ଖାଇବାକୁ ହେବ ।

ହେଉ, ତୋର କଥା ହେଉ, ସୁନନ୍ଦା ! ତୁ ଯେ ମୋର ଶ୍ରେଷ୍ଠ ଭଉଣୀ··· ।

ସତେ···ସତେ ଅପା··· ! ସୁନନ୍ଦାର କଥା ଅର୍ଦ୍ଧୋକ୍ତିରେ ହିଁ ଅଟକିଗଲା ।

ଖାଇ ପିଇ ସୂର୍ଯ୍ୟକାନ୍ତ ଓ ଇନ୍ଦ୍ରା ପ୍ରଫେସର ମାଇତିଙ୍କ ମୋଟର ଯୋଗେ ନିଜ ଘରକୁ ଫେରିଲେ । ମୋଟର ଘର୍‌ଘର୍ ଛୁଟିଲା । ଅଧପଥରେ ଇନ୍ଦ୍ରା କହିଲା, 'କାନ୍ତପୁଅ ! ଝିଅଟି ବେଶ୍ ମେଳାପି । କିନ୍ତୁ ଆମ ସେଠାର ଅବହାଓ୍ୱାକୁ ସୁହାଇବ କି ନାହିଁ··· । ହିଁ•••ଯେତେବେଳେ ତୁମ ମନକୁ ପାଉଛି··· ।

ନାଁ··· ! ନୂଆବୋଉ ! ମୁଁ ତୁମ ନିକଟରେ ଫିଟାଇ କହୁଛି—ସୁନନ୍ଦା ବିନା ମୋ ଜୀବନ··· । ସୂର୍ଯ୍ୟକାନ୍ତର କଥା ଅଟକିଗଲା ।

ମୋଟର ଆସି ଘର ସାମନାରେ ହାଜର ହେଲା ।

# ସାତ

**ଆ**ଶାହିଁ ମାନବ ଜୀବନକୁ ବଞ୍ଚାଇପାରେ ପୁଣି ଆଶାହିଁ ମାନବର ସାରା ଜୀବନଟା ଜାଳି ପୋଡ଼ିଦିଏ । ଆଶାର ସମ୍ମୋହନ ସ୍ପର୍ଶରେ ମାନବ ମନ ଯେତିକି ହସେ ସେତିକି କାନ୍ଦଉଠେ । ଆଶା ବିନା ଜୀବନ ଯେପରି ମିଥ୍ୟା, ମୃତ୍ୟୁ ମଧ୍ୟ ସେହିପରି ମିଥ୍ୟା । ଆଜି ଯଦି ଜଗତରୁ ଆଶାକୁ ବିତାଡ଼ିତ କରିଯାଏ, ତେବେ ଜଗତର ପ୍ରଗତି, ମାନବର କର୍ମପ୍ରେରଣା ଏକାବେଳକେ ବାଧା ପାଇବ । ଆଶା ବିନା ସୃଷ୍ଟି ଯେପରି ଅସମ୍ଭବ, ବିଲୟ ତା'ଠାରୁ ବଳି ଅସମ୍ଭବ । ଆଶାର ତାଡ଼ନା ଏପରି ସମୟ ଆଣେ, ମାନବ ନିଜର ଲୋକକୁ ଶତ୍ରୁରୂପେ ବିବେଚିତ କରେ ପୁଣି ଶତ୍ରୁ ନିମିଷକେ ଆପଣାର ହୁଏ ।

ଶ୍ରୀକାନ୍ତ ନିଜ କପାଳରେ ହାତ ମାରିମାରି କହିଲେ, 'ନୂଆବୋଉ, ନୂଆବୋଉ, କ'ଣ କଲ ତମେ ! ଏତେବଡ଼

ଆଭିଜାତ୍ୟରେ କଳଙ୍କ ଲଗାଇଲ ! ତୁମେ ଖାଇଁ ଥାଉଥାଉ କାହିଁକି ଭଲ ଏ ନନ୍ଦା ରଟନା ? ଓ ୍ହୋ ! କି କାଳ ହେଲା ! ହଇହେ, ଭେଣ୍ଡା ଦଅର ସଙ୍ଗେ ଯୁବତୀ ଭାଉଜ ସିନେମା ଦେଖିଗଲା ! ଏ ଦାଣ୍ଡରେ ଯାହା ହୁଉ··· ।'

ମୁଁ କ'ଣ କରିବ ହେ ପୁଅ ! ମୁଁ କ'ଣ କରିବ ? ମୋ କଥା କ'ଣ କଏ ଶୁଣୁଛନ୍ତି ··? ଯାହା ତା'ଙ୍କର ଇଚ୍ଛା··· ।

ନୂଆବୋଉ, ମୁଁ ତମ ଗୋଡ଼ ଧରୁଛି, ମୋତେ ବିଷ ଟିକେ ଦେଇଦଅ । ଓ···ହୋ ! ଗାଁ ଲୋକେ ଯାହା ନନ୍ଦା କରୁଛନ୍ତି । ଶ୍ରୀବତ୍ସର ପୁଅ···ବୋଉ···ସବୁ ମାନ ଅଭିମାନ ଚାଲେ ଚଢ଼ିଲା । ହଇହେ ନୂଆବୋଉ ! ମୁଁ କ'ଣ ଆଜି ଗୋଟାଏ ନୂଆକଥା ଶୁଣୁଛି, ସୂର୍ଯ୍ୟକାନ୍ତ ପରି ଜଣେ ବଙ୍ଗାଳ ଘରେ କୁଆଡ଼େ ବାହା ହେଉଛି ? ସବୁ ଠିକ୍ ହେଲାଣି ! କ'ଣ ଏ କଥା··· ?

ହଁ ହେ ପୁଅ ! ମୁଁ ସେ ସବୁ କଥା କିଛି ଜାଣେ ନାହିଁ । ପୁଅ ବୋହୂର ଘର ! ସେମାନେ ଯାହା କଲେ । ମୋର କଥା କ'ଣ ରହିବ ? ଯାହା ବୋଲ··· ।

ଓ···ହୋ···ହୋ ! ନୂଆବୋଉ, ମୋତେ କମିତି ଲାଗୁଛି··· ଉଁ··· । ଆଚ୍ଛା, ସୂର୍ଯ୍ୟକାନ୍ତ ପରି ମୋର ପୁଅ ? କାହିଁ ଆଜଯାଏ କୌଣସି କଥା ଛିଡ଼ିଲା ନାହିଁ ତ ?

'କ'ଣ କକା, ଆଜି ଅବେଳଟାରେ ଯେ—? କହି' ସତ୍ୟବ୍ରତ ଉପସ୍ଥିତ ହେଲା ।

ଓଃ ହୋ ! ଆସିଲୁ ବାପ ! ଶୁଣୁଛୁ ତ ସବୁକଥା । ଗାଁ ଲୋକେ କ'ଣ କହୁଛନ୍ତି । ହଇରେ ସତ୍ୟ, ତୁ ଜାଣିବା ପିଲା ହୋଇ ଭେଣ୍ଡା ଦଅର ସଙ୍ଗେ ବୋଉଠାକୁ ସିନେମା ଦେଖି ପଠାଇଥିଲୁ ?

ହୁଁ ହେଲା କଣ ? ଜାତି ଗଲା··· ?

ଉଃ ହୋ ! କାନ କ'ଣ ଶୁଣିଲା··· । ବାପ, ତା' ପୂର୍ବରୁ ମୋତେ ଆଜ ତୋ ବୋଉକୁ ହତ୍ୟା କରଦେଇ ଥାନ୍ତୁ, ବାପ··· !

କାହିଁକି ଏତେ ବ୍ୟସ୍ତ ହେଉଛନ୍ତ, କକା ? ସେଥିରେ କ'ଣ ପ୍ରଳୟ ହୋଇଗଲା ?

ଆଚ୍ଛା ପୁଅ ! ସୂର୍ଯ୍ୟକାନ୍ତ ପରା ମୋର ପୁଅ ! ଏବେ କୁଆଡ଼େ ସେ ଗୋଟାଏ ବଙ୍ଗାଳି ଘରେ ବାହା ହେଉଛୁ ବୋଲି ଶୁଣୁଛି !

ହଁ, କକା ! ପ୍ରଫେସର ମାଇତିଙ୍କ ଘରେ । ବିବାହ ଦିନ ସମସ୍ତେ ଯିବା··· ।

ନା···ନା ପୁଅ, ସେପରି କର ବାପ ନାଁରେ କଳଙ୍କ ଲଗାନା । ଆମର ବଂଶ ଆଭିଜାତ୍ୟକୁ ମାଟିଗୋଡ଼ ପର ଫିଙ୍ଗି ଦେ'ନା । ଆଚ୍ଛା ପୁଅ, ସୂର୍ଯ୍ୟ ତ ମୋର ପୁଅ । ମୁଁ ତା'ର ବାହା ସାହା ସକଳ କଥା ବୁଝିନ୍ତ । ତୁ କାହିଁକି ସେ ବିଷୟରେ ମୁଣ୍ଡ ଘୂରାଉଛୁ ?

ନାହିଁ କକା ! ଆମ ଘର କ'ଣ, ତମ ଘର କଣ ? ଆମେ ଦୁହେଁ କ'ଣ ତମର ପୁଅ ନୁହଁ ?

ନା···ନା, ସେପରି କରନା ବାପ ! ମୁଁ ବହୁଦିନୁ ଆଶା କରିଛି । ଦେଖେ ଦେଖେ, ତୋର କଥା ଶୁଣୁଶୁଣୁ ମୋ ଛାତିଟା କମିତି ଦପ ଦପ ହେଲା । ମୁଁ ସୂର୍ଯ୍ୟକାନ୍ତକୁ ନେଇଯିବି ।

କାହିଁକି ? ଆମେ ସମସ୍ତେ ତୁମ ଘରେ ଯାଇ ରହିବୁ, କକା ! ଏକା ସୂର୍ଯ୍ୟ କାହିଁକି··· ? ନାହିଁ କକା, ଆମେ ଅଛୁ ବା କେତେ ଜଣ ? ମୋର ଏକମାତ୍ର ଭାଇ··· ।

ଓଃ ହୋ ! ନୂଆବୋଉ, ନୂଆବୋଉ ! ଶେଷରେ ଏହାକୁଁ ଘାବରିଥିଲ ! ଆଚ୍ଛା ନୂଆବୋଉ ! ଦେଖ, ଏ ବୁଢ଼ାର ଶକ୍ତି ସାମର୍ଥ୍ୟ ଥିବାଯାଏ ହାକିମ ହେଲେ ମଧ୍ୟ ବଳପଡ଼ି ପାରେନା··· । ଦେଖ, ମୁଁ ଯଦି ସୂର୍ଯ୍ୟକୁ ପୁଅ କରି ନ ନେଇଛି··· । ହୁଁ···କହି ଶ୍ରୀକାନ୍ତ ନିଶ ଉପରେ ହାତ ଦେଇ, ଲାଲ ଆଖି ଦେଖାଇ ପୃଷ୍ଠ ଫେରାଇ ଚାଲିଗଲେ··· ।

ହାଁ···ହାଁ କକା ! ରାଗ ହୁଅନି··· ।

କିଛି ସମୟ ପରେ ସୂର୍ଯ୍ୟକାନ୍ତ ବ୍ରହ୍ମପୁରରୁ ଫେରି ଘର ଭିତରକୁ ଯାଉଯାଉ କହିଲା, 'ନୂଆବୋଉ, ନୂଆବୋଉ, ଦେଖିଲଣି ଭଲ ରେକର୍ଡ଼ଟିଏ ଆଣିଛି !'

ହଁ, ଏଥର କେତେ ରଙ୍ଗ ବାହାରିବ··· ! ଆଚ୍ଛା, ମାଇଡ଼ଙ୍କ ଘରକୁ ଯାଇଥିଲ··· ?

ଏଆଡ଼େ ସେଆଡ଼େ ଚାହିଁ ଚୁପି ଚୁପି ସୂର୍ଯ୍ୟ କହିଲା—'ହଁ, ଯାଇଥିଲି ନୂଆବୋଉ ! ସୁନନ୍ଦା ପରା ନୂଆବର୍ଷ ଉପହାର ରୂପେ ତୁମକୁ ଏ ରେକର୍ଡ଼ଟି ଦେଇଛି··· !'

ସତେ··· ? ଆଉ ତୁମକୁ··· ?

ମୋତେ, କିଛି ନାହିଁ··· !

ହଁ···ଦେଇଥିବ ଗୋଟାଏ କଥା··· । ନୁହେଁ···ନୁହେଁ··· ?

କ'ଣ କହୁନା··· ?

କହିବ ଯଦି ନନାଙ୍କ ସାମ୍ନାରେ କହିବ । ହେଇଟି ଶୁଣିଲଣି···, ଇନ୍ଦ୍ରା ପାଟିକରେ ।

ନା···ନା, ଜୁହାର କରୁଛି ନୂଆବୋଉ··· ! ଇନ୍ଦ୍ରା ହସିଉଠେ ।

ଆର ଘରୁ ସତ୍ୟ 'କ'ଣ କ'ଣ' କହି ଉପସ୍ଥିତ ହୁଅନ୍ତି । ସୂର୍ଯ୍ୟକାନ୍ତ କହେ, 'ନାହିଁ, ନୂଆବୋଉ !' ଇନ୍ଦ୍ରା କହନ୍ତି,

'ଦେଖିଲଣି, ସୂର୍ଯ୍ୟ କହୁଛନ୍ତି—କକାଙ୍କୁ ଯାହା ତୁମେ ଜବାବ ଦେଇଛ ତାହା ଠିକ୍ ହୋଇଛି । ସେ ପୋଷ୍ୟପୁତ୍ର ହେବା ପସନ୍ଦ କରନ୍ତି ନାହିଁ··· ।'

ସତେ ? ଶୁଣିଲୁ ସୂର୍ଯ୍ୟ, କକାଙ୍କର ଆଜ ଭା'ର ରାଗ··· । ସେ ପ୍ରତିଜ୍ଞା କରି ଯାଇଛନ୍ତି, ସେ କଳେ ବଳେ କୌଶଳେ ତୋତେ ପୁଅ କରିନେବେ ହିଁ କରିନେବେ ।

ଆଚ୍ଛା ! ଦେଖାଯାଉ··· । ନନା ! ଏ ବୁଢ଼ାଯାକ ବଡ଼ ନଷ୍ଟ ପ୍ରକୃତିର ଲୋକ··· !

ହଁ···ହଁ ସେଇକଥା ପରା··· । ଖରାବେଳଟାରେ ଆସି ବୋଉ ଆଗରେ ଯାହା ହୋଇଛନ୍ତି ସେ । ତୋ ସଙ୍ଗେ ଇନ୍ଦ୍ରା ସିନେମା ଦେଖିଯିବାରୁ କୁଆଡ଼େ ଗାଁ ଲୋକେ ବାରକଥା କହୁଛନ୍ତି ପୁଣି ତୁ ବଙ୍ଗାଳୀ ଘରେ ବାହାହେଲେ କୁଆଡ଼େ ଜାତି ଯିବ··· ।

ହା···ହା ! ସେଗୁଡ଼ାକୁ କିଏ ଖାତିର କରୁଛି, ନନା !

ନାହିଁ···ନାହିଁ··· । ଆମ ଦୁଃଖ ସୁଖ ଆମକୁ । ଆଉ ଗାଁବାଲା କାହିଁକି ସେଥିରେ ମୁଣ୍ଡ ଘୂରାଇବେ ? କକା, ବୁଢ଼ା ମଧ୍ୟ କିଛି ନବୁଝି ନଶୁଝି, ଗାଁ ଲୋକଙ୍କୁ ବୁଝାଇ କହନ୍ତେ କ'ଣ, ଓଲଟି ଆମ ଆଗରେ ଆସି ବଖାଣି ହେଉଛନ୍ତି ।

ହଁ···ସେ ଗୁଡ଼ାକର ବୁଦ୍ଧି ସିମିତି··· ।

'ହଁ···ସେ କଥାରେ ଆମର ଯାଏ ଆସେ କ'ଣ ? ତୁମେ ଯାଇ କାନ୍ତପୁଅର ବାହାଘର ଦିନଟା ଠିକ୍ କରିଦେଇ ଆସ ।' ସତ୍ୟବ୍ରତଙ୍କୁ ଚାହିଁ ଇନ୍ଦ୍ରା କହିଲା ।

ସତ୍ୟ କହିଲା, 'ତାହା ତ ହେବ··· ।'

ହଁ ଆଜହିଁ ହେବା ଉଚିତ··· ।

ଉଚିତ··· ? ଓଃ, ଏ ଯେ ମିଲଟେର ଅର୍ଡ଼ର···ସଙ୍ଗେ ସଙ୍ଗେ କେର ଆଉଟ୍ !

ବାଇ ଅଲ୍ ମୀନ୍ସ ।

ଇଜ୍ ଇଟ୍··· ? ଯଦ୍ଧ ନହୁଏ··· ?

ଯଦ୍ଧ ନହୁଏ, ୧୪୪··· ।

ମାନେ··· !

ମାନେ··· ? ଦେଖିବ··· ? ଇନ୍ଦ୍ରା ସୂର୍ଯ୍ୟକାନ୍ତର ହାତ ଧରି ଟାଣିଆଣି କହନ୍ତି, 'ଦେଖ, ତୁମ ଭାଇଙ୍କର ଚେହେରା କେମିତି ହେଲଣି । କାହାର ପାଇଁ··· ? ସେହି ସୁନନ୍ଦା ।'

ଯା ! ତୁମେ ଭ'ରି ତ ଚଲାକ ! କହି ସତ୍ୟ ଗୁଳେଯା'ନ୍ତି ।

# ଆଠ

ସୂର୍ଯ୍ୟକାନ୍ତର ଚିର ଅଭିଳାଷ ପୂର୍ଣ୍ଣ ହୋଇଛି । ସୁନନ୍ଦା ଆଜି ତା'ର ପ୍ରେୟସୀ, ସହଚରୀ ଓ ଧର୍ମପତ୍ନୀରେ ପରିଣତ ହୋଇଛି । ଇନ୍ଦ୍ରା ମଧ୍ୟ ବିଶେଷ ଆନନ୍ଦିତ । କାନ୍ତପୁଅର ସୁଖ ସମ୍ପଦ ଯେ ତା'ର ଏକମାତ୍ର କାମନା··· । ଧନରତ୍ନ, ଟଙ୍କାପଇସା, ପାଟପଟମ୍ବା, ଖଟ ଆଲମାରୀ, କଂସା ପିତ୍ତଳ, ରେଡ଼ିଓ ଗ୍ରାମୋଫୋନ୍, ହାରମୋନିୟମ୍ ବେହେଲରେ ଘର ପୂର୍ଣ୍ଣ ହୋଇ ଯାଇଛି । ପ୍ରଫେସର ମାଇତିଙ୍କ ଏକମାତ୍ର ଝିଅ ସୁନନ୍ଦା । କଣ ଅଭାବ ତା'ର । ଏ ସକଳ ଭୁଲଟୌଲ ବାଦେ ଦୁଇଟି ଚାକରାଣୀ, ଗୋଟିଏ ବ୍ରାହ୍ମଣୀ ସୁନନ୍ଦାର ସେବାକାରିଣୀ ରୂପେ ଆସିଛନ୍ତି । ପ୍ରଫେସର ମାଇତି ଝିଅ ସଙ୍ଗେ ଏତେ ଧନରତ୍ନ ଦେଇ ମଧ୍ୟ ଯେପରି ନିଜ ମନକୁ ନିଜେ ସନ୍ତୁଷ୍ଟ କରି ପାରୁ ନାହାନ୍ତି···ବୁଝାଇ ପାରୁନାହାନ୍ତି । ଜୋଇଁକୁ ପାଞ୍ଚ ହଜାର ନଗଦ, ମୁଦି, ଓାଚ , ମୋଟର, ପାଟ ଯୌତୁକ ଦେଇ

ମଧ୍ୟ ସେ ସନ୍ତୁଷ୍ଟ ନୁହନ୍ତ । ମଣିଷ ଅତି ଆପଣାର ପ୍ରିୟାପ୍ରୀତି ନିକଟରେ ଅଯାଚିତ ଯେତେ ସ୍ନେହ ସୋହାଗ ଢାଳିଦେଇ ମଧ୍ୟ ଆତୁର···ଆତୁର ସ୍ନେହସୋହାଗ ଅଜାଡ଼ି ଦେବାପାଇଁ ପ୍ରସ୍ତୁତ ଥାଏ ।

ସୁନନ୍ଦା··· । ଆଧୁନିକା···ଶିକ୍ଷିତା···ରୂପବତୀ । ସେ ଆଧୁନିକତାର ପରିପାଟିରେ ନିଜ ଚାଲିଚଳନ, ସମସ୍ତ କ୍ରିୟାକଳାପ, ଘରଦ୍ୱାର ସାଜସଜ୍ଜା କରେ, ଉଚ୍ଚଶିକ୍ଷାର ଶିକ୍ଷିତ ବାୟୁମଣ୍ଡଳ ସୃଷ୍ଟିକରି ଘର ସାରା ଅଭିନବତ୍ୱ ରଙ୍ଗରେ ରସାଣିତ କରେ ପୁଣି ନିଜର ରୂପ ସୌନ୍ଦର୍ଯ୍ୟର ସମ୍ମୋହନ ପ୍ରଭାବରେ ଘରର ପ୍ରତ୍ୟେକଙ୍କୁ ଆପ୍ଲୁତ କରେ । ତା' ନିକଟରେ ସ୍ନେହ···ପ୍ରେମ ଭୟ···ଭକ୍ତିର ଅର୍ଥ ଅତି ଉଦ୍ଭଟ ଓ ଉଚ୍ଛୃଙ୍ଖଳ । ସ୍ନେହ···ପ୍ରେମ···ଭକ୍ତି···ଭୟର ଚକ୍ରରେ ବାନ୍ଧିହୋଇ ମାନବ ଜୀବନର ସ୍ୱାଧୀନତାକୁ କ୍ଷୁଣ୍ଣ କରିବା ତା' ମତରେ ଘୋର ଅନ୍ୟାୟ । ସେ ସ୍ନେହ···ପ୍ରେମର ସମ୍ମାନ କ'ଣ ଜାଣେ ନାହିଁ କି ଭକ୍ତି···ଭୟର ମୂଲ୍ୟ ବୁଝେନା । ବିଶେଷତଃ କଲେଜର ଶିକ୍ଷା ଜୀବନରେ ଏ ସମସ୍ତ ବିଷୟର ଅନୁଶୀଳନ ସମ୍ପୂର୍ଣ୍ଣ ଅସମ୍ଭବ ।

ସୂର୍ଯ୍ୟକାନ୍ତ ସୁନନ୍ଦାକୁ ଭଲପାଏ । ତା'ର ଢଳଢଳ ରୂପଯୌବନ, ଅଙ୍ଗଭଙ୍ଗୀ, ବେଶଭୂଷା ଦେଖି ସୂର୍ଯ୍ୟକାନ୍ତ ନିଜର ପରମ ସୌଭାଗ୍ୟ ମନେ କରେ । ବେଳେ ବେଳେ ଇନ୍ଦ୍ରା ନିକଟକୁ ଯାଇ କହେ, 'ନୂଆବୋଉ, ତୁମେ ବଡ଼ ମରହଟ୍ଟି ହୋଇଗଲଣି ।' ସୂର୍ଯ୍ୟକାନ୍ତର ଏ କଥାର ତାତ୍ପର୍ଯ୍ୟ ବୁଝିବା ପାଇଁ ଇନ୍ଦ୍ରାକୁ କଷ୍ଟ ହୁଏନା । ସେ ଭାବେ, ସୁନନ୍ଦା ପ୍ରତି ସୂର୍ଯ୍ୟକାନ୍ତର ଅତିପ୍ରେମର ତାଡ଼ନା ଓ ଭଲପାଇବାର ଅତିମାତ୍ରା ହିଁ ଏହାର ମୂଳ କାରଣ । କାନ୍ତପୁଅର ପ୍ରେମିକ ଜୀବନ କପରି ସୁଖମୟ ହେଉ, ତାହାହିଁ

ଇନ୍ଦ୍ରାର ଏକମାତ୍ର ଅଭିଳାଷ । ଏଣୁ ସେ ନିଜକୁ ଅପମାନିତ ବୋଧ କରେ ନାହିଁ । ବରଂ ଆନନ୍ଦର ସହ କହେ, 'କାନ୍ତପୁଅ ! ମୋର ଗୋଟାଏ ମରହକ୍ଷି ବା ଆଧୁନିକ କ'ଣ ? ସେ ସବୁ ତୁମର ଓ ସୁନନ୍ଦାର··· ।' ଇନ୍ଦ୍ରାର ଖିଡମାଡ, ଗୃଳଚଳନ ସୁନନ୍ଦାକୁ ମଧ ଭଲ ଲାଗେ ନା । ସେ କହେ, 'ୟୁ, ଅପା, ତୁମେ ବଡ଼ ବେକ୍‌ୱାର୍ଡ୍··· ଏକଦମ୍ ମରହକ୍ଷି । କାମାନ୍··· ଆସ, ଜୀବନକୁ ଉପଭୋଗ କରିବା । ଗୋଟାଏ କମ୍ଫୃତ କମାକାର ବାତାବରଣ ଭିତରେ ବଡ଼ି ସୁଖ ସମୃଦ୍ଧିମୟ ନାରୀ ଜୀବନଟାକୁ କାହିଁକି ତୁଚ୍ଛ କରିଦେବା । ନାରୀ ବୋଲି କଣ ଆମର ସ୍ୱାଧୀନତା ନାହିଁ ?' ବେଳେବେଳେ ଟେନିସ୍ ରାକେଟ୍ ହାତରେ ଧରି କହେ, 'ୟୁ, ଅପା ! ଥ୍ରୋବ୍··· ଏ ଶାଢ଼ୀ ଫିଙ୍ଗିଦିଅ । ମୋର ଫୁଲପେଣ୍ଟ୍ ଅନେକ ଅଛି, ପିନ୍ଧିଆସ, କ୍ଲବ୍‌କୁ ଯିବା ।' ଇନ୍ଦ୍ରା ସୁନନ୍ଦାର ପେଣ୍ଟ୍··· ସ୍ପୋର୍ଟସ୍ ସାର୍ଟ ପରିହିତା ଅବୟବ ପ୍ରତି ଦୃଷ୍ଟି ଦେଇ ଅବାକ୍ ହୁଏ । କହେ, 'ନୋ··· ନୋ, ଦିସ୍ କାଇଣ୍ଡ୍ ଅଫ୍ ଡ୍ରେସ୍··· ନାହିଁ ନାହିଁ, ଏ ଧରଣର ବେଶଭୂଷା ଭଲ ନୁହେଁ । ତେଣେ ନନା ଅଛନ୍ତି··· ବୋଉ ଅଛନ୍ତି··· ।' 'ଡେମ୍ କେର୍··· ମୁଁ ଖାତିର କରେନା', କହି ସୁନନ୍ଦା ସୂର୍ଯ୍ୟକାନ୍ତର ହାତଧରି ବ୍ରହ୍ମପୁର କ୍ଲବ୍‌କୁ ଗୃଲିଯାଏ । ପଛରୁ ଚ୍ହାହିଁ ରହେ ଇନ୍ଦ୍ରା··· । ପଛରୁ ଗୃହିଁ ରହନ୍ତି—ସତ୍ୟବ୍ରତ ଓ ପଦ୍ମାବତୀ । ସୂର୍ଯ୍ୟକାନ୍ତ ମଧ ହସିହସି ସୁନନ୍ଦାସହ ଗୃଲିଯାଏ ।

ପଦ୍ମାବତୀଙ୍କର ମନ ଦିନରାତି ବିଷଣ୍ଣ··· ଦୁଃଖମୟ··· ଚିନ୍ତାଗ୍ରସ୍ତ । ସେ ଇନ୍ଦ୍ରାକୁ ଡ଼ାକି କହନ୍ତି, 'ମା ! ସାନବୋଉଟାକୁ ଉପଦେଶ ଦେଉନୁ··· ? ସୂର୍ଯ୍ୟକାନ୍ତକୁ କହୁନୁ··· ? ଲୋକେ କ'ଣ କହିବେ ?' ବେଳେବେଳେ ସାହସ କରି ସେ ସୁନନ୍ଦାକୁ କହନ୍ତି, 'ମା ! କୁଳର ଭୁଆସୁଣୀ ତୁ । ବଂଶର ତିଳକ । ଏସବୁ

ଚାଲିଚଳନ ଛାଡ଼ । ମୁହଁରେ କଳା ଲଗାନା ।' ସଙ୍ଗେ ସଙ୍ଗେ ସୁନନ୍ଦା କହେ, 'ପୁଃ, ଓଲ୍ଡ଼ ଲେଡ଼ି···ବୃଦ୍ଧା, ତୁମେ ଜୀବନର ମହତ୍ତ୍ୱ କ'ଣ ବୁଝିବ ?' ପଦ୍ମାବତୀ ଚୁପ୍ ରହନ୍ତି । ମୁହଁ ଫିଟାନ୍ତି ନାହିଁ ।

ସତ୍ୟବ୍ରତ ଏସବୁ କଥାକୁ ନଜର ଦିଏ ନାହିଁ । ତା' ମତରେ ଏଥିରେ ବା ବିଶେଷ କଥା କ'ଣ ଅଛି ? ବଂଶଗୌରବ ଗୋଟିଏ କ'ଣ ? ତାହା ଅତି ସଂକୀର୍ଣ୍ଣ ମନୋଭାବ । ପାଶ୍ଚାତ୍ୟ ଦେଶରେ ଯେ ପ୍ରତ୍ୟେକଙ୍କ କ୍ରିୟାକଳାପ ଏପରି । ଜଗତପୃଷ୍ଠରେ ନାନା ମତବାଦର ଅଗଣିତ ପଥ ଅଛି । ଯା' ମନକୁ ଯେଉଁ ପଥ ଉତ୍ତମ ବିବେଚିତ ହେଲା ସେ ସେହି ପଥର ପଥିକ ହେଲା । ଏଥିରେ ବା ଜଗତର କ୍ଷତି କ'ଣ ? ଜାତି ··ବଂଶ···ବ୍ୟକ୍ତି ଏସବୁ ନିହାତି ଶ୍ରେଷ୍ଠ କଥା । ମନୁଷ୍ୟର ମନୁଷ୍ୟତ୍ୱ ଏସବୁ ଶ୍ରେଷ୍ଠ କଥାରେ ମପାଯାଇ ପାରେନା । ମଣିଷ ପ୍ରକୃତି ସଦା ବିଭିନ୍ନ । ଜଣକ ସଙ୍ଗେ ଅନ୍ୟଜଣର ପ୍ରକୃତି କେବେହେଁ ମିଶିପାରେ ନା ପୁଣି ଜଣେ ଅନ୍ୟର ପ୍ରକୃତିକୁ ସଜାଡ଼ିନେବା ବା ନିଜର ମତବାଦ ପ୍ରତି ଅନ୍ୟକୁ ଟାଣି ଆଣିବା ପାଇଁ ଚେଷ୍ଟା କରିବା ଆଦୌ ଉଚିତ ନୁହେଁ । ନିଜର ପ୍ରକୃତି ସଙ୍ଗେ ଅନ୍ୟଜଣର ପ୍ରକୃତିର ଅସାମଞ୍ଜସ୍ୟ ପ୍ରତିପାଦନ କରି ମନରେ ଘୃଣାଭାବ ପୋଷଣ କରିବା ଉଚିତ ନୁହେଁ । ସମସ୍ତେ ସେହି ଏକ ଈଶ୍ୱରଙ୍କ ସନ୍ତାନ । ଈଶ୍ୱର କେଉଁ ବ୍ୟକ୍ତି ଠାରେ କେଉଁ ଗୁଣର ମହତ୍ତ୍ୱ ବ୍ୟକ୍ତ କରିଛନ୍ତି । ଏଥିପାଇଁ ବ୍ୟକ୍ତିକୁ ନିନ୍ଦା କରିବା ଉଚିତ ନୁହେଁ । ଏଣୁ ସମସ୍ତେ ଏ ଦୁନିଆରେ ସ୍ନେହର ପାତ୍ର । ସ୍ନେହଦ୍ୱାରା ମଣିଷ ସମସ୍ତଙ୍କୁ ଆପ୍ଲୁତ କରେ । କିନ୍ତୁ ସୁନନ୍ଦା ସତ୍ୟବ୍ରତର ଏସବୁ ଉଚ୍ଚଭାବ ବୁଝୁନାହିଁ । ସେ ବେଳେବେଳେ କହେ—ଏ ଜଣେ ପଳାୟନ ପନ୍ଥୀ । ବେଳେବେଳେ ସତ୍ୟବ୍ରତଙ୍କ ଆଗରେ ଠିଆ

ହୋଇ କହେ, 'ୟେସ୍, ଏସ୍କେପିଜମ୍···ଏହି ପଳାୟନବାଦ କାପୁରୁଷତା । ନୁହେଁ··· ? ମଣିଷ ଛାତି ଫୁଲାଇ ଅଗ୍ରଗତି କରିବାକୁ ହେବ । ନଚେତ୍ ଦୁନିଆରେ ଡିଜେନେରେଷନ୍ ଦେଖାଦେବ । ଇଜଣ୍ଟ୍ ଇଟ୍, ମାଇ ଡିଅର ନନା ?' ସତ୍ୟବ୍ରତ ମୁହଁ ତଳକୁ କରି ଉତ୍ତର ଦିଏ, 'ସେର୍ଟେନ୍ଲି··· । ତାହା ସତ୍ୟ ।' ସୁନନ୍ଦା ଉଚ୍ଚ କଣ୍ଠରେ ଡାକେ, 'ଓ, ସୂର୍ଯ୍ୟବାବୁ ! ଆସନ୍ତୁ···ଆସନ୍ତୁ । ନନା ଯେ ମୋ ସଙ୍ଗେ ଏକମତ । ତୁମେ ମିଛ କହୁଥିଲ, ନନା ପୁରୁଣା ମତବାଦକୁ ପସନ୍ଦ କରନ୍ତି ବୋଲି । ୟୁ ଟୋଲ୍ଡ୍ ମି ଲାଇ ।' ସୂର୍ଯ୍ୟ କିନ୍ତୁ ଆସେନା···ଆସିପାରେନା । ଘର ଭିତରେ ରହି ସବୁ ଶୁଣେ ।

ଶ୍ରୀକାନ୍ତ ଏବେ ମଧ୍ୟ ବେଳେବେଳେ ସତ୍ୟବ୍ରତର ଘରକୁ ବୁଲି ଆସନ୍ତି । କିନ୍ତୁ ଆଜିକାଲି ତାଙ୍କ ପ୍ରକୃତି ପୂର୍ବଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହା ମୂଳରେ ଯେ ତା'ଙ୍କ ମନରେ କେତେ ବଡ଼ ପ୍ରତିହିଂସା-ପୂର୍ଣ୍ଣ ମନୋଭାବ ନିହିତ ଅଛି, ତାହା କଳନା କରିବା କଷ୍ଟସାଧ୍ୟ । ଏହାର କାରଣ ତା'ଙ୍କ ସାରା ଜୀବନର ଆଶାର ବିଫଳତା । ନୈରାଶ୍ୟର କଷଣରେ ମଣିଷ ମନର ଯେ କି ପରିବର୍ତ୍ତନ ହୁଏ ତାହା କଳ୍ପନା କରିହୁଏନା । ଶ୍ରୀକାନ୍ତଙ୍କ ମନର ସେହି ବିରାଟ ନିରାଶା···ଚିରପୋଷିତ ଆଶାର ବିଫଳତା ତା'ଙ୍କୁ ହିତାହିତଜ୍ଞାନ-ବିହୀନ ପାଶବିକ ପ୍ରକୃତି ନିକଟକୁ ବଳାତ୍କାର ପୂର୍ବକ ଟାଣିନେବା ପାଇଁ ପ୍ରସ୍ତୁତ । ସେ ନିଜର ଚିରପୋଷିତ ଆଶା ଆକାଂକ୍ଷାକୁ କଳେ ବଳେ କୌଶଳେ କିପରି ସଫଳ କରିପାରିବେ··· ସୂର୍ଯ୍ୟକାନ୍ତକୁ ନିଜର ପୋଷ୍ୟପୁତ୍ର କରି ସତ୍ୟ ଓ ପଦ୍ମାବତୀଙ୍କ ମୁହଁରେ କାଳି ବୋଳିବେ, ଏହାହିଁ ତାଙ୍କର ପ୍ରଧାନ ପ୍ରତିଜ୍ଞା । ଏଣୁ ସେ ସୂର୍ଯ୍ୟକାନ୍ତ ପୁଣି ସୁନନ୍ଦାକୁ ନିଜ ଘରକୁ ଡାକି ନିଅନ୍ତି ।

ଆଦର ସ୍ନେହ ଦେଖାଇ ଖୁଆଇ ପିଆଇ ଥାନ୍ତି । ବେଳେବେଳେ ସୂର୍ଯ୍ୟ ପାଇଁ ଯୋତା, ଜାମା ପୁଣି ସୁନନ୍ଦା ପାଇଁ ନାନା ରକମ ସୁନ୍ଦର ଶାଢ଼ୀ, ବ୍ଲାଉଜ୍ , ହେର୍‌ଅଏଲ୍ କିଣି ଆଣନ୍ତି । ଦୁହିଙ୍କର ମନ କିଣିନେବା ପାଇଁ ଚେଷ୍ଟା କରନ୍ତି । ତା'ଙ୍କ ଦୁହିଙ୍କ ଆଗରେ ସତ୍ୟ ଓ ଇନ୍ଦ୍ରାର କୁତ୍ସାରଚନା କରନ୍ତି । ପଦ୍ମାବତୀଙ୍କୁ ନିନ୍ଦା କରନ୍ତି । ସୁନନ୍ଦାକୁ ଆଦର କରି କହନ୍ତି, 'ମା ! ତୁ ଆମ ଘରର ଲକ୍ଷ୍ମୀ । ଛି···ଛି, ସେ ସ୍ତ୍ରୀଲୋକର ଝିଅଟା ଅଲକ୍ଷ୍ମୀ···ଛି··· ।'

•

## ନ’

ଶ୍ରୀକାନ୍ତ ସମସ୍ତ ଶୁଣି ପଦ୍ମାବତୀଙ୍କ ନିକଟରେ ଉପସ୍ଥିତ ହୁଅନ୍ତି । ଅତି ଧୀର ଧୀର କଥାରେ କହନ୍ତି, ‘ନୂଆବୋଉ ! ଦେଖୁଛ, ଏଘର କ’ଣ ଥିଲା, କ’ଣ ହେଲା··· ?’

ପୁଅ ହେ ! ସବୁ ମୋ କପାଳ ଦୋଷ । କାହାକୁ କହିବି···?

ସେପରି ନକହ, ନୂଆବୋଉ ! ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା’ର ପ୍ରତିବାଦୀ । ଆଗେ ଜାଣି ଜାଣି କାନରେ ନିଆଁ ବାନ୍ଧି ଅନ୍ୟ କାହାକୁ ଦୋଷ ଦେବା ? ଆଚ୍ଛା, ଜାଣି ଜାଣି ସେ ବଙ୍ଗାଳୀ ଘରଟାରେ କିମିତି ବାହା କରିଦେଲ ? ଜାତି ଗଲା, ପେଟ ପୂରିଲା ନାହିଁ ।

ପଦ୍ମାବତୀ ଅତି ବିଷଣ୍ଣ ବଦନରେ କହନ୍ତି—‘ସତ ପୁଅ ! ମୁଁ କ’ଣ ଏସବୁ ଜାଣିଛି ? ବଡ଼ବୋଉ କହିଲା, ଝିଅଟି ବେଶ୍ ସୁନ୍ଦର୍···ଶିକ୍ଷିତା···ବଡ଼ଘର୍···ସୂର୍ଯ୍ୟପାଇଁ ସେଠି କଲେ ଭଲ ହେବ । ତା କଥାରେ ବା ମୁଁ ଅବିଶ୍ୱାସ କରନ୍ତି କିପରି·· ?

ନୂଆବୋଉ ! ତମେ ଯାହା କହିବ କହ…କିନ୍ତୁ ସେ ବଡ଼ବୋଉଟା ଭୁନମୁନ ଗୁପିଲ୍ ବାଘୁଣୀଟା ନଷ୍ଟଯୁ । ତା'ର ଯୋଗୁଁ ଏସବୁ ଅନର୍ଥ… ।

ସତେ ପୁଅ ! ମୁଁ ମଧ୍ୟ ସେମିତି ଭାବୁଛି ।

ଓ ହୋ ! ମାଇକିନିଆ କଥାରେ ସୂର୍ଯ୍ୟ ମଧ୍ୟ ବାଇ । ଏଁ…କି ଯୁଗ ଆସିଲା ହୋ… ।

ପୁଅ, ମୋତେ ଏ ଘର ବିଷପରି ଲାଗିଲାଣି । ଆଉ କେତୋଟା ଦିନ ବଞ୍ଚିବି ଯେ । ଏତେ କଥା ଆଗେ ଅନୁଭବ କରିବା ପାଇଁ ଦୈବ କପାଳରେ ଲେଖିଥିଲା !

ହଁ…ହଁ, ସତେ ନୂଆବୋଉ ! ବୁଢ଼ୀ କାଳକୁ ଏସବୁ ଦେଖିବା ବଡ଼ ଦୁର୍ଭାଗ୍ୟ । ଆଚ୍ଛା, ସତ୍ୟ କ'ଣ କହୁଛି… ?

ସେ ତ ଗୋରୁଗଙ୍ଗା । ସେ କହିବ କଣ… । ତା' ମନରେ ଟିକେ ଦୁଃଖ ନାହିଁ କି ଆନନ୍ଦ ନାହିଁ । ଖାଲି ତା' ଘରେ ବସି କ'ଣ ଗୁଡ଼ାଏ ଲେଖୁଛି… । ଦିନ ରାତି ତା'ର ସେଇ କାମ ।

ଦେଖିଲ, ଦେଖିଲ ନୂଆବୋଉ ! ଘର କଥା ବୁଝିବା ସିନା ଉଚିତ । ସେ ଲେଖାରୁ କ'ଣ ମିଳିବ ହେ… !

ପୁଅ, ସେ ଘର କଥା ଆଉ କହନି… । ମୁଁ କିପରି ଶୀଘ୍ର ମରିବି ମୋର ସେତିକି ଦରକାର ।

ହଁ, ସତେ ନୂଆବୋଉ ! ତମେ ପୁଣି ଗୂଳପାନ୍ତ ହେଲେ ? ସୁଖରେ ଜଗଘଣ ଦର୍ଶନ କରି ମୁକ୍ତି ପାଇଯା'ନ୍ତ । ଏ ଘର କ'ଣ ହେଉ, ତୁମର କ'ଣ ଯାଏ… ?

ହଁ ପୁଅ, ମୁଁ ବି କେଉଁ ଦିନୁ ସେ କଥା ଠିକ କରିଛି…କିନ୍ତୁ…

କିନ୍ତୁ କ'ଣ ନୂଆବୋଉ… ? ଏ ଘରସଂସାର କଙ୍କାଳ ଭିତରେ ତମେ କାହିଁକି ପଶୁଛ… ?

ଆଜ ନିଶ୍ଚୟ ସତ୍ୟବ୍ରତଙ୍କୁ କହିବ, ମୋତେ ପୁଣି ନେଇ ଛାଡ଼ି ଦେଇ ଆସିବ ।

ଶ୍ରୀକାନ୍ତ ଫେରିଯାନ୍ତି । ତାଙ୍କର ଅନ୍ୟ କାମ କଣ ଅଛି··· ?

ତିନିପ୍ରହର ବେଳକୁ ଗାଁ ମଝି ମଣ୍ଡପ ଉପରେ ବୈଠକ ବସେ । ଖାଇପିଇ ନିଧି ପଧାନ, ଜଟିଆ ସାହୁ, ହରି ନାୟକ, ଗୋବର୍ଦ୍ଧନ ପଣ୍ଡା ଇତ୍ୟାଦି ବୃଦ୍ଧ, ଯୁବକ, ଜାଣିବା ଲୋକ, ମୂର୍ଖ ସମସ୍ତେ ଉପସ୍ଥିତ ହୁଅନ୍ତି । ଉଦୁଉଦିଆ ଖରାବେଳ । କାମପତ୍ର ନାହିଁ । ଚାଷୀ ମୂଲିଆଙ୍କୁ ଏହି ବେଳଟା ଯେମିତି ଟିକେ ଆରାମ-ଦାୟକ । ଏଣୁତେଣୁ ଗପ ଚାଲେ । ଆଜକାଲି ସତ୍ୟବ୍ରତ ଘର ବିଷୟ ହିଁ ଏ ବୈଠକରେ ବିଶେଷ ଆଲୋଚିତ ହୁଏ । ଶ୍ରୀକାନ୍ତ ମଧ୍ୟ ସେଠି ହାଜର ହୁଅନ୍ତି । ବେଳେ ବେଳେ ଏହି ସମୟଟାରେ ପଶା, ନ୍ୟାୟୁବଲ, ଗଞ୍ଜାପା, ଡୁଗି ଖେଳ ମଧ୍ୟ ଲାଗିଯାଏ ।

ସେଦିନ ନିଧି ପଧାନ ଶ୍ରୀକାନ୍ତଙ୍କୁ ଲକ୍ଷ୍ୟକରି କହିଲା, 'ହଇହେ ଶ୍ରୀକାନ୍ତ ଆପଣେ ! ତମେ ପରା ଘରର ମୁରବି ? ସତ୍ୟବ୍ରତଙ୍କୁ ଟିକେ ଉପଦେଶ ଦେଉନା ! ଏ କ'ଣ, ଗାଁ ଲୋକଙ୍କୁ ମୁଣ୍ଡପୋଡା କରୁଛ··· ?' ଶ୍ରୀକାନ୍ତ ତୁଣ୍ଡରୁ କଥା ନ ବାହାରୁଣୁ ଜଟିଆ କହି ଉଠିଲା, 'ସତେ ହେ ! ସେଦିନ ଦିଅର ଭାଉଜ ଦାଣ୍ଡେ ଦାଣ୍ଡେ ଗଲେ ସିନେମା ଦେଖି । ଆମେମାନେ ପଛେ ଲଜ୍ଜାରେ ମୁହଁ ଫେରାଇଲୁ, ସେ ଦୁହିଙ୍କ ମୁହଁରେ ଏତେ ଟିକେ ଲଜ୍ଜା ନଥିଲା । ଏବେ ପ୍ରତ୍ୟହ ଏ କି ନାଟ ହେ ! ସେ ବଙ୍ଗାଳୁଣୀ ବୋଉଟା ମୋଟରରେ ଚଢ଼ି ପେଣ୍ଟ କୋଟ୍ ପିନ୍ଧି ସହରକୁ ଯାଉଛି··· ! କହ, ତମେ ଏକା ଏ ଗାଁରେ ରହିବ, ଆମେ ସବୁ ଚାଲିଯିବୁ··· ?' ଶ୍ରୀକାନ୍ତ କହନ୍ତି, 'ଆରେ କେତେ କହିବ ? ଟୋକାଗୁଡ଼ାକ କ'ଣ ଆମ କଥା ଶୁଣୁଛନ୍ତି··· ?' ହରି ନାୟକ କହି ଉଠିଲା, 'ତେବେ

ଗୃହ, ଧୋବା, କାଠ, ଭୁଠ, କୋଠ ସବୁ ମନା କରିଦେବା । ତେବେ ଦେଖିବା ଏହାଙ୍କର ବହପ କେତେ... ?' "ହଁ, ସେପରି ହେଉ...ସେପରି ହେଉ" ନାଦରେ ଗାଁ ଦାଣ୍ଡ ମୁଖରିତ ହୋଇଯାଏ । ଶ୍ରୀକାନ୍ତ ଧୀରସ୍ଥିର ଭାବେ କହନ୍ତି, 'ତମେ ସବୁ ଜାଣିନା, ସୂର୍ଯ୍ୟକାନ୍ତ ଏଇ ନିକଟରେ ହାକିମ ହେବ । ଆମେ ଯଦି ତାକୁ ଏପରି ହିନସ୍ତା କରିବା, ତେବେ ରଖିବଟିକି ?' ସମସ୍ତେ ଚୁପ୍ ଚୁପ୍ କହନ୍ତି, 'ସତେ ? ସତେ ? ହାକିମ୍ ହେବେ... ?' ଶ୍ରୀକାନ୍ତ କହନ୍ତି, 'ହଁ...ହଁ, ହାକିମ ହେବ । ଏଇ ମାସ ଶେଷରେ ପତ୍ର ନିଯୁକ୍ତ ଆଦେଶ ଆସିଯିବ !' ସମସ୍ତଙ୍କ ମୁହଁ ଶୁଖିଯାଏ । କଥା ବାହାରେ ନାହିଁ ।

ଏକଥା ସତ୍ୟ ଓ ସୂର୍ଯ୍ୟ କାନକୁ ମଧ ଯାଏ । ସେମାନେ ଆଦୌ ଖାତିର କରନ୍ତି ନାହିଁ । ଏ ଗାଁଲୋକଗୁଡ଼ାକ ଛେଳିପରି ଜନ୍ତୁ । ଏମାନଙ୍କ ହାତରେ ବା ହେବ କ'ଣ ? ବେଳେବେଳେ ସନ୍ଧ୍ୟାବ୍ରତ ଆସି ମଣ୍ଡପରେ ବସିଯାଏ । ସମସ୍ତଙ୍କୁ ଆପଣାର ପରି କଥା କହେ । ଦେଶ ବିଦେଶର ନାନା କଥା ଲୋକଙ୍କୁ ବୁଝାଏ । ଧର୍ମ...ରାଜନୀତି...ଗୃହ ଇତ୍ୟାଦି ଅନେକ କଥା । ବେଳେବେଳେ ତା'କୁ ଜଣେ ଅଧେ ପଚାରନ୍ତି, 'ସତ୍ୟବାବୁ ! ନିଜ ବଂଶରେ କଳା ବୋଳୁଛ କାହିଁକି ? ନୂଆବୋଉଠା ଦାଣ୍ଡେ ଦାଣ୍ଡେ ବୁଲୁଛୁର ଯାଉଛି । କେତେ କ'ଣ ହାକିମ ହୁକୁମାଙ୍କୁ ସଙ୍ଗେ ଧରି ଆସି କେତେ କ'ଣ ଭୋଜିଭାତ କରୁଛି । ଏସବୁ କଣ ତୁମକୁ ସୁନ୍ଦର ଦିଶୁଛି ?' ସତ୍ୟ କହେ, 'ସୁନ୍ଦର...ଅସୁନ୍ଦରର ପାର୍ଥକ୍ୟ କ'ଣ ଅଛି ଭାଇ ! ଯାହା ଆଜି ସୁନ୍ଦର, ହୁଏତ ତାହା କାଲି ଅସୁନ୍ଦର ହେବ । ଏ ଜଗତରେ ଗୋଟାଏ କଥା ସମସ୍ତଙ୍କ ପକ୍ଷେ ସୁନ୍ଦର ଦେଖାଯାଏ ନାହିଁ । ଯା'କୁ ଯେଉଁଠା ସୁନ୍ଦର ଦେଖାଗଲା... । ସେଥିରେ ବା ଅଛି କ'ଣ ? ସେ ବିଷୟ ନେଇ କାହିଁକି ତୁମେ

ମୁଣ୍ଡ ଘୂରାଉଛ ?' ସମସ୍ତେ କହି ଉଠନ୍ତି, 'ଛି, ଏ କି କଥା ସତ୍ୟବାବୁ ! ତୁମର ବଂଶଗୌରବକୁ ଚାହିଁ ନାହିଁ ! ଶ୍ରୀବତ୍ସର ପୁଅ ପରା ତୁମେମାନେ ! ଆଜି ତା'ର ଘରେ ତା'ର ସାନବୋଉ ସହରିଆ ବାବୁଆନ ପୁରୁଷଙ୍କୁ ଧରି ଖେଳିବ…ହସିବ…ଖାଇବ… ଆଉ ତୁମେ, ଜଳ ଜଳ ଚାହିଁଥିବ ? ଛି, ଲଜ୍ଜା ବୋଧ ହେଉ ନାହିଁ !' ସତ୍ୟବ୍ରତ ଧୀର ସ୍ଥିର ଭାବେ କହେ, 'ଭାଇ, ଏମିତି ଉତ୍ତେଜନାରେ କୌଣସି କଥାର ମୀମାଂସା ହୋଇ ପାରେନା । ବିଚାର କର, କେଉଁଠି ଦୋଷ ରହିଛି ବାହାର କର ।' ଗୋବର୍ଦ୍ଧନ ପଣ୍ଡା ଉତ୍ୟକ୍ତ ଭାବେ କହିଉଠେ, 'କ'ଣ ଗୁଡ଼ାଏ ଋଷି ମୁନି ପରି ବାକ୍ୟ କହୁଛ, ସତ୍ୟବାବୁ ! ଏତେ ଟିକେ ଅଭିମାନ ତୁମ ଦେହରେ ନାହିଁ ? ଶ୍ରୀବତ୍ସର ପୁଅ ପରା ତୁମେ !' ସତ୍ୟ କହେ, 'ହଁ…ହଁ ଭାଇ, ମୁଁ ଶ୍ରୀବତ୍ସର ପୁଅ । ମୋ ବିଚାରରେ ବୋଉର କୌଣସି ଦୋଷ ଦେଖାଯାଉ ନାହିଁ । ସେ ଯେଉଁ କାର୍ଯ୍ୟକୁ ଭଲ ରୂପେ ବିବେଚନା କରିଛି ତାହାହିଁ କରୁଛି । ଏଥିରେ ଭଲ ମନ୍ଦ କ'ଣ ? ଏସବୁ ନିହାତି ଶ୍ରେଷ୍ଠ କଥା ଭାଇ ! ସେ ସବୁ ପ୍ରତି ଦୃଷ୍ଟି ଦିଅ ନାହିଁ । ତୁମ କାମ ତୁମେ କରିଯାଅ ।' କହି, ସତ୍ୟବ୍ରତ ଉଠିପଡ଼େ । ଲୋକେ କହି ଉଠନ୍ତି, 'ସତ୍ୟବ୍ରତ ଜାଣି ସବୁକଥା ହେଉଛି । ଏ ଗୋଟାଏ ବ୍ୟବସାୟ ଖୋଲିଛନ୍ତି ।' ଶ୍ରୀକାନ୍ତ ଏତେବେଳଯାଏ ତୁନି ହୋଇ ବସିଥାନ୍ତି । ବର୍ତ୍ତମାନ କହନ୍ତି, 'ଦେଖିଲ ! ସବୁର ନାଟୁଆ ଏଇ ସତ୍ୟବ୍ରତ । ସତେ ବା ମୁନି ଋଷି । କିନ୍ତୁ ଭିତରେ ଭିତରେ ନାନା ଉପାୟ । ସତ କହ, ସତ୍ୟ ଯଦି ଟିକେ ଟାଣ ଜିଦ୍ ଧରନ୍ତା, ତେବେ କ'ଣ ଏସବୁ ଚାଲିଥା'ନ୍ତା ?' ସମସ୍ତେ କହନ୍ତି, 'ହଁ, ଠିକ୍ କଥା । ସତ୍ୟବାବୁ ହିଁ ସମସ୍ତ ବିଷୟ ପାଇଁ ଦାୟୀ ।'

ସତ୍ୟବ୍ରତକୁ ହିଁ ସମସ୍ତେ…ଆକ୍ଷେପ…ନିନ୍ଦା…କରନ୍ତି ।

## ଦଶ

ସତ୍ୟବ୍ରତ ନିକଟରେ ନିନ୍ଦାର ମୂଲ୍ୟ ତୁଚ୍ଛ । ପୌରୁଷ ଓ ପ୍ରଶଂସାର ପରିମାପ ଅତି ଦୃଶ୍ୟ···ହେୟ । ନିନ୍ଦା ବା ପ୍ରଶଂସା ତା ଜୀବନରେ କୌଣସି ପ୍ରଭାବ ବିସ୍ତାର କରି ପାରେନା । ନିନ୍ଦା ବା ପ୍ରଶଂସା ମଣିଷ ମନର ଗୋଟାଏ ଭୌତିକ ଆକର୍ଷଣ । ଦୁର୍ବଳମନା ମଣିଷ ସେଥିପ୍ରତି ବିଶେଷ ଆକୃଷ୍ଟ ହୁଏ । ଏହା ସ୍ୱାର୍ଥପରତା, ଆତ୍ମଗର୍ବ ଓ ଅହଂକାରଯୁକ୍ତ ହୃଦୟକୁ ବିଶେଷ ପ୍ରଭାବିତ, ଆଲୋଡ଼ିତ ଓ ବିକ୍ଷୋଭିତ କରେ । ସେ ଏହି ଦୁଇଟି ଅବପୂର୍ବହୀନ ପ୍ରେତର ଆକ୍ରମଣରେ ବିଚଳିତ ଓ ବିବ୍ରତ ହୁଏ । ଭାବିପାରେ ନାହିଁ, କେଉଁଟା ଶ୍ରେୟ ଓ କେଉଁଟା ହେୟ । ଲୋକ-ମୁଖରେ ଯାହା ପ୍ରଶଂସାରୂପେ ପ୍ରକାଶ ପାଏ, ତାହା ପ୍ରକୃତ ପ୍ରଶଂସା-ଯୋଗ୍ୟ ହୋଇ ନପାରେ ପୁଣି ଯାହା ନିନ୍ଦା ନାମରେ ଅଭିହିତ ହୁଏ, ତାହା ବାସ୍ତବ ନିନ୍ଦା ବିବେଚିତ ହୋଇ ନପାରେ । କିନ୍ତୁ

ମଣିଷ ମନ ଯେତେବେଳେ ଦୁର୍ବଳତାର ସବଳ ଆକର୍ଷଣ—ସ୍ୱାର୍ଥ, ଆଧିପତ୍ୟ ଓ ଆତ୍ମଅଭିମାନର ଶକ୍ତ ରଜ୍ଜୁରେ ଆକର୍ଷିତ ହୁଏ, ସେତେବେଳେ ବିବେକର ହିତାହିତ ଜ୍ଞାନ ପରାଭୂତ ଓ ପରାଜିତ ହୋଇ ମଣିଷ ହୃଦୟୁଂଠାକୁ ହା···ହା···ମୟ ଶ୍ମଶାନରେ ପରିଣତ କରେ । ସେତେବେଳେ ମଣିଷ ନିଜର ଚିତାନଳ ନିଜର ହୃଦୟ ଭିତରେ ହିଁ ନିଜେ ରଚନା କରେ । କିନ୍ତୁ ହୃଦୟଙ୍ଗମ କରି ପାରେନା । ବାହାର ଦୁନିଆର ମାୟାମୋହରେ ଘାଣ୍ଟିହୋଇ କ୍ରମେ କ୍ରମେ ଅଧଃପତନ ଓ ନିର୍ଯ୍ୟାତନରେ ହିଁ ବିଲୟପ୍ରାପ୍ତ ହୁଏ । ସତ୍ୟବ୍ରତ ଏସବୁ ଜାଗତିକ ଆକର୍ଷଣର ଖୁବ୍ ଦୂରରେ । ସେ ଜୀବନରେ କାହାକୁ ନିନ୍ଦା କରେ ନାହିଁ କି ପ୍ରଶଂସା କରେ ନାହିଁ । ତା' ନିକଟରେ ଜଗତସାରା କେହି ନିନ୍ଦା ବା ପ୍ରଶଂସାଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ । ଏଣୁ ନିଜର ନିନ୍ଦା ବା ପ୍ରଶଂସା ତା' ମନରେ କୌଣସି ପ୍ରତିକ୍ରିୟା ସୃଷ୍ଟି କରେନା ।

ବେଳେବେଳେ ସୂର୍ଯ୍ୟକାନ୍ତ କହେ, ନନାଙ୍କର ଅମାୟିକ ପ୍ରକୃତି ହିଁ ଗାଁଲୋକଙ୍କର ମୁହଁ ବଢ଼ାଇ ଦେଉଛି । ଏଣୁ ସେ ଗାଁ ଲୋକଙ୍କୁ ବେଳେବେଳେ କହେ, 'ତୁମେ ସବୁ କୁକୁର ଦଳ । ପଛରେ ଭୋ···ଭୋ କରିବା ହିଁ ତୁମର ପ୍ରକୃତି । ଆମ ମନକୁ ଯାହା ଉତ୍ତମ ବିବେଚିତ ହେଲା ଆମେ ସେଇଆ କାମହିଁ କରିବୁ । ତୁମର ସେଥିରେ ଯାଏ ଆସେ କ'ଣ ? ଆଚ୍ଛା ଦେଖାଯାଉ, ତୁମର ଏ ଦଳବଳ ଧରି କୁତ୍ସାରଟନା କେତେକାଳ ସ୍ଥାୟୀ ହେଉଛି । କାଲି ଯଦି ତୁମମାନଙ୍କୁ ପୁଲିସ ହାତ ଗୋଳିଲେଣି ନକରିଛି··· ।' ସମସ୍ତେ ଅବାକ୍ ହୋଇଯାନ୍ତି । ହୁଏତ କାଲି ସୂର୍ଯ୍ୟକାନ୍ତ ହାକିମ ହେବ । ଶହଶହ ଟଙ୍କା ଦରମା । ପୁଲିସ୍ ତା' ହାତରେ ରହିବ । ଶ୍ରୀକାନ୍ତ ବାହାର ପଡ଼ି ସୂର୍ଯ୍ୟର ପିଠି ଆଉଁସି କହନ୍ତି, 'ନାହିଁ ବାପ !

ଝୋକାଗୁଡ଼ା ସେପରି କହୁଛନ୍ତି । ତୁ ଆମ ଗାଁର ନାଁ ରଖିବୁ ।' ସମସ୍ତେ ତୁନି ହୋଇ ଘରକୁ ଫେରନ୍ତି । ସୂର୍ଯ୍ୟ ଆତ୍ମପ୍ରସାଦ ଲାଭ କରେ । ଏଣୁ ଗାଁଲୋକଙ୍କର ନିନ୍ଦାକୁ ସେ ମଧ୍ୟ ବିଶେଷ ନଜର ଦିଏ ନାହିଁ । ଖାତିର କରେ ନାହିଁ । ସୁନନ୍ଦା ସେହିପରି ବେଖାତିରି ଭାବେ ମୋଟରରେ ଚାଲିଯାଏ । ବ୍ରହ୍ମପୁରରୁ ପୁରୁଷସଙ୍ଗୀମାନଙ୍କୁ ସଙ୍ଗେ ଧରି ଘରକୁ ଫେରେ । ରଙ୍ଗ'ଭୋଜି, ନାଚ, ଗୀତର ସୁଅ ସେହିପରି ଚାଲିଥାଏ । ଲୋକେ ପଛରେ ନିନ୍ଦା କରନ୍ତି । ଲୋକ-ନିନ୍ଦାକୁ ଯେପରି ଶ୍ରୀବତ୍ସର କୁଟୁମ୍ବ ଓ ଉତ୍ତରାଧିକାରୀ କେହି ଜଣେ ଖାତିର କରନ୍ତି ନାହିଁ । ସତ୍ୟବ୍ରତ ଖାତିର କରେ ନାହିଁ । ସୂର୍ଯ୍ୟକାନ୍ତ ଓ ସୁନନ୍ଦା ମଧ୍ୟ ଖାତିର କରନ୍ତି ନାହିଁ ।

ପଦ୍ମାବତୀ ସମସ୍ତ ବିଷୟ ଶୁଣନ୍ତି···ହୃଦୟଙ୍ଗମ କରନ୍ତି । ସଙ୍ଗେ ସଙ୍ଗେ ବିଚଳିତ ମଧ୍ୟ ହୁଅନ୍ତି । ଅତୀତ ଆଭିଜାତ୍ୟର ପରମ୍ପରା ଗ୍ରନ୍ଥିରେ ଗଢ଼ା ପଦ୍ମାବତୀଙ୍କ ହୃଦୟ ରାଗ···ଘୃଣାରେ ପୂରିଯାଏ । ସେ ସୁନନ୍ଦାର ଚାଲିଚଳଣ ଦେଖି ଯେତିକି ଅପମାନ ବୋଧ କରନ୍ତି, ବାହାର ଲୋକଙ୍କ ନିନ୍ଦା, କୁତ୍ସାରଟନା ଶୁଣି ତେତିକି ମର୍ମାହତ ହୁଅନ୍ତି । ତାଙ୍କର ଗଳିତ ଅଙ୍ଗ ପୁଣି ପଳିତ ମସ୍ତକ ସହସା ରାଗଜର୍ଜ୍ଜରିତ ହୋଇ ଥରିଉଠେ । ବେଳେବେଳେ ଇନ୍ଦ୍ରା ନିକଟରେ ବସି କହନ୍ତି, 'ମା, ତୁ ଜାଣିଶୁଣି ଦେଖିଚାହିଁ କିପରି ମୋ ସୂର୍ଯ୍ୟକୁ ଗୋଟାଏ ବାଘୁଣୀ ସହ ଛନ୍ଦିଦେଲୁ ? ସବୁ ତୋ' ଲାଗି··· । ଓଃ ! ଏତେ ବଡ଼ ଆଭିଜାତ୍ୟମୟ ବଂଶରେ କି କାଳିମା ଲାଗିଲା ସତେ !' ଇନ୍ଦ୍ରା ପଦ୍ମାବତୀଙ୍କୁ ବୁଝାଇ କହେ, 'ବୋଉ, ତୁମେ କୌଣସି ଚିନ୍ତା କରନାହିଁ । କାହିଁ, କ'ଣ ହେଲା ! ସେମିତି ଘର, ସେମିତି ଦ୍ୱାର, ସେମିତି ବୃକ୍ଷଲତା ତ ପୂର୍ବପରି ରହିଛି । ଆଉ ତେବେ ଆମର ହୋଇଛି କ'ଣ ? କାନ୍ତପୁଅ

ଯେତେବେଳେ ସୁନନ୍ଦାକୁ ହୃଦୟଭରି ପ୍ରେମ କରନ୍ତି ପୁଣି ସୁନନ୍ଦା ଯେତେବେଳେ କାନ୍ତପୁଅକୁ ଭଲପାଏ, ତେବେ ତାଙ୍କ ବିଷୟ ନେଇ ଚିନ୍ତା କରିବା ଆମର କୌଣସି ପକ୍ଷେ ଉଚିତ ନୁହେ । ବୋଉ ! ମୁଁ ତ କିଛି ତୁମ ନିକଟରେ ଅପରାଧ କରି ନାହିଁ । ମୁଁ ସେହି ତମର ପୁରୁଣା ସେବିକା । କିଛି ଚିନ୍ତା ନାହିଁ ବୋଉ, ଯୌବନର ଉଦ୍ଦାମ ଉଚ୍ଛୃଙ୍ଖଳ ସମୟଟା ଚାଲିଗଲେ ସବୁ ଠିକ୍ ହୋଇଯିବ । ଚିନ୍ତା ନାହିଁ ।' ତଥାପି ପଦ୍ମାବତୀଙ୍କ ମନ ବୁଝେ ନାହିଁ । ସେ ପାଗଳମି ପରି କହି ଉଠନ୍ତି, 'ନା···ନା···ମା, ଏସବୁ ସରଳ କଥା କହି ମୋତେ ଭୁଲାଇବା ଚେଷ୍ଟା କରନା । ମୁଁ ଆଉ ଏ ଘରେ ରହିବ ନାହିଁ । ତୁମ ସଂସାର । ତାକୁ ତମେ ଯେମିତି ସଜାଡ଼ିବ ସଜାଡ଼ । ମୋର କ'ଣ ଯାଏ ?' ଇନ୍ଦ୍ରା ବୋଉର କୋଳକୁ ଆଉଜି କହେ, 'ବୋଉ, ତୁମେ ଏଇତକ ଘଟଣାରେ ଏତେ ବିଚଳିତ ହେଉଛ ! କଥା ଅଛି ପରା—"ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି" । ଯେତେ ବିପଦ ଝଡ଼ ଝଞ୍ଜା ଆସିଲେ ସହ୍ୟ କରିବାରେ ହିଁ ମଣିଷର ମନୁଷ୍ୟତ୍ୱ ଫୁଟିଉଠେ, ବୋଉ ! ବିପଦକୁ ଡ଼ରି ଜଗତରୁ ପୃଷ୍ଠଭଙ୍ଗ ଦେବା କାପୁରୁଷତା ।' ପଦ୍ମାବତୀ କହନ୍ତି, 'ଯା ! ତୋ'ର ସେ କଲେଜ ପାଠ ରଖିଥା । ମୋ ହୃଦୟରେ ଯେପରି ଧୂ···ଧୂ ନିଆଁ ଜଳି ଉଠୁଛି, ତାହା ଦେଖାଇବାର ହେଲେ ଦେଖାଇଥାନ୍ତି ମା ! ମୋ ଜୀବନରେ ଆଉ କଣ ଦେଖିବା ପାଇଁ ବାକି ଅଛି କେଜାଣି । ନା···ନା, ମୁଁ ଏ ଘରେ ରହିପାରିବି ନାହିଁ । ପୁରୁଷୋତ୍ତମ ଚାଲିଯିବି । ମୁଁ ଏ ନିନ୍ଦା ଶୁଣିପାରିବି ନାହିଁ ।'

•

ବେଳେବେଳେ ଠିକ୍ ଏତିକବେଳେ ଯୋତା ଜାମା ପିନ୍ଧି ସୁନନ୍ଦା କ୍ଲବ୍‌କୁ ବାହାରିପଡ଼େ । ବୁଢ଼ୀ ଦେହରୁ ଯେମିତି ନିଆଁ

ଝିଲିକାଏ ବାହାରି ପଡ଼େ । ସେ ଗଗନବିଦାରୀ କଣ୍ଠରେ ଚିତ୍କାର କରନ୍ତି, 'ସାନ ବୋଉ ! ଏଇଟା ଦାଣ୍ଡଘର ନୁହେଁ । ତୁ ପାଠକ କୁଳର କୁଳବଧୂ । ଘରର ଭୂଆଷୁଣୀ । ଓଡ଼ିଆ ଘରର ଘରଣୀ । ଯେତେ କହିଲେ ମଧ୍ୟ ଏତେ ଅବାଧ କାହିଁକି ହେଉଛୁ ? ଏ ସବୁ ସାହେବ ଚଳଣି ଆମକୁ ସୁହାଇବ ନାହିଁ, ବୋଉ ! ତୁ ବଡ଼ଘର ଝିଅ ପରା !' ସୁନନ୍ଦା ଗୋଟାଏ ବିକଟ ଉପହାସ କରି କହେ, 'ୟୁ, ଓଲ୍ଡ଼ ଲେଡ଼ି । ଆଜିକାଲିର ଜଗତ କଣ' ତୁମେ ଜାଣିନା । କାପ୍ କ୍ୱାଏଟ୍...ଚୁପ ରହନ୍ତୁ । ମୋ ଇଚ୍ଛା ।' ଯୋତାର ଟପ୍‌ଟାପ୍ ଟପ୍‌ଟାପ୍ ଶବ୍ଦ ମୁଖରିତ କରି ସୁନନ୍ଦା ଚାଲିଯାଏ । ପଦ୍ମାବତୀ ଚକ୍ଷୁରୁ ଧାରଧାର ଲୋତକ ଗଡ଼ାଇ ଚିତ୍କାର କରନ୍ତି, 'ସୂର୍ଯ୍ୟ... ସୂର୍ଯ୍ୟ !' ସୂର୍ଯ୍ୟ ଉପସ୍ଥିତ ହୁଏ । ପଦ୍ମାବତୀ କହନ୍ତି, 'ଏ କ'ଣରେ ପୁଅ ? ତୁ ପରା କୁଳମାନ ଘରେ ଜନ୍ମ ହୋଇଛୁ ! ଛି, ତୋତେ ଲଜ୍ଜା ମାଡ଼ୁନାହିଁ ? ସେ ଛତରଖାଇ ସାଥିରେ ତୁ ମଧ୍ୟ ଏକମତ... ?' ସୂର୍ଯ୍ୟ ଗଗନବିଦାରୀ କଣ୍ଠରେ କହେ, 'ବୋଉ ! ତୁଣ୍ଡ ସମ୍ଭାଳି କଥା କହ । ଆମ ଇଚ୍ଛା ଯା' ତାହା କରିବୁ । ତୁ ଗଣ୍ଡେ ଖାଇ, ଖଣ୍ଡେ ପିନ୍ଧି ପଡ଼ିଥା । ଯଦି ଇଚ୍ଛା ହେଉନି ରହିବାକୁ, ତେବେ ଚାଲିଯା... ।' ନିକଟରେ ଠିଆ ହୋଇଥାଏ ଇନ୍ଦ୍ରା । ସୂର୍ଯ୍ୟକାନ୍ତର ଏପରି କଥାର ପ୍ରତିବାଦ କରିବାକୁ ଯାଇ ଚିତ୍କାର କରେ, 'କାନ୍ତପୁଅ... !'

'କ'ଣ ନୂଆବୋଉ ! ତୁମର ସେ ରୁଦ୍ଧ କଣ୍ଠ ବାହାର କରନି । ଉଚ୍ଚାଭିଳାଷ...ଦୁନିଆର ପ୍ରଗତି...ଏସବୁ ତୁମେ ବୁଝ କ'ଣ ? ଯେ ଧୈର୍ଯ୍ୟଧରି ସେ ସକଳ ସଦ୍‌ଗୁଣ ଆହରଣ କରିବା ପାଇଁ ଅଗ୍ରସର ହେବ, ତୁମମାନଙ୍କ ପରି ହିଂସାପରାୟଣ ବ୍ୟକ୍ତିଙ୍କ ନିକଟରେ ସେ ଘୃଣ୍ୟ ବିବେଚିତ ହେବ । ନୁହେଁ... ?'

କାନ୍ତପୁଅ··· ! ଆଜ ଏ କି ଧୃଷ୍ଟତା··· !

ଧୃଷ୍ଟତା···ଧୃଷ୍ଟତା···ଧୃଷ୍ଟତା ନୁହେଁ, ନୂଆବୋଉ ! ବୋଉ ସୁନନ୍ଦାକୁ ଆଜ କ'ଣ କହିଲି ଶୁଣୁଛ ତ ? ତା' ମତରେ ସେ ଦାସୀ···ବ୍ୟଭିଚାରିଣୀ । ସୁନନ୍ଦାପରି ସୁନା କୁଳବଧୂ ପାଇ ଯେଉଁ ନାରୀ କୃତାର୍ଥ ନମଣିଛି ସେ ନିଷ୍ଟୟ ଗୋଟାଏ ରାକ୍ଷସୀ···

କାନ୍ତପୁଅ ! ସାବଧାନରେ କଥା କୁହ । ତୁମେ କ'ଣ ଆଜ ପାଗଳ ହେଲ ?

'ହଁ···ପାଗଳ ନୂଆବୋଉ ! ତୁମେ ଆଜ ମୋତେ ପାଗଳ କରଛ । ମଣିଷ ହୋଇ କେତେ ସହିବ ? ଶାନ୍ତି ପାଇବା ଆଶାରେ ଘରକୁ ଫେରିଲେ ଏତେ ଟିକେ ଶାନ୍ତି ପାଇପାରୁନ । ସଦା ସୁନନ୍ଦା ଓ ମୋତେ ନେଇ ନାନା ଆଲୋଚନା···ସମାଲୋଚନା । ବାହାରେ ନିନ୍ଦା···କୁତ୍ସାରଟନା । ନନା ମଧ ଯେମିତି ସେ କୁତ୍ସାରଟନାକୁ ସମର୍ଥନ କରନ୍ତି । ସେ ଯଦି ଜୋର କରି କଥା ପଦେ କହନ୍ତେ ତେବେ ଏସବୁ ଘଟନ୍ତା ନାହିଁ, ନୂଆବୋଉ ! ଦେଖୁଛି, ଏଣିକି ଏଇଠି ରହିବାହିଁ କଷ୍ଟ ହେବ ! ଓଃ ! କି ଯନ୍ତ୍ରଣା !' ସୂର୍ଯ୍ୟ ନିଜ ଛାତି ଉପରେ କମିଜ୍‌ଟାକୁ ଦୁଇ ହାତରେ ମୁଠା କରି ମୁହଁ ବିକୃତ କରି ଆଖିରୁ ଟପ୍‌ଟପ୍ ଲୋତକ ଗଡ଼ାଇ ଘର ଭିତରେ ଖଟ ଉପରେ ଯାଇ ପଡ଼ିଯାଏ ।

ଏଣେ ବୃଦ୍ଧା ପଦ୍ମାବତୀ ଝରଝର ଲୋତକ ଗଡ଼ାଇ ଡାକି ଉଠନ୍ତି, 'ସତ୍ୟ···ସତ୍ୟବ୍ରତ !' ସେତେବେଳକୁ ସତ୍ୟବ୍ରତ ନାଟକ ଲେଖାରେ ବ୍ୟାପୃତ । କଳ୍ପନା ରାଜ୍ୟରେ ଭ୍ରମମାନ । ହଠାତ୍ ତା'ର କଳ୍ପନା ବାଧା ପାଏ । ସେ କହି କହି ଉଠିପଡ଼େ 'କ'ଣ ବୋଉ ?' ଘଟଣା ସ୍ଥଳରେ ଉପସ୍ଥିତ ହୋଇ ଦେଖେ, ପଦ୍ମାବତୀ

କ୍ରନ୍ଦନରତା, ସୂର୍ଯ୍ୟ ବିମର୍ଷ···ବିଷାଦଦଗ୍ଧ । ସହସା କହିଉଠେ, 'କ'ଣ ଏସବୁ କାଣ୍ଡ, ବୋଉ ! କ'ଣ ଏତେ ପାଠିରେଲ ! ବୋଉ ! ତୁ ତୋ' ବାରବ୍ରତ ଦେବସେବାରେ ମନ ନଦେଇ ଏ କ'ଣ କାନ୍ଦ ବୋବା କରୁଛୁ ?' ପଦ୍ମାବତୀ କାନ୍ଦି କାନ୍ଦି କହନ୍ତି, 'ପୁଅ ! ମୁଁ ଏ ଘରେ ରହିପାରିବି ନାହିଁ । ପୁରୁଷୋତ୍ତମ ଚାଲିଯିବି ।'

ବେଶ୍ ! ଯଦି ତୋର ତାହାହିଁ ଏକମାତ୍ର ଇଚ୍ଛା, ତେବେ ମୁଁ କେବେହେଁ ମନା କରୁନି ।

ଇନ୍ଦ୍ରା କହେ, 'ଏ କ'ଣ କହୁଛ··· ?'

ନା ନା, ଇନ୍ଦ୍ରା ! ତୁମେ ତୁନିରହ । ଭଗବାନଙ୍କ ନିକଟରେ ବିଶ୍ୱାସରଖି ବୋଉ ଯଦି ତା' ଶେଷ ଜୀବନ ପୁରୁଷୋତ୍ତମରେ କଟାଇବା କାମନାରେ ବ୍ୟାକୁଳ, ତେବେ କେହି ତା' ଇଚ୍ଛାର ବିରୁଦ୍ଧାଚରଣ କରିବା ଉଚିତ ନୁହେଁ । ଆଚ୍ଛା ବୋଉ ! ମୁଁ ଆଜିହିଁ ସକଳ ବ୍ୟବସ୍ଥା କରିଦେବି ।

# ଏଗାର

ସୂର୍ଯ୍ୟକାନ୍ତ ସବ୍‌ଡେପୁଟି ଚାକିରିରେ ନିଯୁକ୍ତ ହୋଇ ପ୍ରାୟ ଚାରିମାସ ବିତିଗଲାଣି । ତା'ର ବେଶଭୂଷା ପୂର୍ବଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେଲାଣି । ସୁନନ୍ଦା ମନରେ ମଧ୍ୟ ଆଜିକାଲି ଆତ୍ମଗର୍ବର ମାତ୍ରା ବିଶେଷ ଉଚ୍ଚ ସ୍ତରକୁ ଗତି କଲାଣି । ଆଧିପତ୍ୟର ମୋହରେ ସୂର୍ଯ୍ୟକାନ୍ତ ଓ ସୁନନ୍ଦା ଜଗତକୁ ତୃଣବତ୍ ଦେଖିବାରେ ଲାଗିଲେଣି । ବ୍ରହ୍ମପୁର ଅତିଅଳ୍ପ ଦୂର । ଦାନପୁରକୁ ମାତ୍ର ତିନି ମାଇଲ ରାସ୍ତା । ଏଣୁ ସୂର୍ଯ୍ୟକାନ୍ତ ଅଫିସକାମ ସାରି ଘରକୁ ଫେରିଆସେ ପୁଣି ସକାଳ ଦଶଟାରେ ଖାଇପିଇ ଅଫିସକୁ ଯାଏ । ପଦ୍ମାବତୀ ପୁଣ୍ୟ-କ୍ଷେତ୍ରବାସିନୀ ହେବା ଦିନଠାରୁ ଘରର ସମସ୍ତ ଭାର ବର୍ତ୍ତମାନ ଇନ୍ଦ୍ରା ଉପରେ । ସୁନନ୍ଦା ସହ ଆସିଥିବା ବ୍ରାହ୍ମଣୀ ଅବଶ୍ୟ ରନ୍ଧାବଢ଼ା କରେ ପୁଣି ପୋଇଲି ଦୁଇଜଣ ଘରକାମ କରନ୍ତି । କିନ୍ତୁ ବାକି ସମସ୍ତ ବିଷୟ ଇନ୍ଦ୍ରା ଉପରେ । ଏପରିକି ଜିନିଷପତ୍ର, ଧାନ, ମୁଗ, ବିରି ସାଇତି ରଖିବା; ଠିକ୍ ସମୟ ଦେଖି ରନ୍ଧାବଢ଼ା

ପାଇଁ ତାଗିଦ୍ କରିବା; ସତ୍ୟବ୍ରତ, ସୂର୍ଯ୍ୟକାନ୍ତ ଓ ସୁନନ୍ଦାର ଆବଶ୍ୟକ ମୁତାବକ ସକଳ ଜିନିସ ଯୋଗାଇବା; କୁଣିଆ ବନ୍ଧୁବାନ୍ଧବ ଆସିଲେ ମହତମର୍ଯ୍ୟାଦା ତୁଲାଇବା—ସକଳ କଥା ଇନ୍ଦ୍ରାର ପୂର୍ଣ୍ଣ ଦାୟିତ୍ୱରେ ହିଁ ଚଳେ । କିନ୍ତୁ ସୁନନ୍ଦା ସହ ଆସିଥିବା ବ୍ରାହ୍ମଣୀ ପୋଇଲଙ୍କ ଆଖିକୁ ଇନ୍ଦ୍ରାର ଏ ତାଗିଦ, ଆଧିପତ୍ୟ ସୁହାଏ ନା । ସେମାନେ ସଦା ଇନ୍ଦ୍ରା ନାମରେ ଖଚ ମିଛ ଲଗାଯୋଷା କଥା ନେଇ ଫୁସ୍ ଫୁସ୍ ସୁନନ୍ଦା କାନରେ କହନ୍ତି । ସୁନନ୍ଦା ବେଳେ ବେଳେ ରାଗିଯାଏ । ଦେଖୁ ଦେଖୁ ଅବସ୍ଥା ଏପରି ଆକାର ଧାରଣ କଲା ଯେ, ଘରେ ପରସ୍ପର ପ୍ରତି ସ୍ନେହ ସୋହାଗ ଏକାବେଳକେ ଉଭେଇଗଲା । ଏହାର ସୁବିଧା ନେଇ ଇନ୍ଦ୍ରା ଠିକ୍ ସମୟରେ ତାଗିଦ୍ କଲେ ମଧ୍ୟ ବ୍ରାହ୍ମଣୀ ପୋଇଲ ଠିକ୍ ସୁନନ୍ଦାର କ୍ଲବ୍ ଯିବା ସମୟକୁ ଚା ଜଳଖିଆ ଯୋଗାଇଲେ ନାହିଁ । ସୂର୍ଯ୍ୟ-କାନ୍ତର ଅଫିସ ସମୟକୁ ରନ୍ଧାବଢ଼ା କଲେ ନାହିଁ । ଏହିପରି ଗଣ୍ଡଗୋଳ ସଦା ଲାଗିରହିଲା । ସତ୍ୟବ୍ରତ ଶୁଣିଲା । ଇନ୍ଦ୍ରାକୁ କହିଲା, 'ତୁମେ ହିଁ ସକଳ ଗଣ୍ଡଗୋଳର କାରଣ । ସୂର୍ଯ୍ୟକୁ ଠିକ୍ ସମୟରେ ଭାତ ଦେଉ ନାହିଁ କାହିଁକି ? ବୋଉକୁ ଠିକ୍ ବେଳେ ଚା ଜଳଖିଆ ଦେଉନାହିଁ କାହିଁକି ? ମନେ ରଖ ଇନ୍ଦ୍ରା, ଗୃହିଣୀର କର୍ତ୍ତବ୍ୟରେ ଅବହେଳା କରି ତୁମେ ନିଜ ଜୀବନକୁ ନଷ୍ଟ କରନାହିଁ ।' ସେହିଦିନୁ ରନ୍ଧାବଢ଼ାଠାରୁ ଆରମ୍ଭ କରି, ଚା ଜଳଖିଆ ସମସ୍ତ କାମଧାମ ଇନ୍ଦ୍ରା ନିଜେ କରିବାରେ ଲାଗିଲା । ଘରର ମାନ ଅପମାନ ରଖିବା ପାଇଁ ନିଜର ଆତ୍ମସମ୍ମାନକୁ ବଳିଦେଇ ସୂର୍ଯ୍ୟ ଓ ସୁନନ୍ଦାର ସେବା ହିଁ କଲା । ଏପରିକି ସୁନନ୍ଦାର ପୁରୁଷ ବନ୍ଧୁ, ସ୍ନେହୀ ସାଥିଙ୍କ ଆଗକୁ ଯାଇ ଚା' ଜଳଖିଆ ବାଢ଼ି ଅତିଥିସତ୍କାର କରିବା ପାଇଁ ମଧ୍ୟ ଭୁଲିଲା ନାହିଁ ।

ସତ୍ୟବ୍ରତ ଆଜକାଲି ଇନ୍ଦ୍ରାର ବ୍ୟବହାରରେ ବିଶେଷ ପ୍ରୀତ···ତୁଷ୍ଟ । ଇନ୍ଦ୍ରା ନିଜର କର୍ତ୍ତବ୍ୟ ବିବେଚନା କରି ସକଳ କାମ କରିଯାଏ । ମନରେ ଏତେଟିକେ ଅନୁଶୋଚନା ମଧ୍ୟ କରେ ନାହିଁ । ଇନ୍ଦ୍ରାର ଏହି ଗୁଣ ଦେଖି ସତ୍ୟବ୍ରତ ଇନ୍ଦ୍ରାକୁ ଅଧିକ ପ୍ରେମ କରନ୍ତି । ଦିନେ ଦିନେ ଏକାନ୍ତରେ କୋଳକୁ ଟାଣି କହନ୍ତି, 'ରାଣି ! ତୁମେ ମୋ ଇହପରର ସହଚରୀ···ଅର୍ଦ୍ଧାଙ୍ଗିନୀ । ତୁମକୁ ପାଇ ମୋ ଜୀବନ ଆଜି ଧନ୍ୟ ।' ଇନ୍ଦ୍ରା ପ୍ରେମାକୁଳ କଣ୍ଠରେ ଈଷତ୍ ବହିର୍ଗୃହାଣିରେ କହେ, 'ପ୍ରିୟ ମୋର ! ତୁମର ସନ୍ତୋଷ ବିଧାନ ହିଁ ମୋର ପରମ କର୍ତ୍ତବ୍ୟ ।'

ଦିନେ ସୂର୍ଯ୍ୟକାନ୍ତ ଇନ୍ଦ୍ରା ନିକଟକୁ ଆସି କହିଲା, 'ନୂଆବୋଉ ! ଦେଖୁଛି, ତୁମେହିଁ ଏ ଘରେ ଯେମିତି ଏକଚ୍ଛତ୍ରିଆ ଅଧିକାର ଚଳାଇଛ । ସୁନନ୍ଦା ସହ ଆସିବା ବ୍ରାହ୍ମଣୀ ଓ ପୋଇଲିଙ୍କ ସଙ୍ଗେ କୁଆଡ଼େ ତୁମେ ଭା'ରି ରଗିଛ । ତାଙ୍କଦ୍ୱାରା ଘରର କୌଣସି କାମପନ କରାଇ ଦେଉନାହଁ । ଏ କି କଥା ନୂଆବୋଉ ! ତୁମେ କ'ଣ ତୁମ ବାପଘରର ଧନ ଆଣି ସେମାନଙ୍କୁ ଖାଇବାପାଇଁ ଦେଉଥିଲ ?'

କାନ୍ତପୁଅ···! ଏ କ'ଣ କହୁଛ ?

'ଯା ! ତୁମର ଏପରି ସ୍ୱଭାବ ମୋତେ ଭଲ ଲାଗେନା ନୂଆବୋଉ ! ଦେଖୁଛି, ସୁନନ୍ଦା ଆସିବାଠାରୁ ତୁମର ସକଳ ବ୍ୟବହାର ସମ୍ପୂର୍ଣ୍ଣ ବଦଳିଯାଇଛି । ସାବଧାନ !' ହାକିମ୍ ମିଜାଜ୍‌ରେ କଥା ବକି ସୂର୍ଯ୍ୟକାନ୍ତ ଠପ୍‌ଠାପ୍ ଯୋତା ଶବ୍ଦ କରି ଚାଲିଗଲା । ଇନ୍ଦ୍ରାର ମୁହଁରୁ ସହସା ନିର୍ଗତ ହେଲା ଗୋଟାଏ ଦୀର୍ଘ ନିଶ୍ୱାସ······ ହା, ଭଗବାନ !

ଗୋଳମାଳ ଶୁଣି ସତ୍ୟବ୍ରତ ଉପସ୍ଥିତ ହେଲା । ଇନ୍ଦ୍ରାକୁ ଲକ୍ଷ୍ୟକରି କହିଲା, 'କ'ଣ ଗୃହିଁରହିଛ ଇନ୍ଦ୍ରା ! ତୁମେ ହିଁ ଘରଟାକୁ ଜାଳିପୋଡ଼ି ଖାଇବ । ସୂର୍ଯ୍ୟର କ'ଣ ଅସୁବିଧା ହେଲା ଶୁଣେ ?' ଇନ୍ଦ୍ରା ବାଷ୍ପରୁଦ୍ଧ କଣ୍ଠରେ ଉତ୍ତର ଦିଏ, 'ନାହିଁ, କିଛିନାହିଁ··· ସବୁ ମୋର ।' 'ବେଶ୍ ଆଜିଠାରୁ ସାବଧାନ ହୁଅ, ଇନ୍ଦ୍ରା ! ଯେମିତି ସୂର୍ଯ୍ୟ ଓ ସୁନନ୍ଦାର କୌଣସି ଅସୁବିଧା ନହୁଏ ।'

ଏପରି ସମୟରେ କ୍ଲବ୍‌ରୁ ଫେରି ସୁନନ୍ଦା ପ୍ରବେଶ କରେ । ସତ୍ୟବ୍ରତ ମୁହଁ ଫେରାଇ ଚାଲିଯାଏ । ସୁନନ୍ଦା ହସ ହସ ମୁଖରେ କହେ, 'ଓ୍ୱେଲ୍, ଅପା ! ଆଜି ତ ଭାରି ଅଭିମାନମୀ ପରି ମୁହଁ ଲୁଚାଇ ବସିଛ ! ଯା'···ଯା, ଜଲ୍‌ଦି ଚା'ଜଳଖିଆ ଆଣ । ଅବିନାଶ ବାବୁ ଆସିଛନ୍ତି ।'

ସଙ୍ଗେ ସଙ୍ଗେ ଇନ୍ଦ୍ରା ଲୋତକ ପୋଛି କର୍ତ୍ତବ୍ୟ କରିବା ପାଇଁ ଉଠିଯାଏ । ଯେତେ ଶୀଘ୍ର ପାରେ ତେତେ ଶୀଘ୍ର ଚା'ଜଳଖିଆ ତିଆରି କରିବା ପାଇଁ ଚେଷ୍ଟା କରେ । କିନ୍ତୁ ମନ ଭିତରେ ଯେତେବେଳେ ମିନିଟକ ତଳେ ଗୋଟାଏ ବିକଟ ବିରାଟ ଝଞ୍ଜା ବହି ଚାଲିଯାଇଛି, ସେତେବେଳେ ମନଟା ଠିକ୍ ରହେ ନାହିଁ । କେଉଁଠା କେଉଁଠି ଭୁଲ ହୋଇଯାଏ । ଟିକେ ଡେରି ହୋଇଯାଏ । ସେଣେ ସୁନନ୍ଦା ଚିତ୍କାର କରେ, 'ଫୁ, ଅପା ! ହ୍ୱାଇ ଲେଟ୍ ? ବିଳମ୍ବ କାହିଁକି ? ସହଳ ଚା'ଜଳଖିଆ ଆଣ !' ଇନ୍ଦ୍ରା ଧୀର କଣ୍ଠରେ ଉତ୍ତର ଦିଏ, 'ନୂଆବୋଉ, ନେଉଛି···' ଉତ୍ତର ଆସେ, 'ଗେଟ୍ କ୍ୱିକ୍‌ଲି । ସହଳ ଆଣ ।' ସେଣେ ସତ୍ୟବ୍ରତ କହି ଉଠନ୍ତି, 'କ'ଣ କରୁଛ ଇନ୍ଦ୍ରା, ନୂଆବୋଉ ପରା ଚା'ଜଳଖିଆ ମାଗୁଛି । ବୁଲି ବୁଲି ଆସିଛି । ଭୋକ ହେବଣି । ଶୀଘ୍ର ନିଅ ।' ତରତର ହୋଇ ଟ୍ରେରେ ଚା'ଜଳଖିଆ ନେଇ ସୁନନ୍ଦା ନିକଟରେ

ଥୋଇଦିଏ । ସୁନନ୍ଦା କହେ, 'ୱେଲ୍ ଅପା ! ବ୍ରିଙ୍ଗ୍ ପାନ··· ପାନ ଆଣ ।' ଗୋଟିଏ ଥାଳି ଜଳଖିଆ ଅବିନାଶ ବାବୁଙ୍କ ଆଗରେ ଥୋଇ ଦେଇ କହେ, 'ପ୍ଲିଜ୍ ଟେକ୍···ଗ୍ରହଣ କରନ୍ତୁ ।' ନିଜେ ଗୋଟିଏ ଥାଳିରେ ଜଳଖିଆ ରଖି ଖାଇବା ଆରମ୍ଭ କରେ । ଜଳଖିଆ ଶେଷ ହେବା ପରେ ଗୋଟିଏ କପ୍‌ରେ ଚା' ଭରି ଅବିନାଶ ବାବୁଙ୍କୁ ବଢ଼ାଇଦିଏ ପୁଣି ଅନ୍ୟଟି ନିଜେ ଧରି ଅଧର ଲଗାଏ । ସହସା ମୁଖ ତା'ର ବିକୃତ ହୋଇଯାଏ । ସେ କହେ, 'ଡେମ୍.ଡିକ୍‌କସନ୍ । ନନ୍‌ସେନ୍‌ସ ।' ସଙ୍ଗେ ସଙ୍ଗେ ଘର ଭିତରକୁ ଚାଲିଯାଇ ଇନ୍ଦ୍ରାର ହାତଧରି ଟାଣିଆଣେ, ପୁଣି କହେ, 'ୟୁ, ଷ୍ଟୁପିଡ୍ ଅପା ! ଏମିତି ମୋତେ ଅପଦସ୍ତ କରୁଛ କାହିଁକି ? ବିଶେଷତଃ ଜଣେ ଜିଲ୍ଲା କଲେକ୍ଟରଙ୍କ ଆଗରେ ମୋତେ ଏମିତି ଉପହସିତ କଲ କାହିଁକି ? ଏ ଡିକକ୍‌ସନ୍‌ରେ ଆଉଗଣ୍ଡେ ଚା'ପତି ପକାଇଲେ କ'ଣ ତମ ବାପର ଗଣ୍ଡି ସରୁଥିଲା ? ନିଅ, ଏସବୁ ତୁମେ ଖାଅ ।' ଟ୍ରେଟାକୁ ଟେକି ଧଡ଼ଧାଡ଼ ତଳେ ଛେଚିଦିଏ । ଇନ୍ଦ୍ରା ଲଜ୍ଜା···ଅପମାନରେ ମୁହଁ ଟେକି ଚାହିଁପାରିଲା ନାହିଁ । ପିଠି ଲେଉଟାଇ ଫେରିଲା । ଅବିନାଶ ବାବୁ ସୁନନ୍ଦାକୁ ପ୍ରଶ୍ନକଲେ, 'ହୁ ଇଜ୍ ଦିସ୍ ଲେଡ଼ି ? ଏ ସ୍ତ୍ରୀବ୍ୟକ୍ତି କିଏ ?'

'ଆମର କାମପତ୍ର କରେ···। ଦେଖୁଛନ୍ତି, ସବୁଥିରେ ଏପରି ଅବହେଳା ।' ସୁନନ୍ଦା କହିଲା ।

ବାହାର କରିଦିଅ ।

ହଁ, ଶେଷରେ ତାହାହିଁ ହେବ ।

ଇନ୍ଦ୍ରା ଏସବୁ ଶୁଣିଲା । କିନ୍ତୁ ଆଖିରୁ ଲୋତକ ଗଡ଼ାଇ ପୁନର୍ବାର ଭଲ ଚା' ତିଆରି କରିବାରେ ଲାଗିଗଲା ।

ସତ୍ୟବ୍ରତ ଘଟଣାର ଆଦ୍ୟପ୍ରାନ୍ତ ସମସ୍ତ ବିଷୟ ଶୁଣେ । ସେ ଇନ୍ଦ୍ରା ନିକଟକୁ ଯାଇ କହେ, 'ଇନ୍ଦ୍ରା ! କାନ୍ଦୁଛ···? ଛି, ଏପରି ଭଗ୍ନହୃଦୟ ଓ ଅସ୍ଥିର ହେବା ଉଚିତ ନୁହେଁ । ମଣିଷ ଜୀବନରେ ଯେ ଏହାଠାରୁ କେତେ ବଡ଼ ଝଡ଼ଝଞ୍ଜା ଘଟିପାରେ । ସେଥିପାଇଁ ଧୈର୍ଯ୍ୟଧରି ସହ୍ୟ କରିବାକୁ ହେବ ।' ଇନ୍ଦ୍ରା ହୃଦୟରେ ବିଗ ହୁଏ । ସେ ସତ୍ୟବ୍ରତ ପ୍ରତି ଅଭିମାନଭରା ଦୃଷ୍ଟିରେ ଚାହିଁ ଉତ୍ତର ଦିଏ, 'ତୁମ ଦେହରେ କ'ଣ ଟିକେ ରକ୍ତ ନାହିଁ ? ଦେଖୁଛ ଯେଉଁ ଅପମାନ, ତାହା କ'ଣ ମଣିଷ ସହ୍ୟ କରିପାରେ ?'

ତୁମ ହି ଇନ୍ଦ୍ରା ! ତେଣେ ନୂଆବୋଉ ଶୁଣିବ ! ଦେଖୁଛ ପରି ଇକ୍ଷୁ ନିଷ୍ପେଷିତ ହୋଇ ସୁଦ୍ଧା କିପରି ମଧୁର ରସ ଦାନ କରୁଛି !

ଛି, ଏସବୁ କହ ନାହିଁ । ମୋ ମତରେ ସେ ସବୁ ମଣିଷ ମନର ଦୁର୍ବଳତା···ଶକ୍ତିହୀନତା । ମଣିଷ ନିଜକୁ ଟିକେ ସାନ୍ତ୍ୱନା ଦେବାପାଇଁ ନିଜକୁ ପଶୁପକ୍ଷୀ ଠାରୁ ଆରମ୍ଭ କରି ବୃକ୍ଷଲତା ସହ ନିଜକୁ ତୁଳନା କରେ । ତଦ୍ୱାରା ମଣିଷ ନିଜକୁ ପଶୁପକ୍ଷୀ, ଲତାବୃକ୍ଷ ସ୍ତରକୁ ଟାଣିନେଇ ମନୁଷ୍ୟତ୍ୱ ହରାଇବସେ ।

ନା···ନା, ଦେଖ ଇନ୍ଦ୍ରା ! ତୁମେ ଧୈର୍ଯ୍ୟଧରି ସମସ୍ତ ବିଷୟ ସହିଯାଅ, ଦେଖିବ, ତୁମ ଭାଗ୍ୟରବି କିପରି ପ୍ରସନ୍ନ ହେବ ।

ତେଣେ ଶୁଭେ, 'ଯୁ, ଅପା ! ଭଲ ଚା' ଶୀଘ୍ର ଆଣ ।' 'ହଁ ନୂଆବୋଉ ! ନଉଛି ପରା' କହି ଇନ୍ଦ୍ରା ଚା' ନେଇ ଟେବଲ୍ ଉପରେ ରଖିଦିଏ ।

ଅବିନାଶବାବୁ···ଇନ୍ଦ୍ରା ପୂର୍ବ କଲେଜ ଛାତ୍ରାବସ୍ଥାର ପରମ ବନ୍ଧୁ । ଅବଶ୍ୟ ଇନ୍ଦ୍ରାର ଅନ୍ୟାନ୍ୟ ବନ୍ଧୁ ଥିଲେ । କିନ୍ତୁ ବର୍ତ୍ତମାନ

ଅବିନାଶ ବାବୁହିଁ ପ୍ରଧାନ ଓ ଅନ୍ତରଙ୍ଗ ବନ୍ଧୁ ପାଲଟିଛନ୍ତି । ସେ ଜଣେ ଜିଲ୍ କଲେକ୍ଟର···ହାକିମ । ଇନ୍ଦ୍ରାର ବିବେଚନାରେ ମଧ୍ୟ ଅବିନାଶଙ୍କ ସହ ଘନିଷ୍ଠତା ସ୍ଥାପନ ହିଁ ତା'ର ଏକମାତ୍ର କାମ୍ୟ ହେବା ଉଚିତ । ଏହି ବନ୍ଧୁତା ଫଳରେ ଆଜି ସୂର୍ଯ୍ୟକାନ୍ତ ସବ୍‌ଡ଼ିପୁଟି । ହୁଏ ତ କାଲି ଡ଼ିପୁଟି ହୋଇପାରେ । ଏହାହିଁ ଅବିନାଶ ସହ ସୁନନ୍ଦାର ପ୍ରେମ ସମ୍ବନ୍ଧର ମୂଳ ଉଦ୍ଦେଶ୍ୟ । ଏହାହିଁ ସୁନନ୍ଦାର ଏକମାତ୍ର ଆକାଂକ୍ଷା । ସୂର୍ଯ୍ୟକାନ୍ତ ମଧ୍ୟ ଆଧିପତ୍ୟ ମୋହରେ ସୁନନ୍ଦାର ଉଦ୍ଦେଶ୍ୟକୁ ପ୍ରଶଂସା ନକରି ରହିପାରେ ନାହିଁ । ବେଳେ ବେଳେ ସୂର୍ଯ୍ୟକାନ୍ତ ସୁନନ୍ଦାକୁ ପ୍ରେମଭରେ କୋଳକୁ ଟାଣି ଆଣି ନିବିଡ଼ ଚୁମ୍ବନ ଦିଏ । କହେ, 'ତୁମେ ହିଁ ମୋ ଜୀବନ ଆଲୋକିତ କରିବ, ପ୍ରେୟସି !' ସୁନନ୍ଦା ସୂର୍ଯ୍ୟକାନ୍ତର ଏପରି ନିବିଡ଼ ଆଲିଙ୍ଗନରେ ବିରକ୍ତ ହୋଇ କହିଉଠେ, 'ଲିଭ୍ ମି···ଛାଡ଼ନ୍ତୁ । ମୋ ହାଡ଼ଗୋଡ଼ ଭାଜିଯିବ ଯେ । ୟୁ ଡୋଣ୍ଟ୍ ନୋ ଦି ଆର୍ଟ ଅଫ୍ ଲଭ୍ । ତୁମକୁ ଶିକ୍ଷା କରିବାକୁ ପଡ଼ିବ ।' ସେ ଜୋର ସୋର କରି ସୂର୍ଯ୍ୟକାନ୍ତର ଆଲିଙ୍ଗନରୁ ମୁକ୍ତ ହୋଇଯାଏ, ପୁଣି କେମିତି ଗୋଟାଏ ରୁକ୍ଷ ଓ କର୍କଶ ଚାହାଣିରେ ଚାହେଁ । ସୂର୍ଯ୍ୟ ସେଥିରେ ବିବ୍ରତ ହୋଇ କହେ, 'କ୍ଷମା ଚାହେଁ, ପ୍ରେୟସି ! ତୁମେ ହିଁ ଯେ ମୋତେ ପ୍ରେମଶିକ୍ଷା ଦେଇଛ ।' ସୁନନ୍ଦା ସୂର୍ଯ୍ୟକାନ୍ତର ହାତ ଧରି ଟାଣି ଆଣି ଖଟ ଉପରେ ବସାଏ ପୁଣି ନିଜେ ବସେ । ଟେବିଲ୍ ଉପରୁ ହ୍ୱିସ୍କି କାଚ ଉଠାଇ, ଗ୍ଲାସରେ ଭର୍ତ୍ତିକରି ସୂର୍ଯ୍ୟର ଅଧରରେ ଲଗାଏ ପୁଣି କହେ, 'କାମାନ୍, ମୁଁ ଆଜି ତୁମକୁ ପ୍ରେମଶିକ୍ଷା ଦେବି । ଆଇ ୱିଲ୍ ଟିଚ୍ ୟୁ ଦି ଆର୍ଟ ଅଫ୍ ଲଭ୍ ।' ସୂର୍ଯ୍ୟକାନ୍ତ ଶାନ୍ତ ଶିଷ୍ଟ ଶିଷ୍ୟଟି ପରି ନିମିଷକେ ହ୍ୱିସ୍କିତକ ନିଃଶେଷ କରିଦେଇ କହେ, 'ମାଇ ବିଲଭେଡ୍···!

କାମାନ୍ !' ଠିକ୍ ଏପରି ସମୟରେ ଅବିନାଶ ବାବୁ ମଧ୍ୟ ମାତାଲ୍ ଅବସ୍ଥାରେ ଆସି ପହଞ୍ଚନ୍ତି । ପାଦ ଟଳଟଳ···ଚକ୍ଷୁ ଢ଼ଳଢ଼ଳ । ସୁନନ୍ଦା ତାଙ୍କ ହାତ ଧରି ଚାଲିଯାଏ । ଅବିନାଶ ବାବୁ, ସୂର୍ଯ୍ୟକାନ୍ତର ପିଠି ଥାପୁଡ଼େଇ କହନ୍ତି, 'ଆଇ ଓ୍ୱିଲ୍ ମେକ୍ ୟୁ ଡେପୁଟି···ଡେପୁଟି କରିଦେବି ତୁମକୁ ।' ସୂର୍ଯ୍ୟକାନ୍ତ ଈଷତ୍ ହସି ଆତ୍ମପ୍ରସାଦ ଲାଭ କରେ ପୁଣି ଅଭିବାଦନ ଜଣାଇ କହେ, 'କୃତଜ୍ଞତା ଜଣାଉଛି ।'

ଅବିନାଶ ବାବୁ··· । ଜିଲ୍ଲାର ସର୍ବୋଚ୍ଚ ହାକିମ୍ । ଘରେ ତରୁଣୀ ଭାର୍ଯ୍ୟା । ସୁନ୍ଦରୀ, ଗୁଣବତୀ । ବର୍ଷକର ଗୋଟିଏ ଶିଶୁଟିଏ । ତଥାପି ତାଙ୍କର ପାଶବିକ ଲାଳସା ତୃପ୍ତ ହୁଏ ନା । ବେଳେ ବେଳେ ପତିପତ୍ନୀଙ୍କ ମଧ୍ୟରେ ଏ ବିଷୟ ନେଇ ତୁମୁଳ ଝଡ଼ ତୋଫାନ ଖେଳିଯାଏ । କିନ୍ତୁ ମଣିଷ ପ୍ରକୃତି ବଦଳେ ନାହିଁ । ସୁନନ୍ଦା ସହ ଅବିନାଶଙ୍କ ଗୁପ୍ତପ୍ରେମ ବୃତ୍ତାନ୍ତ ତାଙ୍କ ପତ୍ନୀ ଅନିମା ମଧ୍ୟ ଜାଣେ । ତଥାପି ଅବିନାଶ ବାବୁ ନିଜର ପ୍ରକୃତି ବଦଳାଇବା ପାଇଁ ଚେଷ୍ଟା ସୁଦ୍ଧା କରନ୍ତି ନାହିଁ ।

ଅବିନାଶ ବାବୁ···ସୁନନ୍ଦା । ଆଧିପତ୍ୟ ଯେଉଁଠି ଥାଏ ସେଠି ପ୍ରେମ ଗୋଟାଏ ପ୍ରହେଳିକାରେ ପରିଣତ ହୁଏ । ପ୍ରଭୁତ୍ୱ ନିକଟରେ ସ୍ନେହ···ପ୍ରେମ ବିଡ଼ମ୍ବନାର ବସ୍ତୁ । ଲାଳସାଯୁକ୍ତ ପ୍ରେମ, ପ୍ରେମ ନୁହେଁ···ପ୍ରହେଳିକା ।

# ବାର

ଶ୍ରୀକାନ୍ତ ଆଜିକାଲି ବିଶେଷ ସୁବିଧା ପା'ନ୍ତି । ସୁବିଧାବାଦୀ ସେ । କେଉଁ ସମୟରେ କଥାଟା କହିଦେଲେ ମଣିଷ ମନରେ ଛୁଆଁପର ଗଳିଯିବ, ସେ ଭଲଭାବେ ଜାଣନ୍ତି । ସଦା ଓର ଉଣ୍ଡି ବୁଲୁଥା'ନ୍ତି । ଛିଦ୍ର ପ୍ରତି ଦୃଷ୍ଟି ରଖିଥାନ୍ତି । ତାଙ୍କର ପ୍ରରୋଚନାରେ ଆଜି ପଦ୍ମାବତୀ ଶ୍ରୀକ୍ଷେତ୍ରବାସିନୀ । ତା'ଙ୍କର ପ୍ରରୋଚନାରେ ସୂର୍ଯ୍ୟକାନ୍ତ ଆଜିକାଲି ନୂଆବୋଉ ଓ ସତ୍ୟବ୍ରତ ଉପରେ ଟିକେ ରୁଷ୍ଟ ହୋଇ ଉଠିଛି । ସେ ଗାଁଲୋକଙ୍କ ନିକଟରେ ସୂର୍ଯ୍ୟକାନ୍ତ ଓ ସୁନନ୍ଦାର ନିନ୍ଦା କରନ୍ତି । କିନ୍ତୁ ଘରକୁ ଆସି ସେ ଦୁହିଙ୍କ ଆଗରେ ପ୍ରଶଂସା ଗାନ କରନ୍ତି । କହନ୍ତି, 'ବାପ, ହାକିମ ହୋଇ ଗାଁର ମାନ ବଢ଼ାଇଛୁ, ବାପର ଇଜ୍ଜତ ରକ୍ଷା କରିଛୁ ।' ସୂର୍ଯ୍ୟକାନ୍ତର ଛାତି କୁଣ୍ଢେ ମୋଟ ହୋଇଯାଏ । ସୂର୍ଯ୍ୟକାନ୍ତ କହେ, 'କକା, ମୋର ଏଠି ବିଶେଷ ଅସୁବିଧା ହେଉଛି । ସୁନନ୍ଦା ମଧ୍ୟ

ବିରକ୍ତ ହେଉଛି । ଏ ଯେଉଁ ମରହଟ୍ଟି ଗାଁ । ଲୋକଙ୍କର ମୋଟେ ଆଖି ଫିଟିନି । ତା'ପରେ ଏ ନୂଆବୋଉ ଓ ନନାଙ୍କର ଯାହା ବ୍ୟବହାର, ମୋତେ ଏଠି ରହିବା ପାଇଁ ଆଦୌ ଇଚ୍ଛା ହେଉନି ।'

ସତ ସତ ବାପ, ହାକିମ ମେଜାଜ୍ ତୋର । ଏଠିକି ସୁହାଇବ ନାହିଁ । ବିଶେଷତଃ ସାନବୋଉର ଚାଲିଚଳଣିରେ ଘରଲୋକେ ସିନା ତୁଷ୍ଟ ହେବା କଥା, ତା'ବଦଳେ କୁତ୍ସା ରଟନା କରୁଛନ୍ତି ।

ହିଁ...ହିଁ, ସେଇକଥା ପରି ! ସେହିଦିନ ଯାହା ଘଟଣା !

କେଉଁ ଦିନ...କେଉଁ ଦିନ ବାପ ?

ଜିଲ୍ଲାହାକିମ ଅବିନାଶ ବାବୁ ସୁନନ୍ଦା ସହ ଆମ ଘରକୁ ଆସିଥିଲେ । ନୂଆବୋଉ ପରି ତାଙ୍କୁ ଖରାପ ଗୁଁଗୁଡ଼ା ଦେଇ ଅମର୍ଯ୍ୟାଦା କଲା !

ଏଁ...ଏଁ...ଜିଲ୍ଲା କଲେକ୍ଟରଙ୍କୁ...? ସୁନନ୍ଦା କଣ ତା'ର ପ୍ରତିକାର କରିପାରିଲା ନାହିଁ ?

ହିଁ ଯେତେ ପ୍ରତିକାର କଲେ ସୁଦ୍ଧା—ଅମର୍ଯ୍ୟାଦା; ଅପମାନ ତ ହେଲା । ଅବିନାଶ ବାବୁ ସେମିତି ଭଦ୍ର ଶିଷ୍ଟ ଲୋକ ହୋଇଥିବାରୁ ନିଜ କଥା ବୋଲି ଧରିନେଲେ । ନହେଲେ ମୋ ଚାକିରି ଉପରେ ବ୍ୟାଘାତ ସୃଷ୍ଟି ହୋଇଥାନ୍ତା ।

ଏଁ...ଏଁ, ତୋ ଚାକିରି ଉପରେ...! ଏତେ ବଡ଼ ହାକିମ ଚାକିରି । ବାପ ଅଜା ଜାଣି ନଥିଲେ...।

ସେତିକି ନୁହେଁ କକା, ଏହି ଅଳ୍ପ ଦିନରେ ପରି ମୁଁ ଡିପୁଟି ହେବି !

'ସେତେ ବାପ...? ମୋ ଧନଟା, ନା' ରଖିଲୁ' କହି ଶ୍ରୀକାନ୍ତ ସୂର୍ଯ୍ୟକାନ୍ତଙ୍କୁ କୁଣ୍ଢାଇ ପକାଇବା ପାଇଁ ଅଗ୍ରସର ହୁଅନ୍ତି ।

ସୂର୍ଯ୍ୟକାନ୍ତ କକାଙ୍କୁ ଅଟକାଇ ଦେଇ କହେ, 'ହଁ...ହଁ, ଠିକେ ରହନ୍ତୁ କକା, ମୋ ଡ୍ରେସ୍‌ଟା ଖରାପ ହୋଇଯିବ ।' ଶ୍ରୀକାନ୍ତ ଅଟକି ଯା'ନ୍ତି । ସୂର୍ଯ୍ୟକାନ୍ତଙ୍କୁ ନିକଟସ୍ଥ ଗୋଟାଏ ଚୌକିରେ ବସିବାକୁ କହି ନିଜେ ଗୋଟାଏ ଚୌକିରେ ବସନ୍ତି । କହନ୍ତି, 'ବାପ ! ଗୋଟିଏ କଥା ପ୍ରତି ଦୃଷ୍ଟି ଦେଉନାହୁଁ କାହିଁକି ? ସତ୍ୟ ବଡ଼ପୁଅ ହେଲେ, ତୁ ସାନପୁଅ ତ ! ତୋର ମଧ୍ୟ ଏ ଘରେ ସର୍ବସ୍ୱତ୍ୱ ଅଧିକାର ଅଛି । ବଡ଼ ହାକିମ ହେବାକୁ ବସିଲୁଣି । ନିଶ୍ଚୟ ବ୍ରହ୍ମପୁର ଚାଲିଯିବାକୁ ପଡ଼ିବ । ଏଣେ ତୋ'ର ଯାହା ଭୂମିବାଡ଼ି ମିଳିବା କଥା ସେସବୁ କ'ଣ ଏବୁହେଁ ଖାଇଯିବେ ? ପୁଅରେ ! ମୋ ମତରେ ଏହା ଭଲ ଦେଖାଯାଉନି । କ'ଣ କହୁଛୁ ?' ସୂର୍ଯ୍ୟକାନ୍ତ ଦଣ୍ଡେ ଚିନ୍ତା କରନ୍ତି । ଏପରି ସମୟରେ ସୁନନ୍ଦା ପ୍ରବେଶ କରି କହିଉଠେ, 'ଓ୍ୱାଟ୍ ସୂର୍ଯ୍ୟବାବୁ ! ଘରି ଚିନ୍ତିତ ଦେଖାଯାଉଛ ଯେ ! ଘଟଣା କ'ଣ ? ଓ ! ଏଣେ କକା ମଧ୍ୟ ହାଜର ହୋଇଛନ୍ତି । ଶୁଣେ କଥା କ'ଣ ?' ସୁନନ୍ଦା ଅନ୍ୟ ଗୋଟିଏ ଚୌକି ଟାଣି ସୂର୍ଯ୍ୟବାବୁଙ୍କ ନିକଟରେ ବସିପଡ଼େ । ଶ୍ରୀକାନ୍ତ କହନ୍ତି, 'ମା, କିଛି ନୁହେଁ ଯେ, ଗୋଟିଏ ବିଷୟ ନେଇ କଥା ହେଉଥିଲୁ ।'

କ'ଣ ? ସେ ବିଷୟଟା ଶୁଣେ... ?

କିଛି ନାହିଁ ମା ! ତୋ ମନକୁ କିପରି ପାଇବ କହିପାରୁନି । ଏତିକି ଯେ, ସୂର୍ଯ୍ୟକାନ୍ତ ଅଳ୍ପଦିନରେ ବଡ଼ ହାକିମ ହେବ । ଏଇ ଘରୁ ତ ତା'ର ପ୍ରାପ୍ୟ ଭାଗଟା ଅଛି । ତା' ପୂର୍ବରୁ ସେସବୁ ଛିଣ୍ଡାଇ ଦେବା ଉଚିତ । ତୁଚ୍ଛା ସେ ସତ୍ୟଟା ସବୁ ଖାଇଯିବ ?

ଡେମ୍ ସତ୍ୟ ! ସତ୍ୟ ଖାଇଯିବ ? ପୁଲିସ୍ ଆଣି ହାତ କଡ଼ି ପକାଇ ଦେବ ନାହିଁ !

ନାହିଁ ମା ! ଏବଠୁ ସବୁ ବ୍ୟବସ୍ଥା କରିଦେବା ଉଚିତ୍ ।

ଠିକ୍ କଥା ! ଏଇ ମୁହୂର୍ତ୍ତରେ ହିଁ ହେବା ଉଚିତ୍ । ଶୁଣିଛ ସୂର୍ଯ୍ୟବାବୁ ! ତୁମେ କାଲଠାରୁ ଡ଼ିପୁଟି ପାହ୍ୟାକୁ ଯିବ ।

ସତେ···? କିମିତି ଶୁଣିଲ ମ···?

ସେହିକଥା ନେଇ ପରା ଆଜ ମୁଁ ଅବିନାଶ ବାବୁଙ୍କ ନିକଟକୁ ଯାଇଥିଲି । ବର୍ତ୍ତମାନ ଫେରୁଛି । ଅବିନାଶ ଯେତେବେଳେ ଅଛନ୍ତି ଆଉ ମୁଁ ଅଛି, ସେତେବେଳେ ତୁମର କୌଣସି ଚିନ୍ତା ନାହିଁ, ସୂର୍ଯ୍ୟବାବୁ !

ଥେଙ୍କ୍ ୟୁ, ମାଇ ଡିଏର୍ ! ଧନ୍ୟବାଦ, ପ୍ରେୟସି !

'ହିଁ···ହିଁ, ବେଶ୍ ଉପକୃତ ହୋଇଛି । ଆଚ୍ଛା, ପ୍ରଥମେ ଏ କିକା କହିବା କଥାଟା ପରିଷ୍କାର କରିଯାଉ ।' ଉଚ୍ଚ କଣ୍ଠରେ ଚିତ୍କାର କରେ, 'ଓ ନନା···ନନା···ଅପା ! କାମାନ୍···ସହିଲ ଏଠାକୁ ଆସନ୍ତୁ ।' ଶ୍ରୀକାନ୍ତ ବିବ୍ରତ ହୋଇ ପଡ଼ନ୍ତି । ଚାଲିଯିବା ପାଇଁ ଠିଆ ହୁଅନ୍ତି । କିନ୍ତୁ ସୁନନ୍ଦା କହେ, 'ନାହିଁ ନାହିଁ, ଆପଣ ଚାଲିଯିବା ଉଚିତ ନୁହେ । ଆପଣଙ୍କ ଆଗରେ ହିଁ ସମସ୍ତ ବିଷୟ ଛିଡ଼ିଯିବା ଉଚିତ ।' ସେ ଭୟେ ଭୟେ ଏଣେ ତେଣେ ଚାହିଁ ବସି ରହନ୍ତି । ପୁଣି ହଠାତ୍ ଉଠିପଡ଼ି କହନ୍ତି, 'ନାହିଁ ମା, ଭଲ ହେବ ନାହିଁ ।' କିନ୍ତୁ ସୁନନ୍ଦା ଛାଡ଼ିଦେବା ପାତ୍ରୀ ନୁହେ । ଧୀରେ ଧୀରେ ଉପସ୍ଥିତ ହୁଅନ୍ତି ସନ୍ଧ୍ୟା ଓ ଇନ୍ଦ୍ରା । ଠିଆ ହୋଇ ରହନ୍ତି । ସୂର୍ଯ୍ୟକାନ୍ତ ନନାଙ୍କ ମୁହଁକୁ ଚାହିଁପାରେ ନା । ତୁନିହୋଇ ବସି ରହେ । ଅନ୍ୟଦିଗେ ମୁହଁ ଫେରାଇ ମୁଣ୍ଡ ବାଳ ଭିତରେ ଅଙ୍ଗୁଳି ଖେଳାଏ । ଶ୍ରୀକାନ୍ତ ସହସା ବିଚଳିତ ହୁଅନ୍ତି । ଚାଲିଯିବା ପାଇଁ ଉଠନ୍ତି ପୁଣି ବସନ୍ତି । ଚାଲିଯାଇ ପାରନ୍ତି ନାହିଁ କି ବସିରହି ପାରନ୍ତି ନାହିଁ । ସୁନନ୍ଦା ପଚାରେ, 'ୱେଲ୍ ନନା ! ଆଜ ଗୋଟାଏ ଗୁରୁତ୍ୱପୂର୍ଣ୍ଣ ବିଷୟର ଆଲୋଚନା ପାଇଁ ତୁମକୁ ଡାକିଛି ।

ହିଁ ବସିଯାନ୍ତୁ, ଠିଆହୋଇ ରହିଲେ ଯେ । ବସ ଅପା !' ସତ୍ୟ ଓ ଇନ୍ଦ୍ରା ବସିଯା'ନ୍ତି । ସତ୍ୟ କହନ୍ତି—'କ'ଣ ?' ମୁହଁ ତଳକୁ କରି ରହନ୍ତି । ସୁନନ୍ଦା କହେ, 'ଓ୍ୱେଲ୍, ନନା ! ଭୂମିବାଡ଼ି, ଚୋଠା ଘଦର, ଘରଦ୍ୱାରରୁ ଆମ ଭାଗଟା ଦେଇଦେବା ପାଇଁ ତୁମର କୌଣସି ଆପତ୍ତି ରହିବ ନାହିଁ ତ ?' ସତ୍ୟଙ୍କର ମଥା ଘୂରିଯାଏ । ସେ ବର୍ତ୍ତମାନ ଚନ୍ଦ୍ର ଗ୍ରହରେ କି ମଙ୍ଗଳ ଗ୍ରହରେ ଅଛନ୍ତି, ଠିକ୍ କରି ପାରନ୍ତି ନାହିଁ । କୌଣସି ଉତ୍ତର ଦେଇପାରନ୍ତି ନାହିଁ । ଇନ୍ଦ୍ରା ମଧ୍ୟ ମୁହଁ ତଳକୁ କରିଦିଏ । ଭାବିପାରେ ନାହିଁ । ଶ୍ରୀକାନ୍ତ ତେଣେ ଚୌକି ସହ ଥରହର ହୁଅନ୍ତି । ଯେମିତି ସେ ଗୋଟାଏ କିଛି ବିଶେଷ ଦୋଷ କରି ପକାଇଛନ୍ତି ପୁଣି ଏଇ ସ୍ଥାନଟା ତାଙ୍କର ବଧଭୂମି । ସୁନନ୍ଦା ଚୌକି ଉପରୁ ଝୁଙ୍କିପଡ଼ି ପୁଣି ପଚାରେ—

ଓ୍ୱାଟ୍ ନନା ! କଥା କ'ଣ ? ଜବାବ ଦେଉନାହାନ୍ତି କାହିଁକି ?

ବୋଉ ! ଏ କି କଥା କହୁଛ ? ତୁମର ସବୁ··· ।

ନା, ନା ! ସେ କଥା ଛାଡ଼ନ୍ତୁ । ବର୍ତ୍ତମାନ ସୂର୍ଯ୍ୟବାବୁ ତପୁଟି ପାହ୍ୟାକୁ ଗଲେଣି । ଆମେ କୌଣସିମତେ ଏ ସଂସ୍କାର-ହୀନ ପଲ୍ଲିଗାଁରେ ରହି ତୁମର ରକ୍ତ ଆଖି ଦେଖିପାରିବୁ ନାହିଁ । ତେଣୁ କହୁଛି—ଆମର ଯାହା ଭାଗ ବସାଣ ଆମକୁ ଦେଇଦେଲେ ଆମେ ସେଥିର ବନ୍ଦୋବସ୍ତ କରି ଚାଲିଯିବୁ । ସେଥିପାଇଁ କହୁଛି ।

ନା···ନା···ବୋଉ ! ସେ ସବୁ କହି ମୋତେ କଷ୍ଟ ଦିଅ ନାହିଁ । ଏ ଘରୁ ଯାହା ତୁମର ଇଚ୍ଛା ନେଇଯାଅ । ମୋର କୌଣସି ଆପତ୍ତି ନାହିଁ ।

ନା···ନା, ସେ କୋମଳ କଥା କହ ନାହିଁ । ଠିକେ ଠିକେ ଜବାବ ଦିଅ । ତେବେଣେ କକା ଅପେକ୍ଷା କରିଛନ୍ତି । ସବୁ ଛୁଣ୍ଡାଇ ଦେବେ ।

ନା···ନା ! ମୁଁ ଠିକେ ଠିକେ ଜବାବ ଦେଉଛି, ଯଦି ତୁମର ଇଚ୍ଛା ହୁଏ, ଯାହା ପୈତୃକ ସମ୍ପତ୍ତି ଅଛି ସବୁ ନେଇଯାଅ । ମୋର କୌଣସି ଆପତ୍ତି ନାହିଁ । ମୁଁ ଜୀବନରେ ଥାଉଁ ଥାଉଁ ଏ ହାତରେ ସୂର୍ଯ୍ୟ ଓ ମୋ ଭିତରେ ଭାଗବଣ୍ଟା କରିପାରିବ ନାହିଁ ।

ଆଚ୍ଛା, ତୁମର କୌଣସି ସମ୍ପତ୍ତି ଆବଶ୍ୟକ ନାହିଁ !

ନାହିଁ । ମଥା ପୋତି ସତ୍ୟ ଉତ୍ତର ଦିଏ ।

ତେବେ ଖାଇବ କ'ଣ···?

ସେ କଥା ଭଗବାନ ଜାଣନ୍ତି ।

'ଆଚ୍ଛା, ବର୍ତ୍ତମାନ ଯାଇପାର ।' କହି ସୁନନ୍ଦା ସୂର୍ଯ୍ୟକାନ୍ତ ଦିଗେ ମୁହଁ ଫେରାନ୍ତି । ସତ୍ୟ ଓ ଇନ୍ଦ୍ରା ଉଠି ଚାଲିଯାନ୍ତି ।

## ତେର

ଅବିନାଶ ବାବୁଙ୍କର ସଂସାରରେ ଘୋର ଝଡ଼ ତୋଫାନର ପ୍ରଳୟ ଲୀଳା ଉପସ୍ଥିତ । ଘରଣୀ ଅନିମା ସ୍ୱାମୀଙ୍କ ବିରୁଦ୍ଧରେ ଆଜି ଖଡ୍ଗହସ୍ତା । ଘରେ ରନ୍ଧାବଢ଼ା କିଛି ହୋଇନାହିଁ । ଗତ ରାତିଠାରୁ ଅନିମା ଜଳ ସ୍ପର୍ଶ କରିନାହିଁ । ଏକା ଜିଦ୍ ଧରିଛି, ତା'ଙ୍କୁ ତା'ର ବାପଘରେ ଛାଡ଼ି ଦିଆଯାଉ ନଚେତ୍ ଗୁଳିକରି ମାରି ଦିଆଯାଉ । ନଚେତ୍ ସେ ଏ ଘରେ ଜଳସ୍ପର୍ଶ କରିବନାହିଁ ··· କରିବନାହିଁ···କରିବନାହିଁ । ଯଦି ପରସ୍ତ୍ରୀ ଲାଗି ସ୍ୱାମୀ ଏତେ ବ୍ୟାକୁଳ···ଲାଳାୟିତ, ତେବେ ସେ ବିବାହ କଲେ କାହିଁକି ? ବେଶ୍ ଅବିବାହିତ ଅବସ୍ଥାରେ ଇଚ୍ଛାନୁସାରେ ପରସ୍ତ୍ରୀ ଉପଭୋଗ କରିପାରନ୍ତେ । ଗୋଟିଏ ନାରୀଜୀବନକୁ ଏପରି ତୁଚ୍ଛ ତାଚ୍ଛଲ୍ୟରେ ଉଡ଼ାଇ ଦେବାପାଇଁ କ'ଣ ସେ ବିବାହ କରିଥିଲେ ? ଘାସଫୁଲ ପରି ପଦଦଳିତ ହେବାପାଇଁ କ'ଣ ନାରୀର ଜନ୍ମ ?

ଅବିନାଶବାବୁ ଅଫିସ୍ ଘରେ ବସି କେବଳ ଫାଇଲ୍ ଗୁଡ଼ା ଓଲଟାଇ ଚାଲିଛନ୍ତି । କାମପତ୍ରରେ ଆଦୌ ମନ ନାହିଁ । ଘର କଳି ମଣିଷ ଜୀବନରେ ମସ୍ତବଡ଼ ଚିନ୍ତାର ସୃଷ୍ଟି ରଚନା କରେ । କୌଣସି ଅନ୍ତଃବିପ୍ଳବ ମଧ୍ୟ ଏତେଦୂର ପ୍ରତିକ୍ରିୟା ସୃଷ୍ଟି କରି ପାରେନା । ବାବୁ ଚୌକିରୁ ଉଠି ଅନିମାର ଘର ଭିତରକୁ ଗଲେ । ସେତେବେଳକୁ ଅନିମା ଲୁହଲହୁ ପ୍ଳାବନ କରି ଖଟ ଉପରେ ଶୋଇ ରହିଛି । ଅବିନାଶବାବୁ ଖଟ ଉପରେ ବସିପଡ଼ି ଅନିମାର ଦେହ ଝୁଲାଇ କହିଲେ, 'ଅନିମା, ଉଠ । ବାସ୍ତବିକ୍ ମୁଁ ମସ୍ତବଡ଼ ଭୁଲ କରିଛି, ଅନିମା ! ତୁମପ୍ରତି ଅନ୍ୟାୟ କରିଛି । କ୍ଷମାକର । ଉଠ ।'

ନା··· । ମୋ ନିକଟରୁ ଚାଲିଯାଅ··· ।

'ଶୁଣ ଅନିମା ! ମୋ କଥା ରଖିବ ନାହିଁ ? ମୁଁ ଆଜିଠାରୁ, ପ୍ରମାଣ କରି କହୁଛି ଅନିମା, ସୁନନ୍ଦା ଘରକୁ ଆଉ ଯିବିନାହିଁ । ତୁମେ ହିଁ ମୋର ପ୍ରେମମୟୀ··· ।' ଅବିନାଶବାବୁ ଅନିମାର ମୁହଁ ଉପରକୁ ଝୁଙ୍କିପଡ଼ି ଅନିମାର ଗଣ୍ଡଦେଶରେ ଚୁମ୍ବନଟିଏ ଆଙ୍କି ଦିଅନ୍ତି ।

ଛି···ଚାଲିଯାଅ··· । ସେ ସୋହାଗ ଦେଖାଅନି ଯଦି ତୁମର ଭଲଗତି ଥାଏ··· ।

'ଅନିମା ! ଉଠ । ମୁଁ ତୁମକୁ ଜବାବ ଦେଉଛି, ଭଗବାନଙ୍କୁ ସାକ୍ଷୀ ରଖି କହୁଛି, ମୁଁ ଆଜିଠାରୁ ସୁନନ୍ଦା ଘରକୁ ଯିବ ନାହିଁ । ବିଶ୍ୱାସ କର, ଅନିମା !' କହି ଅବିନାଶବାବୁ ଅନିମାକୁ ଆଲିଙ୍ଗନ କରି ଖଟ ଉପରେ ଢଳି ପଡ଼ନ୍ତି । ଅନିମାର ଅଭିମାନ ଭାଙ୍ଗିଯାଏ । କ୍ଷମାଶୀଳା ନାରୀହୃଦୟ ଆଉ କେତେ ଦମ୍ଭ ଧରି ପାରନ୍ତା ଭଲା ! ଦୟାମୟୀ ଅବଳା ହୃଦୟ କଠୋର ନୁହେଁ, ଅତି କୋମଳ ।

ହିଂସ୍ର ବ୍ୟାଘ୍ରକୁ ମଧ ବିଶ୍ବାସ କରି ସ୍ନେହ ଆଦରରେ ଲାଳନ-ପାଳନ କରିବା ପାଇଁ ପ୍ରସ୍ତୁତ । ବିଶେଷତଃ ସ୍ୱାମୀ । ଇହକାଳ ଓ ପରକାଳର ଗତିମୁକ୍ତିଦାତା···ଜୀବନର ସର୍ବସ୍ୱ ଯେତେବେଳେ ଅନିମା ନିକଟରେ ଶ୍ରେଷ୍ଠ ଶିଶୁପରି ଆଜି ଅଳି କରିବାରେ ଲାଗିଛନ୍ତି, ତା'ର ହୃଦୟ କେତେ କାଳ ଦମ୍ଭଧରି ରହିପାରନ୍ତା ? ସେ ସ୍ୱାମୀଙ୍କର ହାତଧରି ଖଟ ଉପରୁ ଓହ୍ଲାଏ । ଆଖିରୁ ଲୁହ ପୋଛି କହେ, 'ଦେଖ, ଏହାହିଁ ଶେଷଥର । ଯଦି ଆଜିଠାରୁ କେଉଁ ଦିନ ମୁଁ ଶୁଣିଥାଏ ଯେ ତୁମେ ସୁନନ୍ଦା ଘରକୁ ଯାଇଛ··· ତେବେ ସେହିଦିନୁ ମୋତେ ଆଉ ପାଇବ ନା···ସାବଧାନ !'

ହଁ···ନିଶ୍ଚୟ । ମୁଁ ପରା ସେହି ପ୍ରତିଜ୍ଞା କରି ସାରିଛି, ଅନିମା !

ଘରେ ରନ୍ଧାବଢ଼ାର ଆୟୋଜନ ଚାଲେ । ଖା'ପି କରି ବାବୁ ଅଫିସକୁ ଚାଲିଯାନ୍ତି । କାଲି କୁଆଡ଼େ ପାଞ୍ଚଦିନ ପାଇଁ ଟୁର୍ ଯିବା କଥା ଅଛି । ଏଣୁ କାଗଜପତ୍ର ଯୋଗାଡ଼ କରିବାରେ ସେ ଭାରି ବ୍ୟସ୍ତ ।

ଅନିମା କିନ୍ତୁ ସ୍ୱାମୀଙ୍କର ପ୍ରମାଣ ବାକ୍ୟରେ ବିଶ୍ବାସ ଯାଏନା । ସେ ଭାବେ, ସ୍ୱାମୀ ଯଦି ନିଜର ପ୍ରମାଣ ରକ୍ଷା ନକରନ୍ତି, ସେ ନିଶ୍ଚୟ ଆତ୍ମହତ୍ୟା କରିବ··· ଆତ୍ମଘାତିନୀ ହେବ, ପାପ ହେଉ···ନରକର କୀଟ ହେଉ । ହାୟ ! ନାରୀର ସର୍ବସ୍ୱ ଅଭିମାନ ···ସମ୍ମାନ···କାମନା···ବାସନାକୁ ଉପେକ୍ଷା କରି ଯେତେବେଳେ ସ୍ୱାମୀ ଅନ୍ୟ ନାରୀଠାରେ ପ୍ରେମାସକ୍ତ, ପୁଣି ନାରୀଜୀବନର ଶ୍ରେଷ୍ଠ ପିପାସା···ଅଭିଳାଷ—ସ୍ୱାମୀର ପ୍ରେମ ଯେତେବେଳେ ଅନ୍ୟ ନାରୀ ଦ୍ୱାରା ଲୁଣ୍ଠିତ···ଅପହୃତ, ତେବେ ପତ୍ନୀରୂପେ ଜୀବନ ଧାରଣ କରିବା ଆବଶ୍ୟକତା କେଉଁଠି ? ସେ ମନେ ମନେ ଠିକ୍ କରେ, ଆତ୍ମହତ୍ୟାହିଁ ତା' ଜୀବନକୁ ଚିର ଶାନ୍ତି ଦେବ । କିନ୍ତୁ ଟୁର୍···!

ଓଃ ! ଓଃ ! ତା ମୁଣ୍ଡ ଘୂରିଯାଏ । ନିଜର ଜୀବନ ଉପରେ ସିନା ତାର ଅଧିକାର ଅଛି । ସେ ଆତ୍ମହତ୍ୟା କରିପାରେ, ନିଜ ଦେହରୁ ପଲେ ପଲେ ମାଂସ ବାହାର କରି କୁକୁର ମୁହଁରେ ଦେଇପାରେ, କିନ୍ତୁ ଟୁନୁ··· ! ସେ ବଂଶର ଗୌରବ ଟୀକା । ଅବିନାଶବାବୁ ଦୁରାତ୍ମା···ପାପାତ୍ମା···ଲମ୍ପଟୀ ହେଲେ ବୋଲି ଭବିଷ୍ୟତ୍ ବଂଶଧର ନିରାଶ ହେବେ କାହିଁକି ? ଅନିମା ଘରଣୀ···ଓଡ଼ିଆର ଝିଅ, ଓଡ଼ିଆ ଘରର କୁଳବଧୂ । ଶ୍ୱଶୁର ଘରର ବଂଶରକ୍ଷା କରିବା ତା'ର ପ୍ରଧାନ କର୍ତ୍ତବ୍ୟ । ନଚେତ୍ ତା'ର ଇହକାଳ ପରକାଳରେ ସାରା ତ୍ରିଭୁବନରେ ସ୍ଥାନ ରହିବ ନାହିଁ । ସହସା ଟୁନୁ କାନ୍ଦି ଉଠିଲା । ସେ ଟୁନୁକୁ କୋଳରେ ଯାକି ଚୁପ କରାଇଲା । ମନଟା ସହସା ଯେମିତି ଟୁନୁର କ୍ରନ୍ଦନରେ ହିଁ ବିଚଳିତ ହୋଇ-ଗଲା । ଭାବନା ଝିଅ ଛିଣ୍ଡିଗଲା । କ୍ଷଣେ ସେ ବିବ୍ରତ ହୋଇ କହି ପକାଇଲା, 'ତେବେ ଉପାୟ···ଉପାୟ··· ? ଟୁନୁ ପୁନର୍ବାର ଚିତ୍କାର ଉଠିଲା ।

ତହିଁଆର ଦିନ ରାତି ପାହିବା ସଙ୍ଗେ ସଙ୍ଗେ ବାବୁ ଗସ୍ତରେ ଚାଲିଗଲେ । ସ୍ୱାମୀଙ୍କୁ ସଭକ୍ତି ବିଦାୟ ଦେଇ ଅନିମା ଘରକୁ ଫେରିଲେ । ଦେଖୁ ଦେଖୁ ଖିଆପିଆର ସମୟ ହେଲା । ଖାଇସାରି ଅନିମା ଗୋଟାଏ ସିଦ୍ଧାନ୍ତରେ ଉପନୀତା ହେଲେ । ଚାକରକୁ କହିଲେ, 'ବନା ! ଯା'ତ, ସୁରେଶବାବୁଙ୍କର ମୋଟରଟା ମାଗି ଆଣିବୁ । କହିବୁ, ମେମ୍ ମଗାଇଛନ୍ତି । ଠିକ୍ ଅପରାହ୍ଣ ଚାରିଟାରେ ଫେରାଇ ଦେବେ । ଶୁଣିଲୁ ?' 'ହଁ, ବୁଝିଛି···ମା', କହି ବନା ଚାଲିଗଲା ।

ଠିକ୍ ସମୟରେ ଗାଡ଼ି ଉପସ୍ଥିତ ହୋଇଗଲା । ଅନିମା ଡ୍ରାଇଭରକୁ କହିଲା—'ରାଜପୁର ।' ଗାଡ଼ି ଚାଲିଲା । ଅନିମାର

ମନରେ ମଧ୍ୟ ଭାବନାର ମୋଟରଚକ ଘୂରିବାରେ ଲାଗିଲା । କୋଳରେ ଟୁନୁ ନିଦ୍ରାଯାଇଛି । କିଛି ଜାଣୁନି । ଜାଣିବା ଦର୍କାର ନାହିଁ ତା'ର । କେବଳ କୋମଳ ମାତୃକୋଳ ହିଁ ତା'ର ନିତାନ୍ତ ଦରକାର । ସେତିକ ବିନା ସେ ଚିତ୍କାର କରିବ···ଆଉ ମୁନ୍ଦେ ମାତୃସ୍ତନ୍ୟ··· । ଏତିକ ମିଳିଗଲେ ଟୁନୁର ଆଉ କିଛିହିଁ ଆବଶ୍ୟକ ନାହିଁ । ସେ ପିତାର ଲହୁଲୁହାକ୍ତ ଦୁଃଖକଷ୍ଟ ପ୍ରତି ଦୃଷ୍ଟି ଦିଏ ନାହିଁ, ମାତାର ନିଷ୍ପେଷିତ ପ୍ରାଣର ବ୍ୟାକୁଳତା ପ୍ରତି ଚାହେଁ ନାହିଁ । ହାୟରେ ଅବୋଧ ଶିଶୁ ! ତୋ'ର ପାଇଁ ଅନିମା ଆଜି ବଞ୍ଚିବାକୁ ଯାଉଛି, ବରଂ ମରି ସୁଦ୍ଧା ବଞ୍ଚିବା ପାଇଁ ଚେଷ୍ଟା କରୁଛି । ନାରୀତ୍ୱର ସର୍ବସ୍ୱ ହରାଇ ମଧ୍ୟ ସେ ଜୀବନ୍ତ ମରଣ ଅନୁଭବ କରିବା ପାଇଁ ବ୍ୟାକୁଳ ହେଉଛି ।

ସତ୍ୟବ୍ରତର ଦ୍ୱାରମୁହଁରେ ମୋଟର ଅଟକିଗଲା । ଅନିମା ତରତର ଓହ୍ଲାଇ ଚାକର ଜଣକୁ ପଚାରିଲା, 'ସୁନନ୍ଦା ଅଛନ୍ତି ?' ସଙ୍ଗେ ସଙ୍ଗେ ସେ ଭିତରକୁ ଚାଲିଗଲା । ପୂର୍ବର ପରିଚିତା ସୁନନ୍ଦା ଓ ପରିଚିତ ସୂର୍ଯ୍ୟକାନ୍ତ । ସୁନନ୍ଦା ଓ ସୂର୍ଯ୍ୟକାନ୍ତ ତରତର ଆସି ଅନିମାକୁ ଅଧାପଥରୁ ପାଛୋଟି ନେଲେ । ସୁନନ୍ଦାକୁ ଦେଖିବାକ୍ଷଣି ଅନିମାର କଣ୍ଠଟା ଯେପରି ଖୋଲିହେଲା, ଗୁଡିଟା ଗୋଳେଇ ଘାଣ୍ଟି ହେଲା । ସୁନନ୍ଦା କହିଲା, 'ୱେଲ୍ଲ୍ ଅନିମା, ମୋର ଆଜି ବଡ଼ ଭାଗ୍ୟ ।' ଅନିମା କିନ୍ତୁ ତାଂର ଉତ୍ତର ଦେଇପାରିଲା ନାହିଁ । ତା' ଚକ୍ଷୁରେ ଲୋତକର ସଙ୍କେତ । ଅନିମା ନିଜ ଗୁଣ୍ଡି ଭିତର କୋହଟାକୁ ସଜୋରେ ଚାପି ପଚାରିଲା, 'ସୁନନ୍ଦାଦେବି ! ଭଲ ଅଛନ୍ତି ତ ?' ସୁନନ୍ଦା କହିଲା, 'ହଁ···ତୁମରି ଦୟାରୁ ।' ପୁଣି ମୁହଁ ଫେରାଇ ଉଚ୍ଚ କଣ୍ଠରେ କହିଲା, 'ଯୁ, ଅପା ! ବ୍ରିଙ୍ଗ୍ ଟି । ତିନି କପ୍ ଚା' ଆଣ ।' ତିନିହେଁ ବସିଲେ । ଅନିମା କହିଲା,

'ନା···ନା···, ମୋର ଗୃ' ଦରକାର ନାହିଁ, ଅନମା ! ମୋର ଗୋଟାଏ ନିବେଦନ ଅଛି ।'

ଆଶ୍ଚର୍ଯ୍ୟ ! ମୋ ନିକଟରେ ନିବେଦନ··· !

ହିଁ···ହିଁ, ଯେ ମୋର ପରମ ସମ୍ପଦ ଉପରେ ପ୍ରଭୁତ୍ୱ ବିସ୍ତାର କରିଛି, ତା' ନିକଟରେ···

ଏଁ···ଏଁ, କ'ଣ କହୁଛ ? କାହିଁକି ଯେ··· । ମୁଁ ତୁମର ପରମ ସମ୍ପଦ ଉପରେ ପ୍ରଭୁତ୍ୱ ବିସ୍ତାର କରିଛି ! ଏ କମିତି କଥା !

ହିଁ···ହିଁ ତୁମେ, ସୁନନ୍ଦା ! ତୁମେ ମୋ ସ୍ୱାମୀଙ୍କୁ ଲମ୍ପଟୀ କରିଛ··· !

ଛି···ଛି···ଏ କ'ଣ କହୁଛ ଅନମା ! କାହିଁ ନାହିଁ । ସେଥିରେ ଗୋଟାଏ ବିଶେଷତ୍ୱ କ'ଣ ଅଛି ?

ନା···ନା, ତୁମେ ତାହା ଉପଲବ୍ଧି କରିପାରିବ ନାହିଁ । ତୁମ ମନ ପାଶ୍ଚାତ୍ୟ ଢଙ୍ଗରେ ବଢ଼ିଆସିଛି । କିନ୍ତୁ ସୁନନ୍ଦା ! ମୁଁ ଓଡ଼ିଆ ଘରର କୁଳବଧୂ । ମୋର ସ୍ୱାମୀ ହିଁ ସର୍ବସ୍ୱ ।

'ହା···ହା ! ଡେମ୍ ସ୍ୱାମୀ ! ମୋର କ'ଣ ନାହିଁ ?' ସୂର୍ଯ୍ୟକାନ୍ତ 'ହା···ହା' ଉଚ୍ଚହାସ୍ୟ କଲେ ।

ଛି···ସୂର୍ଯ୍ୟବାବୁ ! ତୁମେ କ'ଣ କାପୁରୁଷ ? ନିଜେ ଆଖି ଆଗରେ ଦେଖିଦେଖି ନିଜର ସ୍ତ୍ରୀକୁ ଅନ୍ୟ ପୁରୁଷ ନିକଟକୁ ଛାଡ଼ି ଦେଉଛ ! କି ଘୃଣ୍ୟ ତୁମେ···ଛି··· !

ସୂର୍ଯ୍ୟକାନ୍ତ କହିଲ, 'ଅନମା ! ତୁମେ ଆଧୁନିକତା କ'ଣ ଜାଣିନା । ଗଳ୍ପର ଭାବେ ଭାବ ତ । ସେଥିରେ ବା କ'ଣ ଗୋଟାଏ ଘୃଣ୍ୟ କାର୍ଯ୍ୟ ଅଛି ? ବିଶେଷତଃ ସେଥିରେ ଗୋଟିଏ ମହତ୍ତ୍ୱ ନିହିତ ଅଛି ।'

ଛି, ଏ କ'ଣ କହୁଛ !

'ଶୁଣ, ଅନମାଦେବି ! ମଣିଷ ମନରେ ଯେଉଁ ପ୍ରେମ ବୋଲି ଗୋଟାଏ ଜିନିଷ ଅଛି ତାହା ଗଙ୍ଗାଜଳ ପରି ପବିତ୍ର ପୁଣି ମହା ସମୁଦ୍ର ପରି ବିଶାଳ । ସେଥିରେ ଜାତି, ଅଜାତି, ଯେତେ ସଂଖ୍ୟକ ଲୋକ ଗାଧୋଇଲେ ମଧ୍ୟ ସେ ଜଳ କଳୁଷିତ ହୁଏ ନାହିଁ । ବରଂ ମୁକ୍ତିଦାୟିନୀରୂପେ ପରିଚିତ ହୁଏ ।' ସୁନନ୍ଦା ସୂର୍ଯ୍ୟକାନ୍ତଙ୍କର କଥାକୁ ସମର୍ଥନ କରି କହିଲା, 'ଠିକ୍ କଥା । ତୁମେ ମଧ୍ୟ ଏ ଗଭୀର ଭାବ ବୁଝି ସେହି ପଥରେ ଅଗ୍ରସର ହୁଅ, ଅନମା ! ବୃଥା ଏ ସୀମାବଦ୍ଧ ଜ୍ଞାନ ପରିସର ଭିତରେ ଘାଣ୍ଟି ହୁଅ ନାହିଁ ।'

ଅନମାର ଛାତି ଭିତରେ ଯେମିତି କିଏ ନିଆଁ ଝୁଲକାଏ ଫୋଡ଼ିଦେଲା । ସେ କୋହ ସମ୍ଭାଳି ନପାରି ଟିକୁନୁ ଛାତିରେ ଯାକି ଚକ୍ଷୁରୁ ଲୁହଧାର ପୋଛିବାରେ ଲାଗିଲା ପୁଣି ହଠାତ୍ ଠିଆ ହୋଇପଡ଼ି କହିଲା, 'ସୁନନ୍ଦା ! ସାବଧାନ ! କ୍ଷଣିକ ମୋହରେ ମାତି ଗୋଟାଏ କୁଳୀନ ଘରର କୁଳବଧୂ ଉପରେ ଯେଉଁ ଅନ୍ୟାୟ ଆଚରଣ କରୁଛ, ତା'ର ଫଳ ଅନ୍ତରେ ଭୋଗ କରିବ । ସୂର୍ଯ୍ୟବାବୁ, ତୁମେ କାପୁରୁଷ । ସ୍ତ୍ରୀକୁ ଅନ୍ୟ ପୁରୁଷ ନିକଟରେ ଗୁଡ଼ି ଆତ୍ମ-ପ୍ରସାଦ ଲଭ କରିବା କେବଳ ତୁମରିଠାରେ ଦେଖିଲି । ତୁମେ ଏତେ ଘୃଣ୍ୟ ! ସୁନନ୍ଦା ! ମୁଁ ଆସିଥିଲି, କୌଣସିମତେ ତୁମର ମନ ଫେରାଇ ମୋ ସ୍ୱାମୀଙ୍କୁ କୁପଥରୁ ଫେରାଇ ଆଣିବି । କିନ୍ତୁ ଦେଖୁଛି, ତୁମପରି ଅସଦାଚାରିଣୀ ଓ ବ୍ୟଭିଚାରିଣୀ ନିକଟରେ ମୋର ବିକଳ କ୍ରନ୍ଦନ କେବଳ ବୃଥା ମାତ୍ର । ତୁମଲାଗି ମୋର ଶ୍ୱଶୁର ବଂଶରେ କାଳିମା ଲେପନ ହେବ । ଥରେ ଭାବନା କର ଭଲା । ଯୌବନର ଦୁର୍ବାର ଉଦ୍ଦୀପନା ଚିରସ୍ଥାୟୀ ନୁହେଁ, ସୁନନ୍ଦା !'

ହା···ହା ! ତୁମେ କ'ଣ କହୁଛ ମୁଁ ବୁଝିପାରୁ ନାହିଁ, ଅନମା !

ସୂର୍ଯ୍ୟକାନ୍ତ କହେ, 'କ'ଣ ତୁମେ ପାଗଳ ହେଲ, ଅନମା ଦେବ !'

ଇନ୍ଦ୍ରା ଚା' ଧରି ଆସି ଟେବଲ୍ ଉପରେ କେତେବେଳୁ ରଖିଦେଇ ଗଲାଣି । କିନ୍ତୁ ସେଥିପ୍ରତି ନଜର ପଡ଼ିନି ସୁନନ୍ଦାର । ଇନ୍ଦ୍ରା ଘର ଭିତରେ ରହି ସମସ୍ତ ବୃତ୍ତାନ୍ତ ଶୁଣିଛି । ଆଦ୍ୟ···ପ୍ରାନ୍ତ । ମନଟା ସହସା ତା'ର ବିଚଳିତ···ବିବ୍ରତ । କିନ୍ତୁ କ'ଣ କରିବ···ଉପାୟ··· ?

## ଚଉଦ

ଅବିନାଶବାବୁଙ୍କର ସୁପାରିଶ ପୁଣି କଲମର ତାରଘରେ କେବଳ ସୂର୍ଯ୍ୟକାନ୍ତ ଆଜି ଡେପୁଟି ପାହ୍ୟା ପାଇପାରିଛି । ତା' ମୂଳରେ ଅଛି ସୁନନ୍ଦାର ରୂପ ଯୌବନର ବ୍ୟକ୍ତିତ୍ୱ କିନ୍ତୁ ସୂର୍ଯ୍ୟକାନ୍ତର ନିଜସ୍ୱ ବା କୃତିତ୍ୱ ନୁହେଁ । ସେ ମଦ୍ୟପୀ, ଆଳସ୍ୟ-ପରାୟଣ ଓ ଧୂର୍ତ୍ତ ପ୍ରକୃତିର ଲୋକ । ଅଫିସରେ ଚପରାସୀଠାରୁ ଆରମ୍ଭ କରି ଗୁମାସ୍ତା କିରାଣୀ ସମସ୍ତଙ୍କୁ ସେ ନ୍ୟୂନ ଓ ଘୃଣା ଚକ୍ଷୁରେ ଦେଖେ । ତା' ମୁହଁରୁ କେବଳ ଗରମ ହାକିମ ମେଜାଜର ଗୁରୁଗମ୍ଭୀର କଥା ବାହାରେ । ସଦା ଅଧର ତଳେ ଜ୍ୱଳନ୍ତ ସିଗାରେଟ ଲାଗି ରହିଥାଏ । ଆଖିଟାମାନ ଲାଲ, କରନ୍ଦାକୋଳପରି ପୁଣି ଢଳ ଢଳ । ତୁଣ୍ଡରୁ ମଦ୍ୟର କୁତ୍ସିତ ଦୁର୍ଗନ୍ଧ । ଅଫିସ ଟେବଲରେ ବସି କେଉଁ ଫାଇଲ୍ ଦେଖେ, କେଉଁ ଫାଇଲ୍ ଦେଖି ମଧ୍ୟ କୌଣସି ବିଷୟ ବୁଝେ ନାହିଁ, କେଉଁ ଫାଇଲର ସାରାସାର କିଛି ନବୁଝି ମଧ୍ୟ ଲମ୍ବାଚୌଡ଼ା ଦସ୍ତଖତଟାଏ

ମାରିଦିଏ । ପୁଣି କେଉଁ ଫାଇଲ୍ ବୁଝିସାରି ଦସ୍ତଖତ କରିବା ପାଇଁ ଭୁଲିଯାଏ । କେତେବେଳେ କାହିଁ କେଉଁ ଫାଇଲ୍ ଉପରେ ଧାଡ଼ିଏ ବିଧାଡ଼ି ଲେଖିଦିଏ । କ'ଣ ଲେଖେ ତା' ମଧ୍ୟ ନିଜେ ଜାଣେନା । ସରକାରୀ ଚାକିରି । ସାରା ଜିଲ୍ଲାର ବିଷୟ । ଲୋକେ ହଇରାଣ ହୁଅନ୍ତି । କାହାର ଘର ବୁଡ଼େ, କାହାର ବା ଭାଗ୍ୟ ଫିଟେ । ନ୍ୟାୟାନ୍ୟାୟର ପ୍ରଭେଦ ରହେ ନାହିଁ, ବିଚାର ରହେ ନାହିଁ । ତଳପାହ୍ୟା ଚାକିରିଆଙ୍କଠାରୁ ସର୍ବସାଧାରଣ ସମସ୍ତେ ସୂର୍ଯ୍ୟବାବୁ ଉପରେ ଅସନ୍ତୁଷ୍ଟ ହୁଅନ୍ତି । ଜଣେ ଅଧେ ସୁବିଧାବାଦୀ ହୀନଚରିତ୍ର ସୂର୍ଯ୍ୟବାବୁଙ୍କୁ କାମିନୀକାଞ୍ଚନର ପ୍ରଲୋଭନ ଦେଖାଇ ନିଜ କାମ ହାସଲ କରି ନିଅନ୍ତି । ଚାରିଆଡ଼ୁ ହୁରିପଡ଼େ, 'ଅନ୍ୟାୟ, ଅନ୍ୟାୟ !' କିନ୍ତୁ ଅବିନାଶବାବୁଙ୍କ ଯୋଗୁଁ ସବୁ ପଣ୍ଡ ହୋଇଯାଏ··· ସୁଧୁରିଯାଏ । ସୂର୍ଯ୍ୟକାନ୍ତ ନିଶ ଉପରେ ହାତ ଥୋଇ ଗର୍ବ କରେ ···ଉପହାସ କରେ···ଅଟ୍ଟହାସ କରେ···ହା···ହା···ହା···

ତେଣେ ଅବିନାଶବାବୁ ମଧ୍ୟ ବର୍ତ୍ତମାନ ପୂର୍ବର କାର୍ଯ୍ୟପଟୁତା, ନିଃସ୍ୱାର୍ଥପର ବିଚାର ଓ ସମୟନିର୍ଘଣ୍ଟର ମର୍ଯ୍ୟାଦା ସମ୍ପୂର୍ଣ୍ଣ ହରାଇ ବସିଲେଣି । ତା'ଙ୍କର ଏକମାତ୍ର ଧ୍ୟାନ ଧାରଣା ସୁନନ୍ଦା···ଆଉ ମଦ । ଏଣେ ନିଜ ଘରେ ଅନ୍ତର୍ବିପ୍ଳବ···ବିଦ୍ରୋହ ଲାଗି ରହିଥାଏ । ଏଣେ ସେ ସଦା ଗୃହାନ୍ତ ସୁନନ୍ଦା ନିକଟରେ ରହିବା ପାଇଁ । କି ଅଫିସ ସମୟ, କି ଫାଇଲପତ୍ର, ସବୁ ତା'ଙ୍କ ଆଗରେ ଉପେକ୍ଷାର ବସ୍ତୁ । କେବଳ ସୁନନ୍ଦା···ସୁନନ୍ଦା ହିଁ ତାଙ୍କର ସର୍ବସ୍ୱ । ଫାଇଲ୍ କାଗଜପତ୍ର ଯେ ଯେଉଁଠି ପଡ଼ି ରହିଲା । ଗୁମାସ୍ତାମାନେ ହାତ ବାନ୍ଧି ବସି ରହିଲେ । ହସ ମୌଜରେ ଦିନ କାଟିଲେ । ଲୋକେ ନାନା ଅବସ୍ଥା ଭୋଗ କଲେ । ବିଶେଷ ଲୋକସାନ ସହିଲେ । ଟଙ୍କା ପଇସା ଖର୍ଚ୍ଚ କଲେ । କେତେ ଧାଁ

ଦୌଡ଼ କଲେ । ହେଲେ ମଧ କାର୍ଯ୍ୟ ତୁଟିଲା ନାହିଁ । ସଦା ଶୁଣାଗଲା—ବାବୁ ଅନୁପସ୍ଥିତ । ବିଦ୍ରୋହ ତେଜ ଉଠିଲା । ଲୋକେ ମନ୍ତ୍ରୀଙ୍କ ନିକଟକୁ ଦୌଡ଼ିଲେ ।

ଅନିମା ସବୁ ଶୁଣେ । କିନ୍ତୁ ଅଫିସ୍ ସମ୍ପୃକ୍ତ କୌଣସି କଥାରେ ପାଟି ଫିଟାଏ ନାହିଁ । ସେ ସମ୍ପର୍କରେ କଥା କହିବା ତା' ଅଧିକାରର ବହିର୍ଭୂତ । ସେ କେବଳ ନିଜର ନାରୀତ୍ୱ ବା ଗୃହିଣୀତ୍ୱ ବଜାୟ ରଖିବା ପାଇଁ ସ୍ୱାମୀଙ୍କୁ ଗୋଡ଼େ ଗୋଡ଼େ ଜଗି ରହିଥାଏ । ଚାକରଙ୍କଦ୍ୱାରା ସମସ୍ତ କଥା ବୁଝୁଥାଏ । ବାବୁ ଅଫିସକୁ ଯା'ନ୍ତି । ବେଳେବେଳେ କ୍ଲବ୍‌କୁ ମଧ୍ୟ ଯା'ନ୍ତି । ଯଦି ସେ ଠିକ୍ ସମୟରେ ଘରେ ଉପସ୍ଥିତ ନହୁଅନ୍ତି ଅନିମା ବେଷ କଟାକ୍ଷରେ ପଚାରେ, 'ଶୁଣେ, ଆଜି ଏତେ ଡେରି ହେଲା କାହିଁକି ?' ବାବୁ ନାନା କଥା କହି କୈଫିୟତ୍ ଦିଅନ୍ତି । ଅନିମା କହେ, 'ଶୁଣ, ଯଦି ମୁଁ ପୁନର୍ବାର ଶୁଣେ ତୁମେ ସୁନନ୍ଦା ଘରକୁ ଯାଇଛ, ତେବେ ସେହିଦିନୁ ତୁମ ଓ ମୋ ଭିତରେ ସମ୍ପର୍କ ହିଁ ତୁଟିଯିବ । ମୁଁ ସେହିଦିନ ହିଁ ଆତ୍ମହତ୍ୟା କରିବି ।' ଅବିନାଶବାବୁଙ୍କ ହୃଦୟରେ ଭୟ ସଞ୍ଚାର ହୋଇଯାଏ । ମନଟା ଛଟପଟ ହୋଇଯାଏ ଥରେ ସୁନନ୍ଦାକୁ କୋଳାଗ୍ରତ କରିବା ପାଇଁ । କିନ୍ତୁ ଅନିମାର ଘନ ଘନ ତାଗିଦ୍‌ରେ ସେ ନିରାଶ ହୁଅନ୍ତି । ବାଧ ହୋଇ ସୁନନ୍ଦାର ସାହଚର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ମନଟା ତାଙ୍କର ବହୁତ ଛଟପଟ ହୁଏ, କାନ୍ଦି ଉଠେ ।

ହଠାତ୍ ଲମ୍ବା ଚୌଡ଼ା ସଲାମ ବଜାଇ ଚପରାସୀ ହାଜର ହେଲା । ଅବିନାଶବାବୁ ପ୍ରଶ୍ନକଲେ, 'କ'ଣ···?' ଚପରାସୀ ଗୋଟିଏ ଲଫାଫା ବଢ଼ାଇଦେଲା । ବାବୁ ଚଠିଟି ଖୋଲି ପଢ଼ିବାରେ ଲାଗିଲେ—

ପ୍ରାଣପ୍ରିୟ ଅବିନାଶବାବୁ,

କାହିଁ ଦୀର୍ଘ ଦୁଇଦିନ ହେଲା ତୁମର ଦେଖା ମିଳୁନି । ମୁଁ ନିତ୍ୟ ନିୟମିତ ପ୍ରକାରରେ କ୍ଲବ୍‌କୁ ଯାଏ । ଆଶା ଥାଏ ସେଇଠାରେ ହେଲେ ତୁମକୁ ଦେଖିବାକୁ ପାଇବି । କିନ୍ତୁ ନିରାଶ ହୋଇ ଫେରିଆସେ । କେତେଗୁଡ଼ାଏ କଥା କହିବା ପାଇଁ ରହିଯାଇଛି । ମୁହାଁମୁହିଁରେ କେତେ କ'ଣ ଆଲୋଚନା ହୁଅନ୍ତା ପୁଣି ବଡ଼ କୌତୂହଳ ମଧ୍ୟ ସୃଷ୍ଟି ହୁଅନ୍ତା । ଚିଠିରେ ବା କ'ଣ ଲେଖିବି ? ଆଚ୍ଛା, ଅବିନାଶବାବୁ, ଆପଣଙ୍କପରି ଜଣେ ଶ୍ରେଷ୍ଠ ଶିକ୍ଷିତ ବ୍ୟକ୍ତି ଅନିମା ପରି ନିପଟ ଅଶିକ୍ଷିତା ପଲ୍ଲି ଝିଅଟାକୁ ବିବାହ କଲେ କିପରି ? ସେ ପରା ଆମ ଘରକୁ ଏଇ ଦୁଇଦିନ ତଳେ ଆସିଥିଲେ ! ସେ ଆସିବାର ଉଦ୍ଦେଶ୍ୟ ଥିଲା, ମୁଁ କୁଆଡ଼େ ଆପଣଙ୍କୁ ମୋହ ଲଗାଇ ତା'ଙ୍କର ସର୍ବନାଶ କରିଛି ! ଏଣୁ ସେ ମୋ ପାଖେ ଆସି କାନ୍ଦି କାନ୍ଦି କେତେ କାନ୍ଦିଲେ । ତା'ଙ୍କର ସେ କାନ୍ଦି କାନ୍ଦି କାନ୍ଦ ଦେଖି, ଅବିନାଶବାବୁ, ମୋତେ ବହୁତ ହସ ମାଡ଼ିଲା । ସୂର୍ଯ୍ୟବାବୁ ମଧ୍ୟ ବିଶେଷ ହସିଲେ ପୁଣି କହିଲେ, 'ହେ, ଆଧୁନିକରୁଚିବିହୀନା ନାରୀ ! ତୁମେ କିଛି ବୁଝିନାହଁ । ପ୍ରେମ ଗଙ୍ଗାନଦୀ ପରି ପବିତ୍ର ଓ ମହାସମୁଦ୍ର ପରି ସୁବିଶାଳ । ସେ ଜଳରେ ଜାତି ଅଜାତି ଯେତେ ସଂଖ୍ୟକ ଲୋକ ଅବଗାହନ କଲେ ସୁଦ୍ଧା କଳୁଷିତ ହୁଏ ନାହିଁ ।' ବାସ୍ତବିକ୍, ଅବିନାଶବାବୁ, ସୂର୍ଯ୍ୟବାବୁ ଜଣେ ବିଶିଷ୍ଟ ଭାବୁକ । ପ୍ରେମପ୍ରତି ତାଙ୍କର କେତେ ଦୂର ଗବେଷଣା ଅଛି ସତେ ? ଅବିନାଶବାବୁ, ମୁଁ ସତ୍ୟ କହୁଛି—ମୋର ତୁମ ପ୍ରତି ଯେଉଁ ଆନ୍ତରିକ ପ୍ରେମ···ସ୍ନେହ ଅଛି, ବାସ୍ତବିକ୍ ଗଙ୍ଗାଜଳ ପରି ପବିତ୍ର ଓ ମହାସମୁଦ୍ର ପରି ସୁବିଶାଳ । ଆହୁରି ଅନେକ କଥା ବାକି ରହିଗଲା । ତୁମର ଅଭାବରେ ଦୁଇଟି ଭିକ୍ଟି କାଚ ଆଦୌ ଫିଟି

ପାରିଲି ନାହିଁ । ଯେତେ ସଅଳ ପାରିବେ ନିଶ୍ଚୟ ଆସିବେ । ମୁଁ ଚାହିଁ ରହିଛି । ଆହୁରି ଅନେକ କୌତୂହଳ ବୃତ୍ତାନ୍ତ ବାକି ରହିଗଲା । ଇତି ।

ତୁମରି ପ୍ରେମମୟୀ,
ସୁନନ୍ଦା ।

ଅବିନାଶବାବୁ ଚିଠିଟାକୁ ଲେଉଟ ପାଉଟ କରି ଚାରିଥର ପଢ଼ିଲେ । ମନଟା ପିଞ୍ଜରାବଦ୍ଧ ପକ୍ଷୀ ପରି ଛଟପଟ ହେଲା । ଭାବନା କଲେ,। ଉପାୟ ଜୁଟିଲା ନାହିଁ । ଅନିମାର କଡ଼ା ତାଗିଦ ହିଁ ତାଙ୍କ ମନଟାକୁ ପ୍ରେତ ପରି ଡରାଇଲା···ଥରାଇଲା । ତା' ପରେ, ଅନିମା କାହିଁକି ସୁନନ୍ଦା ନିକଟକୁ ଯାଇଥିଲା ? ସେ ଏ ପ୍ରଶ୍ନଟାକୁ ଥରେ, ଦୁଇଥର, ତିନିଥର ପର୍ଯ୍ୟନ୍ତ ନିଜ ମନେ ମନେ ଭାବି-ନେଲେ । କିନ୍ତୁ କୌଣସି ସନ୍ତୋଷଜନକ ଉତ୍ତର ପାଇଲେ ନାହିଁ ।

ରାତି ଆସି ନ'ଟା ବାଜିଲାଣି । 'କ'ଣ ଏତେବେଳ ଯାଏଁ ଅଫିସ କାମ ସରିନାହିଁ ? ଚାଲିଆସ, ଭୋଜନ କରିବ ।' କହି କହି ଅନିମା ପ୍ରବେଶ କଲେ । ଅବିନାଶବାବୁ ବ୍ୟସ୍ତ ଚଞ୍ଚଳ ହୋଇ ଚିଠିଟାକୁ ଲୁଚାଇ ଦେବା ପାଇଁ ଚେଷ୍ଟା କଲେ । ଅନିମା ପ୍ରଶ୍ନକଲା, 'କ'ଣ ସେ ଚିଠି, କାହିଁ ଦେଖେ···ଦେଖେ !' ବାବୁଙ୍କ ହୃଦୟରେ ଗୁରୁତର ଭୟର ସଞ୍ଚାର ହେଲା । ସେ ତରତର ଚିଠିଟାକୁ ଲୁଚାଇ ଦେଲେ । ଅନିମା କିନ୍ତୁ ଛାଡ଼ିବାର ପାତ୍ରୀ ନୁହେଁ । ସେ ଜୋର ଜବରଦସ୍ତି ସେ ଚିଠିଟି କାଢ଼ି ଆଣିଲା ପୁଣି ପଢ଼ିଲା । ତା' ଦେହସାରା ଯେମିତି ବିଷର ଜ୍ୱାଳା···ଅଗ୍ନିର ଧୂ ଧୂ ଶିଖା ଜଳି ଉଠିଲା । ସେ ଅବିନାଶବାବୁଙ୍କ ପ୍ରତି ରୋଷ କଟାକ୍ଷ ହାଣି କହିଲା, 'ତୁମେ କ'ଣ ପାଷଣ୍ଡ ପାଲଟି ଗଲଣି ? ଫେରେ ଏ ଚିଠି ଦିଆ ନିଆ କ'ଣ, ଶୁଣେ ?' ଅବିନାଶବାବୁ ଅବୋଧ ଶିଶୁଟି ପରି ଉତ୍ତର

ଦେଲେ, 'ଅନମା, ମୁଁ କୌଣସି ଚିଠି ଦେଇନାହିଁ କି ପ୍ରମାଣ କରିବା ବାଟୁ ତା' ନିକଟକୁ ଯାଇନାହିଁ । ସେ ଏ ଚିଠିଟି ସ୍ୱତଃ ପଠାଇଛି ।'

'ତେବେ ଲେଖ, ଏଥର ଜବାବ ।' ଅବିନାଶବାବୁ ଅବାକ୍ ହେଲେ । ଅନମା ବିକଟ ଗର୍ଜ୍ଜନ କରି କହିଲା, 'ଲେଖିବ, କି ନାହିଁ ? ବସ ଏ ଚୌକିରେ ।' ଅବିନାଶ ଗୃହଶାଳୀର ଗୁରୁଭକ୍ତ ଶିଷ୍ୟଟି ପରି କାଗଜ କଲମ ଧରି ବସିଗଲେ । ଅନମା କହିଲା, 'ଲେଖ··· । ଡାକିନୀ ସୁନନ୍ଦା !' ଅବିନାଶ ବାବୁଙ୍କ ହାତ ଥରି ଉଠିଲା । ସେ ଅନମାର ମୁହଁକୁ କରୁଣ ଦୃଷ୍ଟିରେ ଚାହିଁଲେ । ଅନମା ବଜ୍ର ଗମ୍ଭୀର କଣ୍ଠରେ କହିଲା, 'ଲେଖ···ନଚେତ୍···' ଅବିନାଶ ଲେଖିଲେ—

'ଡାକିନୀ ସୁନନ୍ଦା !' ଅବିନାଶ ପୁନର୍ବାର ଅନମାର ମୁହଁକୁ ବିକଳ-କରୁଣ ଦୃଷ୍ଟିରେ ଚାହିଁଲେ । ଅନମାର ମୁହଁରେ ପ୍ରତିଶୋଧ, ପ୍ରତିହିଂସା ଓ ଶାସ୍ତିବିଧାନର ତୀକ୍ଷ୍ଣ ଚାହାଣୀ । ଅନମା କହିଲା, 'ଲେଖ··· । ତୋର ଓ ମୋର ସମ୍ବନ୍ଧ ଆଜିଠାରୁ ଶେଷ ହେଲା । ତୁ ପିଶାଚୀ, ମୋର ସର୍ବନାଶ କରିବା ପାଇଁ ବସିଥିଲୁ । ଅନମା ମୋତେ ଫେରାଇ ଆଣିଛି । ସାବଧାନ, ଆଜିଠାରୁ ଯଦି କୌଣସି ଚିଠିପତ୍ର ଦେବାପାଇଁ ଚେଷ୍ଟା କରିବୁ, ତେବେ ଉଚିତ ଫଳ ଭୋଗ କରିବୁ ।' ଅବିନାଶ ବାବୁ ଲେଖିଗଲେ । ଅନମା କହିଲା, 'ତଳେ ନିଜର ସ୍ୱାକ୍ଷର କର ।' ଅବିନାଶବାବୁ ସ୍ୱାକ୍ଷର କରିଦେଲେ ।

## ପନ୍ଦର

ଇନ୍ଦ୍ରା ଆଜ ଗର୍ଭବତୀ । ଅଙ୍ଗେ ଅଙ୍ଗେ ମାତୃତ୍ୱର ପବିତ୍ର ସ୍ପର୍ଶ । ନାରୀତ୍ୱର ବାସ୍ତବ ବିକାଶ । ଗୃହିଣୀ ଜୀବନର ଚରମ ସାର୍ଥକତା । ଏହା ପ୍ରକୃତିର ପରମ୍ପରାଗତ ନିୟମ···ଶୃଙ୍ଖଳାଗତ ଆଇନ । ପୃଥିବୀପୃଷ୍ଠରେ ଶତ ଶତ ଝଡ଼ ତୋଫାନ···ଭୂମିକମ୍ପର ତାଣ୍ଡବଲୀଳା ଆସେ ପୁଣି ଚାଲିଯାଏ । ମଣିଷ ଜୀବନରେ ବିପଦ··· ସମ୍ପଦ···ଆଶା···ନିରାଶାର ତାଡ଼ନା ଝଡ଼ବାତ୍ୟାପରି ଦେଖାଦେଇ କେଉଁଆଡ଼େ ଉଭେଇଯାଏ । ଦିନ ଆସେ···ରାତି ଆସେ··· । ବର୍ଷା, ଶୀତ, ଗ୍ରୀଷ୍ମ, ବସନ୍ତ ମଧ୍ୟ ଆସେ ପୁଣି ଚାଲିଯାଏ । ଏଇ ଦିନ-ରାତି ଗୁଡ଼ିକ ମଣିଷ ଜୀବନରେ ଅଦ୍ଭୁତ ପରିବର୍ତ୍ତନ ସୃଷ୍ଟି କରନ୍ତି । ଏହି ଦିନ ରାତିର ସ୍ପର୍ଶରେ ଦେଖୁଁ ଦେଖୁଁ ଶିଶୁ, ବାଳକରେ ପରିଣତ ହୁଏ, ବାଳକ ଯୁବକ ହୁଏ ପୁଣି ଯୁବକ, ବୃଦ୍ଧ ହୋଇ ଶେଷରେ ଶ୍ମଶାନର ଚିତାନଳ ଭିତରେ ଦେଖୁଁ ଦେଖୁଁ କ୍ଷଣକେ କେଉଁଆଡ଼େ ବିଲୟପ୍ରାପ୍ତ ହୁଏ । ତା'ର ରୂପ ଅବୟବ କେଉଁଆଡ଼େ ଉଭେଇ

ଯାଏ । ରହିଯାଏ କେବଳ ଭଲ ବା ଭେଲ । ସାମାଜିକ ପ୍ରଥାରେ ତା'ର ସ୍ମୃତିଚିହ୍ନ ରୂପେ ରହନ୍ତି ତା'ର ସନ୍ତାନସନ୍ତତିଗଣ । ବିଶେଷତଃ ପୁତ୍ର, ବଂଶର ଗୌରବ ବୋଲି ଧରାଯାଏ । ଏହି ସାମାଜିକତା ମଣିଷକୁ ଏତେ ଧାରେ ପୁଣି ପାଗଳ କରେ ଯେ ମଣିଷ ସାମାଜିକତା ପାଇଁ ନିଜ ଜୀବନକୁ ମଧ୍ୟ ତୁଚ୍ଛରଖାର କରି ବରଂ ଗର୍ବ ଅନୁଭବ କରେ । ଏହି ସାମାଜିକତାର ଆଇନ ବଳରେ ନାରୀ ଓ ପୁରୁଷ ନିଜର ଶାରୀରିକ, ଆର୍ଥିକ ଯେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ସୁଦ୍ଧା ବିବାହ କରିବା ପାଇଁ ବାଧ୍ୟ ହୁଅନ୍ତି ।

ଏ ସବୁ ସାମାଜିକତା ବାଦେ ଜଗତର ପ୍ରାକୃତିକ ଚିରନ୍ତନ ଗତିଧାରା ମଧ୍ୟ ଅଛି, ଯାହାକି ସଂସାରର ଦୁଃଖ ସୁଖ···ଝଡ଼ ବାତ୍ୟାର ଖୁବ ଊର୍ଦ୍ଧ୍ୱରେ । ସେହି ଚିରନ୍ତନ ଗତିଧାରାର ପଥରେ ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ ସମସ୍ତେ ଧାବମାନ । ପ୍ରକୃତିର ସେହି ଚିରନ୍ତନ ଗତି ମଧ୍ୟରେ ଅନେକ ସନାତନ ସତ୍ୟର ସନ୍ଧାନ ଥାଇପାରେ । କିନ୍ତୁ ସେଥିମଧ୍ୟରୁ ପୁରୁଷ ଓ ନାରୀ ଗୋଟିଏ ଗୋଟିଏ ନିବିଡ଼ ସତ୍ୟ । ଉଭୟେ ଉଭୟର ଜୀବନ, ଧାରଣା, ଜ୍ଞାନ । ଜଣକ ବିନା ଅନ୍ୟର ସ୍ଥିତି ହିଁ ଅସମ୍ଭବ । ବିଶ୍ୱର ଏହି ନିବିଡ଼ ସତ୍ୟ ଆକର୍ଷଣ ଭିତରେ ଧନୀ ଗରିବର ବିଚାର ନାହିଁ, ସୁଖ ଦୁଃଖର ବିଚାର ନାହିଁ । ପୁରୁଷ ସହିତ ନାରୀର ମିଳନହିଁ ସର୍ବାଦୌ ବିଚାର୍ଯ୍ୟ ।

ଇନ୍ଦ୍ରା ଓ ସତ୍ୟବ୍ରତ ଏହି ପବିତ୍ର ମିଳନର ପ୍ରକୃତ ସାର୍ଥକତା ଅନୁଭବ କରିପାରିଛନ୍ତି । ତା'ଙ୍କ ଜୀବନରେ ଝଡ଼ଝଞ୍ଜାର ବିରାମ ନାହିଁ । ଭୂମିକମ୍ପର ଅନ୍ତ ନାହିଁ । ତଥାପି ପ୍ରକୃତିର ଚିରନ୍ତନ ରଥଚକ୍ର ଘୂର୍ଣ୍ଣନରେ ସବୁ ନିଷ୍ପେଷିତ ହୋଇ ସେ ଦୁହିଙ୍କ ଜୀବନ

ବିଶ୍ୱର ବାସ୍ତବ ସଫଳତା ପ୍ରତି ଆକର୍ଷିତ ହୋଇଛି । ଫଳରେ ସାଧ୍ୱୀ ଇନ୍ଦ୍ରା ଆଜି ଗର୍ଭବତୀ । କିନ୍ତୁ ସୁନନ୍ଦା ନିକଟରେ ଉପହାସର ପାତ୍ରୀ··· । ସେ କହେ, 'ଫୁ, ଅପା ! ତୁମେ ଜୀବନଟାକୁ ଉପଭୋଗ କରି ଜାଣିନା । ତୁମ ଅଙ୍ଗ ପ୍ରତ୍ୟଙ୍ଗରେ ପୂର୍ଣ୍ଣ ଯୌବନ ଥିଲା । ଓ୍ୱେମ୍ ବଂଶରକ୍ଷା । ନିଜେ ନିଜର ଯୌବନଟା ନଷ୍ଟ କଲ । ଆତ୍ମହତ୍ୟା କଲ । ଛି, କି କୁତ୍ସିତ ବାସନା !'

ସୁନନ୍ଦା ! ସେପରି କହ ନାହିଁ । ଏଇଠାରେ ହିଁ ନାରୀ ଜୀବନର ସାର୍ଥକତା ।

ସାର୍ଥକତା ! ଓ୍ୱେମ୍ ଇଟ୍ ! ଯୌବନଟାକୁ ପୂର୍ଣ୍ଣ ଉପଭୋଗ କରିବାହିଁ ସାର୍ଥକତା ।

ଉପଭୋଗ ! ତାର ଅର୍ଥ··· ?

'ସେକଥା ବୁଝାଯାଇ ପାରେନା, ଅପା ! ବିଶେଷତଃ ତୁମପରି ସ୍ତ୍ରୀ ଆଗରେ । ମୁଁ ସେ ଆଦର୍ଶ ପାଳନ କରୁଛି ।' ଇନ୍ଦ୍ରା ମନେ ମନେ କହେ, 'ଛି··· !' କିନ୍ତୁ ପ୍ରକାଶ କରେନା । ସାମାନ୍ୟ କଥାରେ କଳହ ସୃଷ୍ଟି କରିବା ତା'ର ଇଚ୍ଛା ନୁହେ । ଏଣୁ ନୀରବ ରହେ । ସୁନନ୍ଦା କହେ, 'ଛି···ଛି···ନନା ମଧ୍ୟ କିପରି ଜଣେ ଶିକ୍ଷିତ ହୋଇ ତୁମ ପ୍ରତି ଏମିତି ଅତ୍ୟାଚାର କଲେ !' ଇନ୍ଦ୍ରା ନିଜ ମାତୃତ୍ୱର ଅପମାନ ବୋଧକରେ, ପୁଣି କହେ, 'ଯା ! ତୁମର କାମରେ ତୁମେ ମନଦିଅ । ମୋ ବିଷୟ ଚିନ୍ତା କରିବା ଦରକାର ନାହିଁ ।'

'ଆଚ୍ଛା ! ତୁମେ ଜବାବ ଦେବା ମଧ୍ୟ ଶିଖିଲଣି ! କଣ ତୁମ ବିଷୟ ଆମେ ଚିନ୍ତା କରିବୁ ନାହିଁ ! ଆଚ୍ଛା ଦେଖାଯାଉ ।' ସୁନନ୍ଦା ମୁହଁ ଫେରାଇ ଚାଲିଯାଏ ପୁଣି ଇନ୍ଦ୍ରା ରାନ୍ଧିବାରେ ମନ ଦିଏ ।

କିଛିକ୍ଷଣ ପରେ ସୂର୍ଯ୍ୟ ଚଡ଼ା ଗଳାରେ କହେ, 'ନୂଆବୋଉ ! ଏ ନୂଆବୋଉ ! ସହଳ ଭାତ ଦିଅ । ଅଫିସ ବେଳ ହେଲାଣି ।' ସୁନନ୍ଦା ତରତର ଚଞ୍ଚଳ ପଦକ୍ଷେପରେ ରନ୍ଧାଘରକୁ ଯାଇ କହେ, 'ସୁ ପେଟି ଅପା ! ଅଫିସ ବେଳ ହେଲାଣି, କ'ଣ ତୁମକୁ ଜଣାଯାଉ ନାହିଁ ? ବୋଧହୁଏ ପେଟଟା ବେଶି ଓଜନ ହେଲାଣି । ଜାଣି ଜାଣି କାହିଁକି ଏ ପେଟର ସୃଷ୍ଟି କଲ, ଯଦି କାମକୁ ପାରୁନାହିଁ ?' ଇନ୍ଦ୍ରାକୁ ଏ ପଦଗୁଡ଼ା କର୍ଣ୍ଣପର ଗୁଡ଼ି ଭିତରେ ଫୋଡ଼ ହୋଇଯାଏ । ଓଃ ! କି ଅପମାନ ! ନାରୀ ସବୁ ସହିପାରେ । କିନ୍ତୁ ମାତୃତ୍ୱ, ଗୃହିଣୀତ୍ୱର ଅପମାନ ସହ୍ୟ କରି ପାରେ ନା । ଇନ୍ଦ୍ରାର ଇଚ୍ଛା ହୁଏ, ସେହି ମୁହୂର୍ତ୍ତରେ ସେ ବିଷ ଖାଇ ମରିଯାଆନ୍ତା କି, ଉଦ୍ଧାର ପାଇଯାନ୍ତା । ଘରଭିତରେ ବସି ସତ୍ୟବ୍ରତ ନିଜ ଲିଖିତ ନାଟକଟିର ଦୃଶ୍ୟଗୁଡ଼ିକ ଗୋଟିକ ପରେ ଗୋଟିଏ ଦେଖୁଦେଖୁ ଏ କଥାଗୁଡ଼ିକ ଶୁଣେ । ମନରେ କ୍ଷୋଭ ଜାତ ହୁଏ । କିନ୍ତୁ ସହିଯାଏ । ମନ ଫେରାଇ ଆଣି ନାଟକ ଲେଖାରେ ନିବଦ୍ଧ କରେ । ସବୁ ଭୁଲିଯାଏ । କଲମ ତା'ର ଦୃଶ୍ୟ ପରେ ଦୃଶ୍ୟ ଲେଖିଚାଲେ । ନାନା ଭାବର ସମାବେଶ ହୁଏ ।

ଇନ୍ଦ୍ରା ସୂର୍ଯ୍ୟକାନ୍ତକୁ ଖାଇବାର ଦେଇସାରି ରନ୍ଧାଘରକୁ ଫେରେ । ତୁହାଇ ତୁହାଇ ସେ ନିଜ ପଣତରେ ଲୁହ ପୋଛେ । କିନ୍ତୁ ଲୁହ ଶୁଖେ ନାହିଁ । ଅନବରତ ଝରଝର ବୋହି ଚାଲିଥାଏ । ମାତୃତ୍ୱ ପ୍ରତି ଉପହାସ ନାରୀ ଜୀବନରେ ଅସହ୍ୟ । ତା'ର ମନେ ହୁଏ, ଆତ୍ମହତ୍ୟା ହିଁ ଶ୍ରେୟସ୍କର । କିନ୍ତୁ···କିନ୍ତୁ, ମନଟା ଗୋଳେଇ ଘାଣ୍ଟି ହୁଏ । ନିଜ ଜୀବନ ଉପରେ ହୁଏତ ତା'ର ପୂର୍ଣ୍ଣ ଅଧିକାର । କିନ୍ତୁ ଗର୍ଭସ୍ଥ···ଶିଶୁ । ସେ ଭାବିପାରେ ନା । ମନରେ ଆପେ ଆପେ ଅନୁତାପ ନିଆଁ ଧୂ ଧୂ ଜଳିଉଠେ । ତା' ମନ ଭିତରେ କିଏ

ଯେମିତି କହେ,—'ସବୁ ତୁ ଦେଖି ସହୁଁ କରୁଛୁ, ଇନ୍ଦ୍ରା ! ସବୁ ତୋର କରଣୀ । ତୁ ହିଁ ଏ ଘରର ସର୍ବନାଶ କରିଛୁ, ନିଜକୁ ଆତ୍ମହତ୍ୟା କରି ସାରିଛୁ । ତୁ ସେହି ପାପରେ ଆହୁରି···ଆହୁରି ଦଗ୍ଧୀଭୂତ ହେବୁ । ତା' ସଙ୍ଗେ ସଙ୍ଗେ ନିଜର ସ୍ୱାମୀ, ଦେବର, କକା, ବୋଉ ସମସ୍ତଙ୍କୁ ଦଗ୍ଧୀଭୂତ କରାଇବୁ । ତୁ ହିଁ ସର୍ବନାଶର ମୂଳ କାରଣ । ଇନ୍ଦ୍ରା ! ବର୍ତ୍ତମାନ ବିଚଳିତ ହେବା ବେଳ ନୁହେଁ । ବିଚଳିତ ହୋଇ ଆହୁରି···ଆହୁରି ଦୁଇଗୁଣ ପାପର ଭାଗୀଦାର ହୁଅ ନାହିଁ । ଗର୍ଭରେ ତୋର ଶିଶୁ । ବଂଶର ଗୌରବ । ସେ ମଣିଷ ହେବା ପର୍ଯ୍ୟନ୍ତ ତୋର କର୍ତ୍ତବ୍ୟ ରହିଛି । ଯାହା ଘଟିବାର ଘଟିଗଲାଣି । ଭାବିବାର ଅବକାଶ ଓ ପ୍ରୟୋଜନ ନାହିଁ । ଛାତି ବଜ୍ର କରି ସହିବାକୁ ହେବ । ଶେଷରେ ନିଶ୍ଚୟ ପରମ ସୁଖ ପାଇବୁ । ଯେତେ କଷ୍ଟ, ଯେତେ ଦୁଃଖ ସବୁ ନିଜକୃତ ପାପର ପ୍ରାୟଶ୍ଚିତ୍ତ ବୋଲି ଭାବିନେବା ଉଚିତ ।' ହଠାତ୍ ତା' ମନରେ କି ବିଚାର ସୃଷ୍ଟି ହେଲା କେଜାଣି, କାଗଜ କଲମ ଧରି ଚିଠି ଲେଖିବାରେ ଲାଗିଲା—

ପରମ ପୂଜନୀୟା ବୋଉ,

ପ୍ରଣାମ ଗ୍ରହଣ କରିବେ । ଘରର କଥା ତୁମକୁ ଅଛପା ନାହିଁ । ବର୍ତ୍ତମାନ ଘର ଭିତରେ ଉତ୍କଟ ବିଷବହ୍ନି ସୃଷ୍ଟି ହୋଇଛି, ବୋଉ ! ମଣିଷ ମାନଙ୍କେ ବଞ୍ଚି ରହିବା କଷ୍ଟ । ମୁଁ କେଉଁଦିନୁ ଆଖି ବୁଜି ଦେଇଥାନ୍ତି । କିନ୍ତୁ···କିନ୍ତୁ ତୁମ ନିକଟରେ କିପରି ପ୍ରକାଶ କରିବି, ବୋଉ ! ଲେଖିବାକୁ ବାଧ ହେଉଛି—ମୋ ଭିତରେ ତୁମ ଭବିଷ୍ୟତ୍ ବଂଶଧରର ମା···ମା ଆହ୍ୱାନ ଅନୁଭୂତ ହୋଇଛି । ଏଇ ଆହ୍ୱାନ ହିଁ ମୋ ଶ୍ୱଶୁର କୁଳର ବଂଶରକ୍ଷା ଦାୟିତ୍ୱକୁ ଚେତାଇ ଦେଉଛି । ନିତୁବା ବଡ ବା ମହତ୍ତ୍ୱକୁ ମୋ

ଜୀବନର ସାଥୀ କରି ନେଇ ସାରନ୍ତିଣି । ତୁମେ ପୁନର୍ବାର ଆସି ବିଷଜ୍ୱାଳାରେ ଏଇଠି ଛଟପଟ ହେବା ପାଇଁ କହୁନାହିଁ, ବୋଉ ! ଭାବୁଛି, ଏ ଚିଠି ଲେଖି ବୃଥାରେ ତୁମ ମନରେ ଅଶାନ୍ତି ସୃଷ୍ଟି କରିବି । କିନ୍ତୁ କର୍ତ୍ତବ୍ୟ ଦୃଷ୍ଟିରୁ କରିଯାଉଛି, ବୋଉ ! କେଉଁ ମୁହୂର୍ତ୍ତରେ ଏ ଘରେ ପ୍ରଳୟ ସୃଷ୍ଟି ହେବ ତାହା କହି ହେବନାହିଁ । ପ୍ରତି ମୁହୂର୍ତ୍ତରେ ପ୍ରଳୟର ଆଶଙ୍କା । ବିଦାୟ ନେଉଛି । ଇତି ।

ତୁମର ଚରଣସେବିକା,

ଇନ୍ଦ୍ରା ।

## ଷୋଳ

ଡାକବାଲା ଚିଠି ଖଣ୍ଡିଏ ବଢ଼ାଇ ଦେଇ ଚାଲିଗଲା । ସୃଷ୍ଟିର ଆନନ୍ଦ ନିରାନନ୍ଦ, ସୁଖ ଦୁଃଖ ଭିତରେ ଏହି ଡାକବାଲା ଗୋଟିଏ ଅଦ୍ଭୁତ ଜୀବ । ତାର ଚିଠିମୁଣି ଭିତରେ ଯେ କେତେ ହସ କାନ୍ଦ, ଲୁହ ଲହୁର ଲୀଳା ଖେଳା ଛପି ରହିଥାଏ କିଏ କହି ପାରିବ । ଡାକବାଲା ମୁଣିକୁ ହସାଏ, କନ୍ଦାଏ, ନଚାଏ, ମତାଏ, ଅଥଚ ସେ ସବୁଥିରୁ ଅଲଗା । ସେ କାହାର ହସ କାନ୍ଦରେ ସମଭାଗୀ ହୁଏ ନାହିଁ । କେବଳ ଗାଁ ସାରା ଘୂରି ଘୂରି ଚିଠିଗୁଡ଼ିକ ବାଣ୍ଟୁଥାଏ । ତାହା ନିକଟରେ ହସର ଚିଠି ଓ କାନ୍ଦର ଚିଠିର ମୂଲ୍ୟ ଏକ ।

ସୁନନ୍ଦା ତରତର ହୋଇ ଚିଠି ଖୋଲିଲା । ପ୍ରଥମେ ଅବିନାଶବାବୁଙ୍କ ହସ୍ତାକ୍ଷର ଦେଖି ସେ ମନେ ମନେ ଆନନ୍ଦ ଲଭ କଲା । କିନ୍ତୁ ଚିଠିର ବିଷୟବସ୍ତୁ ପ୍ରତି ଦୃଷ୍ଟି ଦେଉ ଦେଉ ତା' ମୁହଁଟା ହଠାତ୍ ମଳିନରୁ ମଳିନତର ହୋଇଗଲା । ଠିକ୍

ଯେମିତି ବସନ୍ତର ଠିକ୍ ପରେ ପରେ ନିଦାଘ ଦଗ୍ଧ ଧରଣୀ । ସେ ନିଜ ଚକ୍ଷୁକୁ ନିଜେ ବିଶ୍ବାସ କରିପାରିଲା ନାହିଁ । ନିଜକୁ ନିଜେ ଚିହ୍ନି ପାରିଲା ନାହିଁ । ଏ ଘର, ଦ୍ୱାର, ବୃକ୍ଷ, ଲତା, ଆକାଶ, ଅବନୀ ସବୁ ତା'କୁ ନୂତନ ଦେଖାଗଲା । ସମସ୍ତେ ଯେପରି ତାକୁ ଉପହାସ କରୁଛନ୍ତି । ସେ ଚଉକିଟି ଧରି ଦଣ୍ଡେ ଅବାକ୍ ହୋଇଗଲା ।

ସପ୍ତାହକେ ଥରେ କ୍ଲବ୍ ଦିବସ ପାଳିତ ହୁଏ । ସମସ୍ତ ସଭ୍ୟବୃନ୍ଦଙ୍କ ସମାବେଶ ହୁଏ । ପରସ୍ପର ପ୍ରେମ ପ୍ରୀତିର ଆଦାନ ପ୍ରଦାନ ହୁଏ । ନାନା ଦେଶର ନାନା କଥା ବିଚାର ହୁଏ । ନାନା ଭାବର ଆଦାନ ପ୍ରଦାନ ହୁଏ । ଖେଳ ତମାସା ଚାଲେ । ମଦ କାଚ ଫିଟେ । ଖାନାପିନାର ବନ୍ଦୋବସ୍ତ ହୁଏ—ଅଣ୍ଡା···ମାଂସ । ଅବିନାଶବାବୁ କ୍ଲବ୍‌ର ସଭାପତି । ଏଣୁ ସେ ପ୍ରାୟ ପ୍ରତ୍ୟେକ କ୍ଲବ୍ ଦିବସରେ ଉପସ୍ଥିତ ହୁଅନ୍ତି । ସୁନନ୍ଦା ଏପରି ସୁଯୋଗ ଛାଡ଼ିବାର ପାତ୍ରୀ ନୁହେ । ବେଳେ ବେଳେ ସୂର୍ଯ୍ୟକାନ୍ତଙ୍କୁ ସଙ୍ଗେ ଧରି ଆସେ ପୁଣି ବେଳେ ବେଳେ ଏକା ଆସେ । ସେ କ୍ଲବ୍‌ରେ ଗୋଡ଼ ଦେଉ ଦେଉ ସମସ୍ତେ ଚିତ୍କାର କରନ୍ତି, 'ହାଲୋ ! ଗୁଡ୍‌ନାଇଟ୍ ମିସ୍ ସୁନନ୍ଦାଦେବି !···କାମାନ୍ !' ସୁନନ୍ଦା ମଧ୍ୟ ଉତ୍ତର ଦିଏ, 'ହାଲୋ ! ଗୁଡ୍‌ନାଇଟ୍ !' କହି କହି ଗୋଟାଏ ଚୌକି ଟାଣି ବସିଯାଏ । ରାତି ବାରଟା ହୋଇଯାଏ ।

ଆଜି ଏହି ସୁଯୋଗର ସୁବିଧା ନେବାପାଇଁ ସୁନନ୍ଦା ସଙ୍ଗେ ସଙ୍ଗେ କ୍ଲବ୍‌କୁ ଚାଲିଗଲା । ଆଜି କ୍ଲବ୍ ଦିବସ । ସେତେବେଳକୁ ଅବିନାଶବାବୁ ଉପସ୍ଥିତ ହୋଇସାରିଲେଣି । ସୁନନ୍ଦା ଅବିନାଶ-ବାବୁଙ୍କ ମୁହଁକୁ ଚାହିଁ ଚାହିଁ କିପରି ଗୋଟାଏ କରୁଣ ଆବେଗରେ ତା' ଆଖି ଦୁଇଟି ଲୋତକରେ ପୂର୍ଣ୍ଣ ହୋଇଗଲା । ଅବିନାଶବାବୁ ସମ୍ପୂର୍ଣ୍ଣ ଠଉରେଇ ନେଲେ ପୁଣି କହିଲେ, 'ହାଲୋ ! ଗୁଡ଼ଓ୍ୱିନିଂ ।'

ସୁନନ୍ଦା ତା'ର ପ୍ରତିଦାନ କଲା ପୁଣି ସଙ୍ଗେ ସଙ୍ଗେ କହିଲା, 'ଚିକେ ଆସନ୍ତୁ, କେତେକ ଗୁପ୍ତ କଥା ଅଛି ।' ଅବିନାଶବାବୁ ଓ ସୁନନ୍ଦା ଗୋଟିଏ ନିର୍ଜନ କୋଠରୀ ଭିତରକୁ ଗଲେ । ସୁନନ୍ଦା ସଙ୍ଗେ ସଙ୍ଗେ ଚିଠିଟି ବାହାର କରି ପ୍ରଶ୍ନ କଲା, 'ଏ କ'ଣ, ଅବିନାଶବାବୁ ?' ସହସା ତା' ଗଣ୍ଡଦେଶ ପ୍ଳାବନ କରି ଲୋତକ ଧାର ଝରିପଡ଼ିଲା । ଅବିନାଶବାବୁ ସୁନନ୍ଦାର ହାତ ଦୁଇଟି ଧରି ବାଷ୍ପାକୁଳ କଣ୍ଠରେ କହିଲେ, 'କ୍ଷମା···କ୍ଷମାକର, ସୁନନ୍ଦା ! କେବଳ ଅନିମାର ବାଧ୍ୟବାଧକତାରେ ସେପରି ଲେଖି ଦେଇଛି । ମୋ ହୃଦୟରେ ଏବେ ମଧ୍ୟ ତୁମ ଲାଗି ସ୍ୱର୍ଣ୍ଣ ସିଂହାସନ ସଜାଇ ରଖିଛି । ତୁମେ ମୋର ପ୍ରେମମୟୀ ।' କହି ସୁନନ୍ଦାକୁ ଗାଢ଼ ଆଲିଙ୍ଗନ କରି ଚୁମ୍ବନଟିଏ ଆଙ୍କିଦେଲେ । ଦୀର୍ଘ କାଳ ପରେ ଆଜି ତୃଷିତା ଯେମିତି ଜଳବିନ୍ଦୁଟିଏ ପାଇଛି । ସୁନନ୍ଦା ମନେ ମନେ ଢେ'ର ଆନନ୍ଦ ଲାଭ କଲା ପୁଣି ଅବିନାଶବାବୁଙ୍କର ହାତ ଦୁଇଟା ଧରି ପକାଇ କହିଲା, 'ଆଜି ଆମ ଘରକୁ ଯିବା ।' ଉତ୍ତର ଆସିଲା, 'ନିଶ୍ଚୟ' ।

କ୍ଲବ୍ ଦିବସ ଶେଷ ହେବା ସଙ୍ଗେ ସଙ୍ଗେ ସୁନନ୍ଦା ଓ ଅବିନାଶ ରାଜପୁର ଅଭିମୁଖେ ଯାତ୍ରା କଲେ । ରାତି ପାଖୁ ବାରଟା ହେବ । ଇନ୍ଦ୍ରା ଅଖିଆ ଅପିଆ ଜଗି ରହିଛନ୍ତି । ସୁନନ୍ଦା ଫେରିଲେ ଯାଇ ତାକୁ ଭାତ ଦେବେ ପୁଣି ନିଜେ ଖାଇ ଶୋଇବେ । ସୁନନ୍ଦା ଠପ୍‌ଠାପ୍ ଘରେ ପ୍ରବେଶ କଲା ପୁଣି କହିଲା, 'ଯୁ ଅପା, ମୁଁ ଆଜି ଭାତ ଖାଇବି ନାହିଁ । କ୍ଲବ୍‌ରେ ଢେର୍ ଖାଇଛି । ଶୀଘ୍ର ଚା'ଟିକେ କର !' ପଛେ ପଛେ ଅବିନାଶବାବୁ । ଉଭୟେ ସୁନନ୍ଦା ଘରକୁ ଚାଲିଗଲେ । ଇନ୍ଦ୍ରା ଚା' ତିଆରିରେ ଲାଗିଗଲା ।

ଝଡ଼ବାତ୍ୟା ପରେ ଧରଣୀ ଅତି ମନୋହର ଦିଶେ । ଧୂ ଧୂ ଗ୍ରୀଷ୍ମ ପରେ ଝରି ଝରି ବର୍ଷାଧାର ଧରଣୀ ବୁକୁରେ ନବଯୌବନ

ସଞ୍ଚାର କରେ । ବିରହ ପରେ ମିଳନ ଅତି ମଧୁମୟ, ସୁଖପ୍ରଦ । ଦୀର୍ଘ ସପ୍ତାହେ ପରେ ସୁନନ୍ଦା···ଅବିନାଶଙ୍କ ମିଳନ । ଏହି ସପ୍ତାହଟା ଉଭୟଙ୍କ ପକ୍ଷେ ସାତବର୍ଷ ସଙ୍ଗେ ସମାନ । ଆଶା··· ଆକାଂକ୍ଷା ଓ ପ୍ରଲୋଭନର ଏମିତି ଗୋଟାଏ ଶକ୍ତି ଅଛି, ଯାହାଦ୍ୱାରା ମଣିଷ ମନରେ ନାନା ବିକାର ସୃଷ୍ଟି ହୋଇଯାଏ । ଗୋଟିଏ ଗୋଟିଏ ଘଣ୍ଟା ଗୋଟିଏ ଦିନ ପରି ଲାଗେ । ଗୋଟିଏ ଗୋଟିଏ ଦିନ ଏକ ସପ୍ତାହ ପରି ଲାଗେ । ଫଳରେ ଆକାଂକ୍ଷିତ ବସ୍ତୁଟି ପାଇବା ବେଳକୁ ମାନବ ମନରେ ଗୁରୁତର ଆକୁଳତା ଦେଖା-ଦିଏ । ମଣିଷ ଆକାଂକ୍ଷିତ ବସ୍ତୁର ଲାଭରେ ଆତ୍ମହରା ହୋଇଯାଏ ପୁଣି ଯଦି ଲାଭ କରେନା, ତା' ଛାତି ଭିତରେ ଗୋଟାଏ ବିରାଟ ଧକ୍କା ଅନୁଭୂତ ହୁଏ । ଫଳରେ ସେ ମୁହ୍ୟମାନ ହୋଇଯାଏ ।

ଅବିନାଶ ଓ ସୁନନ୍ଦା ପଲଙ୍କ ଉପରେ ବସିଗଲେ । ସୁନନ୍ଦା ଗୋଟାଏ ଭିସ୍କି କାଚ ଫିଟାଇ ଗ୍ଲାସ୍‌ରେ ଭରି ଅବିନାଶଙ୍କ ଅଧର ନିକଟକୁ ନେଲା । ତୃଷାର୍ତ୍ତ ପାନ୍ଥ ଯେପରି ଜଳ ମୁନ୍ଦେ ପାଇଲେ ଏକ ନିଶ୍ୱାସରେ ନିଃଶେଷ କରିଦିଏ, ଅବିନାଶବାବୁ ମଧ ସେହିପରି ଭିସ୍କି ତକ ନିମିଷକେ ନିଃଶେଷ କରିଦେଲେ । ସୁନନ୍ଦାର କାନ୍ଧ ଉପରେ ହାତ ପକାଇ କହିଲେ, 'ସୁନନ୍ଦା, ଶଠି ପାଇ ମନରେ ଭାରି ରାଗ କଲ, ନୁହେ ?' ଅବିନାଶବାବୁ ସୁନନ୍ଦାର ଅଧର ଟିପି ପୁନର୍ବାର କହିଲେ, 'ମୋତେ ଭୁଲ ବୁଝନା, ସୁନନ୍ଦା ! ଜୀବନ ଥିବା-ଯାଏ ମୁଁ ତୁମର ।' ସୁନନ୍ଦା ଅବିନାଶବାବୁଙ୍କର କାନ୍ଧରେ ହାତ ପକାଇ ତାଙ୍କ ପ୍ରତି କୋଣାପିତ ଚାହାଁଣିରେ ଚାହିଁ ରହିଲା ପୁଣି ଭଙ୍ଗି ମୋଡ଼ି ହୋଇ, ଅଳସ ଭଙ୍ଗି ପଲଙ୍କ ଉପରେ ଢ଼ଳି ପଡ଼ିବାକୁ ଯିବା-ବେଳେ—ଅବିନାଶବାବୁ ତା' ପୃଷ୍ଠଦେଶ ଆଲିଙ୍ଗନ କରି ନିଜ କୋଳକୁ ଟାଣି ଆଣିଲେ ପୁଣି ଗଣ୍ଡଦେଶରେ ମୁହୁର୍ମୁହୁ ଚୁମ୍ବନ

ଆଙ୍କିବାରେ ଲାଗିଲେ । ଠିକ୍ ଯେମିତ ପ୍ରସ୍ଫୁଟିତ ଗୋଲାପରେ ମଧୁପର ପ୍ରଣୟ । ସୁନନ୍ଦା ଅବିନାଶବାବୁଙ୍କ ମୁହଁଟାକୁ ରୋକିବା ପାଇଁ ଯେତେ ଚେଷ୍ଟା କଲେ ମଧ ଘନଘନ ଚୁମ୍ବନ ଦାଗରେ ତା'ର ଦୁଇ ଗଣ୍ଡ ଆର୍ଦ୍ର ହୋଇଗଲା ।

ଠିକ୍ ଏପରି ସମୟରେ ଅଚାନକ୍ ଉପସ୍ଥିତ ହୋଇଗଲା ଇନ୍ଦ୍ରା । ହଠାତ୍ ଅବାକ୍···ନିସ୍ପନ୍ଦ ହୋଇ ଠିଆ ହୋଇଗଲା । ଜଗତ ସାରା ଅନ୍ଧାର ଦିଶିଗଲା । ପାଦତଳୁ ଧରଣୀଟା ଖସିଖସି କେଉଁଆଡ଼େ ଚାଲିଗଲା ପରି ବୋଧ ହେଲା । ହାତରୁ 'ଟି-ଟ୍ରେ'ଟା ଖସିଗଲା ଝଣ୍···ଝାଣ୍ । 'କଣ କଲ ତମେ···ଯୁ ଅପା!' କହି ସୁନନ୍ଦା ଠିଆ ହୋଇଗଲା । ସଙ୍ଗେ ସଙ୍ଗେ ମଦନଶାରେ ବିଭୋର, ଟଳମଳ ଅବସ୍ଥାରେ ଟଳି ଟଳି ଆସି ଅବିନାଶବାବୁ ଇନ୍ଦ୍ରାର ହାତ ଧରି କହିଲେ, 'କାମାନ୍, ମାଇ ୟଙ୍ଗ୍ ଲେଡ଼ି !' ଇନ୍ଦ୍ରାର ଦେହ ସାରା ଯେପରି ଅଗ୍ନିସ୍ଫୁଲିଙ୍ଗ ଖେଳିଗଲା । ସେ ହାତ ଛିଣ୍ଡାଇ ଚିତ୍କାର ଉଠିଲା, 'ନରାଧମ ! ଏ କି ଅତ୍ୟାଚାର ! ତୁ ପରା ଜିଲ୍ଲା ହାକିମ !' ସୁନନ୍ଦା କହି ଉଠିଲା, 'ଅପା··· !' ଅବିନାଶବାବୁ ଇନ୍ଦ୍ରାକୁ ଆଲିଙ୍ଗନ କରିବା ପାଇଁ ବାହୁ ପ୍ରସାରି ଉଦ୍ୟତ ହେଲେ । ଇନ୍ଦ୍ରା ବଜ୍ରଗମ୍ଭୀର ସ୍ୱରରେ କହିଲା, 'ଛି, କୁତ୍ସିତ ! ଜାଣିରଖ, ମୋ ଅଙ୍ଗ ସ୍ପର୍ଶ କରିବୁ ଯଦି, ତୋତେ ଏଇଠି ହତ୍ୟା କରିବି ।' ପୁନର୍ବାର ସୁନନ୍ଦା ଗର୍ଜି ଉଠିଲା, 'ଅପା ! ସାବଧାନ··· !' ଠିକ୍ ଏତିକିବେଳେ ଅନ୍ୟ ଏକ କୋଠରୀରୁ ଧଡ଼୍ଧାଡ଼୍ କବାଟ ଖୋଲି ସତ୍ୟବ୍ରତ ଘଟଣା 'ସ୍ଥଳରେ ଉପସ୍ଥିତ ହେଲେ । ସେତେବେଳକୁ ଅବିନାଶବାବୁଙ୍କ ପ୍ରସାରିତ ବାହୁଦ୍ୱୟ ଇନ୍ଦ୍ରାକୁ ଆଲିଙ୍ଗନ କରିବା ପାଇଁ ଉଦ୍ୟତ । ପୌରୁଷ ଥିବା ବ୍ୟକ୍ତି ସବୁ ସହିପାରେ, ନିଜର ଅର୍ଦ୍ଧାଙ୍ଗିନୀକୁ ଦାସୀ ରୂପେ···ସେବିକା ରୂପେ ନିଯୁକ୍ତ କରିବା ପାଇଁ

ପଡ୍ଗୁଏ ନାହିଁ—ଯେତେଦୂର ପର୍ଯ୍ୟନ୍ତ ନିଜର ଆଦର୍ଶରେ ଅବିଚଳିତ ରହି ନାରୀତ୍ୱର ଆତ୍ମମର୍ଯ୍ୟାଦା ଅକ୍ଷୁଣ୍ଣ ରହିଛି । କିନ୍ତୁ ଯେତେ ବଡ଼ ଆଦର୍ଶର ସେବକ ହେଲେ ମଧ୍ୟ ପୌରୁଷ ଥିବା ବ୍ୟକ୍ତି ଯଦି ଦେଖେ ନିଜ ଅର୍ଦ୍ଧାଙ୍ଗିନୀ···ସହଚରୀ···ପ୍ରେୟସୀର ନାରୀତ୍ୱ ପ୍ରତି ଘୋର ଅବମାନନା ହୋଇଛି, ସେ ସକଳ ଆଦର୍ଶକୁ ପଛରେ ପକାଇ ରଣତାଣ୍ଡବ ସୃଷ୍ଟିକରେ । ନାରୀତ୍ୱର ଅପମାନ ସେ ସହ୍ୟ କରି ପାରେନା । ସତ୍ୟବ୍ରତ ଗର୍ଜି ଉଠିଲା, 'ଏ କ'ଣ, ଅବିନାଶ ବାବୁ ? ତୁମେ ପରା ଜିଲ୍ଲାର ହାକିମ ! ଏହାହିଁ କ'ଣ ତୁମର ମର୍ଯ୍ୟାଦା ! ଇନ୍ଦ୍ରା କ'ଣ ବେଶ୍ୟା ବୋଲି ଭାବିଛ ! ଦୂର ହୁଅ !' ସତ୍ୟବ୍ରତ, ଅବିନାଶବାବୁଙ୍କ ଛାତି ଉପରେ ହାତଦେଇ ପଛକୁ ଠେଲିଦେଲା । ମଦ୍ୟପୀ ଅବିନାଶ ଚିତ୍ ହୋଇ ପଡ଼ିଗଲେ । ପଲଙ୍କରେ ତାଙ୍କର ମୁଣ୍ଡଟା ପିଟି ହୋଇଗଲା । ଝର ଝର ରକ୍ତଧାର ଛୁଟିଲା । ସୁନନ୍ଦା ଚିତ୍କାରି ଉଠିଲା, 'ନନା ! କଣ କଲ ତୁମେ !' 'ଅବିନାଶବାବୁ···ଅବିନାଶବାବୁ' କହି କହି ସେ ଅବିନାଶବାବୁଙ୍କୁ ଉଠାଇବା ପାଇଁ ଦୌଡ଼ିଲା । ଇନ୍ଦ୍ରା ଗର୍ଜି ଉଠିଲା, 'ଉପଯୁକ୍ତ ଶାସ୍ତି ! ନରାଧମ ଆଧିପତ୍ୟର ମୋହରେ ଯେଉଁ ଅତ୍ୟାଚାର କରିବା ପାଇଁ ଉଦ୍ୟତ ହୋଇଥିଲା ଏହା ତା'ର ଉପଯୁକ୍ତ ଶାସ୍ତି । ଘରେ ଅନାମା ପରି ଷୋଡ଼ଶୀ ଯୁବତୀକୁ ଦରମହା କରି ଏ ଯେଉଁ ପାପ ପ୍ରଣୟର ଘୃଣିତ ଲୀଳା ସୃଷ୍ଟି କରିଛି ଏହାହିଁ ତା'ର ଉପଯୁକ୍ତ ଶାସ୍ତି ।' ସେ ସୁନନ୍ଦା ପ୍ରତି ମୁହଁ ଫେରାଇ କହିଲା, 'ଛି, ସୁନନ୍ଦା ! ତୁ ପରା କୁଳବଧୂ ? କୁଳରେ କଳଙ୍କ ଲଗାଇ ଏ କି ତୋ'ର ଆଚରଣ ? ତୋ' ଜୀବନ ଛାରଖାର ହୋଇଛି, ମୁଁ ଜାଣେ । ତା'ର ଉତ୍କଟ ପରିଣାମ ଅଚିରେ ଭୋଗ କରିବୁ । ପୁନର୍ବାର ମୋତେ ସେହି ପରିଣାମ ଭୋଗ କରାଇବା

ପାଇଁ ଯାଉଥିଲୁ କାହିଁକି ? ଛି, ତୋର ମରଣ ହେଉନାହିଁ କାହିଁକି··· ?' ସୁନନ୍ଦାର ଆଖିରେ ଅଗ୍ନିଶିଖା···ରାଗଜର୍ଜରିତ ବହ୍ନି । ସେ ଚିତ୍କାରି ଉଠିଲା, 'ସୂର୍ଯ୍ୟବାବୁ···ସୂର୍ଯ୍ୟବାବୁ···ସର୍ବନାଶ ହୋଇଛି !' ସେତେବେଳକୁ ଅବିନାଶବାବୁଙ୍କ ମୁଣ୍ଡରୁ ଝରଝର ରକ୍ତସ୍ରୋତ ଛୁଟିଛି । ମଦ୍ୟ ଉନ୍ମାଦନା ଏକାବେଳେ ପରାହତ ହୋଇଛି । ଇନ୍ଦ୍ରାର ବାକ୍‌ଶଲ୍ୟ ତାଙ୍କ ହୃଦୟ ଭିତରେ ଏକାବେଳେ ବିଦ୍ଧ ହୋଇଛି । ତାଙ୍କ ମନରେ ସବୁଠୁ ବିକାର ସୃଷ୍ଟି କରିଛି ଇନ୍ଦ୍ରାର ଗୋଟିଏ ବାକ୍ୟ । ତାହା ହେଉଛି—'ଘରେ ଅନିମା ପରି ଷୋଡ଼ଶୀ ଯୁବତୀ··· ।' ମନେ ମନେ ସେ ଭାବି ଲାଗିଛନ୍ତି—'ଅନିମା···ଅନିମା···ସେ ହିଁ ଏ ଦିନର ପ୍ରମାଣ···ପରିଣାମ ।' ସତ୍ୟବ୍ରତ ଅବାକ୍···ନିସ୍ପନ୍ଦ !

ସୁନନ୍ଦାର ଚିତ୍କାର ଶୁଣି ଧଡ଼ଧାଡ଼ କବାଟ ଖୋଲି ସୂର୍ଯ୍ୟକାନ୍ତ ଉପସ୍ଥିତ ହେଲା । ହାତରେ ଉତ୍ତୋଳିତ ପିସ୍ତଲ୍ । ସତ୍ୟବ୍ରତର ଛାତି ନିକଟକୁ ପିସ୍ତଲ ଉତ୍ତୋଳନ କରି ସୂର୍ଯ୍ୟକାନ୍ତ କହିଲା, 'ନନା ! ଜାଣିଛ, ଏହାର ପରିଣାମ କ'ଣ ? ନୂଆବୋଉ ! ବୁଝିଛ, ବର୍ତ୍ତମାନ ତୁମେମାନେ କି ଉତ୍କଟ ପରିଣାମ ଭୋଗ କରିବାକୁ ଯାଉଛ ? ହତ୍ୟା···ହତ୍ୟା···ମୃତ୍ୟୁ···ମୃତ୍ୟୁ ! ଜିଲ୍ଲା ହାକିମଙ୍କୁ ଏ ଯେଉଁ ଅପମାନ···ଲାଞ୍ଛନା କରିଛ ତା'ର ପରିଣାମ ଭୋଗ କରିବାକୁ ହେବ ।' ସେତେବେଳକୁ ସୁନନ୍ଦା ଅବିନାଶବାବୁଙ୍କ ମୁଣ୍ଡ ନିଜ କୋଳରେ ଧରି କାନ୍ଦିବାରେ ଲାଗିଛି । ସତ୍ୟବ୍ରତ ଓ ଇନ୍ଦ୍ରା ଅବାକ୍···କାଷ୍ଠ ପାଷାଣ··· । ସତ୍ୟବ୍ରତ କହିଲେ, 'କ୍ଷମା···କ୍ଷମା କର ଭାଇ ! ମୁଁ ଆଜି ପ୍ରକୃତ ଭ୍ରାତୃତ୍ୱର ନିଦର୍ଶନ ପାଇଛି ।' ସୂର୍ଯ୍ୟକାନ୍ତ ନିଜର ରାଗଦୀପ୍ତ ଚକ୍ଷୁ ବିସ୍ଫାରିତ କରି କହିଲା, 'ତେବେ ତୁମକୁ ଏ ଘରୁ ଚାଲିଯିବାକୁ ହେବ । ତେବେ ଯାଇ

କ୍ଷମା ।' ସତ୍ୟ କହିଲା, 'ହଁ, ମୁଁ ପ୍ରସ୍ତୁତ ଅଛି ଭାଇ ! ତୋ'ର ଇଚ୍ଛାରେ ମୁଁ କେବେ ବାଧା ଦେଇ ନାହିଁ···ବାଧା ଦେବ ନାହିଁ ।' ସୂର୍ଯ୍ୟକାନ୍ତ ଉଚ୍ଚକଣ୍ଠରେ ଡ଼ାକିଲା, 'କକା···କକା !' ଶ୍ରୀକାନ୍ତ ବାବୁ 'ବାପା, ଯାଉଛି' କହି ଖଣ୍ଡେ ଦଲିଲପତ୍ର ଧରି ଉପସ୍ଥିତ ହେଲେ । ସୂର୍ଯ୍ୟକାନ୍ତ କକା ହାତରୁ ସେ ଦଲିଲପତ୍ର ଟାଣିଆଣି ସତ୍ୟବ୍ରତକୁ କହିଲା, 'ଏଥିରେ ସ୍ୱାକ୍ଷର କର । ନଚେତ୍···' ସତ୍ୟବ୍ରତର ଗ୍ରୀବା ନିକଟରେ ପିସ୍ତଲ୍ । ସତ୍ୟ ଥରେ ପଢ଼ିନେଲା ସେ ଦଲିଲ । କିଛି ନାହିଁ । ସମସ୍ତ ପୈତୃକ ସମ୍ପତ୍ତିର ସ୍ୱତ୍ୱାଧିକାରୀ ସୂର୍ଯ୍ୟକାନ୍ତ, ସତ୍ୟବ୍ରତର ସେଥିରେ କୌଣସି ଅଧିକାର ରହିବ ନାହିଁ । ସତ୍ୟବ୍ରତକୁ ନିଜେ ଏହା ସ୍ୱୀକାର କରିବାକୁ ହେବ । ଏହାହିଁ ସେ ଦଲିଲର ମୂଳ ଉଦ୍ଦେଶ୍ୟ । ସୂର୍ଯ୍ୟକାନ୍ତର ଉତ୍ତୋଳିତ ପିସ୍ତଲ ସମ୍ମୁଖରେ ରହି ସତ୍ୟବ୍ରତ କହିଲା, 'ମୁଁ ଏହା ଆଗରୁ ସ୍ୱୀକାର କରିଛି, ଭାଇ ! ଏଥିପାଇଁ ତୋର ଏତେ ଚକ୍ରାନ୍ତ କାହିଁକି ? ଦେ, ସ୍ୱାକ୍ଷର କରିଦେବି ।' ସୂର୍ଯ୍ୟକାନ୍ତ ଶ୍ରୀକାନ୍ତ ହାତରୁ କଲମଟା ଟାଣି ଆଣି ବଢ଼ାଇ ଦେଲା । ସତ୍ୟ ସ୍ୱାକ୍ଷର କରିଦେଲା । ସତ୍ୟବ୍ରତକୁ ବୁଝିବାକୁ ବାକି ରହିଲା ନାହିଁ ଯେ—ଏସବୁ ଗୋଟାଏ ଚକ୍ରାନ୍ତ··· ଷଡ଼୍‌ଯନ୍ତ୍ର । କିନ୍ତୁ ଅବସ୍ଥା ଚକ୍ରରେ ପରିଣାମଟା ଟିକେ ଉତ୍କଟ ହୋଇ ଯାଇଛି । ଅବିନାଶବାବୁ ଗୁରୁତର ଆଘାତ ପାଇଛନ୍ତି । ଏପରି ଅବସ୍ଥା ସୃଷ୍ଟି କରିବା ଅବଶ୍ୟ ଚକ୍ରାନ୍ତର ମୂଳ ଉଦ୍ଦେଶ୍ୟ ନୁହେଁ । କିନ୍ତୁ ଘଟିଯାଇଛି ।

ସତ୍ୟବ୍ରତ ସ୍ୱାକ୍ଷର କରିବା ସଙ୍ଗେ ସଙ୍ଗେ ସୂର୍ଯ୍ୟକାନ୍ତ ଗର୍ଜି ଉଠିଲା, 'ନିକଲ୍, ନିକଲ୍ ଯାଅ ମୋ ଘରୁ ! ହୁଁ···ବାହାରେ ଚାଲିଯାଅ ! ଏ ନୂଆବୋଉ ! ଚାଲିଯାଅ !' ସତ୍ୟବ୍ରତ ନିଜର ପୈତୃକ ଗୃହଟାକୁ ଥରେ ନିରୀକ୍ଷଣ କରି ଚତୁର୍ଦ୍ଦିଗ ଆଖି ଘୂରାଇ

ଆଣିଲେ ପୁଣି ଦୀର୍ଘ ନିଃଶ୍ୱାସଟାଏ ବାହାର କରି ଇନ୍ଦ୍ରାର ହାତଧରି କହିଲେ, 'ଇନ୍ଦ୍ରା, ଚାଲିଆସ ।'

ସେତେବେଳକୁ ଆକାଶ ମେଘାଚ୍ଛନ୍ନ···ଝିପି ଝିପି ବର୍ଷା । ସତ୍ୟବ୍ରତ ଓ ଇନ୍ଦ୍ରା ରାଜପଥରେ ଉଭାହେଲେ । ପୃଷ୍ଠ ଫେରାଇ ଦଣ୍ଡେ ପୈତୃକ କୋଠାଘରଟାକୁ ଚାହିଁଲେ । ସେତେବେଳେ ବଜ୍ର ଘଡ଼ଘଡ଼ି ସହ ବିଦ୍ୟୁତ ଚମକି ଉଠିଲା । ବିଦ୍ୟୁତ୍‌ର କ୍ଷୀଣ ଆଲୋକରେ କୋଠାଘରଟାକୁ ଶେଷଥର ପାଇଁ ଦେଖିଦେଇ ସତ୍ୟବ୍ରତ ଓ ଇନ୍ଦ୍ରା ପାଦ ଚଳାଇଲେ ।

ଶ୍ରୀକାନ୍ତ ଆଜି ମନଭରି ହସିଦେଲେ—ହା···ହା ! କିନ୍ତୁ ନିଜର ଷଡ଼୍‌ଯନ୍ତ୍ରର ସଫଳତା ଭିତରେ ଏ ଯେଉଁ ଦୈବାତ୍ ଘଟଣାଟାଏ ଘଟିଗଲା । ଅବିନାଶବାବୁ ଆଘାତଟାଏ ପାଇଲେ । ଜିଲ୍ଲା ହାକିମ ସେ । କାଲେ' କଥାଟା କେଉଁବାଟେ ଯିବ । ଏହି ଭାବନା ହିଁ ତାଙ୍କର ମନଭରା ହସଟାକୁ ଟିକେ ଚାପିଦେଲା । ହେଲେ ବି ସେ ନିଜର ବୁଦ୍ଧିକୁ ନିଜେ ପ୍ରଶଂସା ନକରି ରହିପାରିଲେ ନାହିଁ ।

ଏ ଜଗତରେ କିଛି ଅସମ୍ଭବ ନୁହେଁ । ଜଗତର ଗତି ବିଚିତ୍ର । ଏଇଠି ମହୁରୀ ଭିତରେ ରହି ମହୁରୀକୁ ମହୁ ବୋଲି ଖାଇବା ପୋକ ମଧ୍ୟ ଅଛନ୍ତି ।

## ସତର

ରାତି ଡିନିଟା ହେଲାଣି । ଅବିନାଶବାବୁ ନିଜ ଘରେ ପହଞ୍ଚିଲେ । ମୁଣ୍ଡରେ ପଟି ବନ୍ଧା ହୋଇଛି । ରକ୍ତସ୍ରାବ ଏପର୍ଯ୍ୟନ୍ତ ଭଲଭାବେ ବନ୍ଦ ହୋଇନାହିଁ । କାନମୂଳ ଓ ଗାଲ ଉପରେ ଶୁଖିଲା ରକ୍ତର ଦାଗ । ମୁଣ୍ଡଟା ଗୁରୁତର ଆଘାତରେ ଘୂରିଲାପରି ବୋଧ ହେଉଛି । ଅବିନାଶବାବୁ ବାଁ ହାତଟା ମୁଣ୍ଡରେ ଦେଇ ଉପର ମହଲାରେ ପ୍ରବେଶ କରି ଡାକିଲେ, 'ଅନିମା···ଅନିମା··· !' ଦଣ୍ଡେ ଗଲା । ବାବୁ ନିଜର ଆଘାତପ୍ରାପ୍ତ ଅବଶ ଅବୟବଟାକୁ ପଲଙ୍କ ଉପରେ ଢାଳିଦେଇ ପୁନର୍ବାର ଡାକିଲେ, 'ଅନିମା··· ଅନିମା !' ତାଙ୍କ ବୁକୁତଳେ ଅନୁତାପର ତୀବ୍ର ଜ୍ୱାଳା । ସେ ଆଜି ଅନିମା ନିକଟରେ ନିଜର ହୃଦୟ ଖୋଲି କ୍ଷମା ପ୍ରାର୍ଥନା ମାଗିବେ । ସେ ପୁନର୍ବାର ଡାକିଲେ, 'ଅନିମା···ଅନିମା !' କିନ୍ତୁ ଅନିମା କାହିଁ ? ବାବୁ ବ୍ୟସ୍ତ ହେଲେ । ସେ ଧଡ଼ପଡ଼ ଉଠିପଡ଼ି ଏ ଘର ସେ ଘର ଖୋଜିବାରେ ଲାଗିଲେ । ତାଙ୍କ ଗୋଡ଼ ଦିଟା ଅବଶ ହୋଇ ଭାଙ୍ଗି ପଡ଼ିଲା ପରି ବୋଧ ହେଉଥିଲା । ସେ ଟଳଟଳ

ହୋଇ ଏ ଘର ସେ ଘର ବୁଲି ଖୋଜିବାରେ ଲାଗିଲେ । କିନ୍ତୁ କାହିଁ ଅନମା··· ? ଟୁନୁ···ଟୁନୁ···ଟୁନୁ କାହିଁ ? ଅବିନାଶବାବୁ ବିଚଳିତ ହେଲେ । ଘରେ କେହି ନାହିଁ । ଘରଦ୍ୱାର ସବୁ ଖୋଲା । ପୁନର୍ବାର ପଲଙ୍କ ନିକଟକୁ ଆସି ଚିତ୍କାର କଲେ, 'ଅନମା··· ଅନମା !' କିନ୍ତୁ ପ୍ରତିଧ୍ୱନି ହିଁ ତା'ର ଉତ୍ତର ଦେଲା । ସେ ଥରେ ଘରର ଚାରିଆଡ଼େ ଆଖି ବୁଲାଇ ଆଣିଲେ । ପଲଙ୍କ ନିକଟସ୍ଥ ଟେବୁଲ ଉପରେ ଗୋଟିଏ ଲଫାଫା ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ସେ ତତ୍‌କ୍ଷଣାତ୍ ଲଫାଫାଟି ଗୋଟାଇ ଆଣି ସେଥି ଭିତରୁ ଚିଠିଟି ବାହାର କରି ପଢ଼ିଲେ—

ଦେବତା,

ନିଜ ଅର୍ଦ୍ଧାଙ୍ଗିନୀର ଆକୁଳ ନିବେଦନ ତମେ ବୁଝିପାରିଲ ନାହିଁ । ସେଦିନ ପ୍ରମାଣ କରି କହିଥିଲ ଯାହା, ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବାପାଇଁ ବାଧ୍ୟ ହେଲି । ମୋର ନାରୀତ୍ୱ ଯେତେବେଳେ ମୋ ସ୍ୱାମୀଦ୍ୱାରା ଲାଞ୍ଛିତ, ଅପମାନିତ ଓ ଉପେକ୍ଷିତ, ସେତେବେଳେ ନାରୀଜୀବନ ହିଁ ମୋର ଅପ୍ରୟୋଜନ । ଏଣୁ ଆଜିହିଁ ମୁଁ ମୋର ଜୀବନଦୀପ ଲିଭାଇ ଦେଇଥା'ନ୍ତି । କିନ୍ତୁ ଦେବତା, ଟୁନୁ ହିଁ ମୋତେ ବଞ୍ଚାଇଛି···ବଞ୍ଚିରହିବା ପାଇଁ ବାଧ୍ୟ କରିଛି । କୁଳବଧୂ ହିସାବରେ ଶ୍ୱଶୁର କୁଳର ବଂଶ ରକ୍ଷା ହେଉଛି ମୋର ପ୍ରଧାନ କର୍ତ୍ତବ୍ୟ । ସେହି କର୍ତ୍ତବ୍ୟର ତାଡ଼ନାରେ ମୁଁ ଆଜି ଟୁନୁକୁ ମଣିଷ ନକରି ଆତ୍ମଘାତିନୀ ହେବାପାଇଁ ଇଚ୍ଛା କରୁନାହିଁ । ମୁଁ ଆଜିଠାରୁ ରାଜପଥର ଲକ୍ଷ୍ୟହୀନା ଯାତ୍ରୀ । ତୁମଠାରେ ମୋର କୌଣସି ଆବଶ୍ୟକତା ହିଁ ନାହିଁ । ଯାଉଛି । ତୁମେ ସୁଖରେ ରହ ।

ତୁମର ପଦଦଳିତା,

ଅନମା ।

ଅବିନାଶବାବୁଙ୍କର ମୁଣ୍ଡଭିତରେ ଗୁରୁତର ବ୍ୟଥାର ଉତ୍ପାତ ସୃଷ୍ଟି ହେଲା । ସେ ମୁଣ୍ଡଟାକୁ ଦୁଇହାତରେ ଚିପି ଧରି ପଲଙ୍କ ଉପରେ ବସିଗଲେ । ବୁଦ୍ଧି ହଜିଗଲା । ବାହାରେ ଟିପି ଟିପି ବର୍ଷା···ମେଘ ଅନ୍ଧାର···ଚଡ଼ଚଡ଼ି···ବିଜୁଳି । ସେ କ'ଣ କରିବେ ଠିକ୍ କରି ପାରିଲେ ନାହିଁ । ବ୍ୟସ୍ତଭାବେ ତଳକୁ ଓହ୍ଲାଇ ଚିତ୍କାରି ଉଠିଲେ, 'ଚପରାସି···ଏ ଚପରାସି !' ଚପରାସୀ ନିଦ ବାଉଳା ହୋଇ 'ହଜୁର୍···ହଜୁର୍' କହି ଉପସ୍ଥିତ ହେଲା । ଅବିନାଶବାବୁ ପଚାରିଲେ—'ମା କାହାନ୍ତି ?' ଚପରାସୀ କହିଲା—'ବାବୁ, ମୁଁ କାହିଁ କିଛି ଜାଣିନାହିଁ ।' ବାବୁ ରାଗଜର୍ଜରିତ କଣ୍ଠରେ ପ୍ରଶ୍ନକଲେ, 'ତୁ ଶାସ୍ତି ପାଇବୁ ।' ଚପରାସୀ ଭୟବିହ୍ୱଳ ଥରଥର ଗଳାରେ କହିଲା, 'ବାବୁ, ମା ଉପରେ ଥିଲେ । ପାଞ୍ଚଘଣ୍ଟାବେଳେ ଡାକବାଲା ଟେଲିଗ୍ରାମଟାଏ ଦେଇଗଲା । ମୁଁ ଅନ୍ୟ କୌଣସି କଥା ଜାଣିନାହିଁ ବାବୁ !' 'ଟେଲିଗ୍ରାମ···ଟେଲିଗ୍ରାମ···କାହିଁ ?' ବାବୁ ବ୍ୟସ୍ତ ହେଲେ । ଚପରାସୀ କହିଲା, 'ହଜୁର୍, ଅଫିସ ଟେବଲ୍‌ରେ ।' 'ହୁଏତ ଅନିମାର ଟେଲିଗ୍ରାମ··· !' ବାବୁ ଅବଶ ପାଦଟାକୁ ସହଳ ସହଳ ଚଳାଇ ଅଫିସ ଟେବଲ୍ ଉପରୁ ଟେଲିଗ୍ରାମଟି ଟାଣି ଆଣି ଖୋଲି ପଢ଼ିଲେ । ଉଃ ! ହୃଦୟରେ କି ଯନ୍ତ୍ରଣା ! ବାବୁ ଆଘାତ-ପ୍ରାପ୍ତ ମୁଣ୍ଡଟାକୁ ଦୁଇହାତରେ ଚିପି ଧରି ବିକଟ ଚିତ୍କାରଟାଏ କଲେ । ସେ ଟେଲିଗ୍ରାମ ଅନ୍ୟ କିଛି ନୁହେ—ବାବୁଙ୍କ କାର୍ଯ୍ୟ-କଳାପରେ ଅସନ୍ତୁଷ୍ଟ ହୋଇ ସରକାର ତାଙ୍କୁ ତଳ ପାହ୍ୟାକୁ ଟାଣି ଆଣିଛନ୍ତି । ଅବିନାଶବାବୁ ପାଗଳ ହୋଇଗଲେ । ମଣିଷ ପକ୍ଷେ ଏକାଦିନକେ ଏତେ ବିପତ୍ତି ସହ୍ୟ କରିହୁଏ ନା । ଅନିମା··· ଟୁନୁ···ଚୁକିର । ଆଜି ବାବୁଙ୍କ ଭାଗ୍ୟରେ ବାହାର ଭିତର ସମବିପଦପୂର୍ଣ୍ଣ । ଏଣେ ଘରସଂସାର ଧ୍ୱଂସ । ତେଣେ ବାହାର

ଦୁନିଆ ଧ୍ୱଂସ । ଜୀବନ ଭ୍ରଷ୍ଟ । ବାବୁ ସହସା ପାଗଳଙ୍କ ପରି ଚୌକି ଉପରୁ ଉଠି ପଡ଼ିଲେ । ଉପର ମହଲାକୁ ଯାଇ ସଦର୍ପେ ପିସ୍ତଲ୍ ବାହାର କଲେ । ଆଜି ହିଁ ତାଙ୍କ ଜୀବନର ଶେଷ ଦିବସ ହେବ । ମଣିଷ ପୌରୁଷ···ଅଭିମାନ···ଆଭିଜାତ୍ୟରେ ହିଁ ବଞ୍ଚିଥାଏ । ସେସବୁ ବ୍ୟକ୍ତିତ ମଣିଷଜୀବନ ହଳାହଳରେ ପରିଣତ ହୁଏ । ଅବିନାଶବାବୁଙ୍କର ସବୁ ଯାଇଛି । ଏଣୁ ସେ ଠିକ୍ କରିଛନ୍ତି ଆତ୍ମହତ୍ୟା··· । କିନ୍ତୁ ମନରେ ତାଙ୍କର ଗୋଟାଏ ବଡ଼ ଆକାଂକ୍ଷା ଅପୂର୍ଣ୍ଣ ରହିଗଲା । ସେ ଭାବିଲେ, ନିଜେ ନିଜ ହସ୍ତରେ ଦଣ୍ଡିତ ହେବା ପୂର୍ବରୁ ଯା'ଲାଗି ତାଙ୍କର ଜୀବନଟା ନଷ୍ଟ ହୋଇଯାଇଛି, ସୁଖ ସଂସାର ନିମିଷକେ ଚୂନା ହୋଇଯାଇଛି, ତା'ର ଉପରେ ପ୍ରତିଶୋଧ ନେବା ଉଚିତ । ସେ ଦୁର୍‌ଦୁର୍ ତଳକୁ ଓହ୍ଲାଇ ମୋଟରରେ ବସିଗଲେ । ଦେହରେ ଯେମିତି ଶତସିଂହର ବଳ । ପୁନର୍ବାର ଏକା ନିଃଶ୍ୱାସକେ ଛୁଟିଲେ ରାଜପୁର··· । ମନରେ ତାଙ୍କ···ପ୍ରତିଶୋଧ···ପ୍ରତିଶୋଧ···ପ୍ରତିଶୋଧ ।

ସେତେବେଳକୁ ପାହାନ୍ତା ଗୃହଘଣ୍ଟା । ସୁନନ୍ଦା, ସୂର୍ଯ୍ୟକାନ୍ତ ଓ ଶ୍ରୀକାନ୍ତ ଏପର୍ଯ୍ୟନ୍ତ ଶୋଇ ନାହାନ୍ତି । ଶ୍ରୀକାନ୍ତଙ୍କ ଷଡ଼ଯନ୍ତ୍ରର ବାହାଦୁରି, ଭବିଷ୍ୟତ୍ କାର୍ଯ୍ୟ ଯୋଜନା ଇତ୍ୟାଦି ନାନା ମନ୍ତ୍ରଣା ଚାଲିଛି । ଠିକ୍ ଏପରି ସମୟରେ ପିସ୍ତଲ୍ ଉତ୍ତୋଳିତ କରି ଅବିନାଶବାବୁ ଉପସ୍ଥିତ ହେଲେ । ସମସ୍ତେ ଅବାକ୍ । ତାଙ୍କର ମୁହଁ ସାରା ଶୁଖିଲା ରକ୍ତର ଧାର ଧାର ଦାଗଗୁଡ଼ାକ ଲାଇଟ୍ ଆଲୁଅରେ ଜକ୍ ଜକ୍ ଦିଶୁଛି । ମୁଣ୍ଡରେ ପଟି ଭିଡ଼ା ହୋଇଛି । ରୂପଟା ଭୟଙ୍କର···ଧିକର ଦେଖାଯାଉଛି । ଅବିନାଶବାବୁଙ୍କର ଏପରି ରୂପ ଦେଖି ସମସ୍ତେ ଚିତ୍କାର ଉଠିଲେ, 'ଅବିନାଶବାବୁ !'

ଅବିନାଶବାବୁ ପିସ୍ତଲ୍ ଉଞ୍ଚାଇ, ଅଗ୍ନିଶର୍ମା ଭଳି ଉତ୍ତର ଦେଲେ, 'ପ୍ରତିଶୋଧ•••ପ୍ରତିଶୋଧ ! ଆଜି ମୋର ଘରସଂସାର ଚୂନା ହୋଇଛି । ବାହାର ଦୁନିଆ ଚୂର୍ମାର ହୋଇଛି । ପାଷଣ୍ଡି ! କେବଳ ତୋ'ର ଲାଗି । ଠିଆହୁଅ, ଆଜି ତୋତେ ଉପଯୁକ୍ତ ଶାସ୍ତି ଦେବି ।' ଗୁଡ଼ୁମ୍•••ଗୁଡ଼ୁମ୍ । ସୁନନ୍ଦା ଚିତ୍କାର କରି ନିକଟସ୍ଥ ଗୋଟିଏ କୋଠରୀରେ ପଶି କବାଟ ବନ୍ଦ କରିଦେଲା । ଅବିନାଶବାବୁ ବନ୍ଧୁକ ଚଳାଇଲେ—ଗୁଡ଼ୁମ୍•••ଗୁଡ଼ୁମ୍••• । ଯେ ଯେଉଁଆଡ଼େ କବାଟ ବନ୍ଦ କରି ଦୌଡ଼ି ଚାଲିଗଲେ । ଅବିନାଶବାବୁ ଗୁଡ଼ୁମ୍••• ଗୁଡ଼ୁମ୍ ବନ୍ଧୁକ ଫୁଟାଇବାରେ ଲାଗିଲେ । ସେତେବେଳକୁ ତାଙ୍କ ଦେହରେ ଚେତନା ବା ମନୁଷ୍ୟତ୍ୱ ହିଁ ନଥିଲା । ଶେଷରେ ସେ ନିଜେ ଆତ୍ମହତ୍ୟା କରିବା ପାଇଁ ବନ୍ଧୁକ ଲେଉଟାଇ ନିଜର ଗ୍ରୀବାରେ ଲଗାଇଲେ । କିନ୍ତୁ ସେତେବେଳକୁ ବନ୍ଧୁକ ଶୂନ୍ୟ ହୋଇଯାଇଛି । ଅବିନାଶବାବୁ ବନ୍ଧୁକଟାକୁ ସଜୋରରେ ଫିଙ୍ଗିଦେଇ ଚିତ୍କାର କଲେ, 'ଅନିମା•••ଅନିମା•••!' ପୁଣି ପୃଷ୍ଠ ଫେରାଇ ଟଳଟଳ ହୋଇ ଚାଲିଗଲେ । ମୁହଁରେ ତାଙ୍କର 'ଅନିମା•••ଅନିମା••• !' ଏକମାତ୍ର ମନ୍ତ୍ର । ତାଙ୍କର ମୋଟରଟା ସେଠାରେହିଁ ପଡ଼ିରହିଲା । ସେ ଟଳଟଳ ନିରୁଦ୍ଦିଷ୍ଟ ଭାବେ କେଉଁ ଦିଗେ ଚାଲିଲେ•••ଚାଲିଲେ ।

* * * *

ସତ୍ୟବ୍ରତ ନିଜ ନାଟକର ଗୋଟାଏ ଅଙ୍କ ସମାପ୍ତ କରିଦେଇ ଆକାଶ ପାତାଳ ଭାବିବାରେ ଲାଗିଲା । ଗଭୀର ଅନିଦ୍ରା ରଜନୀ ଗୋଟାଏ ପ୍ରେରଣା ବଳରେ ସେ ଲେଖି ଚାଲିଛି । ତା' ମନେ ମନେ ସଂସାର ପ୍ରତି ବିରକ୍ତି•••ବିରାଗ । ମଣିଷ ସତେ ଏତେଦୂର କୃତଘ୍ନ ହୋଇପାରେ ! ନିଜ ଜୀବନର ସତ୍ୟ ଘଟଣାହିଁ ତା'

ନାଟକ ଲେଖାର ପ୍ରଧାନ ଉପଜୀବ୍ୟ ବସ୍ତୁ । ଦୁନିଆରେ ଏହାଠାରୁ ବଳି କେତେ ଅଭିନୟ ଯେ ଅଭିନୀତ ହୋଇଯାଉଛି ତା'ର ହିସାବ ରଖୁଛି କିଏ ? ଦୁନିଆ ତା'ର ଚିରନ୍ତନ ଗତି ପଥରେ ଘୂରି ଚାଲିଛି···ଚାଲିଥିବ ।

# ଅଠର

ବିପତ୍ତି ଏକା ଆସେନା । ଦଳବଳ ସୈନ୍ୟ ସାମନ୍ତ ଧରି ଆସେ । ପାପର ରାଜତ୍ୱ ସବୁ ସମୟରେ ତିଷ୍ଠି ପାରେନା । କିନ୍ତୁ ପାପ ହିଁ ଜଗତରେ ପ୍ରଥମ ବିଜୟୀ । ସେ ପୁଣ୍ୟର ପୃଷ୍ଠରେ ବସି ଅଙ୍କୁଶ ବିନ୍ଧକରେ । ପୁଣ୍ୟକୁ ଶାସନ କରେ, ଦଣ୍ଡବିଧାନ କରେ । ଶେଷରେ ପୁଣ୍ୟର ସତ୍ୟ ଓ ଧର୍ମ ବଳରେ ପାପ ଚରି ପରାଜିତ ହୁଏ·· ଜୀବନ୍ତ ମୃତ୍ୟୁରେ ସାରା ଜୀବନ ଛଟପଟ ହୁଏ ।

ରାତି ପାହିଲା । ଚତୁର୍ଦ୍ଦିଗ ରାଷ୍ଟ୍ର ହୋଇଗଲା, ଅବିନାଶବାବୁ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଛନ୍ତି । ତାଙ୍କ ସ୍ତ୍ରୀ ମଧ୍ୟ ନାହାନ୍ତି । ଖୋଜଖବର ଦେଖାଯାଉ ନାହିଁ । ତା'ଙ୍କ ପଲଙ୍କ ଉପରେ ଅଫିସ ଟେବଲ୍ ଉପରେ ଥୋପ ଥୋପ ରକ୍ତଚିହ୍ନ । ସମସ୍ତେ ଅବାକ୍ । ପୁଲିସ୍ ସୁପରିଂଟେଣ୍ଡେଣ୍ଟ୍, ସବ୍‌କଲେକ୍ଟର ଠାରୁ ଆରମ୍ଭ କରି ସାର୍କିଲ୍ ଇନ୍‌ସପେକ୍ଟର, ସବ୍‌ଇନ୍‌ସପେକ୍ଟର ପର୍ଯ୍ୟନ୍ତ ସମସ୍ତେ

ଅବିନାଶବାବୁଙ୍କ ଘରେ ଜମା ହୋଇଗଲେ । ଚପରାସିଟା ହାତ ଯୋଡ଼ି ଜଣାଇଲା, 'ଆଜ୍ଞା ! ମୁଁ ଦେଖିଛି, ରାତି ପ୍ରାୟ ଦୁଇଘଣ୍ଟା ବେଳେ ବାବୁ ଏଠାକୁ ଆସିଥିଲେ । ତାଙ୍କ ମୁଣ୍ଡରେ ଗୋଟାଏ ପଟି ବନ୍ଧା ହୋଇଥିଲା । ଭଲଭାବେ ଦେଖିଛି, ବାବୁ ! ସେଥିରୁ ରକ୍ତସ୍ରାବ ହୋଉ ଚାଲିଥିଲା । ସେତେବେଳକୁ ମା' କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇ ସାରିଲେଣି । ବାବୁ ଆସି ମୋତେ ଧମକଦେଇ ପଚାରିଲେ । ମୁଁ କିଛି ଜାଣିନାହିଁ ବୋଲି କହିଲି ପୁଣି ଡାକପିଅନ୍ ଗୋଟାଏ ଟେଲିଗ୍ରାମ୍ ଦେଇଥିଲା, ତାହା ଟେବଲ୍ ଉପରେ ଅଛି ବୋଲି କହିଥିଲି । ବାବୁ ! ସେ ଟେଲିଗ୍ରାମ୍‌ଟା କ'ଣ କେଜାଣି । ସେଇଟା ପଢ଼ିବା ସଙ୍ଗେ ସଙ୍ଗେ ବାବୁ ଚିତ୍କାର କଲେ । ଉପର ମହଲକୁ ଚାଲିଗଲେ ପୁଣି ଦୁମ୍‌ଦୁମ୍ ହୋଇ ମୋଟରରେ ବସି କେଉଁ ଆଡ଼େ ଚାଲିଗଲେ ।' ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ୍ ଚପରାସିକୁ ପଚାରିଲେ, 'ଆଚ୍ଛା, ବାବୁ କେଉଁଆଡ଼େ ଗଲେ କହି ପାରିବୁ ?' ଚପରାସୀ ଛେପ ଢୋକି କହିଲା, 'ସେହି ଦାନପୁର ହୋଇଥିବ ।' ସମସ୍ତେ ମୁହଁ ଚାହାଁ ଚାହିଁ ହେଲେ । କଥାଟା ସମସ୍ତେ ଠଉରେଇ ନେଲେ । ପୂର୍ବରୁ ଅବିନାଶବାବୁ ପୁଣି ସୁନନ୍ଦାର ଗୁପ୍ତ ପ୍ରଣୟ କାହାକୁ ଅଛପା ନାହିଁ । ସଙ୍ଗେ ସଙ୍ଗେ ପୁଲିସ୍ ସୁପରିଂଟେଣ୍ଡେଣ୍ଟ୍ ମୋଟର୍ ଧରି ଦୌଡ଼ିଲେ ଦାନପୁର । ସଙ୍ଗରେ ସାର୍କିଲ୍ ଇନ୍‌ସପେକ୍ଟର, ସବ୍‌ଇନ୍‌ସପେକ୍ଟର ଓ ଚାରିଜଣ ପୁଲିସ୍ ।

ଏଣେ ସୁନନ୍ଦାର ବାଁ ଜଙ୍ଘରେ ଅବିନାଶବାବୁଙ୍କ ଗୁଳିଚୋଟ ବାଜଯାଇଛି । ସେ ଯନ୍ତ୍ରଣାରେ ଛଟପଟ ହେଉଛି । ନିକଟରେ ସୂର୍ଯ୍ୟକାନ୍ତ ଓ ଶ୍ରୀକାନ୍ତ । ସୁନନ୍ଦା ଚିତ୍କାର କରୁଛି—'ଉଃ...ଉଃ, ସୂର୍ଯ୍ୟବାବୁ ! ମୋତେ ଡାକ୍ତରଖାନା ନେଇଯାଅ । ମୁଁ ଞ୍ଚିବି ନାହିଁ । ମରିଯିବି । ଓଃ ! ଅବିନାଶବାବୁ, ଉପଯୁକ୍ତ ଶାସ୍ତି ପାଇଛି ।

ପ୍ରଣୟ ଚୁମ୍ବନ ଶେଷରେ ବନ୍ଧୁକ ଗୁଳିର ଚୁମ୍ବନ ସହିବାକୁ ପଡ଼ିବ—ମୁଁ ଏହା ଆଗରୁ ଜାଣିନଥିଲି । ଅପା···ଅପା···ନନା···ତୁମେ ଦୁହେଁ ମହତ୍ । ଆଜି ଅଙ୍ଗେ ଅଙ୍ଗେ ଅନୁଭବ କରୁଛି । ଉଃ···ଉଃ ! କି ଯନ୍ତ୍ରଣା ! ପ୍ରାଣଟା ଯେମିତି ଗଛ ପଟକୁ ଚାଲିଯାଉଛି । ଉଃ ! ସୂର୍ଯ୍ୟବାବୁ ! ତୁମେ ହିଁ ସମସ୍ତ ବିଷୟ ପାଇଁ ଦାୟୀ । ମୁଁ ତୁମର ଭବିଷ୍ୟତ୍ ମଙ୍ଗଳ ପାଇଁ ନାରୀତ୍ୱର ବନିମୟରେ ତୁମକୁ ଡ଼େପୁଟି ପାହ୍ୟାକୁ ଉଠାଇ ଆଣି ପାରିଥିଲି । ତୁମେ ମୋର ସ୍ୱାମୀ··· ଦେବତା । ସେତେବେଳେ ଯଦି ମୋତେ ଚେତାଇ ଦେଇଥାନ୍ତ, ମୁଁ ଆଜି ଅପା···ନନା···ବୋଉ ସମସ୍ତଙ୍କୁ ରାଜପଥର ଭିକାରୀ କରାଇ ଏପରି ପିଶାଚିନୀ ପାଲଟି ନଥାନ୍ତି । କକା··· ! ତୁମେ ବଡ଼ କୃତଘ୍ନ···ଆତ୍ମଘାତ୍ତ୍ୱ । ତୁମର ପୂର୍ଣ୍ଣ ପ୍ରରୋଚନାରେ ହିଁ ମୁଁ ଆଜି ଗୁଳିବିଦ୍ଧ···ଆହତ, ଅବିନାଶବାବୁ ଆଘାତପ୍ରାପ୍ତ ! ଆହା, ଅନିମା ମୋତେ ସେଦିନ ପଦେ ପଦେ ଅନୁରୋଧ କରି ଗଲା । ମୁଁ ଟିକେ କର୍ଣ୍ଣପାତ ସୁଦ୍ଧା କଲି ନାହିଁ । ଉଃ···ଉଃ··· ! କି ଯନ୍ତ୍ରଣା !' ସୂର୍ଯ୍ୟବାବୁ ବିଚଳିତ ହୋଇ କହିଲେ, 'ସୁନନ୍ଦା··· ସୁନନ୍ଦା···ଆଉ ଅଧିକ କହି ମୋତେ ଜୀବନ୍ତ ମରଣରେ ଛଟପଟ କରନାହିଁ । ମୁଁ ସବୁ ଜାଣି ପାରିଛି । କ୍ଷଣିକ ମୋହ···ଆଧିପତ୍ୟର ବଶ୍ୟ ହୋଇ ମୁଁ ନୂଆବୋଉ ଓ ନନାଙ୍କୁ ମଧ୍ୟ ପିସ୍ତଲ ଦେଖାଇବାକୁ ପଛାଇ ନାହିଁ । ମୁଁ ଆଜି ଫିଟାଇ କହୁଛି—ସବୁ···ସବୁ ଏହି କକାଙ୍କର ମନ୍ତ୍ରଣା । କକା ! ତୁମେ ଗୁରୁଜନ ପରା ? ଆମର ସର୍ବନାଶ କରିବା ହିଁ ତୁମର ଏକମାତ୍ର ଇଚ୍ଛା ଥିଲା ? ଦେଖ କକା, ଆଜି ମୋ ଦେହରୁ କିପରି ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହେଉଅଛି ! ବନ୍ଧୁକ ଥିଲେ ତୁମକୁ ଏହିଠାରେ ହିଁ ହତ୍ୟା କରି ଦିଅନ୍ତି । ଉପଯୁକ୍ତ ଶାସ୍ତି ବିଧାନ କରିଥାନ୍ତି ।' ଶ୍ରୀକାନ୍ତ ଅବାକ୍ ହୋଇ

ସୂର୍ଯ୍ୟକାନ୍ତର ମୁହଁକୁ ଗୁହିଁ ଗୁହିଁ ଥରିବାରେ ଲାଗିଲେ, ପୁଣି କହିଲେ, 'ବାପ ! ମୁଁ କିଛି ଜାଣିନାହିଁ ।' ସୂର୍ଯ୍ୟ ଉତ୍ତର ଦେଲା, 'ଚୁପ୍ କର ! ଗୁଲଯାଅ ଏଘରୁ !' ସୁନନ୍ଦା ଚିତ୍କାର ଉଠିଲା, 'ଓଃ··· ଓଃ···ସୂର୍ଯ୍ୟବାବୁ ! ବର୍ତ୍ତମାନ ଆଉ କି ପ୍ରୟୋଜନ ଅଛି ? ସବୁ ଶେଷ ହେଲଣି । ଶେଷରେ ପରିଣାମ ଭୋଗ କରିବାକୁ ବାକି ଅଛି ।'

ବାହାର କବାଟ ଉପରେ କରାଘାତ ଶବ୍ଦ—ଦୁମ୍···ଦୁମ୍ । ଡାକବାଲା ଖଣ୍ଡେ ଲଫାପା ବଢ଼ାଇ ଦେଇ ଗୁଲଗଲା । ସୂର୍ଯ୍ୟ ତରତର ପଢ଼ିଲା । ତା'ର ଦେହସାରା ଯେମିତି ବଜ୍ରପାତ ପରି ଥରିବାରେ ଲଗିଲା । ପତ୍ରଟି ଥରଥର ହାତରେ ଧରି ଚିତ୍କାର କଲା, 'ସୁନନ୍ଦା···ସୁନନ୍ଦା···ସର୍ବନାଶ ! ଓଃ···ଓଃ ! ଦେଖ··· ଦେଖ ।' ସୂର୍ଯ୍ୟକାନ୍ତ ସୁନନ୍ଦାର ଖଟ ଉପରେ ଦୁର୍‌ଦୁର୍ ମୁଣ୍ଡ ପିଟିଦେଲା । ସଙ୍ଗେ ସଙ୍ଗେ ଝର ଝର ରକ୍ତ ଧାର ଛୁଟିଲା । ସେ କାଗଜଟା ଆଉ କିଛି ନୁହେଁ—ସୂର୍ଯ୍ୟକାନ୍ତର କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ସରକାର ତା'କୁ ସବ୍‌ଡେପୁଟି ପାହ୍ୟାକୁ ଟାଣି ଆଣିଛନ୍ତି ।

ଘର ଭିତରେ ପ୍ରବେଶ କଲେ—ସୁପେରିଣ୍ଟେଣ୍ଡେଣ୍ଟଙ୍କ ସହ ସାର୍କିଲ୍ ଇନ୍‌ସପେକ୍ଟର, ସବ୍‌ଇନ୍‌ସପେକ୍ଟର ଓ ପୁଲିସ୍ ଦଳ । ଶ୍ରୀକାନ୍ତ ଓ ସୂର୍ଯ୍ୟକାନ୍ତ ଅବାକ୍ ହୋଇ ଠିଆ ହେଲେ । ଦୁର୍ବଳମନା ମଣିଷ ଅଳ୍ପ ସମ୍ପଦରେ ଯେପରି ଗର୍ବ ଅନୁଭବ କରେ, ଅଳ୍ପ ବିପଦରେ ମଧ୍ୟ ସେପରି ବିଚଳିତ ହୋଇଯାଏ । ଘର ଭିତରେ ଅବିନାଶବାବୁଙ୍କର ପିସ୍ତଲ୍‌ଟା ସେମିତି ପଡ଼ି ରହିଥିଲା । ହଠାତ୍ ସୁପେରିଣ୍ଟେଣ୍ଡେଣ୍ଟଙ୍କ ଚକ୍ଷୁ ସେହି ପିସ୍ତଲ୍‌ଟା ଉପରେ ପ୍ରଥମେ ପଡ଼ିଗଲା । ସେ ତତ୍‌କ୍ଷଣାତ୍ ସୂର୍ଯ୍ୟକାନ୍ତଙ୍କୁ ପ୍ରଶ୍ନକଲେ, 'ଏ ପିସ୍ତଲ୍

କାହାର ?' ସୂର୍ଯ୍ୟକାନ୍ତ ଭୟବିହ୍ୱଳ କଣ୍ଠରେ ଉତ୍ତର ଦେଲେ, 'ମୁଁ କିଛି ଜାଣିନାହିଁ, ସୁପରିଣ୍ଟେଣ୍ଡେଣ୍ଟ୍ ବାବୁ !' ପୁନର୍ବାର ପ୍ରଶ୍ନ ହେଲା, 'କ'ଣ ! ଆପଣଙ୍କ ଘରେ ପିସ୍ତଲ୍‌ଟା ପଡ଼ିଛି, ଆପଣ ଜାଣନ୍ତି ନାହିଁ ! ଏ କିପରି କଥା ! ତେବେ ବାହାରେ ଯେଉଁ ମୋଟରଟା ଅଛି, ଅବିନାଶବାବୁଙ୍କର ତ ?' ସୂର୍ଯ୍ୟ ରୁଦ୍ଧ ଗଳାରେ ଉତ୍ତର ଦେଲା, 'ମୋଟର, କାହିଁ ? ମୁଁ କିଛି ଜାଣେନା ।' ସୁପରିଣ୍ଟେଣ୍ଡେଣ୍ଟଙ୍କ ମନରେ ଘୋର ସନ୍ଦେହର ଛାୟା । ସେ ଘରର କାନ୍ଥବାଡ଼କୁ ଚାହିଁଲେ । କାନ୍ଥ ଦେହରେ ଅବିନାଶବାବୁଙ୍କ ଲକ୍ଷ୍ୟହୀନ ବନ୍ଧୁକ ଚାଳନା ଯୋଗୁଁ ଚାରିଗୋଟି ଗୁଳିଚିହ୍ନ । ଚୂନଗୁଡ଼ା ଝଡ଼ି ଯାଇଛି । ଠିକ୍ ସୁନନ୍ଦା ଶୋଇଥିବା ଘରେ ସାମ୍ନା ଚଟାଣ ଉପରେ ଦୁଇ ଚାରି ଗୋଟି ଶୁଖିଲା ରକ୍ତବିନ୍ଦୁ । ସୁପରିଣ୍ଟେଣ୍ଡେଣ୍ଟଙ୍କ ସନ୍ଦେହ ଦ୍ୱିଗୁଣିତ ହେଲା । ସେ ସହସା ଗମ୍ଭୀର କଣ୍ଠରେ କହି ଉଠିଲେ, 'ଆପଣ ଜିଲ୍ଲାର ହାକିମ ପରା ! ଏ କଣ କରି ବସିଛନ୍ତି ! ଆମ୍ଭେମାନେ ଆପଣଙ୍କ କ୍ରିୟାକଳାପ ଦେଖି ପୂର୍ବରୁ ହିଁ ଆପଣଙ୍କର ଚରିତ୍ର ବୁଝିଥିଲୁ । ଆଚ୍ଛା ! ଅବିନାଶବାବୁ କାହାନ୍ତି ?' ସୂର୍ଯ୍ୟକାନ୍ତ ଆକୁଳ···ଆବେଗଭରା କଣ୍ଠରେ କହିଲେ, 'ନା···ନା, ମୁଁ ଜାଣିନାହିଁ, ସୁପରିଣ୍ଟେଣ୍ଡେଣ୍ଟ୍ ବାବୁ ! ମୁଁ କିଛି ଜାଣିନାହିଁ । କ୍ଷମା କରନ୍ତୁ, କ୍ଷମା କରନ୍ତୁ ।' ସୂର୍ଯ୍ୟକାନ୍ତର ଆଖି ଛଳଛଳ ହୋଇଗଲା । ସୁପରିଣ୍ଟେଣ୍ଡେଣ୍ଟ୍ ବାବୁ କହିଲେ, 'ବାଃ ! ଘରେ ଚଲାଖ ଖେଳୁଛନ୍ତି, ନୁହେଁ ?' ସେ ସୁନନ୍ଦାର ଖଟ ନିକଟକୁ ଯାଇ ପ୍ରଶ୍ନ କଲେ, 'ସୁନନ୍ଦା ଦେବି ! ଶୋଇ ରହିଛ ଯେ ! କଥା କ'ଣ ? ଅବିନାଶବାବୁ କାହାନ୍ତି, କହି ପାରିବେ ?' ସୁନନ୍ଦାର ଘା' ଉପରେ କିଏ ଯେମିତି ଚୂନ ଛିଟିକା ମାରିଦେଲା । ସେ କ୍ରନ୍ଦନ-ବିହ୍ୱଳ-କଣ୍ଠରେ ଉତ୍ତର ଦେଲା, 'ଉଃ ! ଉଃ ! ସୁପରିଣ୍ଟେଣ୍ଡେଣ୍ଟ୍ ବାବୁ ! ଦେଖନ୍ତୁ, ଦେଖନ୍ତୁ,

ଅବିନାଶବାବୁ ମୋତେ ଗୁଳିକରି କେଉଁଆଡ଼େ ନେଇଛନ୍ତି ।' ସୁପରିଣ୍ଟେଣ୍ଡେଣ୍ଟ୍ ବାବୁ ଦେଖିଲେ, ସୁନନ୍ଦାର ଜାନୁ ଦେଶରୁ ରକ୍ତ ଝରଣା ଛୁଟିଛି । ସେ ଅବାକ୍ ହେଲେ । ସେ ପୃଷ୍ଠ ଫେରାଇ ସାର୍କିଲ୍ ଇନ୍ସପେକ୍ଟରଙ୍କୁ ଲକ୍ଷ୍ୟକରି କହିଲେ, 'ଦେଖୁଛନ୍ତି ! ଏ ଷଡ଼୍ଯନ୍ତ୍ର ମୂଳରେ ଯେ କି ଅଭିସନ୍ଧି ଅଛି, ତାହା ବୁଝିବା କଷ୍ଟସାଧ୍ୟ । ତେବେ ମୁଁ ଯେତେଦୂର ଅନୁମାନ କରୁଛି, ଅବିନାଶବାବୁ ଆଜି ଜୀବନରେ ନାହାନ୍ତି । ଏମାନେହିଁ ତା'ଙ୍କୁ ହତ୍ୟା କରିଛନ୍ତି ।' ସାର୍କିଲ୍ ଇନ୍ସପେକ୍ଟର ଉତ୍ତର ଦେଲେ, 'ମୁଁ ମଧ୍ୟ ତାହାହିଁ ଅନୁମାନ କରୁଛି । ତେବେ ବର୍ତ୍ତମାନ ଏ ସମସ୍ତଙ୍କୁ ଗିରଫ କରିବା ଉଚିତ ।' 'ଠିକ୍ କଥା', କହି, ସୂର୍ଯ୍ୟକାନ୍ତ, ଶ୍ରୀକାନ୍ତ ଓ ସୁନନ୍ଦାଙ୍କୁ ଗିରଫ କରିବା ପାଇଁ ସୁପରିଣ୍ଟେଣ୍ଡେଣ୍ଟ୍ ଆଦେଶ ଦେଲେ । ଶ୍ରୀକାନ୍ତ କାଷ୍ଠ ପାଷାଣ ପରି ଠିଆ ହୋଇ ଥରି ଥରି ଗୋଠାରଙ୍ଗେ ଥରି ଉଠିଲେ । ସୂର୍ଯ୍ୟକାନ୍ତ ହେ...ହେ କାନ୍ଦି ଉଠିଲା ପୁଣି ପାଗଳ ପରି ସହସା ଉତ୍ତେଜିତ ହୋଇ ଶ୍ରୀକାନ୍ତଙ୍କର କମିଜ୍ଟାକୁ ଧରି ପକାଇ ଉଚ୍ଚକଣ୍ଠରେ କହିଲା, 'ଏଇ...ଏଇ, ସୁପରିଣ୍ଟେଣ୍ଡେଣ୍ଟ୍ ବାବୁ ! ସବୁ ଏଇ ପାଷଣ୍ଡ ହିଁ କରାଇଛି ।' ସୁପରିଣ୍ଟେଣ୍ଡେଣ୍ଟ୍ ସୂର୍ଯ୍ୟକାନ୍ତର ହାତଧରି ଟାଣି ଆଣିଲେ, ପୁଣି କହିଲେ, 'ଛଡ଼ନ୍ତୁ...ଛଡ଼ନ୍ତୁ...ତୁମେ ବଡ଼ କୃତଘ୍ନ ! ମୁଁ ଆଗରୁ ଜାଣେ, ତୁମଠାରେ ମନୁଷ୍ୟତ୍ୱ ହିଁ ନାହିଁ । ନିଜ ସ୍ତ୍ରୀର ମହତ୍ତ୍ୱ ବିକ୍ରୟ କରି ଏ ଯେଉଁ ଆଧିପତ୍ୟ ହାସଲ କରିଥିଲେ— ଏହାହିଁ ତା'ର ଉତ୍କଟ ଫଳ ।' ସୁନନ୍ଦା ପ୍ରତି ମୁହଁ ଫେରାଇ କହିଲେ, 'କି କୁତ୍ସିତ ଏ ନାରୀ ! ଜଣେ ପ୍ରଫେସରଙ୍କ ଝିଅ ହୋଇ...।' ସୁପରିଣ୍ଟେଣ୍ଡେଣ୍ଟଙ୍କ କଥାକୁ ସେହିଠାରେ ହିଁ ଅଟକାଇ ଦେଇ ସୁନନ୍ଦା କ୍ରନ୍ଦନ କଣ୍ଠରେ କହିଲା, 'କ୍ଷମା...କ୍ଷମା । ମୁଁ

ଉପଯୁକ୍ତ ଶାସ୍ତି ପାଇଛୁ, ସୁପରିଣ୍ଟେଣ୍ଡେଣ୍ଟ୍ ବାବୁ ! ଆଉ ଅଧିକ କଷ୍ଟ ଦିଅନ୍ତୁ ନାହିଁ । ପରିଣାମ ଭୋଗ କରିବା ପାଇଁ ଛାଡ଼ିଦିଅନ୍ତୁ···।' ସୁପରିଣ୍ଟେଣ୍ଡେଣ୍ଟ୍ କହିଲେ, 'ପରିଣାମ···ପରିଣାମ ଭୋଗ କରିବାକୁ ହିଁ ହେବ ତୁମକୁ, ସୁନନ୍ଦା ଦେବି !' ସହସା ନିର୍ଦ୍ଦେଶ କ୍ରମେ ଶ୍ରୀକାନ୍ତ, ସୂର୍ଯ୍ୟକାନ୍ତ ଓ ସୁନନ୍ଦାଙ୍କୁ ହାତକଡ଼ି ପିନ୍ଧା ହେଲା । ସୁନନ୍ଦା ଚାଲିବା ପାଇଁ ଅସମର୍ଥା ହେବାରୁ ଚାରିଜଣ ପୁଲିସ୍ ତା'ଙ୍କୁ ଟେକିଧରି ମୋଟର ଉପରେ ବସାଇଲେ । ଶ୍ରୀକାନ୍ତଙ୍କ ମୁହଁରୁ କଥା ବାହାରିଲା ନାହିଁ । ସେ ଖାଲି ଭେ···ଭେ କାନ୍ଦିବାରେ ଲାଗିଲେ । ସୂର୍ଯ୍ୟକାନ୍ତ ମଧ୍ୟ ଭେ ଭେ କାନ୍ଦି କାନ୍ଦି କହିଲା, 'କକା ! ତୁମରି ବୁଦ୍ଧିରେ ମୋର ଇହକାଳ ପରକାଳ ପାଉଁଶ ହୋଇଯାଇଛି । ଛି···ତୁମକୁ ହତ୍ୟା କଲେ ମଧ୍ୟ ମୋ ମନ ସନ୍ତୋଷ ହେବନାହିଁ । ତା' ଠାରୁ ବଳି ଭୀଷଣ ଦଣ୍ଡ ଯଦି ଥାଏ··· ।' 'ଚୁପ୍ କର, ସୂର୍ଯ୍ୟବାବୁ', ସୁପରିଣ୍ଟେଣ୍ଡେଣ୍ଟ୍ ଚିତ୍କାର ଉଠିଲେ । ଆଗେ ଆଗେ ଶ୍ରୀକାନ୍ତ ଓ ସୂର୍ଯ୍ୟକାନ୍ତଙ୍କୁ ଚଲାଇ ସୁପରିଣ୍ଟେଣ୍ଡେଣ୍ଟ୍, ସାର୍କିଲ୍ ଇନ୍‌ସପେକ୍ଟର ଓ ସବ୍‌ଇନ୍‌ସପେକ୍ଟର ପଛେ ପଛେ ଚାଲିଲେ ମୋଟର ନିକଟକୁ ।

ଦାଣ୍ଡଦ୍ୱାରେ କଥା କ'ଣ ବୁଝିବା ପାଇଁ ସାରା ଗାଁଟିର ଲୋକ ରୁଣ୍ଡ ହୋଇଛନ୍ତି । ନାନା ଲୋକର ମୁହଁରେ ନାନା କଥା । ଲୋକଙ୍କୁ ଦେଖି ଶ୍ରୀକାନ୍ତ, ସୂର୍ଯ୍ୟକାନ୍ତ ଓ ସୁନନ୍ଦା ଦ୍ୱିଗୁଣିତ ଭାବେ ଭେ···ଭେ କାନ୍ଦି ଉଠିଲେ । ଲୋକ ଗହଳ ଠେଲି ଜଣେ ବୁଢ଼ୀ ସୂର୍ଯ୍ୟକାନ୍ତ ନିକଟକୁ ଧାଇଁ ଆସି ଆକୁଳ କ୍ରନ୍ଦନରେ କହି ଉଠିଲେ, 'ସୂର୍ଯ୍ୟ···ସୂର୍ଯ୍ୟ କ ରେ··· !' ସୂର୍ଯ୍ୟକାନ୍ତ ସଜୋରରେ ଭେ···ଭେ··· କାନ୍ଦି ଉତ୍ତର ଦେଲେ, 'ବୋଉ ! ବୋଉ ! ତୁ ଏତେବେଳେ !' ସୁନନ୍ଦା ମଧ୍ୟ ଚିତ୍କାର କଲା 'ବୋଉ ! ବୋଉ !'

ଇନ୍ଦ୍ରାର ଚିଠି ପାଇବା ସଙ୍ଗେ ସଙ୍ଗେ ପଦ୍ମାବତୀଙ୍କ ମନ ଛଟପଟ ହେଲା । ସେ ଚିଠିରୁ ବୁଝିପାରିଲେ ଇନ୍ଦ୍ରା ଗର୍ଭବତୀ । ସେ ଘରର ଅବସ୍ଥା ଥରେ ଦେଖିନେବା ପାଇଁ ବ୍ୟାକୁଳ ହୋଇ ଧାଇଁ ଆସିଥିଲେ । କିନ୍ତୁ ପୁଅ ସଙ୍ଗେ ଆଉ ପଦେ କଥା ହେବା ପୂର୍ବରୁ ସୁପରିଣ୍ଟେଣ୍ଡେଣ୍ଟଙ୍କ କଡ଼ା ଆଦେଶରେ ଶ୍ରୀକାନ୍ତ ଓ ସୂର୍ଯ୍ୟକାନ୍ତ ମୋଟରରେ ବସିଗଲେ । ମୋଟର ଛୁଟିଲା । ପଛରୁ ଚାହିଁ ରହି ପଦ୍ମାବତୀ ମଧ୍ୟ ଭୋ···ଭୋ କାନ୍ଦି ଉଠିଲେ । ତାଙ୍କର ଲୋତକ ଧାରା ଟପଟପ ଖସି ଧୂଳିଧୂସରିତ ରାଜପଥରେ ହିଁ ଅଦୃଶ୍ୟ ହୋଇଗଲା । ବୁଢ଼ୀଙ୍କ ଚକ୍ଷୁରୁ ଲୋତକ ପୋଛିବା ପାଇଁ ପୁଅ ପୌତ୍ର କେହି ରହିଲେ ନାହିଁ । କିନ୍ତୁ ପଦ୍ମାବତୀ ବୁଝି-ପାରିଲେ ନାହିଁ ଏସବୁ ଘଟଣାର ଆଦି ଓ ଅନ୍ତ । ସେ ବ୍ୟାକୁଳ ଚିତ୍ତରେ ଘର ଭିତରେ ପ୍ରବେଶ କଲେ । ସେତେବେଳକୁ ଘର ଭିତରେ ଶୁଣା ଯାଉଥିଲା ଦାସୀ ପରିବାରୀଙ୍କ ବିକଳ କରୁଣ କ୍ରନ୍ଦନ ମୂର୍ଚ୍ଛନା । ପଦ୍ମାବତୀ ସାରା ଘରଟାକୁ ଲୋତକପୂର୍ଣ୍ଣ ଚକ୍ଷୁରେ ଚାହିଁ ଚାହିଁ ଭୋ···ଭୋ କାନ୍ଦି ଉଠିଲେ । ଆପେ ଆପେ ପ୍ରଶ୍ନକଲେ—ମୋ ସତ୍ୟ···ମୋ ବୋଉ କାହିଁ ? ସେହି ପୁରୁଣା ଘର ···ସେହି ଦ୍ୱାର···ସେହି ଚଟାଣ, ଅଗଣା ସବୁ ପୂର୍ବପରି ରହିଛି । ଏଇଠି ସତ୍ୟବାପ ଖାଇ ବସନ୍ତି, ପଦ୍ମାବତୀ ବ୍ୟଜନ ଚଳାଇ କେତେ କଣ ଖୁସି ଗପ କରନ୍ତି । ···ଏଇଠି ସତ୍ୟ, ସୂର୍ଯ୍ୟ ଛୋଟ ଛୋଟ ଶିଶୁ ଅବସ୍ଥାରେ ଖେଳି ବୁଲନ୍ତି···କେତେ ଆଦର ସୋହାଗ କରି ପଦ୍ମାବତୀ ସେ ଦୁହିଁଙ୍କୁ କୋଳ କରନ୍ତି···ମଝି ଅଗଣାର ଏହି ବେଦି ଉପରେ ସେଦିନ ସତ୍ୟର ବିବାହ···ଇନ୍ଦ୍ରା ଏଇଠି ରାନ୍ଧେ ବାଢ଼େ, ପଦ୍ମାବତୀଙ୍କୁ ଦିଏ···ସତ୍ୟ ଓ ସୂର୍ଯ୍ୟଙ୍କୁ ଦିଏ । ଏଇଠି ବସି ସୂର୍ଯ୍ୟ ତା' ନୂଆବୋଉର ସ୍ନେହସୋହାଗପୂର୍ଣ୍ଣ ପରଷା ଅନ୍ନ

କେତେ ଆନନ୍ଦରେ ଖାଏ··· । ଏସବୁ ଗୋଟି ଗୋଟି ପୁରୁଣା ସ୍ମୃତି ତା'ଙ୍କ ମନରେ ଆଜ ଗୋଟାଏ ପ୍ରଳୟ ତୋଫାନ ସୃଷ୍ଟି କରୁଛି । ଦାସୀ ପରବାଣୀ ହଠାତ୍ ପଦ୍ମାବତୀଙ୍କୁ ଦେଖି ନିକଟକୁ ଧାଇଁ ଆସିଲେ ପୁଣି ଗୋଟି ଗୋଟି ସମସ୍ତ ଘଟଣା କହିଗଲେ । ପଦ୍ମାବତୀ ଅବାକ୍ ହୋଇ ଗୁହିଁ ରହିଲେ । ତାଙ୍କ ଚକ୍ଷୁ ଯେପରି ବିଷାଦ ନିଦାଘରେ ଶୁଷ୍କ ହୋଇଗଲା । ଲୁହ ଗଡ଼ିଲା ନାହିଁ । ସେ ପାଗଳମା ପରି ଘର ଚଟାଣ ଉପରେ ଦୁର୍ ଦୁର୍···ମୁଣ୍ଡ କୋଡ଼ି କହିଲେ—ମୁଁ ଏଇଠି ମରିଯା'ନ୍ତି···ମରିଯା'ନ୍ତି । ପୁଣି ସହସା ଟଳମଳ ହୋଇ ବାହାରକୁ ଚାଲିଗଲେ । ଦାସୀ ପରବାଣୀ ଯେତେ ଆକଟ କଲେ ମଧ୍ୟ ମାନିଲେ ନାହିଁ । କହିଲେ, 'ମୋର ଆଉ ଏ ଘରେ କି କାମ ଅଛି ?' ଚାଲିଗଲେ ।

ନଂ 7372
ତା

# ଉଣିଶି

ଅନମା । ପତି ଦେବତାଙ୍କର ଦୌରାତ୍ମ୍ୟ ସହି ନପାରି ରାଜପଥର ଆଶ୍ରୟ ନେଲା । ସେ ନାରୀତ୍ୱର ଅବମାନନା ସହି ପାରେନା । ସେଥିଲାଗି ସେ ଆତ୍ମହତ୍ୟାର ମହାପାତକକୁ ମଧ ସାଦର ଅଭ୍ୟର୍ଥନା ଜଣାଇବା ପାଇଁ ପ୍ରସ୍ତୁତ । କେବଳ···ଟୁନୁ··· ଟୁନୁ ହିଁ ତାହା କରାଇ ଦେଲା ନାହିଁ । ଅନମାର ହୃଦୟରେ ଯେତେବେଳେ ନାରୀତ୍ୱର ଅପମାନ ବହ୍ନି ଧୂ ଧୂ ପ୍ରଜ୍ୱଳିତ, ଠିକ୍ ସେତିକବେଳେ ମାତୃତ୍ୱର ଶୀତଳ ଝରଣା ସେହି ବହ୍ନି ପ୍ରଜ୍ୱଳନକୁ ନିମିଷକେ ନିର୍ବାପିତ କରିଦିଏ । ମାତୃତ୍ୱ ଚେତାଇ ଦିଏ···ଟୁନୁ··· ଟୁନୁ···ଶ୍ୱଶୁର କୁଳର ବଂଶଦୀପ । ନାରୀତ୍ୱ ଚାହେଁ ଆତ୍ମହତ୍ୟା ପୁଣି ମାତୃତ୍ୱ କହେ ଆତ୍ମତ୍ୟାଗ, ନିଜେ ଦଗ୍ଧୀଭୂତ ହୋଇ ନିଜର କର୍ତ୍ତବ୍ୟ ସାଧନ । ଅନମାର ହୃଦୟ ଭିତରେ ଏ ଉଭୟ ଶକ୍ତିର ସଂଘର୍ଷ ଚାଲିଥାଏ । ଟୁନୁ ଯେତେବେଳେ କ୍ୱାଁ···କ୍ୱାଁ କାନ୍ଦଉଠେ

ଅନିମା ତା'କୁ ଛାତିରେ ଚାପି ଧରେ । ସେତେବେଳେ ସେ ନାରୀତ୍ୱର ଅପମାନ···ଅବମାନନା ସକଳ ଭୁଲିଯାଏ । ମାତୃତ୍ୱ ହିଁ ତା' ହୃଦୟରେ ଜାଗି ଉଠେ । ସେ ବ୍ୟାକୁଳ ହୋଇ ଉଠେ··· ଟୁନୁର ଭବିଷ୍ୟତ···ଜୀବନ ଧାରଣ···ଶିକ୍ଷା···ଦୀକ୍ଷା । ସେ ନିଜ ପତିଦେବତାଙ୍କ ଅଶାନ୍ତ ଦୌରାତ୍ମ୍ୟ ଭୁଲିଯାଏ···ନାରୀତ୍ୱର ଅପମାନକୁ ପଛରେ ପକାଇଦିଏ । ସେ ଭାବେ ନିଜର ପିତାଙ୍କର ଆଶ୍ରୟ ନେବ । କିନ୍ତୁ କିଏ ଯେପରି ସେତେବେଳେ କହିଉଠେ— ନାରି ! ତୋ' ଜୀବନର ସର୍ବସ୍ୱ ପତି ଯେତେବେଳେ ତୋ'ର ଅବମାନନା କରିଛନ୍ତି ତେବେ ପିତ୍ରାଳୟ ତୋ'ପକ୍ଷେ ସୁଖପ୍ରଦ ହେବନାହିଁ । ସେଠି ବା ତୋ'ର କାର୍ଯ୍ୟ କ'ଣ ? ସେମାନେ ତୋତେ କନ୍ୟାରୂପେ ଦାନ କରିଦେବା ଦିନୁ ତାଙ୍କର କର୍ତ୍ତବ୍ୟ ଶେଷ ହୋଇଛି । ବର୍ତ୍ତମାନ ତୁ କନ୍ୟା ନୁହଁ···ମାତା । ମାତାର କର୍ତ୍ତବ୍ୟ ତୁ କରିପିବାକୁ ହେବ । ଜଗତର ଏହାହିଁ ନିୟମ । ଅନିମା ସହସା ବିଚଳିତ ହୁଏ । ସେଦିନ ଘରୁ ବାହାରି ଷ୍ଟେଶନ୍‌ର ନିର୍ଜନ ଝଙ୍କା ବରଗଛ ଅନ୍ଧାରରେ ବସି ସେ ଏତେ ଗୁଡ଼ାଏ ଭାବିଗଲା । ଚତୁର୍ଦ୍ଦିଗ ବିକଟ ଅନ୍ଧକାର । ଉପରେ ମେଘ··· ଘଡ଼ଘଡ଼ି···ବିଜୁଳି । ଯହିଁ ଚାହିଁଲେ ତହିଁ ଜୁଳୁଜୁଳା ପୋକଗୁଡ଼ାକର ସ୍ତିମିତ ଆଲୋକ ତା'କୁ ଡାଆଣୀ ନିଆଁ ପରି ଦେଖାଗଲା । ନାରୀ-ହୃଦୟ ତା'ର ଭୟଭୀତ ହେଲା । ଟୁନୁକୁ କୋଳରେ ଭିଡ଼ି ଧରିଲା । ଦୂରରୁ ଶୁଣାଗଲା ସାଇଁ···ସାଇଁ ବର୍ଷାର ସୂ···ସୂ···ଶବ୍ଦ । ଠିକ୍ ଏତିକିବେଳେ ମାଡ଼ିଆସିଲା ଉତ୍ତରମୁଖୀ ହାଓ୍ୱଡ଼ା ପାସେଞ୍ଜର । ସେ ଟୁନୁକୁ ଜାକି ଦୌଡ଼ିଗଲା ।

ଅଭିମାନିନୀ ଅନିମା । କୋଳରେ ତା'ର ଟୁନୁ···ଆଗରେ ମାତୃତ୍ୱର କର୍ତ୍ତବ୍ୟ···ପଛରେ ପତିଦେବତାର ଦୌରାତ୍ମ୍ୟ ।

ପୁଣି ବଡ଼ଡାକ୍ତରଖାନାରେ ଜଣେ ନର୍ସରୂପେ ନିଜର କର୍ତ୍ତବ୍ୟ କରି ଚାଲିଛି । ନିଜ ହୃଦୟର ସାହସ ଖଟାଇ ଅତୀତକୁ ଭୁଲିଯିବାକୁ ଚେଷ୍ଟା କରୁଛି । ଅନିମାର ଆଦର ଯତ୍ନରେ ଟୁନୁ ବଢ଼ିବାରେ ଲାଗିଛି । ଏ ବିଶ୍ୱରଙ୍ଗମଞ୍ଚରେ ମଣିଷକୁ କେତେବେଳେ କେଉଁ ଅଭିନୟ କରିବାକୁ ପଡ଼େ ଜାଣି ହୁଏନା । ମଣିଷ ଜୀବନରେ ଘୋଟି ଆସେ କେତେବେଳେ ଝଡ଼ଝଞ୍ଜାର ପ୍ରଳୟ ତାଣ୍ଡବ... କେତେବେଳେ ସୁଖ ସମୃଦ୍ଧିର ଅମରାବତୀ । ମଣିଷ, ଘଟନାର ଭିତର ଦେଇ ଅଭିନୟ କରି ଚାଲିଥାଏ । ଏହିଠାରେ ହିଁ ସୃଷ୍ଟିର ସୃଜନରେ ବୈଚିତ୍ର୍ୟ...ସଫଳତା...ସାର୍ଥକତା । ଅନିମା ନର୍ସ ରୂପେ ରୋଗୀସେବା ନିଜର ପ୍ରଧାନ ବ୍ରତ ଭାବନା କରି ମାତୃତ୍ୱର ଚରମ ସୁଖ ଅନୁଭବ କରୁଛି ।

ଅବିନାଶବାବୁ । ପାଗଳପରି ସୁନନ୍ଦାର ଘରୁ ବାହାରି ରାଜପଥର ଲକ୍ଷ୍ୟହୀନ ପଥିକ ହେଲେ । ତାଙ୍କର ମସ୍ତିଷ୍କ ବିକୃତ ହୋଇଗଲା । ସେ ଅନିମା...ଅନିମା...କହି ଗାଁ ଗାଁ ଘୂରିବାରେ ଲାଗିଲେ । ଆତ୍ମହତ୍ୟା ପାଇଁ ପ୍ରସ୍ତୁତ ଥିଲେ । କିନ୍ତୁ ଉତ୍ତ୍ୟକ୍ତ ଅବସ୍ଥାରେ ସୁନନ୍ଦା ଘରେ ପ୍ରବେଶ କରି ସେ ଯେତେବେଳେ ଗୁଳି ଚଳାଇଥିଲେ ସେତେବେଳେ ହିଁ ତାଙ୍କର ମନୁଷ୍ୟତ୍ୱ ଲୋପ ପାଇଥିଲା...ଚେତନା ମଧ ଲୋପ ପାଇଥିଲା । ସେ ନିଜ ପିସ୍ତଲ୍‌ରୁ ସମସ୍ତ ଗୁଳି ଗୁଡ଼ୁମ୍...ଗୁଡ଼ୁମ୍ ଶେଷକରି, ନିଜେ ଆତ୍ମହତ୍ୟା କରିବା ପାଇଁ ଶୂନ୍ୟ ପିସ୍ତଲ୍‌ଟାକୁ ହିଁ ନିଜ ଛାତି ଆଡ଼େ ମୁହାଁଇ ଦୁଇ ତିନିଥର ଟିପିଥିଲେ । କିନ୍ତୁ ବିଫଳମନୋରଥ ହୋଇଥିଲେ । ସେଇଦିନଠାରୁ ସେ ନିଜେ ଆତ୍ମହତ୍ୟା କରିବା ହିଁ ଭୁଲିଗଲେ । କେବଳ ଟଳି ଟଳି ଅନିର୍ଦ୍ଦିଷ୍ଟ ଭାବେ ରାଜପଥରେ ପାଦ ଚଳାଇଲେ । ମୁହଁରେ କେବଳ ଅନିମା...ଅନିମା । ମୁଣ୍ଡରେ ଜଟି...ବାଳଗୁଡ଼ା

ଅଲରା···ଆଖିଡାମାନ ଲାଲ···ମୁହଁରେ ଶୁଖିଲା ରକ୍ତ ଦାଗ । ମଣିଷଟାକୁ ଦେଖିଲେ ମନରେ ଶଙ୍କା ହୁଏ । ସେ ରାଜପଥରେ ଯେଉଁ ନାରୀକୁ ଦେଖନ୍ତି ତା ନିକଟକୁ ଯାଇ କହନ୍ତି, 'ଅନିମା··· ଅନିମା ?' ପାଗଳର ଏରୂପ ନିରର୍ଥକ ପ୍ରଶ୍ନରେ କିଏ ବିରକ୍ତ ହୋଇ ଗାଳିଗୁଲଜ କରେ, କିଏ ବିଧେ ଗୃପୁଚ୍ଛେ ଲଦିଦିଏ ପୁଣି କିଏ ଭୟଙ୍କର ଚିତ୍କାର କରେ । କିନ୍ତୁ ପାଗଳ ଅବିନାଶବାବୁଙ୍କ ସେହି ଏକ ପ୍ରଶ୍ନ 'ଅନିମା···ଅନିମା ?' ବେଳେ ବେଳେ ସେ ଅଦୂରରେ କୌଣସି ସ୍ତ୍ରୀ ଲୋକକୁ ଦେଖି ଅଙ୍ଗୁଳି ନିର୍ଦ୍ଦେଶ କରି ଧାଇଁଯା'ନ୍ତି 'ଅନିମା···ଅନିମା ?' ସେ ଏହିପରି ଗାଁ ଗାଁ ଘୂରି ବୁଲୁଛନ୍ତି । ଖାଇବା ପିଇବାର ଠିକଣା ନାହିଁ । ଭୋକ କାଉଳି ବେଳେ ଯାହା ମିଳିଲା ତାହା ଖାଇ ଦିଅନ୍ତି । ଜାତି ବିଚାର, ଭଲ ଭେଲ କିଛି ନାହିଁ । ଜୀବନଧାରଣର ଉଦ୍ଦେଶ୍ୟ ନାହିଁ । କେବଳ ପେଟ ଭିତରର ଜଠରାଗ୍ନିର ତାଡ଼ରେ ସେ କିଛିନା କିଛି ଖାଇଦିଅନ୍ତି । ସେହି ଜଠରାଗ୍ନିର ତାଡ଼ ତାଙ୍କୁ ବେଳେ ବେଳେ କଫି ହୋଟେଲ୍‌ର ଅଇଣ୍ଠାପତ୍ର ନିକଟକୁ ମଧ୍ୟ ଟାଣି ଆଣେ । ଦେହରେ ଚିରାନେଙ୍କଡ଼ା କୋଟ୍, ପେଣ୍ଟ । ମୂଲ୍ୟବାନ କନାର ପୋଷାକ । ସୁନନ୍ଦା ଘରୁ ସେ ଏହି ପୋଷାକହିଁ ପିନ୍ଧି ଚାଲି ଆସିଥିଲେ । ପୋଷାକଟି ଦେଖୁ ଦେଖୁ ରାଜପଥର ଧୂଳି ସ୍ପର୍ଶରେ ଅସଜା ହୋଇ ବର୍ତ୍ତମାନ ସମ୍ପୂର୍ଣ୍ଣଭାବେ ଜୀର୍ଣ୍ଣ । ପାଗଳ ଅବିନାଶ ଜାଣି ଜାଣି ବେଳେ ବେଳେ ନିଜ ପୋଷାକର କେଉଁ ଜୀର୍ଣ୍ଣ ଛିଦ୍ରରେ ଅଙ୍ଗୁଳି ପୂରାଇ ଚିରି ଦିଅନ୍ତି । ପୋଷାକଟା ଆହୁରି ଚିରିଯାଏ । ସେ ନିଜର ପୋଷାକ ପରିଚ୍ଛଦ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ଜଗତରେ ଯେମିତି ତାଙ୍କର କୌଣସି ଆକର୍ଷଣ···ମୋହ···ମାୟା···ମମତା ନାହିଁ । କେବଳ ଏକମାତ୍ର ଉଦ୍ଦେଶ୍ୟ···ଅନିମା···ଅନିମା ।

ସତ୍ୟବ୍ରତ ଓ ଇନ୍ଦ୍ରା । ଜଗତଟା ତା'ଙ୍କ ପକ୍ଷେ ସୁବିଶାଳ ଓ ସୁବିସ୍ତୀର୍ଣ୍ଣ । ସେମାନେ ଘରୁ ବାହାରିବା ସଙ୍ଗେ ସଙ୍ଗେ ବ୍ରହ୍ମପୁର ଷ୍ଟେଶନ୍‌ରେ ପହଞ୍ଚିଲେ । ମନରେ କୌଣସି ଚିନ୍ତା ନାହିଁ...ସୁଖ ଦୁଃଖର ଚିହ୍ନ ନାହିଁ । ବଡ଼ଘରର ପୁଅ ବୋହୂ ସେମାନେ । ସମସ୍ତ ସୁଖ ସମ୍ପଦକୁ ଜଳାଞ୍ଜଳି ଦେଇ ଆଜି ବିଶ୍ୱର ଅନନ୍ତ ପଥର ଯାତ୍ରୀ । ସତ୍ୟ ଓ ଇନ୍ଦ୍ରା...ସ୍ୱାମୀ ଓ ସ୍ତ୍ରୀ...କର୍ମ ଓ ପ୍ରେରଣା...ଯେତେବେଳେ ଏକ ପଥର ଯାତ୍ରୀ, ସେତେବେଳେ ଉଭୟଙ୍କ ମନରେ କୌଣସି ଆଶଙ୍କା...ଭୟ...ଚିନ୍ତା ହିଁ ନାହିଁ । ସେ ବିତାଡ଼ିତ ଜୀବନରେ ଉଭୟେ ଉଭୟଙ୍କ ପାଇଁ ବିଶେଷ ସୁଖୀ । ସତ୍ୟବ୍ରତ ଘରୁ ବାହାରିବା ସଙ୍ଗେ ସଙ୍ଗେ ଇନ୍ଦ୍ରାର ଡାହାଣ ହାତ ଧରି ରାଜପଥରେ ପାଦ ଚଳାଇଲା । ସେତିକି ବେଳେ ସେ ଇନ୍ଦ୍ରାକୁ କହିଥିଲା, 'ପ୍ରିୟେ, ବିପଦ ବେଳେ ବିଚଳିତ ହେବା ଉଚିତ ନୁହେ । ଭଗବାନଙ୍କ ଇଚ୍ଛା ପୂର୍ଣ୍ଣହେଉ । ହୃଦୟରେ ଧୈର୍ଯ୍ୟ ସହ ଆମେ ଅଗ୍ରସର ହେବା । ଜୀବନରେ ଯେଉଁ ଗୁରୁତର ପାପ କରିଛେ, ତା'ର ପ୍ରାୟଶ୍ଚିତ୍ତ ଆଜି ଆମ୍ଭଙ୍କୁ ସହିବାକୁ ପଡ଼ିବ । ଧୈର୍ଯ୍ୟଧର, ଇନ୍ଦ୍ରା !' ଇନ୍ଦ୍ରା ବୁଝି ସୁଦ୍ଧା ବୁଝିପାରେ ନାହିଁ । କହେ, 'ଆମେ ପାପ କରିଛେ !' ସତ୍ୟ କହେ, 'ହିଁ... ନିଶ୍ଚୟ...ନିଶ୍ଚୟ !' ତା' ଗୁଣ୍ଡି ଭିତରେ ଅନୁତାପର ବହ୍ନି ଜଳି ଉଠେ । ସେ କହେ, 'ଇନ୍ଦ୍ରା ! ମୁଁ ନିଜର କର୍ତ୍ତବ୍ୟକର୍ମ ଭୁଲିଛି । ସଂସାରୀ ହିସାବରେ ମୋତେ ସଂସାର ଭିତରେ ବୁଡ଼ି ରହିବାହିଁ ଉଚିତ୍ ଥିଲା । ମୁଁ ଯଦି ସୂର୍ଯ୍ୟକୁ ପ୍ରଥମରୁ ତାଡ଼ନା ଦେଇଥାନ୍ତି, ତା' ଜୀବନଟାକୁ ଭଲ ଦିଗେ ଟାଣି ଆଣିବା ପାଇଁ ଉପଦେଶ ଦେଇଥାନ୍ତି, ସୂର୍ଯ୍ୟ ଏପରି କୃତଘ୍ନ ହୋଇ ନଥାନ୍ତା, ଇନ୍ଦ୍ରା ! ମୁଁ ଜାଣେ, ସେ ବ୍ରହ୍ମପୁର ଯାଇ ସଭ୍ୟତା ନାମରେ ବର୍ବରତା ହିଁ

ଶିକ୍ଷା କରିଛି । କିନ୍ତୁ ମୋର ନିର୍ଲିପ୍ତତା···ଘର ପ୍ରତି ଦୃଷ୍ଟିହୀନତା ହିଁ ଏଥିପାଇଁ ଦାୟୀ । ମୁଁ ଦେଶସେବା ନାମରେ ଗାଁ ଗାଁ ବୁଲି ଶିକ୍ଷାଦୀକ୍ଷା ଦାନ କରି ନିଜଘରେ କୁଶିକ୍ଷାର ପ୍ରବର୍ତ୍ତନ କରାଇଲି । ସେଥି ସଙ୍ଗେ ସଙ୍ଗେ ମୋ ଜୀବନଟା ଛାରଖାର କରି ସୂର୍ଯ୍ୟର ଜୀବନଟାକୁ ମଧ୍ୟ ହା···ହୁତାଶ ଭାବେ ପୋଡ଼ି ଜାଳିଦେଲି । ଉଃ ! ଇନ୍ଦ୍ରା, ଏହାହିଁ ମୋତେ ଗୁରୁତର ବ୍ୟଥା ଦେଉଛି । ସେହି ପାପର ପ୍ରାୟଶ୍ଚିତ୍ତ ହିଁ ଆଜି ସହିବାକୁ ପଡ଼ିବ, ଇନ୍ଦ୍ରା !' ଇନ୍ଦ୍ରା ଯେମିତି ନିଜ ଆଖି ଆଗରେ ନିଜର ଦୋଷଗୁଡ଼ା ଦେଖି ପକାଇଲା । ସେ ଭାବିଲା—ଉଃ, ଗୃହିଣୀ ହିସାବରେ ସେ ଯେ ନିଜ କର୍ତ୍ତବ୍ୟକର୍ମ ଭୁଲିଛି । ଅତି ପ୍ରିୟ ସୂର୍ଯ୍ୟକାନ୍ତଙ୍କୁ ଜାଣି ଜାଣି ବିଷ ଖୁଆଇ ଦେଇଛି । ସେ କହିଲା, 'ଉଃ ! ଉଃ ! ମୁଁ ମଧ୍ୟ ଘୋର ଅପରାଧ କରିଛି । ସୂର୍ଯ୍ୟକାନ୍ତର ମୋ ପ୍ରତି ଯେଉଁ ସ୍ନେହ···ଆଦର··· ମୁଁ ପିଶାଚିନୀ ତା'ର ମୂଳରେ ଜାଣି ଶୁଣି କୁଠାରାଘାତ କରିଛି । ଫଣିମା ସୁନନ୍ଦା ସହି ସୂର୍ଯ୍ୟକାନ୍ତଙ୍କୁ ଛାଡ଼ିଦେଇ ତା'ଙ୍କ ଜୀବନଟାକୁ ଛାରଖାର କରି ଦେଇଛି । ସୂର୍ଯ୍ୟଙ୍କର 'ନୂଆବୋଉ···ନୂଆବୋଉ' କୋମଳ ଆହ୍ୱାନ···ସାଦର କଥା ପଦେ ମୋତେ ଦିନେ କି ସ୍ୱର୍ଗୀୟ ଆନନ୍ଦ ଦେଉ ନଥିଲା ! ମୁଁ ସୂର୍ଯ୍ୟଙ୍କର ସେହି ଅମୃତ ସ୍ନେହର ପ୍ରତିଦାନରେ ଫଣିମାର ବିଷ ହିଁ ଦେଇଛି । ମୁଁ ଇଚ୍ଛା କରିଥିଲେ ସେତିକି ବେଳୁ ମୁଁ ସୂର୍ଯ୍ୟକାନ୍ତଙ୍କୁ ଠିକ୍ ପଥକୁ ଆଣିପାରିଥାନ୍ତି । ଉଃ ! ଉଃ ! ବଡ଼ କଷ୍ଟ ହେଉଛି । ମୁଁ ମଧ୍ୟ ତୁମ ସଙ୍ଗେ ସମ ପ୍ରାୟଶ୍ଚିତ୍ତର ଫଳ ଭୋଗ କରିବା ପାଇଁ ପ୍ରସ୍ତୁତ ଅଛି, ଦେବତା !' ଇନ୍ଦ୍ରାର ଚକ୍ଷୁରୁ ଝରି ଝରି ଲୋତକ ଗଡ଼ି ପଡ଼ିଲା । ସତ୍ୟ ତା' ଚକ୍ଷୁର ଅଶ୍ରୁ ପୋଛି ସାନ୍ତ୍ୱନା ଦେଲା, 'ମୁଁ ତୁମପରି ନାରୀକୁ ଅର୍ଦ୍ଧାଙ୍ଗିନୀ ରୂପେ ପାଇ ବଡ଼ ଭାଗ୍ୟବାନ୍

ମନେକରେ । କୌଣସି ଚିନ୍ତା ନାହିଁ, ଇନ୍ଦ୍ର ! ଚାଲ ।' ସେମାନେ ଷ୍ଟେସନ୍‌ରେ ପହଞ୍ଚିଲେ । ଅବିଳମ୍ବେ ମାଡ଼ିଆସିଲା ସେହି ଉତ୍ତରମୁଖୀ ହାଓ୍ୱଡ଼ା ପାସେଞ୍ଜର । ସତ୍ୟ ଓ ଇନ୍ଦ୍ର ବସିଗଲେ ।

ପୁରୀ ସହର । ଲୋକ କୋଳାହଳରେ ଉଚ୍ଛୁଳି ପଡ଼ୁଛି । ରଥଯାତ୍ରା ଦୁଇଦିନ ବାକି । ଇନ୍ଦ୍ର ଓ ସତ୍ୟ ଷ୍ଟେସନ୍‌ରେ ଓହ୍ଲାଇ-ଗଲେ । ଇନ୍ଦ୍ର ପଚାରିଲା, 'ବୋଉଙ୍କ ବସା ଚିହ୍ନିଛ ତମେ ?' ସତ୍ୟ ଉତ୍ତର ଦେଲା, 'ନା···ମୁଁ ତ ଚିହ୍ନେନାହିଁ । ତେବେ ଆସ ।' ଇନ୍ଦ୍ର ସତ୍ୟର ପଛେ ପଛେ ଚାଲିଲା । ସେତେବେଳକୁ ପ୍ରାୟ ସନ୍ଧ୍ୟା । ସେମାନେ ଦୁଦ୍‌ଓ୍ୱାଲା ଧର୍ମଶାଳାରେ ଆଶ୍ରୟ ନେଲେ । ସତ୍ୟ ପ୍ରଥମେ ଜଣେ ମାରଓ୍ୱାଡ଼ିର ସୁହୃଦୟତା କଳ୍ପନା କରି ଅବାକ୍ ହେଲା । ଏତେବଡ଼ ଧର୍ମଶାଳା । ଲକ୍ଷ ଲକ୍ଷ ଯାତ୍ରୀଙ୍କର ଉପକାରରେ ଲାଗିଛି । ନୀଳାଦ୍ରି ଧାମରେ କେତେ ଜୁଆଡ଼ୁ ଲୋକ ରୁଣ୍ଡ ହୁଅନ୍ତି । ଧର୍ମବିଶ୍ୱାସୀ ହିନ୍ଦୁ ଜାତିର ପୁଣ୍ୟପୀଠ । ଏଇଠି ସ୍ୱୟଂ ଭଗବାନ ବିରାଜମାନ । ଉତ୍କଳର ମହିମାମୟ ରାଜବଂଶର ଉଜ୍ଜ୍ୱଳମୟ ଜ୍ୱଳନ୍ତ କୀର୍ତ୍ତି ଏହି ନଭସ୍ପର୍ଶୀ ବଡ଼ଦେଉଳ । ସତ୍ୟର ମନରେ ଏପରି ନାନା ଭାବନାର ଲହରୀ ଖେଳିଗଲା । ସେ ମନେ ମନେ ଠିକ୍ କଲା—ଜନସେବା ପାଇଁ ଏହାହିଁ ଉପଯୁକ୍ତ ସ୍ଥାନ । ସେ ମନ ବଳାଇଲା—ସେ ଏହି ଧାମରେହିଁ ରହି ମାତୃଭୂମି ଓ ମାତୃଭାଷାର ସେବାରେ ବ୍ରତୀ ହେବ ।

ରାତି ଖାଇପିଇ ସତ୍ୟ ଓ ଇନ୍ଦ୍ର ଶୋଇଲେ । ବଡ଼ ପାହାନ୍ତାରୁ ଉଠି ନିଜ କାମପତ୍ର ଶେଷକରି ପଦ୍ମାବତୀଙ୍କୁ ଠାବ କରିବେ । କିନ୍ତୁ ଭଗବାନଙ୍କ ଇଚ୍ଛା ଅନ୍ୟରକମ । ରାତି ତିନିଘଣ୍ଟା ବେଳେ ସତ୍ୟକୁ ଖୁବ୍ ଜ୍ୱର ହୋଇଗଲା । ଇନ୍ଦ୍ର ଟିକେ ବିଚଳିତ ହେଲା ।

ସତ୍ୟ ସାନ୍ତ୍ୱନା ଦେଇ କହିଲା, 'ତୁମେ କିଛି ବିଚଳିତ ହୁଅ ନାହିଁ, ଇନ୍ଦ୍ରା !' ମୋର ସେମିତି କିଛି ଗୁରୁତର ବାଧା ହେଉନାହିଁ । ଯଦି ପାରିବ, ଡାକ୍ତରଙ୍କୁ ଡାକିଆଣ । ଇନ୍ଦ୍ରା ଯାଇ ଡାକ୍ତର ଡାକିଲା । ଚିକିତ୍ସା ହେଲା । କିନ୍ତୁ ଜ୍ୱର କମିଲା ନାହିଁ । ଦିନେ ଗଲା, ଦୁଇଦିନ ଗଲା, ପାଞ୍ଚଦିନ ଗଲା । ସତ୍ୟ ଶଯ୍ୟାଶାୟୀ ହେଲା । ଇନ୍ଦ୍ରା ଦିନରାତି ସତ୍ୟ ନିକଟରେ ବସି ରହିଲା । ବୋଉଙ୍କୁ ଠାବ କରିପାରିଲା ନାହିଁ । ଦିନେ ଡାକ୍ତର ଆସି ସ୍ପଷ୍ଟ କହିଲେ— 'ଟାଇଫଏଡ୍, ଅତି ସାବଧାନ ହେବା ଉଚିତ ।' ଇନ୍ଦ୍ରା ଘୋର ବିପଦ ମଣିଲା । ସତ୍ୟ କହିଲା, 'କିଛି ଚିନ୍ତା ନାହିଁ, ଇନ୍ଦ୍ରା ! ମୁଁ ତୁମ ନିକଟରେ ରହି ବେଶ୍ ସୁଖ ଅନୁଭବ କରୁଛି । ମୋର କୌଣସି କଷ୍ଟ ହେଉନାହିଁ । ବଡ଼ ଆନନ୍ଦ ବୋଧ ହେଉଛି ଇନ୍ଦ୍ରା ! କାହିଁକି କେଜାଣି—ମୋ ମନରୁ ଅତୀତର ସମସ୍ତ ସ୍ମୃତି ଆପେ ଆପେ ଲିଭିଯାଉଛି । କାହିଁକି···? ବୋଧହୁଏ ତୁମରି କରସ୍ପର୍ଶରେ, ଇନ୍ଦ୍ରା ! କାହିଁ, ମୋ ଦେହକୁ ଲାଗିଆସ । ମୋ ମୁଣ୍ଡରେ ହାତ ବୁଲାଇ ଆଣ ।' ଇନ୍ଦ୍ରା ସେହିପରି କରେ । ସତ୍ୟ କହେ, 'ବେଶ୍, ସ୍ୱର୍ଗ କ'ଣ ଏହାଠାରୁ ବଳି ସୁଖପ୍ରଦ, ଇନ୍ଦ୍ରା ? ମୋର ବିଶ୍ୱାସ ହେଉନାହିଁ' । ଇନ୍ଦ୍ରା କହେ, 'ଶୋଇପଡ଼ ।' ସତ୍ୟବ୍ରତ ଆଖିବୁଜି ବିଶ୍ରାମ ନିଏ ।

ଦେଖୁ ଦେଖୁ ଦଶଦିନ ହୋଇଗଲା । ହାତରୁ ପଇସାପତ୍ର ଶେଷ ହେଲା । ଇନ୍ଦ୍ରା ନିଜର ଗହଣା ପ୍ରତି ଦୃଷ୍ଟି ଦେଲା । ଗୋଟିଏ ଦୁଇଟି ବିକିବା ପାଇଁ ଆସ୍ତେ ବାହାର କଲା । ଧର୍ମଶାଳାର ହିନ୍ଦୁସ୍ଥାନୀ ଗୁମାସ୍ତା ଆସି କେତେବାର ଧମକ ଦେଇ ଗଲାଣି, ବାହାରେ ଚାଲିଯିବା ପାଇଁ । ସେମାନେ ଦଶଦିନ ହେଲା ରହିଲେଣି, ପୁଣି ସାଙ୍ଘାତିକ ରୋଗୀମାନଙ୍କୁ ଧର୍ମଶାଳାରେ ସ୍ଥାନ ଦେବାକୁ

ହେବନାହିଁ । ଏହାହିଁ ଧର୍ମଶାଳାର ନିୟମ । ଆଜି ନିଜର କର୍ତ୍ତବ୍ୟ ଦୃଷ୍ଟିରୁ ସେ ହିନ୍ଦୁସ୍ଥାନୀ ଗୁମାସ୍ତା ଚିତ୍କାର ଉଠିଲା, 'ଚାଲିଯାଅ··· ।' ମଣିଷ ସତେ କର୍ତ୍ତବ୍ୟ କରିବାକୁ ଯାଇ ପଶୁରେ ପରିଣତ ହୁଏ । ମଣିଷ ନିଜେ ଗଢ଼ିବା ନିୟମ କାନୁନ୍‌ର ଚାକର ହୋଇଯାଏ ।

ଇନ୍ଦ୍ରା ଖଣ୍ଡେ ରିକ୍‌ସା ଡାକିଆଣିଲା । ସତ୍ୟକୁ ବସାଇ ଡାକ୍ତରଖାନା ଆଡ଼କୁ ଚାଲିଲା ।

## କୋଡ଼ିଏ

**ସ**ତ୍ୟବ୍ରତର ଦେହରେ ୧୦୫ ଡିଗ୍ରୀ ଉତ୍ତାପ । ଇନ୍ଦ୍ରା ତା'ର ସେବାରେ ମନପ୍ରାଣ ଢ଼ାଳି ଦେଇଛି । ଦେହରୁ ଗହଣା ପତ୍ର ବାହାର କରି ଔଷଧ କିଣୁଛି, ଡାକ୍ତରଙ୍କୁ ଫିଜ୍ ଦେଉଛି । ଓ୍ୱାର୍ଡ଼-ବୁଆଇଠାରୁ ଆରମ୍ଭ କରି ଏଇଠି ସମସ୍ତେ ଯେପରି ପଇସାର ଭୃତ୍ୟ । ସୁହୃଦୟତା ଯେମିତି କାହାରିଠାରେ ନାହିଁ । ପଇସା ଫିଙ୍ଗିଲେ କଳପରି ସବୁ କାମ ହୋଇଯାଏ । ପଇସା ଖରଚ ନକଲେ ସବୁ ଆପେ ଆପେ ବନ୍ଦ ହୋଇଯାଏ । ଏପରିକି ଡାକ୍ତର ମଧ୍ୟ ଆସନ୍ତି ନାହିଁ । କିନ୍ତୁ ଇନ୍ଦ୍ରା ଦେଖେ, ଜଣେ ନର୍ସ ଦିନରାତି ରୋଗୀ ସେବାରେ ହିଁ ବ୍ୟସ୍ତ । ଅଖିଆ ଅପିଆ ଅନିଦ୍ରା ରହି ସେ ଓ୍ୱାର୍ଡ଼ ଓ୍ୱାର୍ଡ଼ ବୁଲି ପ୍ରତ୍ୟେକ ରୋଗୀର ଅବସ୍ଥା ପରୀକ୍ଷା କରେ । ଔଷଧ ଦିଏ । ମଳମୂତ୍ର, ଉତ୍ତାପ ଇତ୍ୟାଦି ସମସ୍ତ ଲକ୍ଷଣ ପରୀକ୍ଷା କରି ଡାକ୍ତରଙ୍କୁ ଜଣାଏ । ଇନ୍ଦ୍ରା ତା'ର କର୍ତ୍ତବ୍ୟପରାୟଣତା ଓ ସେବା ମନୋଭାବ ଦେଖି ଗର୍ବ ଅନୁଭବ କରେ । ତା' ନିଜ ହୃଦୟରେ

ମାତୃଜାତି ପ୍ରତି ଗର୍ବ ଅନୁଭୂତ ହୁଏ । ସେ ଭାବେ—ମାତୃଜାତି-ଠାରେ ହିଁ ଏପରି ସେବା ମନୋଭାବ ସମ୍ଭବପର ହୋଇପାରେ । ମାତୃତ୍ୱର କର୍ତ୍ତବ୍ୟଜ୍ଞାନ ବ୍ୟତୀତ ଏ ଭାବ ମନରେ ଉଦୟ ହୋଇ ପାରେନା । ସେ ନର୍ସ ଅନ୍ୟ କେହି ନୁହେଁ, ଅନମା; ଯେ କି ନାରୀତ୍ୱର ଅବମାନନା ସହି ନପାରି ରାଜପଥର ଆଶ୍ରୟ ନେଇଥିଲି ପୁଣି ଯେ'କି ମାତୃତ୍ୱର ଦାୟିତ୍ୱଜ୍ଞାନରେ ହିଁ ବଞ୍ଚି ରହିଛି । ସେ ସେହି ମାତୃତ୍ୱର ଚରମ ବିକାଶ ପାଇଁ ବିଶାଳ କ୍ଷେତ୍ର ପାଇଛି ଡାକ୍ତରଖାନାରେ । କିନ୍ତୁ ପଇସା ଅର୍ଜନ କରିବା ତା'ର ମନୋବୃତ୍ତି ନୁହେ । ସେ ପଇସା ଅର୍ଜେ କେବଳ ଟୁନୁକୁ ମଣିଷ କରିବା ପାଇଁ । ତା'ର ବେତନଟା ନିଜର ଖାଇବାପିନ୍ଧିବା ଓ ଟୁନୁର ଆବଶ୍ୟକ ଖର୍ଚ୍ଚ ପାଇଁ ଯେକୌଣସିମତେ ହୋଇଯାଏ । ସେତିକିରେ ସେ ଆନନ୍ଦ ଲଭକରେ । ଅଧିକା କିଛି ଚାହେଁ ନାହିଁ । ଡାକ୍ତରଖାନାର ଅନ୍ୟାନ୍ୟ କର୍ମଚାରୀ ପରି ରୋଗୀଙ୍କଠାରୁ ପଇସା ଆଦାୟ କରେ ନାହିଁ । ନିଜର କର୍ତ୍ତବ୍ୟ ଦୃଷ୍ଟିରୁ ଦିନ ରାତି ଅଖିଆ ଅପିଆ ରୋଗୀଙ୍କ ଶୁଶ୍ରୂଷାରେ ହିଁ ଲାଗିଥାଏ ।

ଇନ୍ଦ୍ରା ହାତରୁ ଆସ୍ତେ ପଇସା ସରି ଆସିଲା । ସତ୍ୟବ୍ରତର ଦେହରେ ବେଳୁବେଳ ଉତ୍ତାପ ବଢ଼ିବାରେ ଲାଗିଲା । ଦୀର୍ଘ ଦ୍ୱାଦଶ ଦିନ ବିତିଗଲାଣି । ଗହଣାପତ୍ର ଯାହା ଥିଲା ସମସ୍ତ ବିକି ଖର୍ଚ୍ଚ ତୁଲାଇବାରେ ଲାଗିଛି ଇନ୍ଦ୍ରା । କ'ଣ କରିବ ? ବର୍ତ୍ତମାନ ସବୁ ଶେଷ । ଗହଣାଗାଣ୍ଠି···ଲୁଗାପଟା । ଶେଷରେ ଟିଣ ଟ୍ରଙ୍କ୍‌ଟି ମଧ ବିକିବା ପାଇଁ ଇନ୍ଦ୍ରା ପ୍ରସ୍ତୁତ ଅଛି । ନର୍ସ, ଓ୍ୱାର୍ଡ୍‌ବୁଆଇ, ଡାକ୍ତର ସମସ୍ତେ ଯେପରି କରିଛଡ଼ା ଦେଲେ । ଏତିକିବେଳେ ଅନମାର କର୍ତ୍ତବ୍ୟ ଉପସ୍ଥିତ ହେଲା । ଇନ୍ଦ୍ରା ହୃଦୟରେ ଧୈର୍ଯ୍ୟ ଦେଇ ନିଜେ ସତ୍ୟବ୍ରତର ସେବାରେ ଲାଗିଗଲା । ଇନ୍ଦ୍ରା ଓ ସତ୍ୟବ୍ରତ ସହ

ଅନମାର ଆଦୌ ପରିଚୟ ହିଁ ନାହିଁ । ଇନ୍ଦ୍ରା ଯାହା ସେଦିନ ରାତିରେ ଥରେ ମାତ୍ର ଦେଖିଥିଲା । କିନ୍ତୁ ଚିହ୍ନି ପାରେନା । ଅନମା ରାତିରାତି ଉଜାଗର ରହି ସତ୍ୟବ୍ରତଙ୍କର ସେବା ଶୁଶ୍ରୂଷା କରେ । ମୁଣ୍ଡରେ ଜଳପଟି ଦିଏ । ପ୍ରତି ଘଣ୍ଟାକେ ଉତ୍ତାପ ପରୀକ୍ଷା କରେ । ବେଳେବେଳେ କମଳା ରସ ଟିକେ ସତ୍ୟର ପାଟିରେ ଦେଇ କହେ, 'ଖାଇଦିଅ' । ଇନ୍ଦ୍ରା ମଧ୍ୟ ଅନିଦ୍ର ରହି ଅନମାକୁ ସାହାଯ୍ୟ କରେ । ଅନମା ଲାଗି ଆଜି ଇନ୍ଦ୍ରା ମନରେ ବିଶେଷ ଧୈର୍ଯ୍ୟ । ସତ୍ୟବ୍ରତ ଶୋଇ ଶୋଇ ବେଳେ ବେଳେ ଚିତ୍କାର କରିଉଠେ । ଏଣୁତେଣୁ କେତେ କଣ ଗପିଯାଏ । ତା'ର ଦେହରେ ଚେତନା ନଥାଏ । ବେଳେବେଳେ ଆଖି ଖୋଲି ଘରର ଚତୁର୍ଦ୍ଦିଗକୁ ଚାହେଁ । ଗୋଡ଼ହାତ ଛଟପଟ କରେ । ଇନ୍ଦ୍ରା ଅଥୟ ହୁଏ···ଅନମା ଧୈର୍ଯ୍ୟ ଦିଏ ।

ଦିନକର ଘଟଣା । ରାତି ପ୍ରାୟ ବାରଟା ହେବ । ଅନମା ସତ୍ୟବ୍ରତର ମୁଣ୍ଡରେ ଜଳପଟି ଦେଉଛି ପୁଣି ଇନ୍ଦ୍ରା ଗୋଡ଼ ଚିପି ଦେଉଛି, ସତ୍ୟବ୍ରତ ପ୍ରଳାପ କଲା—'ସୂର୍ଯ୍ୟକାନ୍ତ, ମୁଁ ତୋ'ଠାରେ ଘୋର ଅପରାଧ କରିଛି । ତୋତେ ମଣିଷ କରିବା ଭାର ମୋ ଉପରେ ଥିଲା । ମୁଁ ସେ କର୍ତ୍ତବ୍ୟ ଭୁଲିଛି । ସୂର୍ଯ୍ୟକାନ୍ତ ! ଭାଇ ମୋର ! ମୋତେ କ୍ଷମା କରିବୁ ନାହିଁ ? ମୋର ଅନ୍ତିମ କାଳ ଉପସ୍ଥିତ ।' ଏଇ ସୂର୍ଯ୍ୟକାନ୍ତ ଡାକଟା ଅନମା ହୃଦୟରେ ଯେମିତି ବନ୍ଧୁକ ଗୁଳିପରି ଭେଦ କଲା । ସେ ପୂର୍ବରୁ ସୂର୍ଯ୍ୟକାନ୍ତଙ୍କୁ ଚିହ୍ନେ । ସେ ସତ୍ୟବ୍ରତକୁ ଟିକେ ଆଶ୍ୱାସନା ଦେଲା, 'ଶୋଇପଡ଼···। ସେମିତି ଭଡ଼ଭଡ଼ ହେବା ଉଚିତ ନୁହେଁ ।' ସତ୍ୟ ଟିକେ ଆଖି ବୁଜିଲା । ଅନମା ଇନ୍ଦ୍ରାପ୍ରତି ପ୍ରଶ୍ନକଲା, 'ଇନ୍ଦ୍ରା ! ସୂର୍ଯ୍ୟକାନ୍ତ କିଏ ?' ଇନ୍ଦ୍ରା ଉତ୍ତର ଦେଲା, 'ତାଙ୍କର ଭାଇ ।' 'ତୁମର କେଉଁ ଗାଁ ?' ଅନମା ପଚାରିଲା । ଇନ୍ଦ୍ରା କହିଲା, 'ଆମ ଘର ହେଉଛି ଗଞ୍ଜାମ ଜିଲ୍ଲା—

ଦାନପୁର ।’ ଅନିମାର ଦେହରେ ଯେପରି ବିଜୁଳିର ସ୍ପନ୍ଦନ ଖେଳିଗଲା । ସେ ସମସ୍ତ ବିଷୟ ଠଉରେଇ ନେଲା । ସେ ସତ୍ୟସନ୍ଧ ପରିଚିତ ନହେଲେ ମଧ୍ୟ ନିଜ ସ୍ୱାମୀ ଓ ସୁନନ୍ଦା ଭିତରେ ସ୍ଥାପିତ ପାପ ପ୍ରଣୟର ସମ୍ବନ୍ଧ ଦେଇ ସେ ତାଙ୍କ ଘରର ସମସ୍ତ ବିଷୟ ଜାଣି ପାରିଥିଲା । ସୁନନ୍ଦାର ଅତ୍ୟାଗ୍ରହରଠାରୁ ଆରମ୍ଭ କରି ସୂର୍ଯ୍ୟକାନ୍ତର କାପୁରୁଷତା ପର୍ଯ୍ୟନ୍ତ, ପୁଣି ସତ୍ୟବ୍ରତ ଓ ଇନ୍ଦ୍ରାର ସହନଶୀଳତା, ଏପରି ସମସ୍ତ ବିଷୟର ସେ ଖବର ରଖିବା ପାଇଁ ଚେଷ୍ଟା କରୁଥିଲା । କିନ୍ତୁ ସେମାନେ ଏଠାରେ କିପରି ଉପସ୍ଥିତ ହୋଇଛନ୍ତି ସେ ଜାଣେ ନାହିଁ । ନିଜ ମନର ସନ୍ଦେହ ଦୂର କରିବା ପାଇଁ ଇନ୍ଦ୍ରାପ୍ରତି ସେ ଘନଘନ ପ୍ରଶ୍ନ ପଚାରିବାରେ ଲାଗିଛି, ‘ତୁମେ କାହିଁକି ଏଠାକୁ ଆସିଛ ?’

ସେ ବହୁତ କଥା । କହି ହେବ ନାହିଁ । ପଚାରି କଷ୍ଟ ଦିଅ ନାହିଁ, ମା !

ନା, ଭଉଣି ! କଷ୍ଟ କ’ଣ ? ଭଗବାନଙ୍କ ରାଜ୍ୟରେ ଦୁଃଖ ସୁଖ ଏକା ନିକିତିରେ ହିଁ ତୌଲ ହୁଏ ।

‘ନା···ନା, ମୋତେ ଆଉ କଷ୍ଟ ଦିଅନା··· ।’ ସହସା ସତ୍ୟବ୍ରତ ଚିତ୍କାର କରି ଉଠେ, ‘କିଏ ! ତୁମେ କେତେ କୃତଘ୍ନ ପ୍ରକୃତିର ଲୋକ ! ବିଶ୍ୱାସଘାତକ···ଆତ୍ମଘାତୀ···ପ୍ରତାରକ ! ତୁମର କେଉଁଠାରେ ଅବା ସ୍ଥାନ ଅଛି ? ତୁମ ପାଇଁ ନରକରେ ମଧ୍ୟ ସ୍ଥାନ ନାହିଁ ।’ ଅନିମା ସତ୍ୟବ୍ରତଙ୍କ ମୁହଁ ଉପରେ ବିଞ୍ଚଣାଟା ହଲାଇ କହେ, ‘ଶୋଇଯା’ନ୍ତୁ । ପ୍ରଳାପ କରନ୍ତୁ ନାହିଁ ।’ ପୁଣି ପଚାରେ, ‘ଭଉଣି ! କିଏ କିଏ ?’ ଇନ୍ଦ୍ରା କହେ, ‘ତାଙ୍କର ନିଜ କିଏ··· ।’ ଅନିମା କହେ, ‘ଓ ! ତେବେ କିଏର କୌଣସି ଆତ୍ମଘାତକତାରେ ଏ କଷ୍ଟ ପାଇଛନ୍ତି । ନୁହେ ? ଭଉଣି !

କହୁନାହଁ କାହିଁକି ?' ଇନ୍ଦ୍ରା କହେ, 'ନା, ନା ! ମୁଁ ସେସବୁ ଭୁଲି ଯିବାକୁ ଚାହେଁ, ମା ! ମୋତେ କଷ୍ଟ ଦିଅନା ।' ସତ୍ୟ ପୁନର୍ବାର ପ୍ରଳାପ କରି ବସନ୍ତି । 'ଓଃ ! ଓଃ ! ତୁ ପରା ପ୍ରଫେସର୍ ମାଇତିଙ୍କର ଝିଅ ! ବାପର ସୁନାମକୁ ଏମିତି ବଦ୍‌ନାମ କଲୁ କାହିଁକି ?' ଅନମାକୁ ଆଜ ବୁଝିବା ପାଇଁ ବାକି ରହିଲା ନାହିଁ । ସେ ଠିକ୍‌ଭାବେ ବୁଝିଗଲା । ଅତୀତର ସମସ୍ତ ଘଟଣା ଯେପରି ତା' ଆଖି ଆଗରେ ନାଚିବାରେ ଲାଗିଲା । ସେ ଇନ୍ଦ୍ରାକୁ କହିଲା, 'ପ୍ରଫେସର୍ ମାଇତି, ମାଇତିଙ୍କ ଝିଅ ସୁନନ୍ଦା ··· ? ସୂର୍ଯ୍ୟକାନ୍ତର ପତ୍ନୀ !' ତା' ମୁଣ୍ଡଟା ଯେମିତି ଘୂରିଗଲା । ସେ ଇନ୍ଦ୍ରାକୁ ଲକ୍ଷ୍ୟକରି କହି ଉଠିଲା, 'ଭଉଣି ! ଭଉଣି ! ସେହି ସୁନନ୍ଦା ହିଁ ମୋର ସଂସାର ଚୂନା କରି ଦେଇଛି !' ଇନ୍ଦ୍ରା ବ୍ୟାକୁଳ କଣ୍ଠରେ ପ୍ରଶ୍ନକଲା, 'ସୁନନ୍ଦା ! ସୁନନ୍ଦା ! ତୁମେ କିପରି ତା'କୁ ଚିହ୍ନ ? ସେ ଯେ ମୋର ଯା' ହେବ । ସୁନନ୍ଦା କିପରି ତୁମର ସଂସାର ଚୂନା କଲା ?' ଇନ୍ଦ୍ରା ମୁହଁରୁ ମୁହୁର୍ମୁହୁ ଏହି ସୁନନ୍ଦା···ସୁନନ୍ଦା ଶବ୍ଦ ଶୁଣି ସତ୍ୟବ୍ରତ ହଠାତ୍ ଚିତ୍କାରି ଉଠିଲେ । 'ସୁନନ୍ଦା···ସୁନନ୍ଦା···କାହିଁ···ଏଇଠିକି ଆସିଛି ? ଏଇଟା କେଉଁ ଗାଁ ?' ଅନମା ଓ ଇନ୍ଦ୍ରା ସତ୍ୟବ୍ରତଙ୍କୁ ପ୍ରବୋଧାଇ କହିଲେ, 'ନା···ନା···ସୁନନ୍ଦା ଏଇଠିକି ଆସି ନାହିଁ, ଶୋଇପଡ଼ । ଦେହ ଖରାପ ହେବ ।' ହେଲେ ବି ସେ ପ୍ରଶ୍ନ କଲେ, 'ଆଉ···ଆଉ··· ଏଇଠି ଏବେ ସୁନନ୍ଦାର ନାମ ଧରି କିଏ ଡାକୁଥିଲା ?' ଇନ୍ଦ୍ରା କହିଲା, 'ନା···ନା···ଜ୍ୱର ହେତୁ ତୁମକୁ ସେପରି ବୋଧ ହେଉଛି, ଶୋଇପଡ଼ ।' ସତ୍ୟବ୍ରତ ଶୋଇପଡ଼ିଲେ । ଇନ୍ଦ୍ରା ପୁନର୍ବାର ଧୀର ଭାବେ ପ୍ରଶ୍ନ କରେ, 'କହ, କହ ମା ! ତୁମେ ସୁନନ୍ଦାକୁ କିପରି ଚିହ୍ନ ?' ଅନମା ଭଉଣି, ଶୁଣିବ, ମୋ'ର ଜୀବନକାହାଣୀ ଶୁଣିବ ? ମୁଁ ତୁମକୁ ସବୁ କହିଯିବି । ମୁଁ ତୁମ କୁଟୁମ୍ବର ପ୍ରତ୍ୟେକ

ଲୋକଙ୍କୁ ଚିହ୍ନେ । କେବଳ ପରିଚୟ ନାହିଁ । ମୋର ସ୍ୱାମୀ ଗଞ୍ଜାମର ଜିଲ୍ଲା କଲେକ୍ଟର···।' ସଙ୍ଗେ ସଙ୍ଗେ ଇନ୍ଦ୍ରା କହିଲା, 'ଅବିନାଶ ବାବୁ···?' ଅନିମା ଜବାବ ଦେଲା, 'ହଁ···ହଁ···।' ଇନ୍ଦ୍ରା ଉତ୍ତେଜିତ କଣ୍ଠରେ କହିଲା, 'ଥାଉ···ଥାଉ, ଆଉ କହ ନାହିଁ । ମୁଁ ସବୁ ଜାଣେ । ତେବେ, ତୁମେ ଏଠାକୁ କିପରି ଆସିଲ ?' ଅନିମା କହିଲା, 'ନିଜେ···ନିଜେ । ନାରୀତ୍ୱ ଯେଉଁଠି ଅପମାନିତ ସେଠି ରହି ଲାଭ କ'ଣ ? ମୁଁ ଆତ୍ମହତ୍ୟା କରିଥାନ୍ତି, ଭଉଣି ! କେବଳ ଟୁନୁଟି ଲାଗି ମୁଁ ବଞ୍ଚିଛି !' ଇନ୍ଦ୍ରା କହିଲା, 'ଟୁନୁ···ଟୁନୁ ତୁମର ପୁଅ ନା କ'ଣ ?' ଅନିମା କହିଲା, 'ହଁ···ହଁ, ମୋ ଶ୍ୱଶୁର-କୁଳର ବଂଶପ୍ରଦୀପ । ତା'କୁ ମଣିଷ କରିବାରେ ମୋର ଯଥେଷ୍ଟ କର୍ତ୍ତବ୍ୟ ।' ଇନ୍ଦ୍ରା କହିଲା, 'ଧନ୍ୟ ତୁମେ ମା ! ତୁମେ ହିଁ ଏ ଜଗତର ମାତା ଓ ମାତୃଜାତିର ଗର୍ବ । ଭଗବାନ୍ ତୁମକୁ ସେହି ମାତୃତ୍ୱର କର୍ତ୍ତବ୍ୟ କରିବା ପାଇଁ କେବଳ ଏଇଠି ନିଯୁକ୍ତ କରାଇଛନ୍ତି ।' ତା' ବୁକୁରେ ଯେମିତି ସାତସମୁଦ୍ରର ଉଚ୍ଛୁଳା ଜଳରାଶି ଲହଡ଼ି ଭାଙ୍ଗିବାରେ ଲାଗିଲା ! ଆଖି ଦୁଇଟା ଛଳ ଛଳ । ଅନିମା କହିଲା, 'ତୁମେ କିପରି ଏଠାକୁ ଚାଲି ଆସିଲ, ଭଉଣି ?' ଇନ୍ଦ୍ରା ଉତ୍ତର ଦେଲା, 'ବିତାଡ଼ିତ ହୋଇ ।' ଆଖିରେ ତା'ର ଲୋତକର ଜମାଟ । ଅନିମା ପୁନର୍ବାର ପ୍ରଶ୍ନ କଲା, 'କାହାଦ୍ୱାରା ? ସୂର୍ଯ୍ୟକାନ୍ତଙ୍କଦ୍ୱାରା ତ !' ଇନ୍ଦ୍ରା ଆଖିରୁ ଲୋତକ ପୋଛି ଜବାବ ଦେଲା, 'ହଁ···ହଁ···।' ଅନିମା କହିଲା, 'ଉଃ ! କି ମର୍ମନ୍ତୁଦ ସମ୍ବାଦ ! ନିଜର ଭାଇଦ୍ୱାରା ବିତାଡ଼ିତ ! ଜଗତ ପ୍ରଳୟ ହେଉନାହିଁ କାହିଁକି ? ତେବେ ତୁମର କକା···?' ଇନ୍ଦ୍ରା କହିଲା, 'ଆଉ କଷ୍ଟ ଦିଅନାହିଁ ମା ! କକା···କକା ! ସେ ହିଁ ସମସ୍ତ ଘଟଣାର ମୂଳ । ଛାଡ଼, ସେ ସବୁ ଭୁଲିଯିବା ଚାହେଁ । ଆଚ୍ଛା, କହ ମା ! ମୋର ଦେବତା

କେବେ ଆରୋଗ୍ୟ ଲାଭ କରିବେ ?' ସେତେବେଳକୁ ଅନମାର ବୁକୁରେ ମଧ୍ୟ ଶତ ଶତ ଭାବନାର ତରଙ୍ଗ । ଅଜ୍ଞାତ ସ୍ମୃତିର କଳା କଳା ମେଘଖଣ୍ଡ ଏବେ ବି ତା' ମନ-ଆକାଶରେ ଘୂରି ବୁଲୁଛି । ସେ ମନର କୋହଟାକୁ ଚାପି ନପାରି ବାଷ୍ପାକୁଳ ନୟନରେ ହଠାତ୍ ଉଠି ଇନ୍ଦ୍ରାକୁ ଆଲିଙ୍ଗନ କରିପକାଇ କହିଲା, 'ଭଉଣି ! ଜଗତରେ ଏପରି କୃତଘ୍ନ ମଧ୍ୟ ଅଛନ୍ତି !' ଇନ୍ଦ୍ରା ମଧ୍ୟ ଅନମାକୁ କହିଲା, 'ନିଶ୍ଚୟ···ନିଶ୍ଚୟ ଅଛନ୍ତି, ଅପା !' ସହସା ତା' ମୁହଁରୁ କାହିଁକି ବା କେଜାଣି, ଅପା ଶବ୍ଦଟା ବାହାରିପଡ଼ିଲା । ସେ ସେହିଦିନରୁ ଅନମାକୁ ଅପା ବୋଲି ହିଁ ଡ଼ାକିଲା । ହୃଦୟର ସୁଖ ଦୁଃଖ ବିନିମୟ ଦ୍ୱାରା ପର ମଧ୍ୟ ଆପଣାର ହୋଇଯାଏ । ହୃଦୟ···ହୃଦୟକୁ ଭଲପାଏ । ଦୁଃଖ···ଦୁଃଖକୁ ଭଲପାଏ । ସୁଖ···ସୁଖକୁ ହିଁ ଆପଣାର କରେ । ସମଭାବାପନ୍ନ ଲୋକ ଆପେ ଆପେ ସ୍ନେହାନୁବନ୍ଧନରେ ବନ୍ଧା ହୋଇଯାନ୍ତି ।

# ଏକୋଇଶି

ସତ୍ୟବ୍ରତର ଅବସ୍ଥା ଆସ୍ତେ ଭଲଆଡ଼କୁ ଗତି କରୁଛି । ସେ ବହୁକଷ୍ଟରେ ଶେଯ ଉପରେ ଟିକେ ବସି ପାରୁଛି । ହସଖୁସି ଗପ କରୁଛି । ଅନମା ଓ ଇନ୍ଦ୍ରା ଏପର୍ଯ୍ୟନ୍ତ ସେବାରୁ ବିରତ ହୋଇ ନାହାନ୍ତି । ଅନମା ବେଳେ ବେଳେ ଟୁନୁକୁ କୋଳକରି ପହଞ୍ଚିଯାଏ । ସତ୍ୟ କହେ, 'ଟୁନୁ···ଆ !' ସଙ୍ଗେ ସଙ୍ଗେ ଟୁନୁ ଅନମା କୋଳରୁ ସତ୍ୟବ୍ରତ ନିକଟକୁ ଚାଲି ଆସେ । ହସେ··· ଗୁଲୁରୁ ଗୁଲୁରୁ କଥା କହେ···ଗୁରୁଣ୍ଡି ଗୁରୁଣ୍ଡି ଏଣେତେଣେ ଚଲାଇବାକୁ ଚେଷ୍ଟାକରେ । ଇନ୍ଦ୍ରା ମଧ୍ୟ ଟୁନୁକୁ କୋଳ କରେ । ତା' ସହିତ ପିଲାପରି ଖେଳେ ।

ଦିନେ ସତ୍ୟବ୍ରତ ଇନ୍ଦ୍ରାକୁ ଡାକି କହିଲା, 'ଇନ୍ଦ୍ରା ! ମୋର ଦେହ ଭଲ ହେଲାଣି । କୌଣସି ଚିନ୍ତା କରିବା ଦରକାର ନାହିଁ । ତୁମେ ଯା'ନ୍ତୁ କି, ବୋଉକୁ ଟିକେ ଖୋଜି ବାହାର କରନ୍ତୁ !

ସେ ନିଶ୍ଚୟ ଏଇ ପୁରୀରେ ଅଛି ।' ଇନ୍ଦ୍ରାର ଛାତି ଯେପରି ଦୁମ୍‌ଦୁମ୍ ହେଲା । ପୁନର୍ବାର ଅତୀତର ସ୍ମୃତିଗୁଡ଼ିକ ମନ ଭିତରେ ସମୁଦ୍ର ଲହଡ଼ି ପରି ମାଡ଼ିଆସିଲା । ଯିବା କଥାକୁ ପୁନର୍ବାର ଫେରି ପାଇବା ପାଇଁ ମଣିଷ ଏତେ ବ୍ୟାକୁଳ ହୁଏ କାହିଁକି ? ସତ୍ୟ ପୁନର୍ବାର ସେହି ନିଜ ଘରବାଟେ ଦୃଷ୍ଟି ଦେଉଛି କାହିଁକି ? ଇନ୍ଦ୍ରା କହିଲା, 'ମୁଁ କିପରି ଖୋଜି ବାହାର କରିବି ? ଏତେ ବଡ଼ ସହର !' ସତ୍ୟ ଉତ୍ତର ଦେଲା, 'ନା···ନା, ସେମିତି ନୁହେଁ । ବୋଉ ନିଶ୍ଚୟ ବଡ଼ଦେଉଳକୁ ନିତ୍ୟ ନିୟମିତ ଭାବେ ଆସୁଥିବ । ତୁମେ ଯଦି ଦିନେ ଦୁଇଦିନ ରାତିମତ ସଂଧ୍ୟା ଓ ସକାଳେ ବଡ଼ଦେଉଳ ସିଂହଦ୍ୱାର ନିକଟରେ ଯାଇ ଅପେକ୍ଷା କରି ବସିବ, ତେବେ ନିଶ୍ଚୟ ବୋଉକୁ ଭେଟିବ ।' 'ଆଚ୍ଛା, ଆଜିଠାରୁ ସେପରି କରିବି', ଇନ୍ଦ୍ରା କହିଲା ।

*   *   *   *

ବ୍ୟଥିତା ପଦ୍ମାବତୀ ସେଦିନ ରାଜପୁର ଯାଇ ନିଜ କୁଟୁମ୍ବର ଯେଉଁ ଦୁରବସ୍ଥା ଦେଖି ଆସିଲେ, ଘରର ଦାସୀପରିବାରଙ୍କଠାରୁ ସୁନନ୍ଦା, ସୂର୍ଯ୍ୟକାନ୍ତ ଓ ଅବିନାଶଙ୍କ ଦୁରାଚାର ଶୁଣିଲେ, ସେ ନିଜ ଘରର ପୂର୍ବ ମାନ ସମ୍ମାନ ଓ ଆଭିଜାତ୍ୟ ପ୍ରତି ଦୃଷ୍ଟିଦେଇ ଭୋ···ଭୋ କାନ୍ଦି ପକାଇଲେ । ସେଘରେ ଜଳ ସ୍ପର୍ଶ କରିବା ପାଇଁ ତାଙ୍କର ଇଚ୍ଛା ହେଲାନାହିଁ । ସେ ସଙ୍ଗେ ସଙ୍ଗେ ପୁରୀ ଫେରି ଆସିଲେ । ଜଗନ୍ନାଥଙ୍କ ଶ୍ରୀଚରଣ ତଳେ ମୁଣ୍ଡ ଲଗାଇ ପୁନର୍ବାର କାନ୍ଦିଉଠି କହିଲେ, 'ହେ ଦୟାମୟ ! ମୋ ପୁଅ ବୋଉଙ୍କୁ ସଦ୍‌ବୁଦ୍ଧି ଦିଅ । ମୋ ଘର ଧ୍ୱଂସ ହୋଇଗଲା । କ୍ଷମାକର ପ୍ରଭୋ !' ପଦ୍ମାବତୀ ନିତ୍ୟ ନିୟମିତ ଭାବେ ମନ୍ଦିରକୁ ଯାଇ ଦିଅଁଙ୍କୁ ଏହି [illegible]ଜଣାଣ ହିଁ ଜଣାନ୍ତି । ତାଙ୍କ ଆଖିର ତପ୍ତଲୁହ ନିତ୍ୟପ୍ରତ୍ୟହ ବଡ଼ଦେଉଳର ପଥର ଚଟାଣ

ଉପରେ ହିଁ ଶୁଖିବାରେ ଲାଗିଲା । ହେଲେ ମଧ୍ୟ ପଦ୍ମାବତୀଙ୍କ ଅଟଳ ବିଶ୍ୱାସ, ଠାକୁର ନିଶ୍ଚୟ ତାଙ୍କ ଗୁହାରି ଶୁଣିବେ ।

ଆଜି ବଡ଼ଏକାଦଶୀ । ଠାକୁରଦର୍ଶନ ପାଇଁ ପଦ୍ମାବତୀ ଭିତରର ଗରୁଡ଼ ବେଢାରେ ପହଞ୍ଚିଲେ । ସନ୍ଧ୍ୟାଳତି ସମୟ । ହଠାତ୍ ପଛରୁ କିଏ ଯେମିତି 'ବୋଉ···ବୋଉ' ଡାକି ତାଙ୍କର ନାମାବଳୀଟାକୁ ଝିଙ୍କି ଧରିଲା । ସେ ପଛକୁ ଚାହିଁଲେ—ଇନ୍ଦ୍ରା । ସେହିଠାରେ ହିଁ ଉଭୟେ ଉଭୟଙ୍କୁ ନିବିଡ଼ ଆଲିଙ୍ଗନ କରି ଭେଁ···ଭେଁ କାନ୍ଦି ଉଠିଲେ । ଗରୁଡ଼ ବେଢାର ପଥର ଚଟାଣ ମିଳନର ସୁମଧୁର ଅଶ୍ରୁରେ ଧୋଇ ହୋଇଗଲା । ଆଳତି ଘଣ୍ଟା ବାଜି ଉଠିଲା । ଦୁହେଁ ଠାକୁରଙ୍କୁ ପ୍ରଣାମ ଜଣାଇଲେ । ପଦ୍ମାବତୀ ବାଷ୍ପାକୁଳକଣ୍ଠରେ ପ୍ରଶ୍ନକଲେ, 'ତୁ ଏଇଠି, ମା ! ମୋର ସତ୍ୟ ?' ବୃଦ୍ଧାଙ୍କ ଚକ୍ଷୁରୁ ଟପଟପ ଲୁହ ଗଡ଼ିପଡ଼ିଲା । ଇନ୍ଦ୍ରା ଉତ୍ତର ଦେଲା, 'ଏଇଠି···ହାସପାତାଲରେ ।' ସଙ୍ଗେ ସଙ୍ଗେ ପଦ୍ମାବତୀ ଅବାକ୍ ହୋଇ କହି ଉଠିଲେ, 'ହାସପାତାଲରେ ! କାହିଁକି ମା ? ମୋ ସତ୍ୟର କଣ ହୋଇଛି ?' ଇନ୍ଦ୍ରା କହିଲା, 'କିଛିନାହିଁ ବୋଉ, ଟାଇଫଏଡ୍ ହୋଇଥିଲା, ବର୍ତ୍ତମାନ ଭଲ ଅଛନ୍ତି ।' 'ଚାଲ, ଚାଲ ମା !' କହି ପଦ୍ମାବତୀ ଇନ୍ଦ୍ରାର ହାତଧରି ଟାଣିଲେ ।

ପଦ୍ମାବତୀଙ୍କୁ ଧରି ଇନ୍ଦ୍ରା ହାସପାତାଲରେ ପ୍ରବେଶ ହେଲା । ସତ୍ୟବ୍ରତ ଚିତ୍କାର କଲା, 'ମୋ···ବୋଉ···ବୋଉ' । ଖଟ ଉପରୁ ଡେଇଁଆସି ପଦ୍ମାବତୀଙ୍କୁ ପୋଟାଳି ପକାଇଲା । ପଦ୍ମାବତୀ ସତ୍ୟବ୍ରତର ଗଣ୍ଡଦେଶରେ ଚୁମ୍ବନ ଦେଉ ଦେଉ ତାଙ୍କ ଚକ୍ଷୁଯୁଗଳ ଲୋତକରେ ଛଳଛଳ ହୋଇଗଲା । ଅତୀତ ବର୍ତ୍ତମାନ ସବୁ ଆଜି ଯେପରି ମୂର୍ତ୍ତି ଧାରଣ କରି ତାଙ୍କ ଆଖି ଆଗରେ ଠିଆହେଲା । ସତ୍ୟବ୍ରତ ଆକୁଳ ଆବେଗ ସ୍ୱରରେ କହିଲା, 'ବୋଉ···ବୋଉ···! ସୂର୍ଯ୍ୟ···

ସୁନନ୍ଦା···କକା···ସବୁ କାହାନ୍ତି ? ଓଃ ! କି ଗୋଟାଏ ପରିବର୍ତ୍ତନ ହୋଇଗଲା, ବୋଉ ! ଓଃ ! ଓଃ ! ଚିନ୍ତାକଲେ ମନଟା ଦାବାନଳ ପରି ଧୂଧୂ ଜଳି ଉଠୁଛି । କାହିଁ ସେ ଘରଦ୍ୱାର···ଭୂମିବାଡ଼ି··· ଆଭିଜାତ୍ୟ, ଅଭିମାନ···ଆଉ, କାହିଁ ଆଜିର ଅବସ୍ଥା ! ଧନ୍ୟ ପ୍ରଭୁ ! ଧନ୍ୟ ତୁମର ଖେଳାଖେଳା !' ଇନ୍ଦ୍ରା ଲୋତକ ଗଡ଼ାଇ ନିକଟରେ ବସିରହିଲା । ପଦ୍ମାବତୀ କହିଲେ, 'ଓଃ···ଓଃ ! ସେକଥା କହି ଆଉ କଷ୍ଟ ଦେ'ନା ବାପ ! ମୁଁ ଏ ଭିତରେ ଘରକୁ ଯାଇ ଫେରିଛି । ଘର ଶୂନ୍ୟ ହୋଇଛି ।' ସତ୍ୟ ଅବାକ୍ ହୋଇ ପ୍ରଶ୍ନକଲା, 'ବୋଉ··· କଣ କହୁଛୁ ? ସୂର୍ଯ୍ୟ···ସୁନନ୍ଦା ?' 'ପୁଅରେ, ସେସବୁ ବଡ଼ ମର୍ମନ୍ତୁଦ ଘଟଣା । ସେମାନେ ପୁଲିସ୍‌ଦ୍ୱାରା ଗିରଫ ହୋଇଛନ୍ତି । ଓଃ···ଓଃ··· ଦାନପୁର ଶ୍ରୀବତ୍ସର ପୁଅ ବୋଉ ଆଜି ଜେଲ୍ ଭୋଗିଲେ ! ହା ଭଗବନ୍ ! ଏ ପାପ କପାଳରେ କ'ଣ ଲେଖାଥିଲା ସତେ !' ପଦ୍ମାବତୀ କାନ୍ଦି ଉଠିଲେ । ସତ୍ୟବ୍ରତ ଦ୍ୱିଗୁଣ ବ୍ୟାକୁଳିତ ହୋଇ କହିଲା, 'କ'ଣ···କ'ଣ ଗୁଡ଼ାଏ କହିଯାଉଛୁ, ବୋଉ ? ତୁ କ'ଣ ପାଗଳୀ ହୋଇଯାଇଛୁ ?' 'ନା···ନା'ରେ ପୁଅ, ମୁଁ ପାଗଳୀ ନୁହେଁ । ମୁଁ ସ୍ୱଚକ୍ଷୁରେ ଦେଖି ଆସିଛି । ତା'ପରେ ଘରର ଦାସୀପରିବାରଙ୍କ ଠାରୁ ଶୁଣି ଆସିଛି । ସମସ୍ତ ବିଷୟ ମୁଁ ଜାଣେ । ଓଃ···ଓଃ··· ·ସେସବୁ ଆଉ ପୁନରାବୃତ୍ତି କରିପାରିବ ନାହିଁରେ ପୁଅ ! ମୋତେ ବିଳାନା !' ପଦ୍ମାବତୀ ଏତିକି କହି ଚକ୍ଷୁର ଲୋତକଧାର ପୋଛିଲେ । ସତ୍ୟ ଅଧିକ ବ୍ୟାକୁଳ ହୋଇ ବୋଉର ବାହୁଟାକୁ ହଲାଇଦେଇ ବାଷ୍ପାକୁଳ କଣ୍ଠରେ ନିବେଦନ କଲା, 'ବୋଉ, ବୋଉ, କହ ! ସବୁ ମୋର ଦୋଷ···ମୋର ଦୋଷ ବୋଉ ! ମୁଁ ଯଦି ପ୍ରକୃତ ଗୃହସ୍ଥର ଧର୍ମ ପାଳନ କରନ୍ତି, ଏ... ଘଟନା ଘଟନା ନାହିଁ । ମୋର ଅମାନୁଷିକତା ହିଁ ସମସ୍ତ ଘଟଣା ପାଇଁ ଦାୟୀ । ପଦ୍ମାବତୀ

କହିଲେ, 'ନା···ନା···ତୁ ମୋ ଘରର ପ୍ରଦୀପ···ବଂଶର ତିଳକ । ମୁଁ ସବୁ ଜାଣିଛି ରେ ସତ୍ୟ ! ତୁ ଘରୁ କିପରି ବିତାଡ଼ିତ ହେଲୁ··· । ନା···ନା, ମୁଁ ଆଉ କହିପାରିବି ନାହିଁ ।' ସତ୍ୟ ବୋଉକୁ ସାନ୍ତ୍ୱନା ଦେଇ, 'ବୋଉ, ଏପରି ବିଚଳିତ ହେବା ଉଚିତ ନୁହେଁ । ଯାହା ଘଟିବା କଥା ଘଟିଯାଇଛି । ଉତ୍ଥାନ ପତନ···ଝଡ଼ ଝଞ୍ଜା ଯେ ସଂସାରର ଚିରନ୍ତନ ବସ୍ତୁ, ବୋଉ ! ଯେଉଁ ଲୋକର ଜୀବନ ଝଡ଼ଝଞ୍ଜା ଭିତରେ ଦେଇ ଗତି କରିନାହିଁ, ତା' ଜୀବନ ଜୀବନ-ପଦବାଚ୍ୟ ନୁହେ । କୌଣସି ଶୋଚନା କର ନାହିଁ, ବୋଉ ! ସବୁ କହିସା' ।' ଇନ୍ଦ୍ରା ନିକଟରେ ବସି ବୋଉମୁହଁକୁ ଚାହିଁ ରହିଲା । ପଦ୍ମାବତୀ ଆରମ୍ଭ କଲେ । ତାଙ୍କ କଣ୍ଠ ବାଷ୍ପରୁଦ୍ଧ ହେଲାପରି ବୋଧ ହେଲା । ସେ ମୁହୁର୍ମୁହୁ ଲୋତକ ପୋଛି କହିବାରେ ଲାଗିଲେ । ଆଗରେ ସତ୍ୟ ଓ ଇନ୍ଦ୍ରା ବସି ଲୋତକ ଗଡ଼ାଇ ଗଡ଼ାଇ ଶୁଣିବାରେ ଲାଗିଲେ । ବେଳେବେଳେ କଥା ସଙ୍ଗେ ସଙ୍ଗେ ସତ୍ୟର ନୟନ ବିସ୍ଫାରିତ ହେଲା । ମୁହଁରେ ଘୋର ଆତଙ୍କ ଦେଖାଦେଲା । ଇନ୍ଦ୍ରାର ଚକ୍ଷୁରୁ ଧାରଧାର ଲୋତକ ଗଡ଼ିଲା । ବୁକୁରେ ତା'ର ଧୂଧୂ ଅଗ୍ନିଶିଖା । ଅବିନାଶବାବୁଙ୍କ ହତ୍ୟା ସମ୍ବାଦ ଇନ୍ଦ୍ରାବୁକୁରେ ତୀବ୍ର ଆଘାତ ଆଣିଲା । କେବଳ ଅନିମା··· ଅନିମା ପାଇଁ··· ।

ଠିକ୍ ଏପରି ସମୟରେ ଘର ଭିତରେ ପ୍ରବେଶ କଲା— ଅନିମା । କୋଳରେ ତା'ର ଟୁନୁ । ଇନ୍ଦ୍ରା ସଙ୍ଗେ ସଙ୍ଗେ ଉଠି ଟୁନୁକୁ ଟାଣିଆଣି କହି ଉଠିଲା, 'ବୋଉ ! ବୋଉ ! ଏ ହେଉଛନ୍ତି ଅନିମା ଅପା । ତୁମେ ଯେଉଁ ଅବିନାଶବାବୁଙ୍କ କଥା କହୁଥିଲ, ତାଙ୍କର ଧର୍ମପତ୍ନୀ । ସ୍ୱାମୀଙ୍କର [illegible]ସମ୍ୟରେ ଆଜି ଗୃହଚ୍ୟୁତା । ଉଃ ! ଭଗବାନଙ୍କର କି ବିକଟ ପରୀକ୍ଷା, ବୋଉ ! ଉଃ···ଉଃ ! ଏଣେ

ଦେଖ, ଅବିନାଶବାବୁଙ୍କର ଏକମାତ୍ର କୁଳାଙ୍କୁର ଟିନୁ । ବୋଉ… ବୋଉ ! ସଂସାରରେ ସତେ ଏପରି କୃତଘ୍ନ ଅଛନ୍ତି, ଯେ କି ନିଜ ପତ୍ନୀ ପୁତ୍ରଙ୍କୁ ଛାଡ଼ି ବ୍ୟଭିଚାରରେ ବୁଡ଼ି ରହନ୍ତି !' ପଦ୍ମା ଅନିମାର ହାତ ଧରି ଟାଣି ଆଣିଲେ ପୁଣି କହିଲେ, 'ଏ କିପରି ଏଠାକୁ ଆସିଲେ ମା ! ଏଇଠି କ'ଣ କରୁଛନ୍ତି ?' ଇନ୍ଦ୍ରା ଉତ୍ତର ଦେଲି, 'ମାତୃମୟୀ ଏଇ ନାରୀର କର୍ତ୍ତବ୍ୟ ଧର୍ମ ଆଜି ସେବାରେ ହିଁ ପରିଣତ ହୋଇଛି, ବୋଉ ! ସେ ଏହି ହାସପାତାଳରେ ନାର୍ସ ହୋଇ ଧନୀଦରିଦ୍ର ସମସ୍ତ ରୋଗୀଙ୍କର ସେବା ହିଁ ନିଜର ବ୍ରତରୂପେ ଗ୍ରହଣ କରିଛନ୍ତି । ବୋଉ ! ଜଣେ କୃତଘ୍ନ ସହ ଏପରି ନାରୀର ବିବାହ ମଧ୍ୟ ଏ ଜଗତରେ ହୋଇପାରେ ! କି ବିଚିତ୍ରମୟ ସୃଷ୍ଟି !' ପଦ୍ମାବତୀ କହିଲେ, 'ଏଇଠି ସବୁ ସମ୍ଭବ ମା ! ସବୁ ବଡ଼ଠାକୁରଙ୍କ ଲୀଳା ।'

ଇନ୍ଦ୍ରା ବ୍ୟାକୁଳ କଣ୍ଠରେ ପ୍ରଶ୍ନକଲେ, 'ତା'ପରେ ଅବିନାଶବାବୁ କେଉଁଆଡ଼େ ଗଲେ, ବୋଉ ?' ଅନିମା ନିର୍ନିମେଷ ନୟନରେ ଚାହିଁ ରହିଲା । ପଦ୍ମାବତୀ କହିଲେ, 'ମୁଁ ଜାଣେ ନାହିଁ ମା । ତା'ପରେ ସୂର୍ଯ୍ୟ, ସାନବୋଉ ଓ ଶ୍ରୀକାନ୍ତକୁ ଅବିନାଶ-ବାବୁଙ୍କର ହତ୍ୟାକାରୀ ରୂପେ ସନ୍ଦେହ କରି ପୁଲିସ୍ ଗିରଫ କରି ନେଇଗଲେ । ଶେଷକାଳକୁ ଏହାହିଁ ଦେଖିବା ବାକିଥିଲା, ମା… ।' ପଦ୍ମାବତୀଙ୍କ କଥା ନ ସରୁଣୁ ଅନିମା ଭୋ…ଭୋ କାନ୍ଦି ଉଠିଲା । 'ଦେବତା ମୋର ଜୀବନରେ ନାହାନ୍ତି ? ସତ କହୁଛ ବୋଉ ? କହ…କହ !' ଅନିମା ଲୋତକଭରା ଚକ୍ଷୁରେ ପଦ୍ମାବତୀଙ୍କ ନିକଟକୁ ଆସି ତା'ଙ୍କ ଦୁଇହାତ ଧରି ପକାଇଲା । ପଦ୍ମାବତୀ କହିଲେ, 'ନା…ନା, ସେପରି ବ୍ୟାକୁଳ ହୁଅନାହିଁ । ମୋର ବିଶ୍ୱାସ ଅବିନାଶବାବୁ ଅନୁତାପ କରି କେଉଁଆଡ଼େ ଚାଲି ଯାଇଛନ୍ତି ।

'ସତ କହ, ସତ କହ ବୋଉ ! ମୋ ଦେବତା ଅଛନ୍ତି କି ନାହିଁ ?' ଅନମା ମୁହୁର୍ମୁହୁ ପ୍ରଶ୍ନ କଲା । ସତ୍ୟବ୍ରତ ସାନ୍ତ୍ୱନା ଦେଲା । ଇନ୍ଦ୍ରା ଅନମାକୁ ଟାଣିଆଣି କେତେ କହିଲା । ତା' ଚକ୍ଷୁର ଲୁହଧାର ପୋଛିଦେଲା । ହେଲେ ମଧ୍ୟ ଅନମା ଅବୁଝା, ବୁଝିଲା ନାହିଁ । ସେ ଟୁନୁକୁ କୋଳରେ ଭିଡ଼ି ଧରି ଚାଲିଯିବା ପାଇଁ ଉଦ୍ୟତ ହେଲା । ଇନ୍ଦ୍ରା ତାକୁ ଭିଡ଼ିଧରି ପ୍ରଶ୍ନକଲା, 'ଅପା ! ଅନମା ଅପା ! କେଉଁଆଡ଼େ ଯିବୁ ?' 'ମୁଁ ମୋ ଦେବତା ନିକଟକୁ ଚାଲିଯିବି, ଛାଡ଼...ଛାଡ଼ । ମୁଁ ତାଙ୍କ ବିନା ନିମିଷେ ବଞ୍ଚି ରହିପାରେ ନା ।' ଅନମା ଏଇତକ କହି କହି ଭିଡ଼ିଓଟାରି ହୋଇ ଚାଲିଗଲା । ଇନ୍ଦ୍ରା ତା' ପଛେ ପଛେ ଧାଇଁଲା । ତା' ପଛେ ପଛେ ସତ୍ୟବ୍ରତ ମଧ୍ୟ ବ୍ୟାକୁଳ ଭାବେ ଅନୁଧାବନ କଲା । ପୁଣି ପଦ୍ମାବତୀ ମଧ୍ୟ ଗୋଡ଼ାଇଲେ । ଇନ୍ଦ୍ରା ଅନମାକୁ ଭିଡ଼ି ଧରିଲା । ସତ୍ୟବ୍ରତ ଓ ପଦ୍ମାବତୀ ମିଶି ତାଙ୍କୁ ନିବୃତ୍ତ କଲେ ପୁଣି ସାନ୍ତ୍ୱନା ଦେଲେ—'ବର୍ତ୍ତମାନ ଯିବାପାଇଁ ଉପାୟ ନାହିଁ । ସକାଳ ଗାଡ଼ିରେ ନିଶ୍ଚୟ ସମସ୍ତେ ମିଶି ତୁମ ସଙ୍ଗେ ଯିବେ । ବର୍ତ୍ତମାନ ଧୈର୍ଯ୍ୟ ଧର, ଅନମା !' ବହୁ କଷ୍ଟରେ ଅନମା ବାସ୍ତବତା ହୃଦୟଙ୍ଗମ କଲା । ଧୈର୍ଯ୍ୟଧରି ରହିଲା । ହେଲେ ବି ଚକ୍ଷୁରୁ ଲୋତକଧାର ଶୁଖିଲା ନାହିଁ । ସାରା ରାତି ସେ ଅନିଦ୍ରାରେ ହିଁ କଟାଇଲା । ଯା'ଲାଗି ସେ ଆଜି ଗୃହଚ୍ୟୁତା, ତା'ର ପାଇଁ ଆଜି ପାଗଳିନୀ ହୋଇଛି ଅନମା । ଓଡ଼ିଆଝିଅ ପତିଅଭିମାନିନୀ । ପତି ନିକଟରେ ସେ ଅଭିମାନ କରି ଭିକାରୁଣୀ ହୋଇପାରେ, କିନ୍ତୁ ସ୍ୱାମୀର ଅମଙ୍ଗଳ ଭାବନା କରେ ନାହିଁ । ସ୍ୱାମୀ ମଦ୍ୟପୀ, ଲମ୍ପଟୀ ହୁଅନ୍ତୁ, ସେ ତା'ର ପ୍ରତିବାଦ କରି ସ୍ୱାମୀବିଚ୍ଛେଦ ସହ୍ୟ କରିପାରେ, କିନ୍ତୁ ସ୍ୱାମୀପୂ[illegible]ଭୁଲେ ନାହିଁ ।

ଗିତ ପାହିଲା । ସତ୍ୟବ୍ରତ, ଇନ୍ଦ୍ରା, ଅନିମା ଓ ପଦ୍ମାବତୀ ଷ୍ଟେସନ୍‌ରେ ପହଞ୍ଚିଲେ । ଅନିମାର ଆଖିରୁ ଏପର୍ଯ୍ୟନ୍ତ ଲୋତକଧାର ଶୁଖିନାହିଁ । ଇନ୍ଦ୍ରା ପଦେ ପଦେ ସାନ୍ତ୍ୱନା ଦେବାରେ ଲଗିଛି । ପଦ୍ମାବତୀ କହିଲେ, 'ଅନିମା ! ତୁମେ ଏମିତି ଅବୁଝା ହେଉଛ । ପୁଲିସ୍ ନାନା ଭବେ ଭବି ପାରନ୍ତି । କିନ୍ତୁ ମୁଁ ଯେତେଦୂର ବିଶ୍ୱାସ କରେ, ଅବିନାଶବାବୁ ଜୀବିତ ଅଛନ୍ତି ।' ସତ୍ୟ କହିଲା, 'ଧୈର୍ଯ୍ୟ ଧର, ଅନିମା ! ବିପଦର ଆଭାସ ପାଇବା ସଙ୍ଗେ ସଙ୍ଗେ ବିଚଳିତ ହେବା ଉଚିତ ନୁହେ । ବିପଦକୁ ଅଙ୍ଗେ ଲଭାଇବାରେ ହିଁ ମନୁଷ୍ୟତ୍ୱର ମହତ୍ତ୍ୱ ନିହିତ ଅଛି ।'

# ବାଇଶି

**ଅ**ଦାଲତରେ ସୂର୍ଯ୍ୟକାନ୍ତ, ସୁନନ୍ଦା ଓ ଶ୍ରୀକାନ୍ତଙ୍କୁ ପୃଥକ୍ ପୃଥକ ଜେରା କରାଯାଇଛି । ସୁନନ୍ଦାକୁ ଷ୍ଟ୍ରେଚର୍ ଯୋଗେ ଅଦାଲତକୁ ଅଣାଯାଏ । ଜେରାର ଉତ୍ତର ସ୍ୱରୂପ ସେମାନଙ୍କ ମୁଖରୁ ନିରାଟ ସତ୍ୟ ଘଟଣାହିଁ ପ୍ରକାଶ ପାଇଛି । ସେମାନେ କହିଛନ୍ତି ଯେ, ଅବିନାଶବାବୁଙ୍କୁ ହତ୍ୟା କରାଯାଇ ନାହିଁ । ସେ ଅଦ୍ୟାପି ଜୀବିତ ଥିବା ସେମାନଙ୍କର ବିଶ୍ୱାସ । ଅବିନାଶବାବୁ ନିଜେ ହିଁ ଗୁଳି ଚଳାଇଥିଲେ । ତାଙ୍କର ଗୁଳିଗୋଟିରେ ସୁନନ୍ଦା ଆଘାତ ପାଇଛି । ସେତେବେଳକୁ ଅବିନାଶବାବୁଙ୍କର ଚେତନା ନଥିଲା । ସେ ନିଜର ପତ୍ନୀବିଚ୍ଛେଦରେ ମର୍ମାହତ ହୋଇଯାଇଥିଲେ ପୁଣି ଅନୁତାପର ତୀବ୍ର ଅନଳରେ ଦଗ୍ଧୀଭୂତ ହୋଇ ଆତ୍ମଚେତନା-ଶୂନ୍ୟ ହୋଇଯାଇଥିଲେ । ଅନ୍ୟାନ୍ୟ ସମସ୍ତ ଘଟଣା ତନହେଁ

କରି ଯାଇଛନ୍ତି । ଶ୍ରୀକାନ୍ତ ନିଜର କୁମନ୍ତ୍ରଣା ମଧ୍ୟ ଅଦାଲତ ସମକ୍ଷରେ ପ୍ରକାଶ କରିବା ପାଇଁ ପଚ୍ଛାଇ ନାହାନ୍ତି । ସେ ଅନୁତାପର ତୀବ୍ର ଆବେଗରେ କହି ପକାଇଛନ୍ତି, 'ହଜୁର୍, ମୁଁ ହିଁ ପ୍ରକୃତ ଦୋଷୀ । ନିଜ କୁଟୁମ୍ବ ଆପଣା ମଧ୍ୟରେ ନିଜେ ହଳାହଳ ରଚନା କରିଛି । ମୁଁ ଫାଶୀ ପାଇବା ଉଚିତ ।' ସେ ଅଦାଲତରେ ଭେ...ଭେ କାନ୍ଦି ପକାଇଛନ୍ତି । ସୂର୍ଯ୍ୟକାନ୍ତ ଆଧିପତ୍ୟ ମୋହରେ କପଟ ନିଜର ପତ୍ନୀର ନାରୀତ୍ୱ ବନ୍ଧକ କରିବା ପାଇଁ ପଚ୍ଛାଇ ନଥିଲେ ପୁଣି କପଟ ଶ୍ରୀକାନ୍ତଙ୍କର କୁପରାମର୍ଶରେ ନିଜର ସାଧୁ ସରଳ ଅଗ୍ରଜଙ୍କୁ ମଧ୍ୟ ହତ୍ୟା କରିବା ପାଇଁ ପ୍ରସ୍ତୁତ ଥିଲେ, କହି ପକାଇଛି । ଶେଷରେ ସେ ନିଜେ ସ୍ୱୀକାର କରିଛି ଯେ—ସେ ହିଁ ପ୍ରକୃତ ଦୋଷୀ । ସେ ଫାଶୀଦଣ୍ଡ ଭୋଗିବା ଉଚିତ । ସୁନନ୍ଦା ବଡ଼ଘର କୁଳବଧୂ ହୋଇ ମଧ୍ୟ ଅନୁତାପରେ ମି୍ରୟମାଣ ହୋଇ ନିଜର ବ୍ୟଭିଚାରୀ ମନୋବୃତ୍ତି ଦ୍ୱାରା ସେ କପଟ ଅବିନାଶବାବୁଙ୍କୁ ବଶ କରିପାରିଥିଲା ପୁଣି ସୂର୍ଯ୍ୟକାନ୍ତଙ୍କୁ ଆଧିପତ୍ୟର ଲାଳସା ଦେଖାଇ କପଟ ନିଜର କୁପ୍ରବୃତ୍ତି ଚରିତାର୍ଥ କରିବା ପାଇଁ ସତତ ଚେଷ୍ଟା କରୁଥିଲା, ଅସଙ୍କୋଚ ଚିତ୍ତରେ ପ୍ରକାଶ କରି ପକାଇଛି । ଶେଷରେ ସେ ମଧ୍ୟ ସ୍ୱୀକାର କରିଛି ଯେ ସେ ହିଁ ପ୍ରକୃତ ଦୋଷୀ, ଏଣୁ ଫାଶୀ ଦଣ୍ଡ ପାଇବା ଉଚିତ । ଅଦାଲତ ଏ ପର୍ଯ୍ୟନ୍ତ ଠିକ୍ କରିପାରି ନାହାନ୍ତି ଯେ ପ୍ରକୃତରେ ଅବିନାଶବାବୁଙ୍କୁ ହତ୍ୟା କରାଯାଇଛି କି ନା । ଏଣୁ ସାରା ଦେଶରେ ପୁଲିସ୍ ପରଓ୍ୱାନା ଜାରି ହୋଇଛି । ପ୍ରତ୍ୟେକ ଜାଗାକୁ ଅବିନାଶବାବୁଙ୍କ ଫୋଟ ପଠାଯାଇ ଜଣାଇ ଦିଆଯାଇଛି ଯେ ଅବିନାଶବାବୁଙ୍କୁ ଯେକୌଣସି ମତେ ତନାଘନା ତଦନ୍ତ ଚଳାଇ ଅଦାଲତରେ ଉପସ୍ଥିତ କରାଇବାକୁ ହେବ । ପୂର୍ବ ଘଟଣାର ସମସ୍ତ ଟିକିନିଖି ବୃତ୍ତାନ୍ତ ମଧ୍ୟ ଜଣାଇ ଦିଆଯାଇଛି ।

ଅବିନାଶବାବୁ ଅନିମା···ଅନିମା କହି କହି ରାଜପଥ ଉପରେ ରାଜପଥ ଅତିକ୍ରମ କରି ଖୋର୍ଦ୍ଧା ରେଲଷ୍ଟେସନ୍‌ରେ ପହଞ୍ଚିଛନ୍ତି । ପାସେଞ୍ଜର ଆସିବା ପାଇଁ ଆଉ ଅଳ୍ପ ସମୟ ବାକି ଅଛି । ଷ୍ଟେସନ୍‌ରେ ଯାତ୍ରୀଙ୍କ ଖୁବ୍ ଭିଡ଼ । ଏପରି ସମୟରେ ପାଗଳ ଅବିନାଶବାବୁ ପ୍ଲାଟଫାର୍ମରେ ଉପସ୍ଥିତ ହେଲେ । ମୁଣ୍ଡରେ ସେହିପରି ପଟି ଭିଡ଼ା ହୋଇଛି । ହଠାତ୍ ଜଣେ ଅବଗୁଣ୍ଠନବତୀ ସ୍ତ୍ରୀଲୋକର ହାତ ଧରିପକାଇ ତା' ମୁହଁକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହି ଉଠିଲେ—ଅନିମା···ଅନିମା···ତୁମେ···ତୁମେ ! ସ୍ତ୍ରୀବ୍ୟକ୍ତିର ସ୍ୱାମୀ ଚିତ୍କାର କଲା, 'ଦୂର ହୁଅ ! ହାତ ଛାଡ଼ !' ତଥାପି ପାଗଳ ଅବିନାଶବାବୁ ସ୍ତ୍ରୀବ୍ୟକ୍ତିର ହାତ ଛାଡ଼ିଲେ ନାହିଁ । ପୁଲିସ୍ ଆସିଲେ । ସଙ୍ଗେ ସଙ୍ଗେ ପୁଲିସ୍ ଇନ୍‌ସପେକ୍ଟର ଆସି ପହଞ୍ଚିଗଲେ । ସେ ପାଗଳ ଅବିନାଶଙ୍କୁ ଦେଖିବା ସଙ୍ଗେ ସଙ୍ଗେ କହିଉଠିଲେ, 'ଓ ! ଆପଣ ଅବିନାଶବାବୁ, ନୁହେଁ ?' ପାଗଳଟା ଉତ୍ତର ଦେଲା, 'ହିଁ···ହିଁ···କିଏ···ଅନିମା···ଅନିମା ?' ଠିକ୍ ଏତିକିବେଳେ ପାସେଞ୍ଜର ଗାଡ଼ି ପହଞ୍ଚିଗଲା । ବସିଯିବା ପାଇଁ ଲୋକେ ତରବର ହେଲେ । ଅବିନାଶବାବୁ ଏଣେ ସ୍ତ୍ରୀବ୍ୟକ୍ତିଟିର ହାତ ଛାଡ଼ୁନାହାନ୍ତି । ପୁଲିସ୍ ଜୋର୍ କରି ପାଗଳର ହାତ ଛଡ଼ାଉଛି । ହେଲେ ବି ପାଗଳର ମୁହଁରେ, 'ଅନିମା···ମୋ ଅନିମା' ।

ଏହି ଗଣ୍ଡଗୋଳର ଠିକ୍ ସାମ୍ନାଡବାରେ ବସି ଏକଦୃଷ୍ଟିରେ ଚାହିଁ ରହିଛି ଅନିମା । କୋଳରେ ତା'ର ଝିନୁ । ମନରେ ତା'ର ଆତଙ୍କ···ଆକାଂକ୍ଷା···ସନ୍ଦେହ । ଚାହିଁ···ଚାହିଁପାରୁ ନାହିଁ । ଡବାର ଦ୍ୱାରମୁହଁକୁ ଆସି ନିରୀକ୍ଷଣ କଲା । ଏତିକିବେଳେ ଜଣେ ପୁଲିସ୍ ପାଗଳଟାର ଉପରେ ଦୁ[illegible]ର ଗୋଟାଏ ବାଧା ବସାଇଦେଲା । ପାଗଳଟା ପ୍ରାଣ ବିକଳରେ ଚିତ୍କାର କଲା, 'ଉଃ ! ଅନିମା···

ଅନିମା···ମରିଗଲି !’ କହି ସଙ୍ଗେ ସଙ୍ଗେ ସ୍ତ୍ରୀବ୍ୟକ୍ତିର ହାତ ଛାଡ଼ିଦେଲା । ପୁଲିସ୍ ଗିରଫ କଲେ । ଏଥର ‘ଅନିମା’ ଡାକ ଶୁଣି ଅନିମାର ସନ୍ଦେହ ଦୂର ହେଲା । ଟୁନୁକୁ କୋଳରେ ଭିଡ଼ି ସେ ତରତର ଓହ୍ଲାଇ ପାଗଳଟା ନିକଟକୁ ଦୌଡ଼ିଲା । ସଙ୍ଗେ ସଙ୍ଗେ ଇନ୍ଦ୍ରା, ସତ୍ୟବ୍ରତ ଓ ପଦ୍ମାବତୀ ମଧ୍ୟ ଓହ୍ଲାଇଗଲେ । ଅନିମା ପାଗଳ ଅବିନାଶବାବୁଙ୍କ ପାଦତଳେ ଲୋଟିପଡ଼ି ଓଃ···ଓଃ କାନ୍ଦି ଉଠିଲା । ସତ୍ୟବ୍ରତ ଧାଇଁ ଯାଇ ଅବିନାଶବାବୁଙ୍କୁ ଜାବୁଡ଼ି ପକାଇଲା । ପାଗଳ ଅବିନାଶଙ୍କ ଚକ୍ଷୁରୁ ଧାରଧାର ଲୋତକ ଗଡ଼ିପଡ଼ିଲା । ସେ ଖାଲି ଅବାକ୍ ହେଲାପରି ଉପରକୁ ଚାହିଁ କହିଲେ, ‘ଅନିମା···ଅନିମା’ କହି ଅନିମାକୁ ଆସ୍ତେ ଉଠାଇ ଛାତି ଉପରେ ନିବିଡ଼ଭାବେ ଆଲିଙ୍ଗନ କରି କହିଲେ, ‘ମୋ ଅନିମା··· ଅନିମା’ । ଇନ୍ଦ୍ରା ଅନିମା କୋଳରୁ ଟୁନୁକୁ ଉଠାଇନେଲା । ଅବିନାଶ-ବାବୁଙ୍କ ପାଗଳ ମନଟା ଆଜି ଯେମିତି ଖୁବ୍ ଆନନ୍ଦଉଲ୍ଲାସର ହୋଇଗଲା । ପାଗଳଟା ଇନ୍ଦ୍ରା କୋଳରୁ ଟୁନୁକୁ ଉଠେଇନେଇ ମୁହଁମୁହଁ ଚୁମ୍ବନ ଦେଲା । ଟୁନୁ ଚିତ୍କାର କଲା । ପ୍ଲାଟଫର୍ମ ଉପରେ ଏ ଘଟଣା ଦେଖିବା ପାଇଁ ଅସଂଖ୍ୟ ଲୋକ ରୁଣ୍ଡ ହୋଇଗଲେ । ପାଗଳଟା ଗୋଟାଏ ଯୁବତୀକୁ ଆଲିଙ୍ଗନ କରିଥିବା ଦେଖି ହସି ଉଠିଲେ । ଏ ସ୍ଥଳରେ ଅପମାନ ବୋଧ କରିବା ପାଇଁ ସେତେବେଳକୁ ଅନିମାର ମଧ୍ୟ ଚେତନା ନଥିଲା । ନିଜର ଦେବତାଙ୍କୁ ସେ ପାଇଛି—ଏଇ ସଫଳ ସ୍ୱପ୍ନ ହିଁ ତା’ ମନରେ ଅପୂର୍ବ ଆନନ୍ଦ ପ୍ରଦାନ କଲା । ପଛରୁ ପୁଲିସ୍ ଇନ୍‌ସପେକ୍ଟର ଚଡ଼ା-ଗଳାରେ କହି ଉଠିଲେ, ‘ଅବିନାଶବାବୁ ! ଶୀଘ୍ର ରେଲଡବାରେ ବସନ୍ତୁ । ଆପଣଙ୍କୁ ବ୍ରହ୍ମପୁର ଅଦା[illegible]ର ଉପସ୍ଥିତ କରିବା ପାଇଁ ପୁଲିସ୍ ପରୱାନା ଜାରି ହୋଇଥିଲା [illegible] ସଙ୍ଗେ ସଙ୍ଗେ ଅବିନାଶ-

ବାବୁ, ଅନିମା, ସତ୍ୟବ୍ରତ, ଇନ୍ଦ୍ରା ଓ ପଦ୍ମାବତୀ ଗାଡ଼ି ଉପରକୁ ଉଠିଗଲେ ।

ଅନିମା ଅବିନାଶବାବୁଙ୍କର ମୁଣ୍ଡରୁ ପଟିଟା ଖୋଲି ଦେବା ପାଇଁ ଯାଉଛି, ହଠାତ୍ ସେ ଚିତ୍କାର କରି ଉଠିଲେ, ପୁଣି କହିଲେ, 'ନା···ନା···ଉଃ ! କି ଯନ୍ତ୍ରଣା !' ସହସା ତା'ଙ୍କ ମନରେ ଯେମିତି ଅତୀତର ସମସ୍ତ ଘଟଣା ମନେ ପଡ଼ିଗଲା । ସେ ଅନିମା ମୁହଁକୁ ଚାହିଁ ଚାହିଁ କହିଲେ, 'ଉଃ ! ଅନିମା···!' ପୁଣି ଅନିମା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି କହିଉଠିଲେ, 'ତୁ···ତୁ ଅନିମା···ହା···ହା···ହା !' ପୁଣି କ୍ଷଣକେ ମୁହଁର ଭାବ ପରିବର୍ତ୍ତନ କରି ମୁଣ୍ଡଟାକୁ ଦୁଇ ହାତରେ ଚିପିଧରି କହିଲେ, 'ଉଃ···ଉଃ' । ସେ ସଙ୍ଗେ ସଙ୍ଗେ ରେଲଡ଼ବାର ଚଟାଣ ଉପରେ ଶୋଇ ପଡ଼ିଲେ । ଅନିମା ତାଙ୍କୁ ତନ୍ତୁ ଉଠାଇ ଆଣି ନିଜ କୋଳରେ ମୁଣ୍ଡ ରଖି ବେଞ୍ଚ୍ ଉପରେ ଶୁଆଇଦେଲା । ସେ ସଙ୍ଗେ ସଙ୍ଗେ ନିଦ୍ରାଭିଭୂତ ହେଲେ । ଅନିମା ନିରୀକ୍ଷଣ କଲା—ତାଙ୍କ ମୁଣ୍ଡବାଳଗୁଡ଼ା ଧୂଳି ଧୂସର ହୋଇ ଜଟା ବାନ୍ଧିଲାପରି ରହିଛି । ଦେହରେ ଚିରାଚେଲେଙ୍କଡ଼ା କୋଟ୍ କମିଜ୍ ଓ ପେଣ୍ଟ୍ । ଗୋଡ଼ରେ ଛିଣ୍ଡା ଯୋତା ଦୁଇଟା ଦୁରଦୁରାନ୍ତ ଘୂରି ଘୂରି ଛିଡ଼ି ଯାଇଛି । ସେ ଇନ୍ଦ୍ରାକୁ କହିଲା, 'ଭଉଣି ! ପାଗଳ ହୋଇ ଯାଇଛନ୍ତି ।' ଆଖିରେ ତା'ର ଧାର ଧାର ଲୁହ । ସତ୍ୟ କହିଲା, 'ଭୟ ନାହିଁ···ଭଲ ହୋଇଯିବ ।' ଇନ୍ଦ୍ରାର ମନରେ ଅତୀତର ସ୍ମୃତିଚିହ୍ନ—ଏ ସେହି ଅବିନାଶବାବୁ, ଯେ କି ସୁନନ୍ଦା ସହ କେତେବାର ତା'ଙ୍କ ଘରକୁ ଯାଇଛନ୍ତି । ସଫା, ସୁଭୁରା ପୋଷାକ । ଅତରର ଘମ ଘମ ସୁବାସ । ହାତରେ ସିଗାରେଟ । ମୁହଁରେ ହସହସ ଭଙ୍ଗି । ସେ ଏଇ [illegible]ନାଶବାବୁଙ୍କୁ ସୁନନ୍ଦାର ଡ୍ରଇଂରୁମ୍‌ରେ କେତେଥର ଚ୍ଚ' ଜଳଖିଆ ପରିବେଷଣ କରିଛି । କିନ୍ତୁ ହାୟ ! ଆଜି ସେହି

ଅବିନାଶଙ୍କର ଏ କି ରୂପ···ଏ କି ଅବସ୍ଥା ! ସତ୍ୟ ମଧ ଭାବି ହେଉଛି ସେହି କଥା । ପଦ୍ମାବତୀ ଏସବୁ ଘଟଣାର ଦୂରରେ। ଅବିନାଶବାବୁଙ୍କୁ ସେ ଚିହ୍ନନ୍ତି ନାହିଁ । ହେଲେ ମଧ ସମସ୍ତ ଘଟଣା ଜାଣନ୍ତି । ସେ ମନେ ମନେ ଭାବି ହେଉଛନ୍ତି—ଏଇଟା ହିଁ ଅବିନାଶ ! ଓ ! କି କୃତଘ୍ନ ଲୋକଟା ! ଜଗତ ପରିବର୍ତ୍ତନଶୀଳ ।

ଗାଡ଼ି ବାଲୁଗାଁ ଷ୍ଟେସନ୍‌ରେ ପହଞ୍ଚିଲା ବେଳକୁ ଦିନ ଆଠ ଘଣ୍ଟା ହେଲାଣି । ଅବିନାଶବାବୁଙ୍କ ମଥାଟା କୋଳରେ ଧରି ଅନିମା ବସିରହିଛି । ସହସା ଅବିନାଶବାବୁ ଚେଇଁ ଉଠିଲେ । ସେ ଦୁଇଆଖି ମଳିମଳି ଚତୁର୍ଦ୍ଦିଗ ଚାହିଁଲେ ପୁଣି କହିଲେ, 'ଏଇଟା କେଉଁ ଗାଁ ? ମୁଁ ଯାଉଛି କୁଆଡ଼େ ? ଏଁ···ଏଁ । ଅନିମା···ଅନିମା ! ତୁମେ ଅଛ ? କହ, କହ !' ଅନିମା କୌଣସି ଉତ୍ତର ଦେଲା ନାହିଁ । ସେ ଅନିମାକୁ ଚାହିଁ ସ୍ଥିର ମନରେ କହି ଉଠିଲେ—'ଓଃ ! କି ସ୍ୱପ୍ନଟାଏ ଦେଖିଲି, ଅନିମା ! ତୁମେ ଗୃହଚ୍ୟୁତା ହୋଇଛ ମୋର ଦୌରାତ୍ମ୍ୟରୁ, ଆଉ ମୁଁ କୁଆଡ଼େ ତୁମକୁ ପାଗଳ ହୋଇ ଖୋଜିବାରେ ଲାଗିଛି । ରାଜପଥ ପରେ ରାଜପଥ ଘୂରି ଘୂରି ମୋ ଯୋତା ଚିକି ଚିକି ହୋଇଯାଇଛି, ଦେହର ପୋଷାକ ପରିଚ୍ଛଦ ଜୀର୍ଣ୍ଣ ହୋଇ ଯାଇଛି । ମୁଣ୍ଡଟା ଭୂତପରି ଦେଖା ଯାଉଛି···' । ସେ ଏତିକି କହି ନିଜର ଯୋତା ଓ ପୋଷାକ ପ୍ରତି ଚାହିଁଲେ ପୁଣି ମୁଣ୍ଡରେ ବାଁ ହାତ ବୁଲାଇ ଆଣିଲେ । ପୁଣି ଆଶ୍ଚର୍ଯ୍ୟଭାବେ କହିଲେ, 'ଏଁ···ମୁଁ କ'ଣ ସତେ ପାଗଳ ! କାହିଁ ? ତୁମେ ଅଛ, ମୋ ଠିନୁ ଅଛି, ମୁଁ କେଉଁଠି ତୁମକୁ ଖୋଜି ବୁଲିଲି ? ଏସବୁ ମିଥ୍ୟା ।' କ୍ଷଣେ କ'ଣ ଗୁଡ଼ାଏ ଚିନ୍ତା କଲେ ପୁଣି ସହସା ଅନିମାର ପାଦ ଦୁଇଟା ଧରିପକାଇ କହିଲେ, 'କ୍ଷମା···କ୍ଷମା କର, ଅନିମା ! ମୁଁ ଘୋର ଅପରାଧୀ । ତୁମଠାରେ ଅପରାଧ କରିଛି ।' ଅନିମାର ଚକ୍ଷୁରେ ଲୁହର

ଜମାଟ । ସେ ଅବିନାଶବାବୁଙ୍କ ହାତ ଟାଣିଆଣି ନିଜ ଚକ୍ଷୁ ଉପରେ ଚୁପିଧରି କହିଁ କହିଁ କାନ୍ଦି ଉଠିଲା । ଇନ୍ଦ୍ରା କୋଳରେ ରହି ଟୁନୁ ଅବିନାଶବାବୁଙ୍କ ମୁହଁଟାକୁ ଜୁଳୁଜୁଳୁ ଚାହିଁ ରହିଲା । ଅବିନାଶବାବୁଙ୍କ ମନରେ ଅତୀତର ସମସ୍ତ ଘଟଣା ଯେପରି ବର୍ତ୍ତମାନ ଗୋଟି ଗୋଟି ମନେ ପଡ଼ିଲା । ସତ୍ୟେ କହିଲା, 'ଥୟଧର, ଅନିମା ! ବସନ୍ତୁ, ଅବିନାଶବାବୁ ! ଅତୀତ ପ୍ରତି ଦୃଷ୍ଟିଦେବା ଉଚିତ ନୁହେଁ । ସବୁ ଭୁଲିଯା'ନ୍ତୁ ।' ଅବିନାଶଙ୍କ ଚକ୍ଷୁରୁ ମଧ୍ୟ ଧାର ଧାର ଲୋତକ ଗଡ଼ିପଡ଼ିଲା । ଇନ୍ଦ୍ରା ସତ୍ୟବ୍ରତର ଗୋଟାଏ ଧୋତି ଓ ଗୋଟାଏ ପଞ୍ଜାବୀ ବାହାର କରି ଅବିନାଶବାବୁଙ୍କୁ କହିଲା, 'ପୋଷାକ ବଦଳାଇ ନିଅନ୍ତୁ ।' ଅବିନାଶବାବୁ ଉବାର ଗୋଟାଏ କୋଣକୁ ଯାଇ ପୋଷାକ ବଦଳାଇ ନେଲେ ପୁଣି ଦେହରୁ ବାହାର କରିବା ଛିଣ୍ଡା କୋଟ କାମିଜ୍ ଓ ପେଣ୍ଟ ଗୋଟିଏ ଗଣ୍ଠିଲି ବାନ୍ଧି ବାହାରକୁ ନିକ୍ଷେପ କଲେ—ଯେମିତି ସେ ନିଜଦେହରୁ ଅତୀତର ସମସ୍ତ ଆବର୍ଜନା ଓ ଆବିଳତା ବାହାର କରି ଦୂରକୁ ଫିଙ୍ଗିଦେଲେ । ପୁଲିସ୍ ଇନ୍ସପେକ୍ଟରବାବୁ ଅନ୍ୟ ଏକ ବେଞ୍ଚରେ ବସି ଏସବୁ ଘଟଣାକୁ ଚାହିଁ ରହିଥିଲେ । ମନରେ ତା'ଙ୍କର ଆକାଂକ୍ଷା··· ବିଷୟଟା କ'ଣ ? କିନ୍ତୁ ପଚାରି ପାରିଲେ ନାହିଁ । ଉବାର ସମସ୍ତେ ଚାହିଁ ରହିଲେ ଅବିନାଶବାବୁ ଓ ଅନିମାଙ୍କୁ । ଅବିନାଶବାବୁ ଡବାସାରା ଆଖି ବୁଲାଇ ଦେଖିଲେ, ତା'ଙ୍କୁ ସମସ୍ତ ଯାତ୍ରୀ ଚିହ୍ନା ଅଚିହ୍ନା ପରି ଚାହିଁ ରହିଛନ୍ତି । ସେ ନିଜକୁ ଲଜ୍ଜା ବୋଧ କଲେ ପୁଣି ଚୁପ୍ ହୋଇ ଅନିମା ନିକଟରେ ବସିଲେ । ଟୁନୁକୁ ଇନ୍ଦ୍ରା କୋଳରୁ ଟାଣିଆଣି ନିଜ କୋଳରେ ବସାଇଲେ । ମଦନିଶା ଛୁଟିଗଲା ପରେ ଯେମିତି ବାସ୍ତବ ଜଗତଟା ଆଖି ଆଗରେ ନାଚିଯାଏ—ଅବିନାଶବାବୁ ସେହିପରି କିଛି ଅନୁଭବ କଲେ ।

ଗାଡ଼ି ଆସି ବ୍ରହ୍ମପୁର ଷ୍ଟେସନ୍‌ରେ ଅଟକିଗଲା । ସଙ୍ଗେ ସଙ୍ଗେ ପୁଲିସ୍ ଇନ୍‌ସପେକ୍ଟର ଓହ୍ଲାଇ ଯିବାପାଇଁ ନିର୍ଦ୍ଦେଶ ଦେଲେ । ସେତେବେଳକୁ ବେଳ ଆସି ଏଗାରଟା । ଠିକ୍ କଚେରି ସମୟ । ଅବିନାଶବାବୁ ଝୁନୁକୁ କୋଳରେ ଭିଡ଼ି ଓହ୍ଲାଇଲେ । ପଛେ ପଛେ ସତ୍ୟବ୍ରତ···ଇନ୍ଦ୍ରା···ଅନିମା ଓ ପଦ୍ମାବତୀ ମଧ୍ୟ ଓହ୍ଲାଇଲେ ।

# ତେଇଶି

ଝଡ଼ଝଞ୍ଜା ପରେ ନୀରବତା । ସମର ପରେ ଶାନ୍ତି । ଏ ହେଲା ଜଗତର ଚିରନ୍ତନ ନୀତି । କିନ୍ତୁ ଝଡ଼ଝଞ୍ଜା ପରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୁଏ ମାନବ ପକ୍ଷେ ତାହା ଝଡ଼ଝଞ୍ଜାଠାରୁ ମଧ୍ୟ ଅସହ୍ୟ ହୁଏ । ସମର ପରେ ଦେଶସାରା ଯେଉଁ ଦାରିଦ୍ର୍ୟ, ଅନାଟନ, ଦୁଃଖ ଦୁର୍ଦ୍ଦଶା ଦେଖାଦିଏ, ତାହା ସମରଠାରୁ ଶତଗୁଣ ବିଭୀଷିକା ସୃଷ୍ଟିକରେ । ଝଡ଼ଝଞ୍ଜା ପରେ ପୃଥିବୀ ସ୍ତବ୍ଧ ନୀରବ ହୁଏ ସତ, ପୁଣି ସମର ପରେ ଗୁଳି ବନ୍ଧୁକର ହତ୍ୟାଲୀଳା ବନ୍ଦହୁଏ ସତ, କିନ୍ତୁ ପ୍ରତିକ୍ରିୟାର ତୀବ୍ର ଅନଳ ଦେଶର ଶିକ୍ଷା, ଦୀକ୍ଷା, ସଭ୍ୟତା, ସଂସ୍କୃତି, ଆଚାର ଓ ବ୍ୟବହାରକୁ ସମୂଳେ ଧ୍ୱଂସ କରି ଅନ୍ୟ ଏକ ନୂଆ ସୃଷ୍ଟି ସର୍ଜ୍ଜନା କରେ । ପୋଡ଼ିଯିବା ତଅଣରେ ସ୍ୱାଦୁ ରହେନା । ନୂଆ ତଅଣର ସ୍ୱାଦୁ ଅନ୍ୟ ରକମ ବୋଧ ହୁଏ ।

ସତ୍ୟବ୍ରତ, ଇନ୍ଦ୍ରା, ଚନ୍ଦ୍ରାବତୀ, ଅବିନାଶବାବୁ ଓ ଅନିମା ପୁଲିସ୍ ସଙ୍ଗେ ଅଦାଲତରେ ଉପସ୍ଥିତ ହେଲେ । ସେତେବେଳକୁ

ଅଦାଲତ ଆରମ୍ଭ ହେଲାଣି । ଅଦାଲତ ଘରେ ପୁଲିସ୍ ପହରା ସହ ଶ୍ରୀକାନ୍ତ, ସୂର୍ଯ୍ୟକାନ୍ତ ଓ ସୁନନ୍ଦା ଉପସ୍ଥିତ ହେଲେଣି । ବର୍ତ୍ତମାନ ସୁନନ୍ଦା ଠିଆ ହୋଇପାରୁଛି । କିନ୍ତୁ ପ୍ରାସଟା ପୂର୍ଣ୍ଣଭାବେ ଭଲ ହୋଇନାହିଁ । ଏଣୁ ସିଧା ଚାଲିପାରୁ ନାହିଁ, ଟେଙ୍ଗେଇ ଟେଙ୍ଗେଇ ଚାଲୁଛି । ଅବିନାଶବାବୁ ସହସା ସୁନନ୍ଦାକୁ ଦେଖି ଚିତ୍କାର କରି ଉଠିଲେ, 'ସୁନନ୍ଦା···ସୁନନ୍ଦା !' ତା'ଙ୍କର ପାଗଳାମି ଯେପରି ପୁନର୍ବାର ବର୍ଦ୍ଧିତ ହେଲା । ଚକ୍ଷୁଦୁଇଟା ତାଙ୍କର ବିସ୍ଫାରିତ ହୋଇଗଲା । ସେ ପୁଲିସ୍ ପହରା ନମାନି ଚଞ୍ଚଳ-ପଦକ୍ଷେପରେ ଚାଲିଯିବା ପାଇଁ ବାହାରିଲେ । ପଛରୁ ଅନମା ଟେନୁକୁ ଟାଣିଆଣିଲା । ଅବିନାଶବାବୁ ସୁନନ୍ଦା ନିକଟକୁ ଯାଇ କହିଲେ, 'ତୁ···ହା···ହା ! କାହିଁ ତୋର ସେହି ଢଳଢଳ ଯୌବନ ! ଏଁ···ଏଁ···ତୋର ଗାଲ ଦୁଇଟା ଏମିତି ପଶିଯାଇଛି କାହିଁକି ? ଆଖିଟାମାନେ ଏମିତି ଭିତରକୁ ଚାଲିଯାଇଛି କାହିଁକି ? ହା···ହା···ହା ! ତୁ ବଞ୍ଚିଛୁ ? ମୋ ଗୁଳିଚୋଟରୁ ବଞ୍ଚିଗଲୁ, ନୁହେ ? ହା···ହା··· ! ତୁ ପରା ମୋତେ ବାନ୍ଧି ରଖିଥିଲୁ ! ମୁଁ ତୋର ଏଇ ଗାଲରେ କେତେ ଚୁମ୍ବନ ଦେଇଛି !' ସମସ୍ତେ ଅବାକ୍ ! ହାକିମ୍ ଚିତ୍କାର କଲେ, 'ପୁଲିସ୍···' । ପୁଲିସ୍ ଅବିନାଶବାବୁଙ୍କୁ ଭିଡ଼ି ଆଣିଲା । ତେବେ ବି ସୁନନ୍ଦାକୁ ନିର୍ନିମେଷ ଭାବେ ଚାହିଁ ଅଟ୍ଟହାସ କଲେ, 'ହା···ହା···ହା ! ତୁ ସୁନନ୍ଦା ! ମୋର ଗୁପ୍ତ ପ୍ରେମିକା !' ହାକିମ୍ ଚିତ୍କାର କଲେ, 'ପୁଲିସ୍ ! କିଏ ଏ ପାଗଳ ?' ପୁଲିସ୍ ଇନ୍‌ସପେକ୍ଟର ଜବାବ ଦେଲେ, 'ଅବିନାଶବାବୁ' । ଅଦାଲତରେ ଉପସ୍ଥିତ ସମସ୍ତ ଜନତା—ଦର୍ଶକ, ଓକିଲ, ଗୁମାସ୍ତା ଅବାକ୍ ହୋଇ ଚାହିଁ ରହିଲେ । ସୂର୍ଯ୍ୟକାନ୍ତ ଓ ସୁନନ୍ଦା ଅଚାନକ ଦୌଡ଼ି ଆସି ସତ୍ୟବ୍ରତ ଓ ଇନ୍ଦ୍ରାର ପାଦଦୁଇଟା ଧରିପକାଇ ଭେ···ଭେ ଚିତ୍କାର କଲେ । ଶ୍ରୀକାନ୍ତ

ଦୌଡ଼ିଆସି ସତ୍ୟବ୍ରତଙ୍କୁ କୁଣ୍ଢାଇ ପକାଇ ବାପ···ବାପ କହି ଭେ···ଭେ କାନ୍ଦି ଉଠିଲେ । କ୍ଷଣକ ମଧ୍ୟରେ ଅଦାଲତର ଶାନ୍ତି-ଶୃଙ୍ଖଳା ଭଙ୍ଗ ହୋଇଗଲା । କଥା କ'ଣ ଦେଖିବା ପାଇଁ ଲୋକେ ଜମା ହୋଇଗଲେ । ହାକିମ୍ ମଧ୍ୟ ସ୍ତବ୍ଧ ହୋଇଗଲେ । ସେ ଏ ଘଟଣାର ଆଦ୍ୟପ୍ରାନ୍ତ ଭଲଭାବେ ଜାଣନ୍ତି । ଜଣେ ଜିଲ୍ଲା କଲେକ୍ଟରଙ୍କର ଶୋଚନୀୟ ଦୁର୍ଦ୍ଦଶା ପୁଣି ଗୋଟିଏ ନାମଯାଦା ଘରର ଭାଗ୍ୟବିପାକର ଚରମ ଅବସ୍ଥା ଆଖିଆଗରେ ଦେଖି ଦେଖି ସେ ଅଦାଲତର ଆଇନକାନୁନ ମଧ୍ୟ ଭୁଲିଗଲେ । ତା'ଙ୍କର ହାକିମ୍ ମେଜାଜ୍ ଉପରେ ଦୁନିଆର ସାଂସାରିକ ମନୋଭାବ ହିଁ ଅଧିକାର କଲା । ସେ ମଣିଷକୁ ଫାଶୀ, ଜେଲ୍ ହୁକୁମ୍ ଦେଇପାରନ୍ତି ଓ ନିଜର ଆଧିପତ୍ୟ ପୁଣି ଆଇନ ବଳରେ ଗୋଟିଏ ସଂସାରକୁ ଚୂନାକରି ଦେଇ ପାରନ୍ତି । କିନ୍ତୁ ଯେତେ ହେଲେ ସେ ଜଣେ ମଣିଷ ତ ! ସେ ମଧ୍ୟ ପୁଅ ଭାରିଯା ଧରି ଘର କରିଛନ୍ତି । ତା'ଙ୍କର ଜୀବନରେ ମଧ୍ୟ ସୁଖ ଦୁଃଖ ଅଛି । ଝଡ଼ଝଞ୍ଜା ଅଛି । ଏଣୁ ସେ ମଧ୍ୟ ଏ ମିଳନାନ୍ତକ ଘଟଣାରେ ବିଚଳିତ ହୋଇଗଲେ । ଅବିନାଶବାବୁ, ଅନିମା, ସତ୍ୟ, ଇନ୍ଦ୍ରା, ସୂର୍ଯ୍ୟ, ସୁନନ୍ଦା ଓ ପଦ୍ମାବତୀଙ୍କର ଜୀର୍ଣ୍ଣଶୀର୍ଣ୍ଣ ବେଶ ଦେଖି ପୁଣି ଟୁନୁଟିର ମର୍ମନ୍ତୁଦ ଚିତ୍କାର ଶୁଣି ମର୍ମାହତ ହୋଇଗଲେ । ତାଙ୍କ ଆଖିରେ ମଧ୍ୟ ଲୋତକ ଛଳ ଛଳ ହୋଇଗଲା ।

ଶ୍ରୀକାନ୍ତ, ସୂର୍ଯ୍ୟ ଓ ସୁନନ୍ଦା ଏ ମିଳନରେ ଆନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ଅନୁତାପ ଓ ଅନୁଶୋଚନାର ତପ୍ତ ରୌରବ ଭିତରେ ହିଁ ଛଟପଟ ହେଲେ । ବିଚ୍ଛେଦଠାରୁ ଏହି ମିଳନ ହିଁ ସେମାନଙ୍କ ପକ୍ଷେ ଅସହ୍ୟ ଯନ୍ତ୍ରଣାଦାୟକ ହେଲା ।

## ଚବିଶି

ଏହିଠାରେ ହିଁ ସତ୍ୟବ୍ରତର ମିଳନାନ୍ତ ନାଟକଟି ଶେଷ ହୋଇଗଲା । ନିଜ ଜୀବନର ହୃଦୟବିଦାରକ ଘଟଣାବଳୀ—ନିଜେ ଅଙ୍ଗେ ଲିଭାଇଥିବା ଅନୁଭୂତି···ଘାତ ପ୍ରତିଘାତ···ଝଡ଼ଝଞ୍ଜା ସେ ନିଜ ଲେଖାମାନରେ ହିଁ ଚିତ୍ରଣ କରିଛି । ତା' ଜୀବନଟା ଆଜି ଯେମିତି ସାର୍ଥକ ମନେ ହେଉଛି । ପାଣ୍ଡୁଲିପିର ଲେଖା ଶେଷକରି ସେ ହସହସ ମୁହଁରେ ଇନ୍ଦ୍ରାକୁ କହିଛି, 'ତୁମରି ପ୍ରେରଣା ହିଁ ମୋତେ ସାହିତ୍ୟିକ କରି ଦେଇଛି, ଇନ୍ଦ୍ରା ! ମୁଁ ଥିଲି ଦେଶକର୍ମୀ, ଆଜି ହେଲି କବି, କେବଳ ତୁମରି ଯୋଗୁଁ । ଦେଖ ଏହି ପାଣ୍ଡୁଲିପିଟି ।'

* * * *

ସତକଥା ଲୁଚି ରହେନା···ଲୁଚି ପାରେନା । କଥାଟା ବିଜୁଳିପରି ଖେଳିଗଲା । ଦାନପୁର ଗାଁରେ ଚହଳ ପଡ଼ିଗଲା ।

ସମସ୍ତ ଟିକନଖି ଘଟଣା ପଦାରେ ପଡ଼ିଗଲା । ଲୋକେ ଶ୍ରୀକାନ୍ତକୁ ନିନ୍ଦା କଲେ, ଘୃଣା କଲେ । ଲୋକର ଭଲମନ୍ଦ ତା'ର ଅନୁପସ୍ଥିତିରେ ହିଁ ଜଣାଯାଏ । ମୁହଁରେ ସମସ୍ତେ ସ୍ତବ ଗାନ କରିପାରନ୍ତି କିନ୍ତୁ ପଛରେ ଗାଳି କରନ୍ତି । ଶ୍ରୀକାନ୍ତଙ୍କ ଅନୁପସ୍ଥିତିରେ କିଏ କହିଲା—'ଲୋକଟା କି କୃତଘ୍ନ···କି ବିଶ୍ୱାସ-ଘାତକ ! ନିଜ କୁଟୁମ୍ବରେ ଏପରି ହଳାହଳ ରଚନା କଲା !' କିଏ କହିଲା—'ଓଃ···ଧର୍ମ କ'ଣ ଜଗତରୁ ଛାଡ଼ିଗଲା ! ସେ ଶ୍ରୀକାନ୍ତଟାକୁ ମୁଁ ତରି ଆଗରୁ ଜାଣେ । ସେ ହିଁ ଆମ ଘର ଦୁଇଭାଗ କରାଇଛି । ଭାଇକି ମୋ ବିରୋଧରେ ମତାଇଛି···ତତାଇଛି । ଛି···ଃ !' କିଏ କହିଲା, 'ଆମ ଘର କଳହ ତୁଟାଇବା ପାଇଁ ମଧ୍ୟସ୍ଥ ସାଜି ସେ ତରି ମୋଠାରୁ ଦୁଇଶହ ଖଣ୍ଡେ ଟଙ୍କା ମାରିନେଲା ! ଲୋକଟା ଭାରି ବଦ୍‌ମାସ୍ !'

ଶ୍ରୀକାନ୍ତ ପଦାକୁ ବାହାର ପାରୁନାହାନ୍ତି । ସୂର୍ଯ୍ୟ ଓ ସୁନନ୍ଦା ମନରେ ମଧ୍ୟ ପୂର୍ବ ଫୁରୁସତ୍ ନାହିଁ । ଅଳ୍ପଦିନ ଭିତରେ ଏ ଯେଉଁ ଘଟଣାଟାଏ ଘଟିଗଲା ତା'ର ଚିନ୍ତାରେ ସେମାନେ ମୁହ୍ୟମାନ । ସତ୍ୟବ୍ରତ ଓ ଇନ୍ଦ୍ରାର ମୁହଁକୁ ଚାହିଁବା ପାଇଁ ଲଜ୍ଜାବୋଧ କରୁଛନ୍ତି । ଇନ୍ଦ୍ରା ପୂର୍ବପରି ଘରର ସମସ୍ତ କାମଦାମ କରିବାରେ ଲାଗିଗଲାଣି । ଇନ୍ଦ୍ରା ହାତରୁ କାମ ଛଡ଼ାଇ ବେଳେ ବେଳେ ପଦ୍ମାବତୀ କରି ଯାଉଛନ୍ତି । ସୁନନ୍ଦା ଭାବେ ସେ ମଧ୍ୟ ଇନ୍ଦ୍ରା ଓ ପଦ୍ମାବତୀଙ୍କ ସହ ମିଶି ଘରର କାମଦାମ କରିଯିବ । କିନ୍ତୁ ପାରେନା । ସଙ୍କୋଚ ବୋଧକରେ । ମନରେ କମିତି ଗୋଟାଏ ଭାବ ଜାତହୁଏ । ସତ୍ୟବ୍ରତ ଗାଁ ଗାଁ ବୁଲି ପୁନର୍ବାର ଦେଶସେବାରେ ଯୋଗ ଦେଲେଣି । ସୂର୍ଯ୍ୟ ବହୁତ ଭାବେ—ଜନନୀଙ୍କ ସଙ୍ଗେ ଯାଇ ଦେଶ କାମରେ ମନଦେବ; କିନ୍ତୁ ପାରେନା । ଅତୀତରେ ଘଟିଯାଇଥିବା

ଘଟଣାଗୁଡ଼ିକଦ୍ୱାରା ନିଜର ମନରେ ନିଜ ପ୍ରତି ଘୃଣା ଜନ୍ମେ । ଏହିପରି ଦିନ ପରେ ଦିନ ଗଡ଼ିବାରେ ଲାଗିଲା । ଘର ପୋଡ଼ିଲେ ପୁନର୍ବାର ତିଆରି ହୋଇପାରେ କିନ୍ତୁ ମନ ପୋଡ଼ିଲେ ପୁନର୍ବାର ତିଆରି ହୋଇ ପାରେନା । ମଣିଷମନ ବଡ଼ ସହଜରେ ପୋଡ଼ିଯାଏ । ତିଆରି ହୋଇ ପାରେନା । ସ୍ନେହ-ଆପଣା ଭିତରେ ଅତି ସାମାନ୍ୟ କଥାରେ ମଣିଷମନ ନାନା ବିକାର ସୃଷ୍ଟିକରେ । ଅତି ସାମାନ୍ୟ ଘଟଣାରେ ମଣିଷ କହେ—'ଛି ! ସବୁଶେଷ !' ଏହି ଛି ଭିତରେ ହିଁ ମଣିଷମନ ପୋଡ଼ି ଜଳିଯାଏ । ସ୍ନେହ-ଆପଣା ଭିତରେ ଯଦି ପରସ୍ପର ଭଲଭାବର ଆଦାନପ୍ରଦାନ ରହିଛି, ତେବେ ମଣିଷ ଜୀବନ ସୁଖମୟ ହୁଏ । ଯଦି ସେହି ସ୍ନେହ-ଆପଣା ଭିତରେ ଯେ କୌଣସି ଗୋଟିଏ ପକ୍ଷରେ କୌଣସି ଅସଦ୍ ବ୍ୟବହାର ବା ଖରାପ ମନୋଭାବ ଦେଖାଦିଏ, ତେବେ ଅପର ପକ୍ଷ ସଙ୍ଗେ ସଙ୍ଗେ କହିବ—'ଛି !' ଏତିକରେ ହିଁ ମଣିଷ ମନ ବିଷାକ୍ତ ହୋଇଯାଏ··· ପୋଡ଼ିଯାଏ ।

ସତ୍ୟବ୍ରତ ଏସବୁ ଦେଖି ଶ୍ରୀକାନ୍ତ, ସୂର୍ଯ୍ୟକାନ୍ତ ଓ ସୁନନ୍ଦାକୁ କେତେ କ'ଣ ବୁଝାଇଲଣି—ଅତୀତକୁ ଭୁଲିଯିବା ପାଇଁ । ଶ୍ରୀକାନ୍ତକୁ କହିଲା, 'କକା ! ସବୁବେଳେ ଏପରି ମନମାରି ବସିଛ କାହିଁକି ? ବାହାରକୁ ଯାଇ ପୂର୍ବପରି ଗାଁ ମଣ୍ଡପରେ ବସ । ଗୃହିଲୋକ ଜମା ହୋଇ ଗପସପ କଲେ ମନ ମିଶିଯିବ ।' ସତ୍ୟବ୍ରତର ଏପରି କଥା ଶୁଣି ଶ୍ରୀକାନ୍ତ ବହୁକଷ୍ଟରେ ଦିନେ ଖରାବେଳଟାରେ ଗାଁ ମଣ୍ଡପ ଉପରେ ଯାଇ ବସିଲେ । ଗାଁର ମୁଖିଆ ଲୋକ ରଘୁସ୍ୱାଇଁ ମଧ୍ୟ ଅଳ୍ପସମୟ ପରେ ଆସି ପହଞ୍ଚିଗଲା, ପୁଣି କହିଲା, 'ଓହୋ ! ସାଆନ୍ତେ କିଏ ? ନମସ୍କାର···ନମସ୍କାର ! ନିଜ ଘର ବୁଢ଼େଇ,

ଆଜି କାହା ଘର ଉପରେ ଦୃଷ୍ଟି ଦେଲଣି କି ? ମଣିଷ ଜନ୍ତୁ ! ଆଜି ମଲେ କାଲି ହେଲା ଦୁଇଦିନ । ବୃଥା ଏପରି କଲ କାହିଁକି ? କାଳକାଳକୁ ନାମ ରହିଗଲା !' ନିଧିସ୍ୱାଇଁ ମଧ୍ୟ ଆସିଲା । ସେ ଯୁବକ ଲୋକ । ଟିକେ ଗରମ ମେଜାଜ୍ । ଶ୍ରୀକାନ୍ତକୁ ଦେଖିବା ସଙ୍ଗେ ସଙ୍ଗେ କହି ଉଠିଲା, 'କହୋ ସାଆନ୍ତେ ! ଭ'ରି ବଦ୍‌ମାସ୍ ତମେ । ମଣିଷ ଏମିତି ନିମକ୍ ହାରାମ୍ ହୋଇପାରେ ? ଛି, ତୁମେ କଡ଼ିଘର ପୁଅ ପରା !' ଦେଖୁ ଦେଖୁ ଲୋକେ ଜମିଗଲେ । ସମସ୍ତଙ୍କ ମୁହଁରେ 'ବଦ୍‌ମାସ...ଚୋର' ଶବ୍ଦ । ଶ୍ରୀକାନ୍ତ ତରତର ହୋଇ ଘରକୁ ଲେଉଟିଲେ । ଘରେ ପଶିଯାଇ ଭେ...ଭେ କାନ୍ଦିଲେ । ସତ୍ୟବ୍ରତ ଲୋକଙ୍କୁ ବୁଝାଇଲା । ଶ୍ରୀକାନ୍ତଙ୍କୁ ମଧ୍ୟ ବୁଝାଇଲା । ସତ୍ୟବ୍ରତ ପ୍ରତି ଆଜିକାଲି ଲୋକଙ୍କର ବିଶେଷ ଖାତିର । ସତ୍ୟ କହେ—ଭଲ ଭେଲ ଏ ଜଗତରେ ସମାନ । ଭେଲର ପ୍ରେରଣାରେ ହିଁ ଭଲ ଫୁଟିଉଠେ । ଭେଲ ନଥିଲେ ଭଲର ସତ୍ତା ହିଁ ନଥାନ୍ତା । ଏଣୁ ଯାହା ଖରାପ ବୋଲି ବିବେଚିତ ହୁଏ, ତାହା ଭଲର ରୂପାନ୍ତର ମାତ୍ର । ଏଣୁ ଖରାପ ଓ ଭଲ ଉଭୟେ ଆଦରର ବସ୍ତୁ । କାହାପ୍ରତି କାହାର ଘୃଣା କରିବା ଉଚିତ ନୁହେଁ ।

ଏ ପର୍ଯ୍ୟନ୍ତ ଅବିନାଶବାବୁଙ୍କ ପାଗଳାମି ପୂର୍ଣ୍ଣଭାବେ ଭଲ ହୋଇ ନାହିଁ । ଅନିମା ଅତୀତର ସମସ୍ତ ଘଟଣା ଭୁଲି ଅବିନାଶ-ବାବୁଙ୍କର ଚିକିତ୍ସାରେ ହିଁ ମନ ଦେଇଛି । ବହୁତ ଟଙ୍କା ଖରଚ କରୁଛି । ବେଳେବେଳେ ଅବିନାଶବାବୁ ଏଣୁତେଣୁ ବକି ଯାଉଛନ୍ତି । ଦିନେ ଦିନେ ହଠାତ୍ ଅର୍ଦ୍ଧରାତ୍ରରେ ଚେଇଁ ଉଠି କହୁଛନ୍ତି, 'ସୁନନ୍ଦା...ସୁନନ୍ଦା...ପିଶାଚିନି ! ମୋ ଜୀବନଟାକୁ ନଷ୍ଟ କରିଦେଲୁ । ମୋର ଉଜ୍ଜ୍ୱଳ ଭବିଷ୍ୟତଟା ତୋ'ଲାଗି ଅନ୍ଧକାର

ହୋଇଗଲି ।' ଅନିମା ସ୍ୱାମୀଙ୍କୁ ସାନ୍ତ୍ୱନା ଦିଏ । ଅନିମା ଅବିନାଶ-ବାବୁଙ୍କୁ ସଙ୍ଗେ ଧରି ବେଳେବେଳେ ରାଜପୁର ଆସେ । କିନ୍ତୁ ସୁନନ୍ଦା ଅବିନାଶବାବୁଙ୍କ ସାମ୍ନାକୁ ଯିବାପାଇଁ ସଙ୍କୋଚ···ଭୟ ବୋଧ କରେ । ଅବିନାଶବାବୁ ଇନ୍ଦ୍ରାକୁ ଚୁମ୍ବି ସମୟେ ସମୟେ ପ୍ରଶ୍ନ କରନ୍ତି, 'କାହିଁ ସେ ଡ଼ାକିନୀ, ଯେ କି ମୋର ଇହପରକାଳ ଧ୍ୱଂସ କରିଛି ?' ସୁନନ୍ଦା ଘର ଭିତରେ ରହି ଶୁଣେ । ଅନେକ ସମୟରେ ଭାବେ, ଅବିନାଶଙ୍କ ଗୋଡ଼ତଳେ ପଡ଼ି ନିଜର ଦୋଷ ସ୍ୱୀକାର କରିବ । କିନ୍ତୁ ପାରେ ନାହିଁ ।

## ପଞ୍ଚଣି

ସୁଖର ଦିନ ଯେପରି ସରିଯାଏ, ଦୁଃଖର ଦିନଗୁଡ଼ିକ ମଧ୍ୟ ଗୋଟିକ ପରେ ଗୋଟିଏ ସେହିପରି ଗଡ଼ିଯାଏ । ଏ ସଂସାରରେ କାହାର ଦିନ ଅସରି ରହେ ନାହିଁ । କିଏ ନାଚ ତାମସା, ଗାନ ବାଜଣା, ଭୋଗ ବିଳାସରେ ଦିନ କଟାଏ । କିଏ ଦୁଇବେଳା ଦୁଇତୋକ ପେଟ ନପାଇ ହା-ଅନ୍ନ କହି ଦିନ କାଟିଦିଏ । ସୁଖ ଏ ଜଗତଟାକୁ ଖେଳଘର ସ୍ୱର୍ଗର କରେ ପୁଣି ଜୀବନଟା ମହୋତ୍ସବ-ମୟ ମନେକରେ । ଦୁଃଖ, ସଂସାର ସାରା ଶ୍ମଶାନ ଭୂମି ମନେକରେ ପୁଣି ଜୀବନ ଅପେକ୍ଷା ମରଣକୁ ଶ୍ରେଷ୍ଠ ଆସନ ଦିଏ । ପୃଥିବୀ ଥରେ ନିଜ କକ୍ଷରେ ଘୂରିଗଲେ, ଦିନ ରାତିରେ ପରିଣତ ହୁଏ ପୁଣି ରାତି ଦିନରେ ପରିଣତ ହୁଏ । ଏହା ଯେପରି ଜଗତର ଚିରନ୍ତନ ରୀତି । ମଣିଷର ରୀତିନୀତି ଏହି ଘୂର୍ଣ୍ଣନ ସଙ୍ଗେ ସମତାଳ ପକାଇ ଗତିକରେ । ମାୟାମୋହଜଡ଼ିତ ମାନବ ପୃଥିବୀର ଚିରନ୍ତନ ଗତି ସହ ସଂଘର୍ଷ•• ସଂଗ୍ରାମ କରି ଚାଲିଥାଏ । ସେ ରାତିକୁ ଦିନରେ ପରିଣତ କରିବା ପାଇଁ ଚେଷ୍ଟାକରେ ପୁଣି ଦିନକୁ ରାତିରେ ପରିଣତ କରିବା ପାଇଁ

ବିଦ୍ଧପରିକର ହୁଏ । କିନ୍ତୁ ବୁଝିପାରେ ନାହିଁ ଯେ ତା'ର କଳ୍ପନା ବିଶ୍ୱର ବିରାଟ ଶକ୍ତି ନିକଟରେ ପରାହତ ହେବ ।

ଶ୍ରୀକାନ୍ତଙ୍କର ସୁଖସଂସାର···ଅହଂକାରମୟ କଳ୍ପନା ଆଜି ପରାଜିତ ହୋଇଛି । ଲୋକଚକ୍ଷୁରେ ସେ ଆଜି ଘୃଣିତ, ଲାଞ୍ଛିତ ଓ ଅପମାନିତ ହୋଇଛନ୍ତି । ଜଗତ ଆଗରେ ମୁହଁ ଦେଖାଇବା ପାଇଁ ଆଜି ତାଙ୍କର ସାହସ ନାହିଁ । ସତ୍ୟବ୍ରତର ଟଳିଶ ହୃଦୟରେ ଶ୍ରୀକାନ୍ତଙ୍କର ଏତେ ବଡ଼ ଦୋଷ···ଅପରାଧ ଏତେଟିକେ ପ୍ରଭାବ ବିସ୍ତାର କରିନାହିଁ ସତ୍ୟ, କିନ୍ତୁ ତୈଳର ମନ ସଦା ଭୟବିହ୍ୱଳ । ଏଣୁ ନିଜର ଦୋଷତ୍ରୁଟି ନିଜ ଆଖିରେ ବିଭୀଷିକା ସୃଷ୍ଟିକରି ଶ୍ରୀକାନ୍ତଙ୍କର ଜୀବନ୍ତ ସମାଧି ରଚନା କରିଛି । ସେ ମନେ ମନେ ଠିକ୍ କରିଛନ୍ତି, ବିଷ ହିଁ ତାଙ୍କ ଜୀବନର ଏକମାତ୍ର ଶାନ୍ତିମୁକ୍ତିଦାତା ।

ଭଗବାନଙ୍କ ଶୁଭ ଆଶୀର୍ବାଦ ଫଳରେ ଇନ୍ଦିରା ଆଜି ଗୋଟିଏ ପୁତ୍ରସନ୍ତାନର ଜନନୀ । ନାରୀଜୀବନର ଚରମ ସଫଳତା··· ଗୃହିଣୀର ଶ୍ରେଷ୍ଠ କର୍ତ୍ତବ୍ୟ ଆଜି ଯେପରି ପୂର୍ଣ୍ଣ ହୋଇଛି । ସତ୍ୟବ୍ରତର ବିବାହିତ ଜୀବନର ଉଦ୍ଦେଶ୍ୟ ସାର୍ଥକ ହୋଇପାରିଛି । ସେ ପୁତ୍ରସନ୍ତାନର ପିତାରୂପେ ଗର୍ବ ଅନୁଭବ କରେ ନାହିଁ । ବରଂ କୁନୁକୁ ନିଜ ହାତରେ କିପରି ଗୋଟିଏ ଉପଯୁକ୍ତ ନାଗରିକ ରୂପେ ଗଢ଼ିପାରିବ, ସେ ସଦା ଚିନ୍ତାକରେ । ଏହାଠାରୁ ବଳି ମଣିଷର କର୍ତ୍ତବ୍ୟ କ'ଣ ଥାଇପାରେ । ମଣିଷ ଜଗତକୁ ଯଦି ଗୋଟିଏ ମାତ୍ର ଉପଯୁକ୍ତ ସନ୍ତାନ ଦାନ କରିପାରିଛି, ତେବେ ସେ ଜଗତର ଅଶେଷ ମଙ୍ଗଳ ବିଧାନ କରିପାରିଛି କହିବାକୁ ହେବ । କିନ୍ତୁ ସତ୍ୟବ୍ରତ କୁନୁର ସମସ୍ତ ଭାର ସୂର୍ଯ୍ୟକାନ୍ତଠାରେ ହିଁ ଛାଡ଼ି ଦେଇଥାଏ । କୁନୁର କେତେବେଳେ କଣ ଅଭାବ ହେଲା, କେତେବେଳେ କ୍ଷୀର ଦରକାର, କେତେବେଳେ ଦେହ ଖରାପ ହେଲା,

ସମସ୍ତ ବିଷୟ ବୁଝିବା ପାଇଁ ସେ ସୂର୍ଯ୍ୟକାନ୍ତଙ୍କୁ କହେ, 'ସୂର୍ଯ୍ୟ, ଯା', ପିଲାଟାର କ'ଣ ଅସୁବିଧା ହେଉଛି ନୂଆବୋଉକୁ ବୁଝ ।' ସୂର୍ଯ୍ୟ ଟିକେ ସଙ୍କୋଚ ବୋଧକରେ, ପୁଣି ବାଧ୍ୟ ହୋଇ ପଚାରେ, 'ନୂଆବୋଉ ! କୁନୁ ପାଇଁ କ୍ଷୀର ଆସିଲାଣି ତ ?' 'ନୂଆବୋଉ ! କୁନୁର ଦେହ ଭଲ ଅଛି ?' ଇନ୍ଦ୍ରା ଈଷତ୍ ହସି କହେ, 'କାନ୍ତପୁଅ, ହଁ କ୍ଷୀର ଆସିଲାଣି । ପିଲାଟାର ଦେହଟା କାହିଁକି ଟିକେ ଗରମ ବୋଧ ହେଉଛି ।' 'ଆଚ୍ଛା ଡାକ୍ତର ଡାକି ଆଣୁଛି' କହି ସୂର୍ଯ୍ୟକାନ୍ତ ମୁହଁ ଫେରାଏ । ନୂଆବୋଉଙ୍କ ମୁହଁକୁ ଚାହିଁବା ପାଇଁ କେମିତି ତା' ମନଟା ଯେପରି ଘଡ଼ଘଡ଼ୁଆ ହୁଏ । ଇନ୍ଦ୍ରା କହନ୍ତି, 'କାନ୍ତପୁଅ, କାନ୍ତପୁଅ ! ଥରେ କୁନୁର ଦେହଟାକୁ ଦେଖିଗଲ !' ସୂର୍ଯ୍ୟ ବାଧ୍ୟହୋଇ ଫେରେ । ଇନ୍ଦ୍ରା କହେ, 'ଚାହଁ ମୋତେ, କାନ୍ତପୁଅ ! ତୁମେ ଆଜକାଲି ଏ'ଡ଼େ ଶୁଖିଲା ଦିଶୁଛ କାହିଁକି, ଶୁଣେ ?' ସୂର୍ଯ୍ୟ ମୁହଁ ପୋତି ଉତ୍ତର ଦିଏ, 'ନାହିଁ, ନୂଆବୋଉ ! ମୁଁ ଭଲ ଅଛି । ଆଚ୍ଛା ଯାଏ, ଡାକ୍ତର ଡାକି ଆଣିବି ।' ଇନ୍ଦ୍ରା କହେ, 'ନା···ନା, ଦରକାର ନାହିଁ । କୁନୁର ଦେହ ସେମିତି କିଛି ଖରାପ ହୋଇନାହିଁ ।' ସୂର୍ଯ୍ୟ କୌଣସି ଉତ୍ତର ନଦେଇ ଧୀରେ ଧୀରେ ଚାଲିଯାଏ ।

ବେଳେବେଳେ ସୂର୍ଯ୍ୟକାନ୍ତର ବାଧ୍ୟବାଧକତାରେ ସୁନନ୍ଦା କୁନୁ ନିକଟକୁ ଆସେ । ଇନ୍ଦ୍ରା କୁନୁକୁ ସୁନନ୍ଦା କୋଳକୁ ବଢ଼ାଇ ଦେଇ କହେ, 'ନିଅ' । ସୁନନ୍ଦା କୁନୁକୁ କୋଳକରେ । ଇନ୍ଦ୍ରା କହେ, 'ତୁମେ ଏ'ଡ଼େ କଳା ପଡ଼ିଗଲଣି । ଛି; ମଣିଷ ଏତେ ଚିନ୍ତା କରନ୍ତି !' ସୁନନ୍ଦା ମୁହଁରୁ ଆପେ ଦୀର୍ଘଶ୍ୱାସଟାଏ ବାହାରିଯାଏ । ସେ କହେ, 'ହଁ ଅପା ! ମୋ ଜୀବନଟା ଏହିପରି କଟିଯାଉ ।' ଇନ୍ଦ୍ରା କହେ, 'ଛି ! ଅତୀତ କଥାକୁ ଭାବନା କରିବା ଉଚିତ ନୁହେ ।' ସୁନନ୍ଦା ଆଖିରୁ ଲୋତକ ଗଡ଼ିପଡ଼େ । ସେ କ'ଣ ଗୋଟାଏ ଛଳନା

କରି ଲୁଲୁକୁ ଇନ୍ଦ୍ରା କୋଳରେ ଦେଇ ଚାଲିଯାଏ । ଇନ୍ଦ୍ରା ପଛରୁ ଡାକେ । କିନ୍ତୁ ସୁନନ୍ଦା କହେ, 'ଅପା ! ମୁଁ ଏଇ ମୁହୂର୍ତ୍ତରେ ଫେରିବି ।' କିନ୍ତୁ ସେ ଫେରେ ନାହିଁ ।

ସତ୍ୟବ୍ରତ ଏସବୁ କଥାପ୍ରତି ନଜର ଦେବାପାଇଁ ବହୁତ ଅଳ୍ପ ସମୟ ପାଏ । ଦେଶର କେଉଁ କୋଣରେ ବଡ଼ି ମରୁଡ଼ି ହେଲା, କେଉଁଠାରେ ଦୁର୍ଭିକ୍ଷର ତାଡ଼ନାରେ ଶହଶହ ଲୋକ ପ୍ରାଣ ହରାଇଲେ, କେଉଁ ଦେଶରେ ରୋଗ ଯନ୍ତ୍ରଣାରେ କୋଟି କୋଟି ନରନାରୀ ଜହ୍ନା ପିମ୍ପୁଡ଼ିପରି ଜୀବନ ଦେଲେ, ସେ ସମସ୍ତ ବିଷୟର ହିସାବ ହିଁ ସତ୍ୟବ୍ରତ ସଂଗ୍ରହ କରି ଚାଲିଥାଏ ପୁଣି ଲେଖାପଢ଼ା, ପତ୍ରପତ୍ରିକାର ଚର୍ଚ୍ଚାରେ ସେ ଶୋକ ଶୋଷ ବୋଧ କରେ ନାହିଁ । ସେ ଏ ସଂସାରରେ ଥାଇ ମଧ୍ୟ ସଂସାରରୁ ନିର୍ଲିପ୍ତ, ଜଗତରେ ଥାଇ ଜଗତର ସମସ୍ତ ସୁଖଦୁଃଖର ବାହାରେ ପୁଣି ଘୂର୍ଣ୍ଣନଶୀଳ ପୃଥିବୀପୃଷ୍ଠରେ ରହି ମଧ୍ୟ ସକଳ ମାୟାମୋହର ଊର୍ଦ୍ଧ୍ୱରେ ରହିଥାଏ । ସେ ନିଜର ନିଜତ୍ୱକୁ ପୂର୍ଣ୍ଣ ବିଶ୍ୱାସ କରେ ପୁଣି ନିଜ ମନଟାକୁ ସମସ୍ତ ଜାଗତିକ ବସ୍ତୁଠାରୁ ବଳୀୟାନ ମନେ କରେ । ଜୀବନର ପ୍ରତି ସ୍ତରେ ସ୍ତରେ ସେ ବିଶେଷ ସତର୍କତା ଅବଲମ୍ବନ କରେ । ବେଳେ ବେଳେ ତା' ମନରେ ଯୋଟିଯାଏ—ଅତୀତ ଜୀବନର ଝଡ଼ଝଞ୍ଜା ବାତାବରଣ । ସେ ନିଜକୁ ସଂଯତ କରେ । କାଳେ ଅତୀତରେ କେଉଁଠାରେ ଅବା ତ୍ରୁଟି ରହିଯାଇଥାଇ ପାରେ, ସେଥିପାଇଁ ସେ ପୁଙ୍ଖାନୁପୁଙ୍ଖ ଭାବେ ନିଜର ଅତୀତକୁ ଆଲୋଚନା କରେ । ମନେ ମନେ ଭାବେ—ମୋର ଗତି କେଉଁଆଡ଼େ !

ଧିରେ ଧିରେ ନିଜ ଲିଖିତ ନାଟକଟିର ପାଣ୍ଡୁଲିପିଟି ଧରି ବସିଯାଏ । ଇନ୍ଦ୍ରାକୁ ନିକଟକୁ ଡାକି କହେ, 'ଇନ୍ଦ୍ରା, ନାଟକଟି କିପରି ହୋଇଛି ?' ଇନ୍ଦ୍ରା କହେ, 'ହଁ ! ବାସ୍ତବିକ ଜଗତର

ବିଶେଷ ଉପକାର ହେବ ।' ମୁହଁରେ ତା'ର ଶୁଷ୍କ ହସ । ସେ କୁନୁକୁ ସତ୍ୟବ୍ରତର କୋଳକୁ ବଢ଼ାଇଦିଏ । ସତ୍ୟ କେତେ କ'ଣ କୁନୁ ସହ କଥା ହୁଏ । କହେ, 'ବାପ, ତୁ ବଡ଼ ହେବୁ···ନାଗରିକ ହେବୁ···ଦେଶବାସୀଙ୍କ ସେବାରେ ଜୀବନ କଟାଇବୁ । ନୁହେ ?' କୁନୁ ଗାଲରେ ଚୁମ୍ବ ଦିଏ । ଅବୋଧ ଶିଶୁ କିଛି ବୁଝେ ନାହିଁ । ମୁହଁକୁ ଚାହିଁ ରହେ । ବେଳେ ବେଳେ ନାଲିଟୁକୁଟୁକୁ ଅଧର ଦୁଇଟିରୁ ଦୁଇବୁନ୍ଦା ନାଳ ଗଡ଼ାଇ ହସିଦିଏ । ସତ୍ୟ କୁନୁର ମୁହଁ ନିକଟକୁ ନିଜ ଲିଖିତ ନାଟକର ପାଣ୍ଡୁଲିପି ବହିଟି ଉଠାଇ କହେ, 'ବାପ ! ଏମିତି ବହି ଲେଖିବୁ ? କବି ହେବୁ ? ମୋ ବାପଟା !' କହି ସତ୍ୟ କୁନୁକୁ ବୁକରେ ଚାପିଧରେ । ସତେ ଯେମିତି ସତ୍ୟ ମନରେ କୁନୁର ଉଜ୍ଜ୍ୱଳ ଭବିଷ୍ୟତଟା ଖେଳିଯାଏ । ଆଜିର ଶିଶୁ କୁନୁ—କାଲିର ଜଣେ ଉପଯୁକ୍ତ ନାଗରିକ ରୂପେ ତା' ଆଖି ଆଗରେ ଠିଆ ହୁଏ । ଇନ୍ଦ୍ରା କହେ, 'ପାଣ୍ଡୁଲିପିଟି ଜଣେ ଅଭିଜ୍ଞ ନାଟ୍ୟକାରଙ୍କୁ ଦେଖାଇବା କଥା । ନୁହେ ?' ସତ୍ୟ ଉତ୍ତର ଦିଏ, 'ଠିକ୍ କହିଛ, ଇନ୍ଦ୍ରା ! ତୁମରି ପ୍ରେରଣା ବଳରେ ହିଁ ଏ ନାଟକଟି ମୁଁ ଲେଖିପାରିଛି । ତୁମେ ମୋ କଲମରେ ଶକ୍ତି ଦେଇଛ । ତୁମ ବିନା ମୋ ଜୀବନଟା ଅପୂର୍ଣ୍ଣ ରହିଯାନ୍ତା, ଇନ୍ଦ୍ରା ! ତୁମରି କଥା କ'ଣ ମୁଁ କେଉଁକାଳେ ଭାଙ୍ଗିପାରିବି ? ଭାବୁଛି, 'ବିଶ୍ୱରଙ୍ଗମଞ୍ଚ'ର ପ୍ରସିଦ୍ଧ ନିର୍ଦ୍ଦେଶକଙ୍କୁ ହିଁ ପ୍ରଥମେ ଏ ପାଣ୍ଡୁଲିପିଟି ଦେଖାଇବି । କ'ଣ କହୁଛ ?' 'ହଁ ଭଲ ହେବ', ଇନ୍ଦ୍ରା କହିଲା । ସତ୍ୟବ୍ରତ ବ୍ରହ୍ମପୁର ଯିବା ପାଇଁ ତରତର ହେଲା ପୁଣି କୁନୁକୁ ଇନ୍ଦ୍ରା କୋଳକୁ ବଢ଼ାଇଦେଲା । ଇନ୍ଦ୍ରା କହିଲା, 'ନାଟକଟିର ନାମକରଣ କରିନାହଁ ଯେ !' ସତ୍ୟବ୍ରତ ଉତ୍ତର ଦେଲା, 'ନା···ନା, ନିର୍ଦ୍ଦେଶକ ମୋହନବାବୁ ହିଁ ଏହାର ନାମକରଣ କରିବେ ।'

## ଛବଣି

କାଠଯୋଡ଼ରେ ପ୍ରବଳ ବନ୍ୟା । ଗାଁ ଗଣ୍ଡା ଭାସିଗଲା । ଲୋକେ ଘରଦ୍ୱାରଶୂନ୍ୟ ହୋଇ ଖାଇବା ପାଇଁ ମୁଠେ ପାଇଲେ ନାହିଁ । ଗାଈଗୋରୁ ଭାସିଗଲେ । ଫସଲ ନଷ୍ଟ ହୋଇଗଲା । ଲୋକଙ୍କର ଏପରି ବିପତ୍ତିରେ ସତ୍ୟବ୍ରତର ମନ ଛଟପଟ ହେଲା । ସେ ଜନସେବା କରିବା ପାଇଁ ତତ୍‌କ୍ଷଣାତ୍ ଅଗ୍ରସର ହେଲା । ଘଟଣା ସ୍ଥଳରେ ଉପସ୍ଥିତ ହୋଇ ନିଜର ସମସ୍ତ ଶକ୍ତି ଖଟାଇ ନରନାରାୟଣ ସେବାରେ ହିଁ ନିଜକୁ ହଜାଇଦେଲା ।

ଖବରକାଗଜରେ ବଡ଼ବଡ଼ ଶିରୋନାମା ସହ ବନ୍ୟାଞ୍ଚଳର ସମସ୍ତ ବିପତ୍ତିବୃତ୍ତାନ୍ତ ଜନସାଧାରଣଙ୍କ ସମ୍ମୁଖରେ ପ୍ରକାଶ ପାଇଲା । ଦେଶର ପ୍ରତ୍ୟେକ ସଂଘ, ସମିତି ଓ ସାଧାରଣ ଅନୁଷ୍ଠାନ ବନ୍ୟାଞ୍ଚଳ ପାଇଁ ଯଥାସାଧ୍ୟ ସାହାଯ୍ୟ ଦେବା ସକାଶେ ନିବେଦନ କଲେ । ସରକାରଙ୍କ ତରଫରୁ ସାହାଯ୍ୟ ଦିଆଗଲା । ଅଫିସର, କିରାଣୀଙ୍କ

ଠାରୁ ଆରମ୍ଭ କରି ଦେଶର ପ୍ରତ୍ୟେକ ଲୋକ ଯେପରି ବନ୍ୟା-ବିପନ୍ନ ଲୋକଙ୍କୁ କିଛି ନା କିଛି ସାହାଯ୍ୟ ଦେବେ, ତା'ର ବ୍ୟବସ୍ଥା କରାଗଲା । ସ୍ୱେଚ୍ଛାସେବକଦଳ ଚାନ୍ଦା ଆଦାୟ ପାଇଁ ବାହାରି ପଡ଼ିଲେ ।

'ବିଶ୍ୱରଙ୍ଗମଞ୍ଚ' ତରଫରୁ 'ଆତ୍ମଘାତୀ' ନାମକ ଗୋଟିଏ ନାଟକ ଅଭିନୀତ ହେବା ପାଇଁ ସ୍ଥିର ହେଲା । ଉକ୍ତ ନାଟକର ସମସ୍ତ ଲବ୍ଧଧନ ବନ୍ୟାବିପନ୍ନ ସାହାଯ୍ୟ ପାଇଁ ଉତ୍ସୃଷ୍ଟ ହେଲା । ଏଥିପାଇଁ 'ବିଶ୍ୱରଙ୍ଗମଞ୍ଚ' କର୍ତ୍ତୃପକ୍ଷ ପାଣ୍ଠି ଆଦାୟର ନାନା ବ୍ୟବସ୍ଥା କଲେ । ପନ୍ଦର ଦିନ ଆଗରୁ ଟିକଟ ବିକ୍ରି ଚାଲିଲା । ବିଶିଷ୍ଟ ଲୋକଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ ଦିଆଗଲା । ବିଶିଷ୍ଟ ଲୋକ ହିସାବରେ— ଶ୍ରୀକାନ୍ତ, ସୂର୍ଯ୍ୟକାନ୍ତ, ସତ୍ୟବ୍ରତ, ଇନ୍ଦ୍ରା, ସୁନନ୍ଦା ଓ ପଦ୍ମାବତୀଙ୍କ ନିକଟକୁ ମଧ୍ୟ ନିମନ୍ତ୍ରଣ ପତ୍ର ପଠାଗଲା ।

ଦେଖୁ ଦେଖୁ ନାଟକ ଅଭିନୟ ଦିବସ ପହଞ୍ଚିଗଲା । ଇନ୍ଦ୍ରା କହିଲା, 'କାନ୍ତପୁଅ ! ବାପା ଓ ସୁନନ୍ଦାଙ୍କୁ କହ, ଆଜି ନାଟକ ଦେଖିଯିବା ।' ସୂର୍ଯ୍ୟକାନ୍ତ ବାପା ଓ ସୁନନ୍ଦାକୁ ଡ଼ାକି ଆଣିବା ପାଇଁ ଚାଲିଗଲା । ଶ୍ରୀକାନ୍ତ କହିଲେ, 'ନାହିଁରେ ପୁଅ, ମୋ ଜୀବନରେ ଆଉ ବା କ'ଣ ଅଭିନୟ ଦେଖିବା ବାକି ଅଛି ! ଏ ଜୀବନରେ ସବୁ ସରିଛି । ଖାଲି ମରିବା ହିଁ ବାକି ଅଛି । ତୁମେମାନେ ଯାଅ ।' ସୁନନ୍ଦା କହିଲା, 'ମୁଁ ଜୀବନ ସାରା ବହୁତ ଅଭିନୟ କରିସାରିଛି । ତା'ଠାରୁ କ'ଣ ଅଧିକ ଅଭିନୟ ଦେଖି ପାରିବି ? ତୁମେ ଯାଅ !' ସୂର୍ଯ୍ୟକାନ୍ତର ମନଭିତରେ ଯେମିତି ଅଗ୍ନିଉତ୍ପାତ ସୃଷ୍ଟିହେଲା । ଅତୀତର ସମସ୍ତ ଘଟଣାଗୁଡ଼ା ବାପା ଓ ସୁନନ୍ଦାର କଥାସହ ତା' ମନ ଭିତରେ ଅଗ୍ନି ସଂଯୋଗ କରିଦେଲା । ସେ ଇନ୍ଦ୍ରା ନିକଟକୁ ଯାଇ କହିଲା, 'ନୂଆବୋଉ ! ସେମାନେ ନାହିଁ କରୁଛନ୍ତି । ମୁଁ ମଧ୍ୟ

ଯାଇପାରିବ ନାହିଁ, ନୂଆବୋଉ ! ଯଦି ତୁମେ ଯିବାପାଇଁ ଇଚ୍ଛାକର, ତେବେ ସକଳ ବନ୍ଦୋବସ୍ତ କରିଦେବ ।' ଇନ୍ଦ୍ରା ସୂର୍ଯ୍ୟକାନ୍ତକୁ ସଙ୍ଗେ ଧରି ଶ୍ରୀକାନ୍ତ ଓ ସୁନନ୍ଦା ନିକଟରେ ଉପସ୍ଥିତ ହେଲ । କହିଲ, 'ମଣିଷ ଜୀବନ ସଦା ଦୁଃଖସୁଖର ଖେଳଘର, ସୁନନ୍ଦା ! ସେଥିପାଇଁ ବ୍ୟଥିତ ହେବା ଉଚିତ ନୁହେ । ଦିନ ଯାଏ ପୁଣି ଆସେ । ସବୁଦିନ ଏକାପରି କଟେ ନାହିଁ । କକା ! ଚାଲନ୍ତୁ, ଆଜି ଅଭିନୟ ଦେଖିଯିବା । ବିଶେଷତଃ ମୋହନବାବୁ ପରି ବିଖ୍ୟାତ ନାଟ୍ୟକାର ନିମନ୍ତ୍ରଣ ପତ୍ର ପଠାଇଛନ୍ତି, ଅସୁନ୍ଦର ହେବ ।' ଇନ୍ଦ୍ରାର କଥା କିଏ ଭାଙ୍ଗିପାରନ୍ତି ନାହିଁ । ଶ୍ରୀକାନ୍ତ ଓ ସୁନନ୍ଦା ଯିବାପାଇଁ ରାଜି ହେଲେ । ସୂର୍ଯ୍ୟକାନ୍ତ ମଧ୍ୟ ସମ୍ମତ ହେଲ । କୁନୁକୁ ପଦ୍ମାବତୀଙ୍କ ନିକଟରେ ଛାଡ଼ିଦେଇ ଶ୍ରୀକାନ୍ତ, ସୂର୍ଯ୍ୟକାନ୍ତ, ଇନ୍ଦ୍ରା ଓ ସୁନନ୍ଦା 'ବିଶ୍ୱରଙ୍ଗମଞ୍ଚ'ର ଅଭିନୟ ଦେଖିବା ପାଇଁ ଚାଲିଗଲେ ।

ଅଭିନୟ ଆରମ୍ଭ ହେଲ । ଦୃଶ୍ୟ ପରେ ଦୃଶ୍ୟ, ଅଙ୍କ ପରେ ଅଙ୍କ ଆଖି ଆଗରେ ଶେଷ ହୋଇ ଚାଲିଲ । ଶ୍ରୀକାନ୍ତ, ସୂର୍ଯ୍ୟକାନ୍ତ, ଇନ୍ଦ୍ରା ଓ ସୁନନ୍ଦାଙ୍କ ମନରେ ଅପୂର୍ବ ପ୍ରତିକ୍ରିୟା ସୃଷ୍ଟିହେଲ । ରଙ୍ଗମଞ୍ଚ ଦିଗେ ସେମାନେ ଅପଲକ ନୟନରେ ଚାହିଁ ରହିଲେ । ଇନ୍ଦ୍ରା ଭାବିଲେ, 'ଏ ଯେ ତାଙ୍କର ଲେଖା । ଅଭିନୟ କରାଇଲ କିଏ ? ଏହାର ନାମକରଣ କଲ କିଏ ?' ନାଟକର ଅଭିନୟ ଦେଖି ଶ୍ରୀକାନ୍ତ ବିଚଳିତ ହୋଇଗଲେ । ସୂର୍ଯ୍ୟକାନ୍ତ ଓ ସୁନନ୍ଦା ମଧ୍ୟ ଅଥୟ ହେଲେ । ସେମାନଙ୍କ ଚକ୍ଷୁ ବିସ୍ଫାରିତ ଓ ମନ ଉଦ୍‌ବେଳିତ ହେଲ । ହଠାତ୍ ଶ୍ରୀକାନ୍ତ ଠିଆ ହୋଇଗଲେ ପୁଣି କହିଲେ, 'ନା···ନା, ମୁଁ ଘରକୁ ଚାଲିଯିବ ।' ସଙ୍ଗେ ସଙ୍ଗେ ସୂର୍ଯ୍ୟକାନ୍ତ ଓ ସୁନନ୍ଦା ମଧ୍ୟ ଠିଆ ହୋଇଗଲେ ପୁଣି କହିଲେ, 'ଉଃ ! ଉଃ ! ସେତିକି ଥାଉ । ସହ୍ୟ ହୁଏନା ।' ଇନ୍ଦ୍ରା, କଥା କ'ଣ,

ବୁଡ଼ିଗଲା । ତାଙ୍କ ଚକ୍ଷୁରେ ମଧ୍ୟ ଲୋତକର ଉତ୍ତାଳ ତରଙ୍ଗ ସୃଷ୍ଟି ହେଲା । ସେମାନେ ଘରକୁ ଫେରିଲେ । ସେମାନଙ୍କର ମନ ଭିତରେ ଯେପରି ବଡ଼ବାନଳର ଧୂଧୂ ଶିଖା ଜଳି ଉଠିଲା ।

ଶ୍ରୀକାନ୍ତ ନିଜର ଶୟନ କୋଠରୀ ଭିତରେ ପଶିଯାଇ କବାଟ କିଳିଦେଲେ । ମନରେ ତାଙ୍କର ବିକ୍ଷୋଭ···ଆତଙ୍କ··· ବିପ୍ଳବ । ସେ ଦ୍ରୁତ ପଦକ୍ଷେପରେ କୋଠରୀ ଭିତରେ ପଦଚାଳନ କଲେ । ତାଙ୍କର ଭାବଭଙ୍ଗୀରୁ ଜଣା ଯାଉଥିଲା, ଯେପରି ସେ ବିଶେଷ ଉତ୍ତେଜିତ ହୋଇଛନ୍ତି । ପୁଣି, ସେ ଯେପରି ଜଣେ ଦୁର୍ବଳ-ମନା ଲୋକ, ହୁଏତ ହଠାତ୍ କ'ଣ ନା କ'ଣ ଗୋଟାଏ ଗୁରୁତର କାର୍ଯ୍ୟ କରିପକାଇବେ । ଆଖିରୁ ତାଙ୍କର ଧାର ଧାର ଲୋତକ ଗଡ଼ି ପଡ଼ୁଥାଏ । ସେ ମୁହୂର୍ମୂହୁ ଲୋତକଗୁଡ଼ା ବାଁ ହାତରେ ପୋଛି ନେଉଥାନ୍ତି । ତାଙ୍କ ନାସା ଦେଇ ଖରଶ୍ୱାସ ପ୍ରବାହିତ ହେଉଥାଏ । ସେ ହଠାତ୍ ଆଲମିରାର କବାଟ ଖୋଲି ଗୋଟିଏ ବୋତଲ ବାହାର କଲେ ପୁଣି ସଙ୍ଗେ ସଙ୍ଗେ ବୋତଲରେ ଥିବା ସମସ୍ତ ତରଳ ଜିନିଷ ଉଦରସାତ୍ କରି ପଲଙ୍କ ଉପରେ ଶୋଇ ପଡ଼ିଲେ । ତାଙ୍କର ଚେତନା ହଜିଗଲା । କିଛି ସମୟ ପରେ ଭଳଭଳ ବାନ୍ତି ପୁଣି ସଙ୍ଗେ ସଙ୍ଗେ ତାଙ୍କ ନାସାରୁ ଗଁ···ଗଁ ଶବ୍ଦ ନିର୍ଗତ ହେଲା । କିନ୍ତୁ ସେ ଶବ୍ଦ ଶୁଣିବା ପାଇଁ ପାଖରେ କେହି ନଥିଲେ । ଗୃହଦ୍ୱାରେ କବାଟ ବନ୍ଦ ।

ଏଣେ ସୂର୍ଯ୍ୟକାନ୍ତ ଓ ସୁନନ୍ଦା ନିଜର ଶୟନ କକ୍ଷରେ ପଶିଯାଇ କବାଟ ଆଉଜାଇ ଦେଲେ । ଦୁହିଁଙ୍କ ମନରେ ଦୁହିଁଙ୍କ ପ୍ରତି ତୀବ୍ର ପ୍ରତିହିଂସା ବହ୍ନି ଜଳିଉଠିଲା । ଦୁହେଁ ଦୁହିଁଙ୍କର ବିପରୀତ ଦିଗକୁ କରି ଲେଉଟାଇ ଶୋଇପଡ଼ିବା ଛଳନା ମାତ୍ର କଲେ । ଉଭୟଙ୍କ ଆଖିକୁ ନିଦ୍ରା ଆସିଲା ନାହିଁ । ମନେ ମନେ

ବିଦ୍ରୋହ ବହ୍ନି ହିଁ ଜଳି ଉଠିଲା । ସୁନନ୍ଦା ଭାବିଲା—ଜଗତ ଆଗରେ ତା' ଜୀବନଟା ସତେ କି ଉପହାସର ସାମଗ୍ରୀରେ ପରିଣତ ହେଲା ! ନାରୀତ୍ୱ ଅବମାନିତ···ଅପମାନିତ ଓ ଖର୍ବ ହେଲା । ସବୁ ଏଇ ସୂର୍ଯ୍ୟକାନ୍ତ ଯୋଗୁଁ । ସେ ନିଜ ପତ୍ନୀକୁ କୁପଥରୁ ଲେଉଟାଇବା ପାଇଁ ଚେଷ୍ଟା କଲେ ନାହିଁ କାହିଁକି ? ତାହା ତାଙ୍କର କର୍ତ୍ତବ୍ୟ ଥିଲା । ସହଧର୍ମିଣୀ ରୂପେ ସେ ଯଦି ତା'କୁ ଗ୍ରହଣ କରିଥିଲେ, ଓଡ଼ିଆ ଗୃହସ୍ଥରୂପେ ସେ ଯଦି ତା'ର ପାଣିଗ୍ରହଣ କରିଥିଲେ, ତାଙ୍କର କର୍ତ୍ତବ୍ୟ ଥିଲା ସେ ନିଜ ପତ୍ନୀକୁ ପଦେ ପଦେ ଉପଦେଶ ଦେଇଥାନ୍ତେ···ଶାସନ କରିଥାନ୍ତେ । ଯଦି ସେ ସେଥିପାଇଁ ଅନୁପଯୁକ୍ତ, ତେବେ ବିବାହ କଲେ କାହିଁକି ? ଓଃ···ଓଃ···କି ଉପହାସ ! ବିଶ୍ୱରଙ୍ଗମଞ୍ଚରେ ଏତେ ଲୋକଙ୍କ ଆଖି ଆଗରେ ତା'ର କୁତ୍ସାରଟନା ହିଁ କରାଗଲା । ଓଃ···ଅସହ୍ୟ ! ଏହି ମୁହୂର୍ତ୍ତରେ ତା'ର ଜୀବନ ଚାଲିଯାଉ ନାହିଁ କାହିଁକି ? ସୂର୍ଯ୍ୟକାନ୍ତର ମନରେ ମଧ୍ୟ ଘୋର ବିଦ୍ରୋହ ବହ୍ନି । ସେ ଭାବୁଛି, 'ଓଃ ! ଜାଣି ଜାଣି ତା' ଜୀବନଟାକୁ ସେ ନିଜେ ଧ୍ୱଂସ କରିଦେଲା କାହିଁକି ? ବିଶ୍ୱ-ବିଦ୍ୟାଳୟର ଉଚ୍ଚ ଉପାଧିଧାରୀ ସେ । ଆଜି ଦେଶରେ ସେ ପୂଜା ପାଇବା କଥା । କିନ୍ତୁ···କିନ୍ତୁ···ପାଷଣ୍ଡୀ···ନାରକୀର ହାତଧରି ସେ କି ପରିଣାମ ଭୋଗ କଲା ସତେ ! ଆଧିପତ୍ୟର ମୋହରେ ସେ କି ଗୋଟାଏ ହଳାହଳ ରଚନା କଲା ! ନାରକୀ ସୁନନ୍ଦା ନିଜର କାମପ୍ରବୃତ୍ତି ମେଣ୍ଟାଇବା ପାଇଁ କ'ଣ ନକଲା ? ଓଃ···ଓଃ··· ରଙ୍ଗମଞ୍ଚରେ ତା'ର କୁକର୍ମହିଁ ଆଜି କୀର୍ତ୍ତିତ ହେଲା । ସବୁ ଏହି ନାରକୀ···ପିଶାଚୀର କାଣ୍ଡ । ଓଃ···ଓଃ···ଆଉ ସହ୍ୟ ହୁଏନା । ସେ ହଠାତ୍ ଖଟଉପରୁ ଉଠିପଡ଼ି ଆଲମିରାରୁ ଗୋଟାଏ ଶାଣ୍ଡି

ଛୁରିକା ବାହାର କଲା ପୁଣି ଏକା ଲମ୍ଫକେ ସୁନନ୍ଦା ଉପରେ ବସିପଡ଼ି ଚିତ୍କାର କଲା, 'ପିଶାଚିନି ! ତୋରି ଯୋଗୁଁ ମୋ ଜୀବନଟା ଧ୍ୱଂସ ହୋଇଛି । ଆଜି ତା'ର ପ୍ରତିଶୋଧ ନେବ ।' ସମ୍ମୁଖରେ ଉତ୍ତୋଳିତ ଛୁରିକା ଦେଖି ସୁନନ୍ଦା ବିକଟ ଚିତ୍କାର କଲା । କିନ୍ତୁ ତା'ର ଚିତ୍କାରନାଦକୁ ଖର୍ବକରି ସୂର୍ଯ୍ୟକାନ୍ତ କହିଲା, 'ଏଇ ଶେଷ···ଶେ···।' ପୁଣି ସୁନନ୍ଦାର ବକ୍ଷ ଦେଶରେ ଛୁରିକା ବିଦ୍ଧ କରିଦେଲା । ଏତିକିବେଳେ ସୁନନ୍ଦାର ଚିତ୍କାର ଶୁଣି ଆରଘରୁ ଇନ୍ଦ୍ରା ଦୌଡ଼ି ଆସିଲା, 'କ'ଣ···କ'ଣ !!' ଘଟଣା ଦେଖି ତା'ର ଅବସ୍ଥବ ସାରା ଭୟରେ ଥରି ଉଠିଲା । ସେ ଚିତ୍କାର କଲା, 'କାନ୍ତପୁଅ···କାନ୍ତପୁଅ ! କ'ଣ କଲ !!' ଚକ୍ଷୁ ତା'ର ବିସ୍ଫାରିତ । ସୂର୍ଯ୍ୟକାନ୍ତ ସେତେବେଳକୁ ସୁନନ୍ଦାର ଛାତିରୁ ଛୁରିକାଟି ଝିଙ୍କି ନିଜ ବକ୍ଷରେ ବିଦ୍ଧ କରିଦେବା ପାଇଁ ଉଦ୍ୟତ । ଇନ୍ଦ୍ରା ଅଗ୍ରନିକି ସୂର୍ଯ୍ୟହାତରୁ ଛୁରିକା ଛଡ଼ାଇ ଚିତ୍କାର କଲା । 'ବୋଉ···କକା··· ଦୌଡ଼ିଆସ···ସର୍ବନାଶ···ଓଃ···ଓଃ ! କ'ଣ କଲ କାନ୍ତପୁଅ !' ସୂର୍ଯ୍ୟର ପିଣ୍ଡରେ ଯେପରି ପ୍ରାଣ ନଥାଏ । ସୁନନ୍ଦା ଗୁରୁତର ଯନ୍ତ୍ରଣାରେ ଛଟପଟ ହେଉଥାଏ । ପଦ୍ମାବତୀ ଘଟଣା ସ୍ଥଳରେ ହାଜର ହେଲେ । ତାଙ୍କର ଦେହସାରା ବରଡ଼ାପତ୍ର ପରି ଥରିବାରେ ଲାଗିଲା । ମୁହଁରୁ ତାଙ୍କର କଥା ବାହାରିଲା ନାହିଁ । ଅନନ୍ୟୋପାୟ ହୋଇ ଇନ୍ଦ୍ରା ଦୌଡ଼ିଲା ଶ୍ରୀକାନ୍ତଙ୍କୁ ଡାକି ଆଣିବା ପାଇଁ । କିନ୍ତୁ ଶ୍ରୀକାନ୍ତଙ୍କ ଶୟନ କକ୍ଷ ଦ୍ୱାର ଉପରେ ମୁହୁର୍ମୁହୁ କରାଘାତ କରି ଫେରିଲା । ଶ୍ରୀକାନ୍ତଙ୍କ ନିଦ୍ରା ଭାଙ୍ଗିଲା ନାହିଁ···ଭାଙ୍ଗିବାର ନୁହେଁ । ସଙ୍ଗେ ସଙ୍ଗେ ଲୋକ ଜମା ହୋଇଗଲେ । ସତ୍ୟବ୍ରତ ବିଦେଶରେ, ଏଣେ ଘରେ ଘଟଣା ଗୁରୁତର । ଉପାୟ···ଉପାୟ··· ! ଇନ୍ଦ୍ରା ବିଚଳିତ ହେଲା ।

ଦେଖୁ ଦେଖୁ ରାତି ପାହିଗଲା । ସଙ୍ଗେ ସଙ୍ଗେ ସତ୍ୟବ୍ରତ ନିକଟକୁ ତାର କରାଗଲା । ଏଣେ ଶ୍ରୀକାନ୍ତଙ୍କ ଘର ଭିତରେ ଲୋକ ଜମା ହୋଇଗଲେ । ଶୟନକକ୍ଷ ଏ ପର୍ଯ୍ୟନ୍ତ ଫିଟିଲା ନାହିଁ । ଘଟଣା କ'ଣ··· ? ଲୋକଙ୍କ ମୁହଁରେ ନାନା କଥା···ମନରେ ନାନା କଳ୍ପନା । ଲୋକେ ଶେଷରେ କବାଟ ଠେଲି ଘର ଭିତରେ ପଶିଲେ । ସମସ୍ତେ ଅବାକ୍ । ଶ୍ରୀକାନ୍ତ ଖଟ ଉପରେ ଶୋଇଛନ୍ତି । ପିଣ୍ଡରେ ପ୍ରାଣ ନାହିଁ । ଶେଯ ଓ ଘରଚଟାଣ ଉପରେ ବାନ୍ତି । ପୁଲିସ୍ ହାଜର ହେଲେ ।

ସନ୍ଧ୍ୟାବେଳକୁ ସତ୍ୟବ୍ରତ ହାଜର ହେଲା । ପଦ୍ମାବତୀ ଓ ଇନ୍ଦ୍ରାଙ୍କ କରୁଣ କ୍ରନ୍ଦନରେ ଘର ଉଚ୍ଛୁଳି ପଡ଼ୁଛି । ସହସା ସତ୍ୟବ୍ରତଙ୍କୁ ଦେଖି ଇନ୍ଦ୍ରା ଦୌଡ଼ିଆସି ପାଦଦୁଇଟା ଧରିପକାଇ କହିଲା, 'ତୁମ ମନରେ ଏହା ହିଁ ଥିଲା ! ଭାଇ ଭାଉଜଙ୍କୁ ହତ୍ୟା କରିବା ପାଇଁ ତୁମେ କ'ଣ ନାଟକ ଲେଖିଥିଲ ! ଓଃ···ଓଃ··· ତା' ପୂର୍ବରୁ ମୋତେ ମାରିଦେଲ ନାହିଁ କାହିଁକି ?' ପଦ୍ମାବତୀ ଦୌଡ଼ି ଆସି ପୁଅର ହାତ ଧରି ପକାଇଲେ ପୁଣି ଚିତ୍କାର କଲେ, 'ପୁଅରେ, ସର୍ବନାଶ ହୋଇଛି ! ବଂଶରେ କଳା ଲାଗିଛି ।' ସତ୍ୟବ୍ରତ କେବଳ ଉଦ୍‌ବେଗ ଦୃଷ୍ଟିରେ ପ୍ରଶ୍ନକଲା, 'କଥା କ'ଣ···କଥା କ'ଣ ?' ଇନ୍ଦ୍ରା କ୍ରନ୍ଦନାକୁଳ ରୁଦ୍ଧ କଣ୍ଠରେ ସମସ୍ତ ବର୍ଣ୍ଣନା କଲା । ସତ୍ୟବ୍ରତର ଜୀବନଟା ଯେପରି ଗୃଳପିବା ପାଇଁ ଛଟପଟ ହେଲା । ସେ କହିଲା, 'କାହିଁ, ମୁଁ ସେ ନାଟକ ଅଭିନୟ କରିବା ପାଇଁ ଅନୁମତି ଦେଇନାହିଁ···ଓଃ···ଓଃ···କି ଭୀଷଣ ପରିଣାମ !'

ପୁଲିସ୍ ଆସି ସତ୍ୟବ୍ରତ ଆଗରେ ଠିଆ ହେଲେ । ସତ୍ୟ କହିଲା, 'ମୁଁ···ମୁଁ···ହତ୍ୟାକାରୀ ।' ଇନ୍ଦ୍ରା ଚିତ୍କାର ଉଠିଲା, 'ନା···ନା, ମୁଁ···ମୁଁ ହିଁ ଏହି ହତ୍ୟାପାଇଁ ଦାୟୀ ।' ପଦ୍ମାବତୀ

ପୁଅବୋଉଙ୍କୁ କୁଣ୍ଢାଇ କେବଳ ଚିତ୍କାର କଲେ । ଲୋକେ ଅବାକ୍ । କଥା କ'ଣ ? ନିଜର ବିଚଳିତ ମନଟାକୁ ସଂଯତ କରି ସତ୍ୟବ୍ରତ ଭାବିଲା—ଏ ବିଶ୍ୱରଙ୍ଗମଞ୍ଚଟା ସତେ କି ପ୍ରହେଳିକାମୟ ! ଏଇଠି ନ୍ୟାୟ ବା ଅନ୍ୟାୟ, ଭଲ ବା ମନ୍ଦ ସମସ୍ତ ବିଷୟ ଗୋଟାଏ ମାୟା ରଜ୍ଜୁରେ ବନ୍ଧା । ଏଠି ସମୟର ଗତିରେ ଭଲ ଅସାର ହୋଇପାରେ ପୁଣି ଅସାର ଭଲ ହୋଇପାରେ । ହେ···ଭଗବାନ୍ ! ସେ କ୍ଷଣକେ ମୂକ···ସ୍ତବ୍ଧ···ସ୍ତମ୍ଭୀଭୂତ ହୋଇଗଲା ପୁଣି ତା' ମୁହଁରୁ ମୁହୁର୍ମୁହୁ ବାହାରି ପଡ଼ିଲା—ଆତ୍ମଘାତୀ···ଆତ୍ମଘାତୀ !

ଖବର ଶୁଣି ପ୍ରବେଶ ହେଲେ ଅନିମା ଓ ପାଗଳ ଅବିନାଶବାବୁ । ଅବିନାଶବାବୁ ସୁନନ୍ଦାର ମୃତ ଦେହ ନିକଟରେ ଠିଆ ହୋଇ କହିଲେ, 'ଏଇ···ଏଇ ସେ ସୁନନ୍ଦା···ହା···ହା···ହା···ହା··· !!!' ଅନିମା ଅବିନାଶବାବୁଙ୍କୁ ଟାଣି ଆଣିଲା ।

ଶେଷ

ବ୍ରହ୍ମପୁର ଓଡ଼ିଶା ପ୍ରିଣ୍ଟିଙ୍ଗ୍ ଓ୍ୱାର୍କସ୍‌ରେ ଶ୍ରୀ ହାଡ଼ୁ ବିଘ୍ନସୁରୁଙ୍କ ଦ୍ୱାରା
ମୁଦ୍ରିତ । ୧୯୫୮ ।